# ଧରିତ୍ରୀ DHARITRI

ଭୁବନେଶ୍ୱର, ଶୁକ୍ରବାର, ସେପ୍ଟେମ୍ବର ୨୫/୨୦୨୦ (୧୩ପୃଷ୍ଠା) | Bhubaneswar, Friday, September 25/2020 | ★★★★★★

୪୬ଶ ଭାଗ ୩୦୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




**ଶୁଟିଂ ସେଟ୍‌କୁ ଫେରିବେ ଆଲିୟା**

ଆଲିୟା ଭଟ୍ଟଙ୍କ ପରବର୍ତ୍ତୀ ଫିଲ୍ମ 'ଗଙ୍ଗୁବାଇ କାଠିୟାୱାଡି'ର ଶୁଟିଂ ଅକ୍ଟୋବର୍‌ରେ ଆରମ୍ଭ ହେବାକୁ ଯାଉଛି।

୦୨

୧୩

**ଲୋକେଶ ରାହୁଲଙ୍କ ଶତକ**

ଇଣ୍ଡିଆନ ପ୍ରିମିୟର ଲିଗ୍‌ର ୧୩ତମ ସଂସ୍କରଣରେ ପ୍ରଥମ ଖେଳାଳି ଭାବେ ଶତକ ହାସଲ କରିଛନ୍ତି କିଙ୍ଗ୍ସ ଇଲେଭେନ ପଞ୍ଜାବ ଅଧିନାୟକ ଲୋକେଶ ରାହୁଲ।



# ଅନିଶ୍ଚିତତାରେ ଆଶାୟୀ

ଭୁବନେଶ୍ୱର,୨୪।୯(ବ୍ୟୁରୋ)

**ନିଯୁକ୍ତି ଦିଶାହୀନ**

- ୧୨ ଲକ୍ଷ ଶିକ୍ଷିତ ପଞ୍ଜୀକୃତ
- ଦେଢ଼ଲକ୍ଷ ସରକାରୀ ପଦବୀ ଖାଲି



କରୋନା ସଂକ୍ରମଣ କେବଳ ସ୍ୱାସ୍ଥ୍ୟ ନୁହେଁ, ଜୀବିକା ଉପରେ ମଧ୍ୟ ପ୍ରଭାବ ପକାଇଛି। ସରକାରୀ ଓ ବେସରକାରୀ କ୍ଷେତ୍ରର ନିଯୁକ୍ତି ସୁଯୋଗ ଛଡ଼ାଇ ନେଇଛି। କରୋନା ସଙ୍କଟ ପାଇଁ ରାଜ୍ୟ ସରକାର ଆସନ୍ତା ୨ବର୍ଷ ଲାଗି ଖର୍ଚ୍ଚକାଟ କରିବା ସହିତ କୌଣସି ନୂତନ ନିଯୁକ୍ତି, ଠିକା ନିଯୁକ୍ତି ନ କରିବାକୁ ସମସ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାଦ୍ୱାରା ସରକାରୀ ନିଯୁକ୍ତି ଏକ ପ୍ରକାର ସ୍ଥାଣୁ ହୋଇଯାଇଛି। ଅନ୍ୟ ପକ୍ଷରେ ଶିଳ୍ପ, ଖଣି, କୃଷି ଓ ଆନୁଷଙ୍ଗିକ କ୍ଷେତ୍ର ଏବଂ ଘରୋଇ ସଂସ୍ଥା ଆଦି ପ୍ରଭାବିତ ହେଉଥିବାରୁ ଏସବୁ କ୍ଷେତ୍ରରେ ନିଯୁକ୍ତି ଆଶା ମଧ୍ୟ ସଙ୍କୁଚିତ ହେବାରେ ଲାଗିଛି। ରାଜ୍ୟରେ ବେକାରି ସମସ୍ୟା ଆହୁରି ଉଗ୍ର ଆକାର ଧାରଣ କରିବା ନେଇ ଆଶଙ୍କା ଦେଖାଦେଇଛି। ଏପରି ସ୍ଥଳେ ଶିକ୍ଷିତ ବେକାର ଯୁବତୀଯୁବକ ନିଜର ଭବିଷ୍ୟକୁ ନେଇ ସନ୍ଦିହାନ ହୋଇପଡିଛନ୍ତି। ଗତ ୬ ମାସ ହେବ ରାଜ୍ୟ କିମ୍ବା କେନ୍ଦ୍ର ସରକାର ଗୋଟିଏ ହେଲେ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ କରିନାହାନ୍ତି। ଯେଉଁ ପରୀକ୍ଷା ମାର୍ଚ୍ଚରେ ହୋଇଥିଲା ତାହାର ମଧ୍ୟ ଫଳାଫଳ ଘୋଷଣା କରୁନାହାନ୍ତି। ଏଭଳି ପରିସ୍ଥିତିରେ ନିଜର ଭବିଷ୍ୟତକୁ ନେଇ ଉଚ୍ଚଶିକ୍ଷିତ ବେକାରିମାନେ ଅନିଶ୍ଚିତ ହୋଇପଡିଛନ୍ତି।

ଶ୍ରମ ଓ କର୍ମଚାରୀ ବୀମା ବିଭାଗରୁ ମିଳିଥିବା ସୂଚନା ଅନୁଯାୟୀ ୨୦୨୦ ଅଗଷ୍ଟ ଶେଷ ସୁଦ୍ଧା ରାଜ୍ୟରେ ୧୨ ଲକ୍ଷ ୧୫ ହଜାର ୮୦୩ ଜଣ ବେକାର ଯୁବତୀଯୁବକ ଚାକିରି ପାଇଁ ବିଭିନ୍ନ ଶ୍ରମ ଓ ନିୟୋଜନ କାର୍ଯ୍ୟାଳୟରେ ନାମ ପଞ୍ଜୀକୃତ କରିଛନ୍ତି। କରୋନା ଯୋଗୁ ଗତ ୬ ମାସ ହେବ ନାମ ପଞ୍ଜୀକରଣ କରାଯାଇ ପାରିନାହିଁ। ଏହି ସଂଖ୍ୟା ଆହୁରି ବଢିବା ସମ୍ଭାବନା ରହିଛି। ବେସରକାରୀ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ରାଜ୍ୟରେ ଶିକ୍ଷିତ ବେକାରଙ୍କ ସଂଖ୍ୟା ୧୫ ଲକ୍ଷରୁ ଊର୍ଦ୍ଧ୍ୱ। ଏବେ ସୁଦ୍ଧା ଓଡ଼ିଶାରେ ବେକାରି ସଂଖ୍ୟା ପ୍ରାୟ ୨୪ ପ୍ରତିଶତରେ ପହଞ୍ଚିଛି। ଯାହାକି ଜାତୀୟ ହାର ଠାରୁ ଅଧିକ। ସର୍ବଭାରତୀୟ ସ୍ତରରେ ବେକାରି ହାର ୨୩.୫ ପ୍ରତିଶତ ରହିଛି। ରୋଗ ସଂକ୍ରମଣ ବଢି ଚାଲିଥିବାରୁ ଆସନ୍ତା ୨ ବର୍ଷ ମଧ୍ୟରେ ରାଜ୍ୟରେ ଆହୁରି ପ୍ରାୟ ୮ ଲକ୍ଷ ଶିକ୍ଷିତ କେକାରି ସୃଷ୍ଟି ହେବାର ସମ୍ଭାବନା ରହିଛି। କରୋନା ଯୋଗୁ ରାଜ୍ୟର ଆର୍ଥିକ ସ୍ଥିତି ଦୁର୍ବଳ ହେବାରେ ଲାଗିଛି। ସରକାର ଜରୁରୀ ଖର୍ଚ୍ଚ ବ୍ୟତୀତ ଅନ୍ୟାନ୍ୟ ଉନ୍ନତିମୂଳକ କାର୍ଯ୍ୟ ଓ ନୂତନ ନିଯୁକ୍ତି ଉପରେ ରୋକ୍ ଲଗାଇଛନ୍ତି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ବ୍ୟତୀତ କୌଣସି ବିଭାଗ ନୂତନ ପଦବୀ ସୃଷ୍ଟି କରି ପାରିବେ ନାହିଁ। ଯଦି ଜରୁରୀ ପରିସ୍ଥିତିରେ ପଦବୀ ସୃଷ୍ଟି କରିବା ଆବଶ୍ୟକ ପଡିବ ତେବେ ଅର୍ଥ ବିଭାଗର ଅନୁମତି ନେବାକୁ ପଡିବ। ୫ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଖାଲିପଡିଥିବା ପଦବୀଗୁଡିକ ଉଚ୍ଛେଦ ହେବ। କୋଣସି ପ୍ରକାର ଠିକା, ଆଉଟସୋର୍ସ କିମ୍ବା ଅବସରପ୍ରାପ୍ତ କର୍ମଚାରୀଙ୍କ ନିଯୁକ୍ତି ଉପରେ କଟକଣା ଜାରି କରାଯାଇଛି। ଅର୍ଥ ବିଭାଗ ସମସ୍ତ ବିଭାଗକୁ ଏଭଳି ଆଦେଶନାମା ଜାରି କରିସାରିଛି।

ମିଳିଥିବା ସୂଚନା ଅନୁଯାୟୀ ରାଜ୍ୟରେ ପ୍ରାୟ ଦେଢ଼ଲକ୍ଷ ସରକାରୀ ପଦବୀ ଖାଲି ପଡିଛି। ସେହି ପଦବୀଗୁଡ଼ିକୁ ପୂରଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିର୍ଦ୍ଦେଶ ଦେଇଥିଲେ। ପର୍ଯ୍ୟାୟ କ୍ରମେ ବିଭିନ୍ନ ବିଭାଗରେ ନିଯୁକ୍ତି ଜାରି ରହିଥିଲା। ତେବେ ୨୦୨୦ ମାର୍ଚ୍ଚ ପରଠାରୁ ସମସ୍ତ ସରକାରୀ ନିଯୁକ୍ତି ବନ୍ଦ ହୋଇଯାଇଛି। ସରକାରୀ ଚାକିରିକୁ ଭରସା କରି ପ୍ରସ୍ତୁତ ହେଉଥିବା ଯୁବତୀଯୁବକମାନେ ସରକାରଙ୍କ ଘୋଷଣା ପରେ ନିଜର ଅନିଶ୍ଚିତ ଭବିଷ୍ୟତକୁ ନେଇ ଚିନ୍ତାରେ ପଡିଛନ୍ତି। ଏମ୍‌ଟେକ ଛାତ୍ର ସତ୍ୟଜିତ୍ ନାୟକ କହିଛନ୍ତି, ଘର ପରିସ୍ଥିତି ଖରାପ। ଗତ ଦୁଇବର୍ଷ ହେବ ଉଚ୍ଚଶିକ୍ଷା ନ କରି ଚାକିରି ପାଇଁ ପ୍ରସ୍ତୁତି ଚଳାଇଛି। କରୋନା ପରେ ଅର୍ଥାତ୍ ମାର୍ଚ୍ଚରୁ କୌଣସି ନୂତନ ନିଯୁକ୍ତି ପାଇଁ ବିଜ୍ଞାପନ ବାହାରୁ ନାହିଁ। ଯେଉଁ ପଦବୀ ପାଇଁ ପରୀକ୍ଷା ହୋଇଥିଲା ସେଗୁଡିକ ଫଳାଫଳ ମଧ୍ୟ ପ୍ରକାଶ ପାଉ ନାହିଁ। ୨୦୨୧ ମାର୍ଚ୍ଚ ଯାଏ ସରକାରୀ ନିଯୁକ୍ତି ପାଇଁ କୌଣସି ପଦବୀ ବାହାରିବାର ସମ୍ଭାବନା କମ୍। ଭବିଷ୍ୟତ କ'ଣ ହେବ ତାହା ଆମେ ଜାଣି ପାରୁ ନାହୁଁ ବୋଲି ସେ କହିଛନ୍ତି।

ରାଜ୍ୟ ଶ୍ରମ କମିଶନର ଏନ. ତିରୁମାଳା ନାୟକ କହିଛନ୍ତି, ରାଜ୍ୟରେ ନିଯୁକ୍ତି ସୁଯୋଗ ବଢ଼ାଇବା ଲାଗି ଯୋଜନା କରାଯାଇଛି। କେତେକ ସଂସ୍ଥା ସହ ଏ ନେଇ ଏମ୍‌ଓୟୁ ହୋଇଛି। ପ୍ରାୟ ୫୦ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଲକ୍ଷ୍ୟ ରଖାଯାଇଛି। ଏହି କାର୍ଯ୍ୟକ୍ରମରେ ବୈଷୟିକ ଶିକ୍ଷା ଏବଂ ଅନ୍ୟାନ୍ୟ ସାଧାରଣ ଶିକ୍ଷା ଗ୍ରହଣ କରୁଥିବା ଛାତ୍ରୀଛାତ୍ରମାନଙ୍କୁ ନିଯୁକ୍ତି ପାଇଁ ପ୍ରଶିକ୍ଷଣ ଦିଆଯିବ।




# ଆଜି ଦେଶବ୍ୟାପୀ ଆନ୍ଦୋଳନ

**କୃଷି ବିଲ୍‌କୁ ବିରୋଧ**

ଭୁବନେଶ୍ୱର,୨୪।୯(ବ୍ୟୁରୋ)

କେନ୍ଦ୍ରର କୃଷି ବିଲ୍‌କୁ ବିରୋଧ କରି ଅଲ୍ ଇଣ୍ଡିଆ କିଷାନ ସଂଘର୍ଷ ସମନ୍ୱୟ ସମିତି ପକ୍ଷରୁ ଶୁକ୍ରବାର ଦେଶବ୍ୟାପୀ ଆନ୍ଦୋଳନ ଡାକରା ଦିଆଯାଇଛି। ଏଥିରେ ଦେଶର ବିଭିନ୍ନ କୃଷକ ସଂଗଠନ ସାମିଲ ହେବେ। ସମିତିର ଓଡ଼ିଶା କମିଟି ମଧ୍ୟ ଏହି ଆନ୍ଦୋଳନରେ ସାମିଲ ହେବ ବୋଲି ରାଜ୍ୟ ଆବାହକ ମଣ୍ଡଳୀ ପକ୍ଷରୁ କୁହାଯାଇଛି। ସଂଗଠନର ସଦସ୍ୟମାନେ ମାଷ୍ଟରକ୍ୟାଣ୍ଟିନରୁ ଶୋଭାଯାତ୍ରାରେ ବାହାରି କେନ୍ଦ୍ର ସରକାରଙ୍କ ବିଭିନ୍ନ କାର୍ଯ୍ୟାଳୟ ସମ୍ମୁଖରେ ପିକେଟିଂ କରିବେ। ତେବେ ପଞ୍ଜାବ, ହରିୟାଣା, ରାଜସ୍ଥାନ ଭଳି ଅନ୍ୟ ରାଜ୍ୟଗୁଡ଼ିକରେ ଏହି ବିଲ୍ ବିରୋଧରେ ସମିତି ପକ୍ଷରୁ ବନ୍ଦ ପାଳନ କରାଯିବ। ଏହି ଆନ୍ଦୋଳନକୁ କଂଗ୍ରେସ ସମର୍ଥନ କରିଛି। ଅତ୍ୟାବଶ୍ୟକ ସେବା ଆଇନ-୧୯୫୫କୁ ସଂଶୋଧନ, କଣ୍ଟ୍ରାକ୍ଟ ଫାର୍ମିଂ ଏବଂ ଇ-ମାର୍କେଟିଂ ନାମରେ କୃଷି ଉତ୍ପାଦନ ବିପଣନ କମିଟିଗୁଡ଼ିକୁ ଭାଙ୍ଗିବା ପାଇଁ କୃଷି ବିଲ୍‌ରେ ଚକ୍ରାନ୍ତ କରାଯାଇଛି। ଏହା ଭାରତ ବର୍ଷର କୃଷକମାନଙ୍କ ପାଇଁ ମୃତ୍ୟୁ ଘଣ୍ଟି ସାଜିବା ସହ କର୍ପୋରେଟ୍‌ଗୁଡ଼ିକୁ ସହାୟକ ହେବ। ଯାହାକୁ ଅଖିଳ ଭାରତ କୃଷକ ସଂଘର୍ଷ ସମନ୍ୱୟ ସମିତି ପକ୍ଷରୁ କଡ଼ା ବିରୋଧ କରାଯାଉଛି ବୋଲି ଅଲ୍ ଇଣ୍ଡିଆ କିଷାନ ସଭା ରାଜ୍ୟ ସମ୍ପାଦକ ସୁରେଶ ପାଣିଗ୍ରାହୀ କହିଛନ୍ତି। ବିଲ୍ ବିରୋଧରେ ସାରା ଦେଶରେ ବନ୍ଦ ଆହ୍ୱାନ ସହିତ ପିକେଟିଂ କରାଯିବ ବୋଲି ସେ କହିଛନ୍ତି।




# ଭାରତ ଫ୍ୟାକ୍ଟ୍ରି ବନ୍ଦ କଲା ହାର୍ଲେ ଡାଭିଡ୍‌ସନ

**ହିରୋମୋଟୋକର୍ପ ସହ ହୋଇପାରେ ଚୁକ୍ତି**

ନୂଆଦିଲ୍ଲୀ,୨୪।୯

ଆମେରିକା ଭିତ୍ତିକ ଲକ୍‌ଜ୍ୟୁରି ବାଇକ ନିର୍ମାଣକାରୀ କମ୍ପାନୀ ହାର୍ଲେ ଡାଭିଡ୍‌ସନ ଭାରତରେ ଥିବା ଏହାର ଫ୍ୟାକ୍ଟ୍ରି ବନ୍ଦ କରିବାକୁ ନିଷ୍ପତ୍ତି ନେଇଛି। ହରିୟାଣାର ବାୱାଲସ୍ଥିତ ମାନୁଫାକଚରିଂ ଫାସିଲିଟିରେ ବାଇକ ନିର୍ମାଣ କରୁଥିବା ଏହି କମ୍ପାନୀ ଘରୋଇ ବଜାରରେ କାରବାରରେ ମାନ୍ଦାବସ୍ଥା ଏବଂ ବିକ୍ରି କମିବା ଯୋଗୁ ଏଭଳି ନିଷ୍ପତ୍ତି ନେଇଥିବା ଜଣାପଡିଛି। ଏହା ସ୍ଥାନୀୟ ୟୁନିଟ୍‌କୁ ଏକା ନ ଚଳାଇ ଏକ ଭାରତୀୟ ସଂସ୍ଥା ସହ ଚୁକ୍ତିରେ ସାମିଲ ହେବା ନେଇ ଶୀଘ୍ର ଘୋଷଣା ହେବ। ଦେଶର ପ୍ରମୁଖ ୨ଚକିଆ ଯାନ ନିର୍ମାତା ହିରୋ ମୋଟୋକର୍ପ ସହ ମିଶି କମ୍ପାନୀ ଭାରତରେ ଏହାର ଭବିଷ୍ୟତ ପରଖିବ ବୋଲି ବିଶେଷ ସୂତ୍ରରୁ ଜଣାପଡ଼ିଛି।

ଘରୋଇ ବଜାର ପୂର୍ବରୁ ମାନ୍ଦାବସ୍ଥା ଦେଇ ଗତି କରୁଛନ୍ତି। ଫଳରେ ବିଭିନ୍ନ ☞ପୃଷ୍ଠା-୪

# ଆକ୍ରାନ୍ତ, ମୃତ୍ୟୁରେ ନୂଆ ରେକର୍ଡ

**ସର୍ବାଧିକ ୪,୩୪୦ ଚିହ୍ନଟ, ୧୬ ମୃତ**

ଭୁବନେଶ୍ୱର, ୨୪।୯(ବ୍ୟୁରୋ)

ରାଜ୍ୟରେ କରୋନା ସ୍ଥିତି ଧୀରେ ଧୀରେ ଜଟିଳ ଆଡକୁ ଗତି କଲାଣି। ଦିନକୁ ଦିନ ଏହି ମହାମାରୀ ଭୟଙ୍କର ହୋଇପଡୁଥିବାବେଳେ ଦିନକରେ ଦୁଇଟି ରେକର୍ଡ ଭାଙ୍ଗିଛି। ଶେଷ ୨୪ ଘଣ୍ଟାରେ ସର୍ବାଧିକ ୪,୩୪୦ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ୧୬ଜଣଙ୍କ ମୃତ୍ୟୁ ଘଟିଛି। ଏହାକୁ ମିଶାଇ ରାଜ୍ୟରେ ସଂକ୍ରମଣ ୨ଲକ୍ଷ ଛୁଇଁବାକୁ ଯାଉଛି। ଆକ୍ରାନ୍ତଙ୍କ ସଂଖ୍ୟା ୧,୯୬,୮୮୮କୁ ବୃଦ୍ଧି ପାଇଥିବାବେଳେ ମୃତ୍ୟୁ ୭୫୨ ଛୁଇଁଛି। ତେବେ କରୋନା ହଟ୍‌ସ୍ପଟ୍ ଜିଲା ମଧ୍ୟରେ ଏବେ ଖୋର୍ଦ୍ଧା, କଟକ ଓ ପୁରୀ ଶୀର୍ଷରେ ରହିଛି। ଏବେ ଏହି ୩ ଜିଲାରେ ଦୈନିକ ସଂକ୍ରମଣ ସର୍ବାଧିକ ରହୁଛି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଖୋର୍ଦ୍ଧାରୁ ୬୫୩ଜଣ ☞ପୃଷ୍ଠା-୪


**ଆଜିର ସମ୍ପାଦକୀୟ**

ଏକ ସମାନ୍ତରାଳ ଜିଏସ୍‌ଟି

**ଆଜିର ମନ୍ତବ୍ୟ**

"ଆତଙ୍କବାଦକୁ ପୋଷଣ, ସମର୍ଥନ ଏବଂ ପ୍ରୋତ୍ସାହିତ କରୁଥିବା ଶକ୍ତିକୁ ପରାସ୍ତ କରିବା ପାଇଁ ସାମୂହିକ ସଂକଳ୍ପ ଜରୁରୀ।

- ଏସ୍. ଜୟଶଙ୍କର, ବହିର୍ବ୍ୟାପାର ମନ୍ତ୍ରୀ



## ଅଶ୍ଳୀଳ ଇଙ୍ଗିତ କଲେ ଲାଗିବ ପୋଷ୍ଟର

ଉତ୍ତରପ୍ରଦେଶର ଯୋଗୀ ଆଦିତ୍ୟନାଥ ସରକାର ରୋଡ ସାଇଡ୍ ରୋମିଓଙ୍କୁ ସାବାଡ କରିବାକୁ ଏକ ନୂଆ ଆଇନ ଜାରି କରିଛନ୍ତି। ଏଣିକି କୌଣସି ଯୁବତୀ ବା ମହିଳାଙ୍କୁ ଅଶ୍ଳୀଳ ଇଙ୍ଗିତ କରୁଥିବା ରୋମିଓଙ୍କ ପୋଷ୍ଟର ସହରରେ ଲଗାଯିବ। ଏହି ରୋମିଓଙ୍କୁ ସହାୟତା କରୁଥିବା ବ୍ୟକ୍ତିଙ୍କ ପୋଷ୍ଟର ମଧ ଲାଗିବ। ଏହାକୁ 'ମିଶନ ଦୁରାଚାରୀ' ଭାବେ ନାମିତ କରାଯାଇଛି।

**ଜି-୪ ୟୁଏନ୍ଏସ୍ସି ସଂସ୍କାର**

# ଏବେଠୁ ଚାଇନା ସତର୍କ






- ଭାରତ, ଜାପାନ, ଜର୍ମାନୀକୁ ବେଜିଂର ନାପସନ୍ଦ
- ସଂସ୍କାର ପ୍ରକ୍ରିୟାରେ ଅଗ୍ରଗତି ପାଇଁ ଭାରତ ସହଯୋଗ କରିବ: ଜୟଶଙ୍କର

**ଜାତିସଂଘ, ୨୪।୯**

ଜାତିସଂଘ ନିରାପତ୍ତା ପରିଷଦ (ୟୁଏନ୍ଏସ୍ସି)ରେ ତୁରନ୍ତ ସଂସ୍କାର ଆଣିବା ଲାଗି ଜି-୪ ଗ୍ରୁପ ଯଥା ଭାରତ, ବ୍ରାଜିଲ, ଜାପାନ ଓ ଜର୍ମାନୀ 'ଟେକ୍ସଟ ବେସ୍ଡ ନେଗୋସିଏଶନ' ଉପରେ ଗୁରୁତ୍ୱ ଦେବା ପରେ ଚାଇନା ଗୁରୁବାର ପ୍ରତିକ୍ରିୟା ପ୍ରକାଶ କରିଛି। ଉଲ୍ଲେଖଯୋଗ୍ୟ, ୟୁଏନ୍ଏସ୍ସିରେ ସଦସ୍ୟ ସଂଖ୍ୟା ବୃଦ୍ଧି ଓ ଯଥାର୍ଥ ତଥା ନ୍ୟାୟ ସଙ୍ଗତ ପ୍ରତିନିଧିତ୍ୱ ନେଇ ପ୍ରଶ୍ନ ଉଠାଯିବା ଟେକ୍ସଟ୍ ବେସ୍ଡ ନେଗୋସିଏଶନରେ ଅନ୍ତର୍ଭୁକ୍ତ କରାଯାଇଛି। ତେବେ ଚାଇନା କହିଛି ଯେ, ୟୁଏନ୍ଏସ୍ସି ସଂସ୍କାର ଉପରେ ଅନେକ ବିଭାଜନ ବା ମତଭେଦ ରହିଛି ଓ ସହମତିର ଅଭାବ ଯୋଗୁ ଏ ଦିଗରେ କୌଣସି ଅଗ୍ରଗତି ଘଟୁନାହିଁ। ଅନ୍ୟପକ୍ଷରେ ଜି-୪ ଗ୍ରୁପ ସମସ୍ୱରରେ ୟୁଏନ୍ଏସ୍ସି ସଂସ୍କାର ଉପରେ ଜୋର ଦେବା ପରେ ଚାଇନା ସତର୍କ ହୋଇଯାଇଥିବା ଜଣାପଡିଛି।

ସଂସ୍କାର ପ୍ରକ୍ରିୟାରେ ବ୍ୟାହତ ସୃଷ୍ଟି କରିବା ଲାଗି ବାରମ୍ବାର ଉଦ୍ୟମ କରାଯାଉଥିବାରୁ ୪ ଦେଶର ବହିର୍ବ୍ୟାପାର ମନ୍ତ୍ରୀମାନେ ବୁଧବାର ଭର୍ଚୁଆଲ ବୈଠକରେ ଆଲୋଚନା କରିବା ଅବସରରେ ସେମାନଙ୍କ ବିରକ୍ତି ଭାବ ପ୍ରକାଶ କରିଥିଲେ। ଭାରତର ବହିର୍ବ୍ୟାପାର ମନ୍ତ୍ରୀ ଏସ୍ ଜୟଶଙ୍କର ୟୁଏନ୍ଏସ୍ସି ସଂସ୍କାର ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଲାଗି ସମସ୍ତେ ଏକଜୁଟ ହୋଇ ନିଷ୍ପତ୍ତି ନେବା ସହିତ ଏଥିଲାଗି ନିର୍ଦ୍ଦିଷ୍ଟ ସମୟସୀମା ସ୍ଥିର କରିବା ଉପରେ ପ୍ରାଧାନ୍ୟ ଦେଇଥିଲେ। ୟୁଏନ୍ଏସ୍ସିର ୧୦ ଅସ୍ଥାୟୀ ସଦସ୍ୟ ମଧ୍ୟରେ ଭାରତ ଜାନୁୟାରୀରେ ୨ ବର୍ଷ ପାଇଁ ସାମିଲ ହୋଇଛି। ଦୀର୍ଘ ବର୍ଷ ଧରି ସଂସ୍କାର ପ୍ରକ୍ରିୟାର ଅଗ୍ରଗତି ହେଉ ନ ଥିବାରୁ ଭାରତ ଏହାକୁ କାର୍ଯ୍ୟକାରୀ କରିବା ଲାଗି ସବୁ ପ୍ରକାରର ସହଯୋଗ କରିବ ବୋଲି ଜୟଶଙ୍କର କହିଛନ୍ତି।

ୟୁଏନ୍ଏସ୍ସି ସଂସ୍କାର ନେଇ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇପାରୁ ନ ଥିବାରୁ ଜାତିସଂଘର ୭୫ ତମ ଅଧିବେଶନ ପୃଷ୍ଠଭୂମିରେ ଏହାକୁ ଜରୁରୀ ପ୍ରସଙ୍ଗ ଭାବେ ଉତ୍ଥାପନ କରିବାର ଆବଶ୍ୟକତା ରହିଛି ବୋଲି ଜି-୪ ଗ୍ରୁପ ପକ୍ଷରୁ କୁହାଯାଇଛି। ଆନ୍ତଃସରକାରୀ ବ୍ୟବସ୍ଥା ମଧ୍ୟରେ ସ୍ଥାୟୀ ଟେକ୍ସଟ ବେସ୍ଡ ନେଗୋସିଏଶନ କରା ନ ଗଲେ ସଂସ୍କାର ପ୍ରକ୍ରିୟା କେବେହେଲେ ଆଗକୁ ବଢିପାରିବ ନାହିଁ ବୋଲି ଜି-୪ ଗ୍ରୁପ ପକ୍ଷରୁ ସ୍ପଷ୍ଟ କରାଯାଇଛି।

ଜି-୪ ଗ୍ରୁପ୍ ପକ୍ଷରୁ ହୋଇଥିବା ବୈଠକ ଓ ଆଲୋଚନାକୁ ଚାଇନା ଖାରଜ କରିଦେଇଛି। ବିଭିନ୍ନ ପ୍ରକାର ମତଭେଦ ଯୋଗୁ ଏଥିମଧ୍ୟରୁ ୩ଟି ଦେଶକୁ ସମର୍ଥନ ଦେବାରେ ବେଜିଂ କୁଣ୍ଠାବୋଧ ପ୍ରକାଶ କରିଛି। ଚାଇନା ସହ ଭାରତ ଓ ଜାପାନର ଐତିହାସିକ ସମ୍ପର୍କ ଖରାପ ରହିଆସିଛି। ଏଥିସହ ଜର୍ମାନୀ ଏକ ବିକାଶଶୀଳ ରାଷ୍ଟ୍ର ହୋଇ ନ ଥିବାରୁ ଚାଇନା ଏହାକୁ ପସନ୍ଦ କରୁନାହିଁ। ଗୁରୁବାର ଚାଇନା ବହିର୍ବ୍ୟାପାର ମନ୍ତ୍ରୀ ୱାଙ୍ଗ ୱେନବିନ କହିଛନ୍ତି ଯେ, ଅନେକ କ୍ଷେତ୍ରରେ ପରିବର୍ତ୍ତନ ନ ଆସିବା ଯାଏ ପଡି ରହିଥିବା ସଂସ୍କାର ପ୍ରକ୍ରିୟାକୁ ଆଗେଇ ନେଇ ହେବ ନାହିଁ। ଜି-୪ ଗ୍ରୁପର ବିବୃତି ଉପରେ ତାଙ୍କୁ ପ୍ରଶ୍ନ ହେବାରୁ ସେ କହିଛନ୍ତି ଯେ, ଜାତିସଂଘ ନିରାପତ୍ତା ପରିଷଦରେ ବିକାଶଶୀଳ ଦେଶର ପ୍ରତିନିଧିତ୍ୱ ବଢୁ। ଏଥିସହିତ ଅଧିକ କ୍ଷୁଦ୍ର ଓ ମଧ୍ୟମ ଆକାରର ଦେଶଗୁଡିକୁ ଏହି ବିଶ୍ୱ ସଙ୍ଗଠନରେ ନିଷ୍ପତ୍ତି ନେବା ଲାଗି ପ୍ରବେଶ ଅନୁମତି ମିଳୁ। ସେ ପୁଣି କହିଛନ୍ତି ଯେ, ନିରାପତ୍ତା ପରିଷଦରେ ସଂସ୍କାର ଅଣାଯିବା ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ। ମାତ୍ର ଏ ନେଇ ଥିବା ମତଭେଦ ଦୂର କରାଯିବା ଦରକାର। ଜାତିସଂଘର ଅନ୍ୟାନ୍ୟ ସଦସ୍ୟଙ୍କ ସହ ଚାଇନା କାର୍ଯ୍ୟ କରିବାକୁ ଇଚ୍ଛୁକ। କିନ୍ତୁ ସବୁକିଛି କଥାବାର୍ତ୍ତା ଓ ଆଲୋଚନା ମାଧ୍ୟମରେ ହେବା ଦରକାର ବୋଲି ୱାଙ୍ଗ କହିଛନ୍ତି।

## କରୋନାରେ ପରମାଣୁ ବୈଜ୍ଞାନିକ ଶେଖର ବସୁଙ୍କ ପରଲୋକ



**କୋଲକାତା, ୨୪।୯**

କରୋନାରେ ଆକ୍ରାନ୍ତ ହୋଇ ପରମାଣୁ ବୈଜ୍ଞାନିକ ଡ.ଶେଖର ବସୁଙ୍କ ଗୁରୁବାର ପରଲୋକ ଘଟିଛି। ତାଙ୍କୁ ୬୮ ବର୍ଷ ହୋଇଥିଲା। କରୋନା ପଜିଟିଭ୍ ରିପୋର୍ଟ ଆସିବା ପରେ ତାଙ୍କୁ ଚିକିତ୍ସା ପାଇଁ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଏଥିସହିତ ତାଙ୍କର କିଡ୍ନୀ ସମସ୍ୟା ମଧ୍ୟ ଥିଲା। ଆଟମିକ୍ ଏନର୍ଜି କମିଶନର ସେ ଅଧ୍ୟକ୍ଷ ଭାବେ କାର୍ଯ୍ୟ କରିଥିଲେ। ମେକାନିକାଲ ଇଞ୍ଜିନିୟରିଂରେ ଡିଗ୍ରୀ ହାସଲ କରିଥିବା ଡ.ବସୁଙ୍କୁ ଆଣବିକ ଶକ୍ତି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୨୦୧୪ରେ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଭାରତର ପ୍ରଥମ ଆଣବିକ ଶକ୍ତି ଦ୍ୱାରା ପରିଚାଳିତ ସବ୍‌ମେରାଇନ୍ ଆଇଏନ୍ଏସ୍ ଅରିହନ୍ତ ନିର୍ମାଣରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା।

## ୧୦୦ କୋଟି ଛୁଇଁପାରେ ଆକ୍ରାନ୍ତଙ୍କ ସଂଖ୍ୟା: ନୀତି ଆୟୋଗ

**ନୂଆଦିଲ୍ଲୀ, ୨୪।୯**

ଦେଶରେ କରୋନା ସଂକ୍ରମଣ ଥମିବାର ନାଁ ଧରୁନି। ଏବେ ପ୍ରତିଦିନ ନୂଆ ଆକ୍ରାନ୍ତଙ୍କ ସଂଖ୍ୟା ପ୍ରାୟ ୯୦ହଜାର ରହୁଛି। ଏଭଳି ଧାରା ଜାରି ରହିଲେ ଦେଶରେ ଆକ୍ରାନ୍ତଙ୍କ ସଂଖ୍ୟା ଶହେ କୋଟି ଟପିବା ଆଶଙ୍କା ରହିଥିବା ନୀତି ଆୟୋଗ ପକ୍ଷରୁ ଏକ ରିପୋର୍ଟ ପ୍ରକାଶ ପାଇଛି। ଦେଶର ୮୫ପ୍ରତିଶତ ଲୋକଙ୍କୁ ସଂକ୍ରମଣ ହେବାର ଆଶଙ୍କା ରହିଛି ବୋଲି ନୀତି ଆୟୋଗ ସଦସ୍ୟ ଡାକ୍ତର ବି.କେ. ପଲ୍ କହିଛନ୍ତି। ତେଣୁ ଏବେ ଲୋକଙ୍କୁ ମାସ୍କ ପିନ୍ଧିବା, ହାତ ଧୋଇବା ଏବଂ ସାମାଜିକ ଦୂରତା ଅବଲମ୍ବନ କରିବା ନେଇ ଅଧିକ ସଚେତନତା ଅବଲମ୍ବନ କରିବାକୁ ପଡ଼ିବ ବୋଲି ସେ କହିଛନ୍ତି। କରୋନା ଭୂତାଣୁ ସଂକ୍ରମଣକୁ କେହି ରୋକିପାରିବେ ନାହିଁ। କିନ୍ତୁ କେତେକ ସୁରକ୍ଷା ମାର୍ଗଦର୍ଶିକା ପାଳନ କରିବା ଦ୍ୱାରା ସଂକ୍ରମଣରୁ ସହଜରେ ଦୂରେଇ ରହିହେବ। ଏହି ଭୂତାଣୁ ଜଣଙ୍କଠାରୁ ୫ଜଣ ଏବଂ ପରେ ୫ ଜଣଙ୍କଠାରୁ ୫୦ଜଣଙ୍କୁ ସଂକ୍ରମଣ ହେବାର ଆଶଙ୍କା ରହିଛି। ତେବେ ସଂକ୍ରମଣ ବଢୁଥିଲେ ମଧ୍ୟ ସ୍ଥିତି ନିୟନ୍ତ୍ରଣରେ ରହିଥିବା ସେ କହିଛନ୍ତି। ସେହିପରି ଆଇସିଏମ୍ଆର୍ ପକ୍ଷରୁ କୁହାଯାଇଛି ଯେ, ଦେଶର ୮୦ରୁ ୮୫ ପ୍ରତିଶତ ଲୋକ ସଂକ୍ରମଣର ଅତି ସମ୍ବେଦନଶୀଳ ଶ୍ରେଣୀଭୁକ୍ତ ରହିଛନ୍ତି। ଅପରପକ୍ଷରେ ୧୫ ପ୍ରତିଶତ ଲୋକ ହୁଏତ ପୂର୍ବରୁ ଆକ୍ରାନ୍ତ ହୋଇସାରିଛନ୍ତି ଅଥବା ସେମାନଙ୍କଠାରେ ପ୍ରତିରୋଧକ ଶକ୍ତି(ଆଣ୍ଟିବଡି) ସୃଷ୍ଟି ହୋଇ ସାରିଛି। କିଛି ଦିନ ପୂର୍ବରୁ ସ୍ୱାସ୍ଥ୍ୟମନ୍ତ୍ରୀ ହର୍ଷବର୍ଦ୍ଧନ ଦେଶରେ ହର୍ଡ ଇମ୍ୟୁନିଟି ସୃଷ୍ଟି ହେବା ପାଇଁ କିଛି ସମୟ ଲାଗିବ ବୋଲି କହିଥିଲେ। ତେଣୁ ସରକାର ସାର୍ବଜନିକ ସ୍ୱାସ୍ଥ୍ୟସେବାକୁ ଗରୁତ୍ୱ ଦେଉଥିବା ସେ ପ୍ରକାଶ କରିଥିଲେ। ଇତିମଧ୍ୟରେ ଦେଶରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୫୭ ଲକ୍ଷ ୩୨ ହଜାର ୫୧୯ ଛୁଇଁଛି। ସେହିପରି ମୃତ୍ୟୁ ସଂଖ୍ୟା ୯୧ ହଜାର ୧୪୯ରେ ପହଞ୍ଚିଛି।

## ଟ୍ରମ୍ପଙ୍କୁ ମିଳିପାରେ ୫୦ପ୍ରତିଶତ ମୂଳ ଭାରତୀୟଙ୍କ ଭୋଟ

**ୱାଶିଂଟନ, ୨୪।୯**

ଆମେରିକା ରାଷ୍ଟ୍ରପତି ନିର୍ବାଚନ ଆସନ୍ତା ନଭେମ୍ବର ୩ରେ ହେବାକୁ ଯାଉଛି। ଏହି ନିର୍ବାଚନରେ ଡୋନାଲ୍ଡ ଟ୍ରମ୍ପଙ୍କୁ ୫୦ପ୍ରତିଶତ ମୂଳ ଭାରତୀୟଙ୍କ ଭୋଟ ମିଳିପାରେ ବୋଲି ଏକ ସର୍ଭେ ରିପୋର୍ଟରୁ ଜଣାପଡ଼ିଛି। ଟ୍ରମ୍ପଙ୍କ ପାଇଁ ନିର୍ବାଚନ ପ୍ରଚାର କରୁଥିବା 'ଟ୍ରମ୍ପ୍ ଭିକ୍ଟ୍ରି ଇଣ୍ଡିଆନ୍ ଆମେରିକାନ୍ ଫାଇନାନ୍ସ କମିଟି' ପକ୍ଷରୁ ହୋଇଥିବା ସର୍ଭେ ରିପୋର୍ଟରେ ଏହା ଉଲ୍ଲେଖ କରାଯାଇଛି। କମିଟିର ଅଧ୍ୟକ୍ଷ ଅଲ୍ ମେସନ୍ କହିଛନ୍ତି ଯେ, ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଟ୍ରମ୍ପଙ୍କ ମଧ୍ୟରେ ଥିବା ବନ୍ଧୁତାର ସକାରାତ୍ମକ ପ୍ରଭାବ ନିର୍ବାଚନରେ ଦେଖିବାକୁ ମିଳିବ। ଟ୍ରମ୍ପ୍ ପ୍ରଶାସନ କଶ୍ମୀର ଭଳି ଭାରତର ଆଭ୍ୟନ୍ତରୀଣ ପ୍ରସଙ୍ଗଠାରୁ ଯଥେଷ୍ଟ ଦୂରତା ଅବଲମ୍ବନ କରିଛନ୍ତି। ଅପରପକ୍ଷରେ ପୃଥିବୀରେ ଭାରତର ସ୍ଥିତିକୁ ମଜଭୁତ କରିବା ଲାଗି ଟ୍ରମ୍ପଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଆମେରିକାର ସାଧାରଣ ଲୋକେ ଏହା ଅନୁଭବ କରୁଛନ୍ତି ଯେ, ଟ୍ରମ୍ପ୍ ଏବଂ ମୋଦି କାମ କଲେ ଆସନ୍ତା ୪ ବର୍ଷରେ ଅନ୍ତର୍ଜାତୀୟସ୍ତରରେ ଚାଇନାର ଗତିରୋଧ କରାଯାଇ ପାରିବ।

## ସୀମାରେ ଶୀଘ୍ର ପହଞ୍ଚିବ ଅସ୍ତ୍ରଶସ୍ତ୍ର

**ନୂଆଦିଲ୍ଲୀ, ୨୪।୯**

ଏଲ୍ଏସିରେ ଏଣିକି ଭାରତୀୟ ଯବାନଙ୍କ ପାଖରେ ଶୀଘ୍ର ଆବଶ୍ୟକ ସହାୟତା ତଥା ଅସ୍ତ୍ରଶସ୍ତ୍ର ପହଞ୍ଚିପାରିବ। ଅରୁଣାଚଳଠାରୁ ଲଦାଖ ମଧ୍ୟରେ ସଡ଼କପଥର ବିକାଶ କାର୍ଯ୍ୟ ଅନ୍ତର୍ଗତ ୪୩ଟି ପୋଲ ନିର୍ମିତ ହୋଇଛି।

**୭ ରାଜ୍ୟରେ ୪୩ ପୋଲ**



ପୋଲଗୁଡ଼ିକ ସୀମାବର୍ତ୍ତୀ ରାଜ୍ୟ ଲଦାଖ, ଜମ୍ମୁ-କଶ୍ମୀର, ଅରୁଣାଚଳପ୍ରଦେଶ, ସିକିମ୍, ହିମାଚଳପ୍ରଦେଶ, ଉତ୍ତରାଖଣ୍ଡ ଏବଂ ପଞ୍ଜାବ ଆଦି ୭ଟି ରାଜ୍ୟରେ ରହିଛି। ଭାରତ ଚାଇନା ମଧ୍ୟରେ ଉତ୍ତେଜନା ବୃଦ୍ଧି ହେଉଥିବାବେଳେ ଏହି ପୋଲଗୁଡ଼ିକ ବେଶ୍ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହେବ ବୋଲି କୁହାଯାଉଛି। ଜମ୍ମୁ-କଶ୍ମୀରରେ ସର୍ବାଧିକ ୧୦, ଉତ୍ତରାଖଣ୍ଡରେ ୮, ଅରୁଣାଚଳ ପ୍ରଦେଶରେ ୮, ଲଦାଖରେ ୭ , ସିକିମ୍‌ରେ ୪, ପଞ୍ଜାବରେ ୪ଟି ଏବଂ ହିମାଚଳ ପ୍ରଦେଶରେ ୨ଟି ପୋଲ ରହିଛି। ପୋଲଗୁଡ଼ିକ ମଧ୍ୟରୁ ୨୨ ପୋଲ ସିଧାସଳଖ ଚାଇନା ସୀମାକୁ ସଂଯୋଗ କରୁଛି। ଏହି ପୋଲଗୁଡ଼ିକର ଲୋକାର୍ପଣ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କ ଦ୍ୱାରା ଗୁରୁବାର କରାଯିବା ଯୋଜନା ଥିଲା। ତେବେ ରେଳ ରାଷ୍ଟ୍ରମନ୍ତ୍ରୀ ସୁରେଶ ଅଙ୍ଗାଡ଼ିଙ୍କ ଅକାଳ ବିୟୋଗ ଯୋଗୁ ଏହାକୁ ସ୍ଥଗିତ ରଖାଯାଇଛି।

# ଫୁର୍ସତ୍

## ଶୁଟିଂ ସେଟ୍‌କୁ ଫେରିବେ ଆଲିୟା

**ମୁମ୍ବାଇ:** ଆଲିୟା ଭଟ୍ଟ ବଲିଉଡର ଜଣେ ସଫଳ ଅଭିନେତ୍ରୀ। ତାଙ୍କର ବହୁତ ଚଳଚ୍ଚିତ୍ରରେ ସେ ଦମ୍‌ଦାର ଅଭିନୟ କରି ଫ୍ୟାନ୍‌ମାନଙ୍କ ହୃଦୟ କିଣିପାରିଛନ୍ତି। ପୁଣି ଏହି ଚୁଲ୍‌ବୁଲି ନାୟିକା ବଲିଉଡ୍‌ର ହାଇଏଷ୍ଟ ପେଡ୍ ଅଭିନେତ୍ରୀ। ଛୋଟବେଳୁ ତାଙ୍କର ଅଭିନୟ ପ୍ରତି ଥିଲା ପ୍ରବଳ ଆଗ୍ରହ। ସେ ପିଲାବେଳେ ଚାଇଲ୍ଡ ଆର୍ଟିଷ୍ଟ ଭାବେ 'ସଂଘର୍ଷ' ଚଳଚ୍ଚିତ୍ରରେ ଅଭିନୟ କରିଥିଲେ। ପରବର୍ତ୍ତୀ ସମୟରେ କରନ୍ ଜୋହର୍‌ଙ୍କ ଚଳଚ୍ଚିତ୍ର 'ଷ୍ଟୁଡେଣ୍ଟ ଅଫ୍ ଦି ଇୟର୍'ରୁ କ୍ୟାରିୟର ଆରମ୍ଭ କରିଥିଲେ। ତା'ପରେ ସେ ଆଉ ପଛକୁ ଫେରି ଚାହିଁ ନାହାନ୍ତି। ୨୦୧୪ରେ 'ହାଇୱେ' ପାଇଁ ସେ ବେଷ୍ଟ ଅଭିନେତ୍ରୀର ଆୱାର୍ଡ ହାସଲ କରିଥିଲେ। ନିକଟରେ ଆଲିୟା ଭଟ୍ଟଙ୍କ ପ୍ରଶଂସକ ତାଙ୍କୁ ପୁଣି ପରଦାରେ ଦେଖିବାକୁ ଉତ୍ସାହିତ। ସଞ୍ଜୟ ଲୀଳା ଭଁସାଲିଙ୍କ ନିର୍ଦ୍ଦେଶନାରେ ଆସିବାକୁ ଥିବା ଆଲିୟାଙ୍କ ପରବର୍ତ୍ତୀ ଫିଲ୍ମ 'ଗଙ୍ଗୁବାଇ କାଠିୟାବାଡି'ର ଶୁଟିଂ ସରିଯିବାର ଥିଲା। ମାତ୍ର ଲକ୍‌ଡାଉନ ଓ ବର୍ଷା ଯୋଗୁ ତାହା ସମ୍ଭବ ହୋଇପାରି ନ ଥିଲା। ଆଲିୟାଙ୍କ ଏହି ଚଳଚ୍ଚିତ୍ରର ଶୁଟିଂ ପୁନର୍ବାର ଅକ୍ଟୋବରରେ ଆରମ୍ଭ ହେବାକୁ ଯାଉଛି। କରୋନା ଯୋଗୁ ସିନେ ନିର୍ମାତା ତାଙ୍କୁ କମ୍ ଲୋକଙ୍କ ଗହଣରେ ନେଇ ଶୁଟିଂ କରିବେ। ତେବେ ଏହି ଚିତ୍ରଟି ଚଳିତ ବର୍ଷ ସେପ୍ଟେମ୍ବର ୧୧ରେ ପରଦାକୁ ଆସିବାର ଥିବାବେଳେ କରୋନା ଯୋଗୁ ଶୁଟିଂ ସମ୍ଭବ ହୋଇପାରି ନ ଥିଲା। ଏହା ବ୍ୟତୀତ ଆଲିୟା ଆୟାନ ମୁଖାର୍ଜୀଙ୍କ 'ବ୍ରହ୍ମାସ୍ତ୍ର' ଏବଂ ବାହୁବଳୀ ଫେମ୍ ନିର୍ଦ୍ଦେଶକ ରାଜମୌଳିଙ୍କ ପରବର୍ତ୍ତୀ ଫିଲ୍ମ 'ଆର୍‌ଆର୍‌ଆର୍'ରେ ନଜର ଆସିବେ।



ଆଲିୟା ଭଟ୍ଟ

## ମମତାର ସଂଘର୍ଷ



ନୂଆଦିଲ୍ଲୀ: ଦାରିଦ୍ର୍ୟ ଆଉ ଅସହାୟତାର ଦୃଶ୍ୟ ବେଳେବେଳେ ଏତେ କରୁଣ ହୋଇଥାଏ ଯେ ତାକୁ ଦେଖିବା ମାତ୍ରେ ହୃଦୟ ବିଗଳିତ ହୋଇଯାଏ। ଠିକ୍ ଏମିତି ଏକ ଦୃଶ୍ୟ ଏବେ ସୋସିଆଲ୍ ମିଡିଆରେ ଲୋକଙ୍କ ଭାବାବେଗକୁ ସ୍ପର୍ଶ କରିପାରିଛି। ଜଣେ ମହିଳା ଏକ ସମୟରେ ପଣତକାନିରେ ନିଜ ପିଲାକୁ ଝୁଲାଇ ନେବା ସହ ମୁଣ୍ଡରେ ମଧ୍ୟ ଇଟାର ବୋଝକୁ ନେଉଛନ୍ତି। ସେଭଳିଭାବେ ଅସହାୟ ହୋଇ ନ ଥିଲେ ଏକ ସମୟରେ ଏଭଳି ବୋଝ ବୋହିବା ସମ୍ଭବ ନୁହେଁ।

ସୋସିଆଲ ମିଡିଆରେ ଏଭଳି ଏକ ଫଟୋକୁ ପ୍ରଥମେ ଶେୟାର କରିଥିଲେ ଅଭିନେତ୍ରୀ ସବାନା ଆଜ୍‌ମୀ। ଏହାପରେ ଚିତ୍ରଟି ଯେପରି ଭାଇରାଲ୍ ହେବାରେ ଲାଗିଛି। ଚିତ୍ରରେ ଜଣେ ମହିଳା ଏପରି ବିପଦସଙ୍କୁଳ ଅବସ୍ଥାରେ ନିଜ ଛୁଆକୁ ପଛପଟ ପଣତକାନିରେ ଝୁଲାଇ ମୁଣ୍ଡରେ ଇଟା ବୋଝକୁ ବୋହୁଛନ୍ତି। ଏକ ସମୟରେ ଦୁଇଟି ବୋଝକୁ ବୋହିବା ବିପଦପୂର୍ଣ୍ଣ ହୋଇଥିବାବେଳେ ମହିଳାଜଣକ ଯେ ବାଧ୍ୟରେ ଏପରି କରୁଛନ୍ତି ତାହା ସ୍ପଷ୍ଟ ଜଣାପଡୁଛି। ସବାନାଙ୍କର ଏହି ପୋଷ୍ଟଟି ଏବେ ସୋସିଆଲ ମିଡିଆରେ ଭାଇରାଲ୍ ହେବାରେ ଲାଗିଛି। ନେଟିଜେନ୍‌ମାନେ ଏହି ଫଟୋ ଦେଖି ମାତୃତ୍ୱର ବିକଳ ଅବସ୍ଥା ପ୍ରତି ଗଭୀରଭାବେ ଦୁଃଖ ପ୍ରକାଶ କରିଛନ୍ତି। କିନ୍ତୁ ମହିଳାଙ୍କର ସାହସ ଆଉ ମମତାକୁ ଲୋକେ ସଲାମ୍ କରିଛନ୍ତି। କର୍ମଜୀବୀ ମହିଳାଙ୍କର ଅସହାୟତାକୁ ଅନେକେ ଏହି ଚିତ୍ର ମାଧ୍ୟମରେ ମନେପକାଇଛନ୍ତି।

## ରମେନ୍ ମାସ୍କ



**ନୂଆଦିଲ୍ଲୀ:** ଏହା ଏଭଳି ଏକ ମାସ୍କ, ଯାହାକୁ ପିନ୍ଧି ଚଷମା ପିନ୍ଧିଲେ ତାହା ଏକ ସ୍ୱତନ୍ତ୍ର କଳାର ରୂପ ନେବ। ମାସ୍କରେ ଚିତ୍ରିତ ଥିବା ଖାଦ୍ୟର ଚିତ୍ର ଚଷମା ପିନ୍ଧିବା ପରେ ଧୀରେ ଧୀରେ ଅଧିକ ଗାଢ଼ ଦେଖାଯିବ। ଅର୍ଥାତ ମାସ୍କ ପିନ୍ଧି ଚଷମା ପିନ୍ଧିବା ପରେ ଯେତେବେଳେ ଚଷମାରେ କୁହୁଡ଼ି ଭଳି ଦେଖାଯିବ ସେତେବେଳେ ମାସ୍କର ଚିତ୍ରଗୁଡ଼ିକ ଆହୁରି ଗାଢ ଦେଖାଯିବ। ଚଷମାରେ ଜଳୀୟବାଷ୍ପର ଆସ୍ତରଣ ଯେତେ ଅଧିକ ହେବ ଚିତ୍ରଗୁଡ଼ିକ ସେତେ ଅଧିକ ଜୀବନ୍ତ ଦେଖାଯିବ। ଏଭଳି ଏକ ଭିନ୍ନ ଧରଣର ରମେନ୍ ମାସ୍କ ତିଆରି କରିଛନ୍ତି ଜାପାନର ଜଣେ କଳାକାର ତାକାହିରୋ ଶିବତ।

ମାସ୍କ ପିନ୍ଧି ଚଷମା ପିନ୍ଧୁଥିବା ଲୋକେ ଅଧିକାଂଶ ସମୟରେ ଚଷମାରେ କୁହୁଡ଼ି ଭଳି ଏକ ଆବରଣ ଆସୁଥିବାର କଷ୍ଟ ନିଶ୍ଚୟ ଅନୁଭବ କରିଥିବେ। ତେବେ ଏଭଳି ଅବସ୍ଥାକୁ ଏକ ଭିନ୍ନ କଳାର ରୂପ ଦେଇଛନ୍ତି ତାକାହିରୋ। ସେ ତିଆରି କରିଥିବା ମାସ୍କରେ ସୁପ୍ କିମ୍ବା ନୁଡୁଲ୍ସ ଆଦିର ଚିତ୍ର ରହିଛି। ଆଉ ଭିନ୍ନ କଥା ହେଉଛି ସେହି ମାସ୍କକୁ ପିନ୍ଧି ଜଣେ ଯେତେବେଳେ ଚଷମା ପିନ୍ଧିବ ଚଷମାରେ ଯେତେ ଅଧିକ କୁହୁଡ଼ି ଭଳି ହେବ ମାସ୍କଟି ସେତେ ଅଧିକ ନାଚୁରାଲ୍ ଲାଗିବ। ଅର୍ଥାତ୍ ସୁପ୍ ସେତେ ଅଧିକ ଗରମ ଆଉ ସୁନ୍ଦର ଦେଖାଯିବ। ତାକାହିରୋ ହେଉଛନ୍ତି ଜଣେ ଆନିମେଟର କଳାକାର। ମାସ୍କ ପିନ୍ଧି ଚଷମା ପିନ୍ଧୁଥିବା ବ୍ୟକ୍ତିଙ୍କ ଅସୁବିଧାକୁ ଲକ୍ଷ୍ୟ କରି ସେ ମଜା କରିବା ଲକ୍ଷ୍ୟରେ ଏଭଳି ଏକ ମାସ୍କ ତିଆରି କରିଛନ୍ତି। ରମେନ୍ ମାସ୍କଟି ଏକ ଥ୍ରିଡି ମାସ୍କ, ଯାହା ପ୍ରକୃତ ଖାଦ୍ୟ ଭଳି ଦେଖାଯିବ। ରମେନ୍ ମାସ୍କରେ ସେ ସୁପ୍, ନୁଡୁଲ୍ସ ସହିତ ଗ୍ରିନ୍ ପିଆଜ, ଫିସ୍ କେକ୍ ଆଦି ବିଭିନ୍ନ ପ୍ରକାରର ଖାଦ୍ୟର ଚିତ୍ର କରିଛନ୍ତି ଏବଂ ଏହାକୁ କେବଳ ମଜା ପାଇଁ ବ୍ୟବହାର କରିହେବ ବୋଲି ସୂଚନା ଦେଇଛନ୍ତି।

## ପୃଥିବୀକୁ ଅତିକ୍ରମ କଲା ଜଳନ୍ତା ଗ୍ରହାଣୁପିଣ୍ଡ

ୱାଶିଂଟନ: ସ୍କୁଲ ବସ୍ ଆକାର ଏକ ଜଳନ୍ତା ଗ୍ରହାଣୁ ପିଣ୍ଡ ପୃଥିବୀକୁ ଗୁରୁବାର ମଧ୍ୟାହ୍ନରେ ଅତିକ୍ରମ କରିଛି। ନାସା ପକ୍ଷରୁ କୁହାଯାଇଛି ଯେ, ଗ୍ରହାଣୁ ପିଣ୍ଡଟି ପୃଥିବୀଠାରୁ ୨୨ ହଜାର କିଲୋମିଟର ଦୂରରେ ପ୍ରଶାନ୍ତ ମହାସାଗର ଉପରେ ମହାକାଶରେ ଅତିକ୍ରମ କରିଛି। ଏହାର ଲମ୍ବ ୯ ମିଟର ଏବଂ ଚୌଡ଼ା ୪.୫ ମିଟର। ପୃଥିବୀ ନିକଟରେ ଏଭଳି ଗ୍ରହାଣୁ ପିଣ୍ଡ ବହୁ ସମୟରେ ଅତିକ୍ରମ କରିଥାନ୍ତି। କାଳେ ପୃଥିବୀର ମାଧ୍ୟାକର୍ଷଣ ଶକ୍ତି ଦ୍ୱାରା ଏହା ଟାଣି ହୋଇ ପୃଥିବୀର ବାୟୁ ମଣ୍ଡଳକୁ ଆସିଯିବ ସେ ନେଇ ଆଶଙ୍କା ଦେଖାଦେଇଥାଏ। ସୂର୍ଯ୍ୟ ଚାରିପଟେ ଏଭଳି ଛୋଟ ବଡ଼ ଆକାରର ପ୍ରାୟ ୧୦୦ ନିୟୁତ ଗ୍ରହାଣୁ ପିଣ୍ଡ ଘୁରିବୁଲିଥାନ୍ତି ବୋଲି ନାସାର ଜେଟ୍ ପ୍ରୋପଲେଶନ୍ ଲାବରେଟୋରିର ସେଣ୍ଟର ଫର୍ ନିୟର ଆର୍ଥ ଅବଜେକ୍ଟ ଷ୍ଟଡିଜ୍‌ର ନିର୍ଦ୍ଦେଶକ ପଲ୍ ଚୋଡାସ୍ କହିଛନ୍ତି। ଏଭଳି ଆକାରର ଗ୍ରହାଣୁ ପିଣ୍ଡ ବର୍ଷରେ ଦୁଇ ଅବା ଏହାଠାରୁ ଅଧିକ ଥର ପୃଥିବୀର ବାୟୁ ମଣ୍ଡଳରେ ପ୍ରବେଶ କରିଥାନ୍ତି। ବାୟୁମଣ୍ଡଳରେ ପ୍ରବେଶ କରି ଏଗୁଡ଼ିକ ଘର୍ଷଣ ଯୋଗୁ ଜଳି ଉଠିଥାନ୍ତି। ଏହାର କେତେକ କଠିନ ଅଂଶ ଭୂପୃଷ୍ଠରେ ପଡ଼ିଥାଏ।



## ମାଙ୍କଡ଼ ମିଳିଲେ ୫୦ହଜାର ପୁରସ୍କାର

**ଚଣ୍ଡିଗଡ଼:** ମାଙ୍କଡ଼ ହଜିଯାଇଛି। ଯିଏ ମାଙ୍କଡ଼ ସମ୍ପର୍କରେ ଖୋଜଖବର ଦେବ ତାକୁ ମିଳିବ ୫୦ହଜାର ଟଙ୍କାର ପୁରସ୍କାର। କଥାଟା ଶୁଣି ହଠାତ୍ ସମସ୍ତଙ୍କର ଭ୍ରୂକୁଞ୍ଚନ ହୋଇଯିବ ନିଶ୍ଚୟ। କିନ୍ତୁ ଏଭଳି ଏକ ଘଟଣା ଏବେ ପଞ୍ଜାବ ଚଣ୍ଡିଗଡ଼ରେ ଚର୍ଚ୍ଚାର ବିଷୟ ପାଲଟିଛି।

ଚଣ୍ଡିଗଡ଼ରେ ଜଣେ ବ୍ୟକ୍ତି ଘରେ ଏକ ମାଙ୍କଡ଼ ରଖିଥିବା ଅଭିଯୋଗ ଆସିବା ପରେ ବନବିଭାଗ ପକ୍ଷରୁ ସମ୍ପୃକ୍ତ ବ୍ୟକ୍ତିଙ୍କ ଉପରେ ଆଇନଗତ କାର୍ଯ୍ୟାନୁଷ୍ଠାନ ହୋଇଥିଲା। ଅଭିଯୋଗ ଅନୁସାରେ ବ୍ୟକ୍ତିଜଣକ ଘରେ ମାଙ୍କଡ଼କୁ ପୋଷା ରଖି ତା' ସହ ଫଟୋ ଉଠାଇ ସୋସିଆଲ ମିଡିଆରେ ପୋଷ୍ଟ କରୁଥିଲେ ଏବଂ ନିଜ ଫ୍ୟାନ୍ ଫଲୋଅରଙ୍କ ସଂଖ୍ୟା ବଢାଉଥିଲେ। ଏହା ସହିତ ସେ ତାଙ୍କ ପୋଷା ମାଙ୍କଡ଼ ମୋଙ୍କୁକୁ ଏଭଳି ଖାଦ୍ୟ ଦେଉଥିଲେ ଯାହା ସ୍ୱାସ୍ଥ୍ୟପ୍ରତି ନକାରାତ୍ମକ ପ୍ରଭାବ ପକାଉଥିଲା। ତେଣୁ ବନ୍ୟଜୀବ ଆକ୍ଟ ଅନୁସାରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଥିଲା। କିନ୍ତୁ ସମ୍ପୃକ୍ତ ବ୍ୟକ୍ତିଙ୍କ ଘରେ ବନବିଭାଗ କର୍ମଚାରୀଙ୍କୁ ମାଙ୍କଡ଼ (ମୋଙ୍କୁ) ମିଳି ନ ଥିଲା। ତେଣୁ ସେମାନେ ଏହାକୁ ଖୋଜିବା ପାଇଁ ବହୁ ଚେଷ୍ଟା ଚଳାଇଥିଲେ। ସ୍ଥାନୀୟ ଅଞ୍ଚଳ, ଗଳିକନ୍ଦି ତଥା ପାଖ ଜଙ୍ଗଲରେ ମଧ୍ୟ ମୋଙ୍କୁକୁ ଖୋଜିବା ପରେ ବି ମୋଙ୍କୁ ମିଳି ନ ଥିଲା। ତେବେ ମୋଙ୍କୁ ଭଲ ଅଛି କି ନାହିଁ ଜାଣିବା ପାଇଁ ବିଭାଗର କର୍ମଚାରୀମାନେ ସ୍ଥାନୀୟ ଲୋକଙ୍କ ସାହାଯ୍ୟ ମାଗିଥିଲେ। କିନ୍ତୁ ମୋଙ୍କୁକୁ ଚିହ୍ନିବା ପାଇଁ ସେଭଳି କିଛି ବିଶେଷ ଚିହ୍ନ ନ ଥିବାରୁ ତାକୁ ଖୋଜିବା ଏକ ଚ୍ୟାଲେଞ୍ଜ ହୋଇପଡ଼ିଛି। ତେଣୁ ମୋଙ୍କୁ ସମ୍ପର୍କରେ ସୂଚନା ଦେଲେ ସେହି ବ୍ୟକ୍ତିଙ୍କୁ ୫୦ ହଜାର ଟଙ୍କାର ପୁରସ୍କାର ରାଶି ଦେବା ପାଇଁ ବନବିଭାଗ ଘୋଷଣା କରିଛି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୩୨,୨୧୯,୭୦୪ | ୯,୮୩,୮୫୧ | ୨୩,୭୬୩,୨୩୧ |
| ଭାରତ | ୫୭,୩୫,୭୪୪ | ୯୧,୪୩୫ | ୪୭,୦୦,୭୨୫ |
| ଓଡ଼ିଶା | ୧,୯୬,୮୮୮ | ୭୫୨(+୫୩) | ୧,୬୧,୦୪୪ |

ଗୁରୁବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ରୋକାଯାଇପାରୁନି ଦୁର୍ଘଟଣା

- ଲକ୍‌ଡାଉନ ସମୟରେ ଯାଇଛି ୭୦୭ ଜଣଙ୍କ ଜୀବନ
- ଖୁବ୍‌ଶୀଘ୍ର କେନ୍ଦ୍ର ଆରମ୍ଭ କରିବ ୧୧୨ ବ୍ୟବସ୍ଥା
- ଖର୍ଚ୍ଚ ହୋଇପାରିନି ପରିବହନ ବିଭାଗ ଦେଇଥିବା ୧୦ କୋଟି
- ପାଟ୍ରୋଲିଂ ପାଇଁ ସରକାର ଗୋଟିଏ ଗାଡ଼ିକୁ ମାସିକ ଦେବେ ୭୨ ହଜାର
- ଅବସରପ୍ରାପ୍ତ ମିଲିଟାରି ଅଧିକାରୀଙ୍କୁ ନିଯୁକ୍ତି ଦେବ ଗୃହ ବିଭାଗ

ଭୁବନେଶ୍ୱର ୨୪।୯(ବ୍ୟୁରୋ)



ରାଜ୍ୟରେ ସଡ଼କ ଦୁର୍ଘଟଣା କମିବାର ନାଁ ଧରୁନାହିଁ। ସୁପ୍ରିମକୋର୍ଟ କମିଟି ପକ୍ଷରୁ ଏନେଇ ଓଡ଼ିଶା ସରକାରଙ୍କୁ ବାରମ୍ବାର ତାଗିଦ କରୁଥିଲେ ମଧ୍ୟ ସେଥିରେ ସେତେଟା ସୁଧାର ଆସି ପାରୁନାହିଁ। ସୁପ୍ରିମକୋର୍ଟ ସଡକ ଦୁର୍ଘଟଣା ରୋକିବା ନିମନ୍ତେ କେତେକ ନିର୍ଦ୍ଦେଶ ଦେବା ସତ୍ତ୍ୱେ ତାହା ପାଳନ କରିବାରେ ସରକାର ଫେଲ୍ ମାରୁଛନ୍ତି। କୌଣସି ସ୍ଥାନରେ ଦୁର୍ଘଟଣା ଘଟିଲେ ସେଠାରେ ଆସି ଆମ୍ବୁଲାନ୍ସ ପହଞ୍ଚିବାରେ ବିଳମ୍ବ ହେବା ଦ୍ୱାରା ଅନେକ ଜୀବନ ଚାଲିଯାଉଛି। ବିଭାଗୀୟ ସୂତ୍ରରୁ ମିଳିଥିବା ସୂଚନା ମୁତାବକ ୨୦୧୯ ଜାନୁୟାରୀରୁ ଜୁନ ମଧ୍ୟରେ ରାଜ୍ୟରେ ମୋଟ ୫୮୦୨ ସଡକ ଦୁର୍ଘଟଣା ହୋଇଥିଲା ; ଯେଉଁଠି କି ୨୦୨୦ ଜାନୁୟାରୀରୁ ଜୁନ୍ ମାସ ଭିତରେ ମୋଟ ୪୪୦୪ଟି ଦୁର୍ଘଟଣା ହୋଇଛି। ୨୦୨୦ ମାର୍ଚ୍ଚ ୨୫ତାରିଖରୁ କୋଭିଡ୍-୧୯ ମହାମାରୀ ଯୋଗୁ ରାଜ୍ୟରେ ଲକ୍‌ଡାଉନ ଜାରି କରାଯାଇଥିଲା। ସେହି କ୍ରମରେ ଦେଖିଲେ ଏପ୍ରିଲରୁ ଜୁନ ମଧ୍ୟରେ ସେତେଟା ଗାଡି ଚଳାଚଳ ହୋଇନାହିଁ। ଲକ୍‌ଡାଉନ କଟକଣା କଡାକଡି କରିବା ପାଇଁ ସରକାର ସବୁଆଡେ କଡା ପୋଲିସ ବ୍ୟବସ୍ଥା ମଧ୍ୟ ଜାରି କରିଥିଲେ। ତଥାପି ଚଳିତ ବର୍ଷ ଏପ୍ରିଲରୁ ଜୁନ ଶେଷସୁଦ୍ଧା ମୋଟ ୧୫୨୪ଟି ସଡକ ଦୁର୍ଘଟଣା ଘଟିଛି। ସେଥିରୁ ୭୦୭ ଜଣ ପ୍ରାଣ ହରାଇଥିବା ବେଳେ ୪୨୬୮ଜଣ ଗୁରୁତର ହୋଇଛନ୍ତି। ଅନ୍ୟପଟେ କେନ୍ଦ୍ର ସରକାର '୧୧୨ ନମ୍ବର' ବ୍ୟବସ୍ଥା ଆରମ୍ଭ କରିବେ ବୋଲି ବିଶେଷ ସୂତ୍ରରୁ ଜଣାପଡିଛି। ଏହାକୁ ଇଣ୍ଟିଗ୍ରେଟେଡ୍ ଏମରଜେନ୍ସି ରେସ୍‌ପନ୍ସ ସିଷ୍ଟମ ବୋଲି କୁହାଯାଉଛି। ଏହା ଅଧୀନରେ ସ୍ୱାସ୍ଥ୍ୟ, ଫାୟାର ଏବଂ ପୋଲିସ ବ୍ୟବସ୍ଥା ସହ ଯୋଡାଯିବ। ଏହି ନମ୍ବରକୁ ଫୋନ କରି ଲୋକମାନେ ନିଜ ସମସ୍ୟା ଜଣାଇଲେ ତାହାକୁ ଲକ୍ଷ୍ୟ କରି ଆମ୍ବୁଲାନ୍ସ, ଫାୟାର ଗାଡି ଏବଂ ପିସିଆର୍ ପହଞ୍ଚିବ ବୋଲି ଜଣାପଡିଛି। ହେଲେ ଏଥିଲାଗି ସମୟ ଲାଗିବ ବୋଲି ଜଣାପଡିଛି।

୨୦୧୯ ଏପ୍ରିଲରୁ ଜୁନ ଶେଷସୁଦ୍ଧା ମୋଟ ୨୭୪୨ଟି ଦୁର୍ଘଟଣା ରାଜ୍ୟରେ ଘଟିଛି ଏବଂ ଏହାଦ୍ୱାରା ୧୪୪୦ ଜଣଙ୍କ ଜୀବନ ଯାଇଛି। ତେବେ ଚଳିତ ବର୍ଷ ଲକ୍‌ଡାଉନ ମଧ୍ୟରେ ସବୁ ଗାଡି ମୋଟର ବନ୍ଦ ଥାଇ ୭୦୦ରୁ ଅଧିକ ଜଣଙ୍କ ଜୀବନ ଯିବାକୁ ନେଇ ପ୍ରଶ୍ନ ଉଠୁଛି।

ଅନ୍ୟପଟେ ସୁପ୍ରିମକୋର୍ଟ କମିଟି ୨୦୧୭ରୁ ହାଇୱେ ପାଟ୍ରୋଲିଂ ପାଇଁ ନିର୍ଦ୍ଦେଶ ଦେବା ସତ୍ତ୍ୱେ ଏ ପର୍ଯ୍ୟନ୍ତ ତାହା ଲାଗୁ ହୋଇ ନ ପାରିବା ସରକାରଙ୍କ ବିଫଳତାକୁ ପଦାରେ ପକାଇଛି। ଦୁର୍ଘଟଣା ରୋକିବା ପାଇଁ ରାଜ୍ୟ ସରକାର ୫ଟି ହାଇୱେ ଉପରେ ୨୪ଘଣ୍ଟିଆ ପାଟ୍ରୋଲିଂ ପାଇଁ ଯୋଜନା କରିଥିଲେ। ହାଇୱେ ପାଟ୍ରୋଲିଂ ଲାଗି ଆବଶ୍ୟକ ଯନ୍ତ୍ରପାତି ତଥା ଗାଡି କିଣିବା ସକାଶେ ପରିବହନ ବିଭାଗର ସଡକ ସୁରକ୍ଷା ପାଣ୍ଠିରୁ ଗୃହ ବିଭାଗକୁ ୧୦ କୋଟି ଟଙ୍କା ପ୍ରଦାନ କରାଯାଇଥିଲା। ହେଲେ ଦୀର୍ଘଦିନ ପର୍ଯ୍ୟନ୍ତ ଏହି ପାଣ୍ଠି ପଡି ରହିବା ସତ୍ତ୍ୱେ ଏହାକୁ ବ୍ୟବହାର କରାଗଲା ନାହିଁ। ଏହାପରେ ଆବଶ୍ୟକ ପୋଲିସ କର୍ମଚାରୀ ନ ଥିବା ଯୋଗୁ ପ୍ରଥମେ ଏକ ବୈଠକ ବସି ଅବସରପ୍ରାପ୍ତ ପୋଲିସ କର୍ମଚାରୀଙ୍କୁ ପୁନଃ ନିଯୁକ୍ତି ଦେଇ ପାଟ୍ରୋଲିଂ କାର୍ଯ୍ୟରେ ନିୟୋଜିତ ପାଇଁ ନିଷ୍ପତ୍ତି ହେଲା। ହେଲେ ଏନେଇ ବିଜ୍ଞପ୍ତି ବାହାରିବା ପରେ ମଧ୍ୟ କୌଣସି ଅବସରପ୍ରାପ୍ତ ଅଧିକାରୀ ଏଥିପାଇଁ ଆବେଦନ କଲେନାହିଁ। ଏହାପରେ ଗତ ୨ ମାସ ତଳେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସି ଏସବୁ ବାବଦରେ ଆଲୋଚନା କରାଗଲା। ବୈଠକରେ ହାଇୱେ ପାଟ୍ରୋଲିଂ ପାଇଁ ଭଡା ଗାଡି ନେବା ଲାଗି ନିଷ୍ପତ୍ତି ହେଲା। ହେଲେ ୨୪ ଘଣ୍ଟିଆ ପାଟ୍ରୋଲିଂ ପାଇଁ କୌଣସି ଗାଡି ମାଲିକ ୨୦ ହଜାର ଟଙ୍କାରେ ରାଜି ହେଲେନି। ଏହାପରେ ଗୋଟେ ଗାଡି ପିଛା ମାସକୁ ୭୨ ହଜାର ଟଙ୍କା ଧାର୍ଯ୍ୟ ହୋଇଛି। ଅନ୍ୟପଟେ ସେନାରେ ଚାକିରି କରି ଅବସରପ୍ରାପ୍ତ ମିଲିଟାରି ଅଧିକାରୀଙ୍କୁ ପାଟ୍ରୋଲିଂ କାର୍ଯ୍ୟରେ ନିୟୋଜିତ କରିବା ଉପରେ ନିଷ୍ପତ୍ତି ହୋଇଥିବା ଜଣାପଡିଛି। ତେବେ ୨୦୧୭ରୁ ନିଷ୍ପତ୍ତି ହୋଇ ଏ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇପାରି ନ ଥିବା ବ୍ୟବସ୍ଥା ଲାଗୁ ହୋଇପାରିବ ନା ନାହିଁ ସେନେଇ ମଧ୍ୟ ପ୍ରଶ୍ନ ଉଠୁଛି। କ୍ରାଇମବ୍ରାଞ୍ଚ ଏଡିଜି ସୌମେନ୍ଦ୍ର ପ୍ରିୟଦର୍ଶୀ କହିଛନ୍ତି, ଦୁଇଦିନ ତଳେ ପାଟ୍ରୋଲିଂ ପାଇଁ ଷ୍ଟାଫ ନିଯୁକ୍ତି ବିଜ୍ଞାପନ ପ୍ରକାଶ ପାଇଛି। ଖୁବ୍‌ଶୀଘ୍ର ଗାଡି ମଧ୍ୟ ଭଡାରେ ନେଇ ନିୟୋଜିତ କରାଯିବ। କରୋନା ଯୋଗୁ ଏସବୁଥିରେ ବିଳମ୍ବ ହୋଇଛି। ୧୧୨ ବ୍ୟବସ୍ଥା କେନ୍ଦ୍ରର ଯୋଜନା। ଏହା ଲାଗୁ କରିବା ପାଇଁ ଆହୁରି ସମୟ ଲାଗିବ ବୋଲି ସୌମେନ୍ଦ୍ର କହିଛନ୍ତି।

# ଓଇଆର୍‌ସି ନିଷ୍ପତ୍ତି କହି ଦୋଷ ଛଡ଼ାଇଲେ ଶକ୍ତିମନ୍ତ୍ରୀ

**ବିଦ୍ୟୁତ୍ ଦର ବୃଦ୍ଧି ପ୍ରସଙ୍ଗ**

ଭୁବନେଶ୍ୱର,୨୪।୯(ବ୍ୟୁରୋ)

କରୋନା ମହାମାରୀ ସମୟରେ ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ (ଓଇଆର୍‌ସି) ଘରୋଇ ଉପଭୋକ୍ତାଙ୍କ ଉପରେ ବିଦ୍ୟୁତ୍ ବୋଝ ଲଦି ଦେଇଛନ୍ତି। ଅକ୍ଟୋବର ପହିଲାରୁ ଉପଭୋକ୍ତାଙ୍କୁ ୟୁନିଟ୍ ପିଛା ଅଧିକ ୨୦ ପଇସା ଦେବାକୁ ହେବ। ତେବେ ଓଇଆର୍‌ସିର ନିଷ୍ପତ୍ତିକୁ ଶକ୍ତିମନ୍ତ୍ରୀ ଦିବ୍ୟ ଶଙ୍କର ମିଶ୍ର ପୂରା ସମର୍ଥନ ଦେଇଛନ୍ତି। ସେ କହିଛନ୍ତି ଯେ ବିଦ୍ୟୁତ୍ ଦର ବୃଦ୍ଧି ଉପରେ ସରକାରଙ୍କର କୌଣସି ନିୟନ୍ତ୍ରଣ ନାହିଁ। ଏହା ଓଇଆର୍‌ସିଙ୍କ ନିଷ୍ପତ୍ତି। ଦୀର୍ଘ ୭ ବର୍ଷ ପରେ ଓଇଆର୍‌ସି ୪ ପ୍ରତିଶତ ଶୁଳ୍କ ବୃଦ୍ଧି କରିଛନ୍ତି। ଉତ୍ପାଦନ, ପ୍ରସାରଣ ଏବଂ ବଣ୍ଟନ ଖର୍ଚ୍ଚ ବଢୁଥିବାରୁ ଶୁଳ୍କ ବୃଦ୍ଧି କରି ଥାଇ ପାରନ୍ତି ବୋଲି ମନ୍ତ୍ରୀ ସଫେଇ ଦେଇଛନ୍ତି।

ଘରୋଇ ଉପଭୋକ୍ତାଙ୍କୁ ୫୦ ୟୁନିଟ୍ ପର୍ଯ୍ୟନ୍ତ ୨ଟଙ୍କା ୭୦ ପଇସା ଦେବାକୁ ହେବ। ସେହିପରି ୫୦ରୁ ୨୦୦ ୟୁନିଟ୍ ପାଇଁ ୪ଟଙ୍କା ୫୦ ପଇସା, ୨୦୦ରୁ ୪୦୦ ୟୁନିଟ୍ ପାଇଁ ୫ ଟଙ୍କା ୫୦ ଏବଂ ୪୦୦ ୟୁନିଟ୍‌ରୁ ଅଧିକ ପାଇଁ ୟୁନିଟ୍ ପିଛା ୫ଟଙ୍କା ୯୦ ପଇସା ହିସାବରେ ଦେବାକୁ ପଡିବ।



ଅର୍ଶ କୁଣ୍ଡିଆ, ବ୍ୟଥା, ଜ୍ୱାଳା, ରକ୍ତଯୁକ୍ତ ଭାତୁଡ଼ି ଓ କୋଷ୍ଠକାଠିନ୍ୟର ଉପଯୁକ୍ତ ଆୟୁର୍ବେଦିକ ସମାଧାନ
JOLLY
ବାସିର
ଜେଲ୍ ଓ କ୍ୟାପ୍‌ସୁଲ
ପ୍ରତ୍ୟେକ ମେଡିକାଲ ଷ୍ଟୋର୍‌ରେ ଉପଲବ୍ଧ। Helpline» 0161-520-1588


OLA
ପ୍ରିୟ OLA ସାଥି !
OLA ନେଇ ଆସିଛି ରୋଜଗାର କରିବା ପାଇଁ ଏକ ସୁବର୍ଣ୍ଣ ସୁଯୋଗ। ଏବେ ଆପଣ ନିଜ ବନ୍ଧୁଙ୍କ AUTO ଆମ ସଙ୍ଗେ ଜଡ଼ିତ କରାଇ ଦୈନିକ 1000* ଟଙ୍କା ରୋଜଗାର କରି ପାରିବେ ଏବଂ ସେହି AUTO ଗୁଡିକରେ PVC PARTITION ଲଗାନ୍ତୁ ସମ୍ପୂର୍ଣ୍ଣ ମାଗଣାରେ। ଅଧିକ ସୂଚନା ପାଇଁ ଏବେ ହିଁ ମିସ୍ କଲ୍ ଦିଅନ୍ତୁ 033-40836591
ଶୀଘ୍ର କରନ୍ତୁ ଏହା କେବଳ ସୀମିତ ସମୟ ପାଇଁ ଉପଲବ୍ଧ।

# ମତ୍‌ଲୁବ ଅଲ୍ଲୀଙ୍କ ପରଲୋକ

ଭୁବନେଶ୍ୱର(ବ୍ୟୁରୋ)/ମାହାଙ୍ଗା, (ସ୍ୱ.ପ୍ର.) ୨୪।୯



ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ଶେଖ୍ ମତଲୁବ୍ ଅଲ୍ଲୀ(୭୮)ଙ୍କର ଭୁବନେଶ୍ୱର ଏକ ଘରୋଇ ହସ୍ପିଟାଲରେ ଗୁରୁବାର ପରଲୋକ ଘଟିଛି। ସେପ୍ଟେମ୍ବର ୧୪ରେ ସେ ଅସୁସ୍ଥ ଅନୁଭବ କରିବାରୁ ତାଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ତାଙ୍କ ବିୟୋଗରେ କଂଗ୍ରେସ ମହଲରେ ଶୋକର ଛାୟା ଖେଳିଯାଇଛି। ମତ୍‌ଲୁବ କଟକ ଜିଲା ମାହାଙ୍ଗା ନିର୍ବାଚନ ମଣ୍ଡଳୀର ବିଧାନସଭାକୁ ୪ ଥର ନିର୍ବାଚିତ ହୋଇଥିଲେ। ସେ ୧୯୭୪, ୧୯୮୦, ୧୯୮୫ ଏବଂ ୧୯୯୫ରେ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ସେ ସଂସ୍କୃତି ପର୍ଯ୍ୟଟନ, ଶିକ୍ଷା , ରାଜସ୍ୱ , ପଞ୍ଚାୟତିରାଜ, ଜଳସମ୍ପଦ, ଶକ୍ତି , ସଂସଦୀୟ ବ୍ୟାପାର, ଗ୍ରାମ୍ୟ ଉନ୍ନୟନ , ଖାଦ୍ୟ ଯୋଗାଣ , ଉଚ୍ଚ ଶିକ୍ଷା ଏବଂ ସ୍କୁଲ ଓ ଗଣଶିକ୍ଷା ବିଭାଗର ମନ୍ତ୍ରୀ ଥିଲେ। ଏହା ସହ ଜିଲା ଏବଂ ରାଜ୍ୟ କଂଗ୍ରେସର ବିଭିନ୍ନ ପଦପଦବୀର ଗୁରୁଦାୟିତ୍ୱ ତୁଲାଇଥିଲେ। ସେ ୧୯୪୨ରେ ମାହାଙ୍ଗା ନିର୍ବାଚନ ମଣ୍ଡଳୀର ଧରୋଶ୍ୟାମ ସୁନ୍ଦରପୁରଠାରେ ଜନ୍ମଗ୍ରହଣ କରିଥିଲେ। ସେ ଜଣେ ଭଲ ବକ୍ତା ଓ ସାମାଜିକ କର୍ମୀ ଥିଲେ। ତାଙ୍କ ବିୟୋଗରେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଗଭୀର ଶୋକ ପ୍ରକାଶ କରିଛନ୍ତି। ତାଙ୍କ ସ୍ମୃତି ଉଦ୍ଦେଶ୍ୟରେ କଂଗ୍ରେସ ଭବନରେ ଏକ ଶୋକସଭା ଆୟୋଜନ କରାଯାଇଥିଲା। ଏଥିରେ ମଧ୍ୟପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଦିଗ୍‌ବିଜୟ ସିଂ ଯୋଗଦେଇ ଅମର ଆତ୍ମା ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ତାଙ୍କ ସ୍ମୃତି ଉଦ୍ଦେଶ୍ୟରେ ୧ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ମତଲୁବ ଅଲ୍ଲୀଙ୍କ ବିୟୋଗରେ ମାହାଙ୍ଗା ବିଧାୟକ ପ୍ରତାପ ଜେନା, ପୂର୍ବତନ ବାଚସ୍ପତି ଶରତ କର, ପୂର୍ବତନ ବିଧାୟକ ଚିନ୍ମୟ ବେଉରା, ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା, ପୂର୍ବତନ ବିଧାୟକ ବିକ୍ରମ କେଶରୀ ବର୍ମା, ଭାଜପା ନେତା ସାରଦା ପ୍ରଧାନ, ଓଡ଼ିଶା ବସ୍ ମାଲିକ ସଂଘର ସାଧାରଣ ସମ୍ପାଦକ ଦେବେନ୍ଦ୍ର ସାହୁ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

# ଜଳ ସମ୍ପଦ ବିଭାଗର ୯୩୨ କୋଟି କ୍ଷତି

ଭୁବନେଶ୍ୱର,୨୪।୯(ବ୍ୟୁରୋ)

**ଅଗଷ୍ଟ ବନ୍ୟା**

ଗତ ଅଗଷ୍ଟରେ ରାଜ୍ୟରେ ହୋଇଥିବା ବନ୍ୟାରେ ବହୁ କ୍ଷୟକ୍ଷତି ହୋଇଛି। ରାଜ୍ୟ ସରକାର ନିକଟରେ ଆସିଥିବା କେନ୍ଦ୍ରୀୟ ଟିମ୍‌କୁ ୧୧ ହଜାର କୋଟି ଟଙ୍କର କ୍ଷୟକ୍ଷତି ସହାୟତା ଲୋଡିଛନ୍ତି। ତେବେ ଜଳସମ୍ପଦ ବିଭାଗର ଗତ ବନ୍ୟାରେ ବହୁ କ୍ଷତି ହୋଇଛି। ବନ୍ୟାରେ ରାଜ୍ୟରେ ୨୮୩ କୋଟି ଟଙ୍କାର ନଦୀବନ୍ଧ ଧୋଇ ଯାଇଥିବା ବେଳେ ବିଭିନ୍ନ ନଦୀରେ ୩୮ଟି ଘାଇ ସୃଷ୍ଟି ହୋଇଛି। ଏଥିସହିତ ବନ୍ୟା ଯୋଗୁ ୯୯୬ କି.ମି. ନଦୀବନ୍ଧ ନଷ୍ଟ ହୋଇଛି। ମୋଟ ୯୩୨ କୋଟି ଟଙ୍କାର କ୍ଷୟକ୍ଷତି ହୋଇଛି। ଏ ନେଇ ଗୁରୁବାର ଜଳ ସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଜଳ ସମ୍ପଦ ବିଭାଗ ପ୍ରମୁଖ ସଚିବଙ୍କୁ ଅବଗତ କରାଇଛନ୍ତି। କେନ୍ଦ୍ର ସରକାରଙ୍କ ଠାରୁ ଉକ୍ତ ଅର୍ଥ ଭରଣା କରିବାକୁ ଚିଠିରେ ଅନୁରୋଧ କରିଛନ୍ତି।

MARUTI SUZUKI ARENA
DON'T JUST CHOOSE ANY CNG
CHOOSE S-CNG
Safety, Performance and Savings. That is what you get when you choose a Maruti Suzuki Factory-fitted S-CNG car.



ENHANCED SAFETY
Leak-proof Design and Integrated harness for total assurance.
SOLID PERFORMANCE
Retuned Suspension and Intelligent Injection System for drivability across terrains.
GREATER SAVINGS
Low cost of running, superior mileage and continued warranty.
BIG SAVINGS
ALTO ₹60 000* CELERIO ₹50 000*
WAGONR ₹45 000* S-PRESSO ₹45 000* +
GOLD COIN OFFER
Gold Coin Offer# Is Valid Till 30th September 2020
ALTO CELERIO WAGONR S-PRESSO ERTIGA
E-book today at www.marutisuzuki.com or visit your nearest Maruti Suzuki dealership | All Maruti Suzuki vehicles now available under CSD & CPC | For bulk orders, mail at: Pradosh.Jena@maruti.co.in

JYOTE MOTORS
BHUBANESWAR: LEWIS ROAD: 9798190190. NAYAPALLI: 9798190190.
KEONJHAR: 9798190190. BARIPADA: 9798190190.
BHADRAK: 9798190190. NAYAGARH: 9798190190.
BALASORE: 9798190190.

NARAYANI MOTORS
BHUBANESHWAR: 9583022019, 9583022012, 9583022013. NIMAPARA: 7381093626
JAGATSINGHPUR: 9583022090
PARADEEP: 9583022034/48 PURI: 9583022035.

TUSHI MOTORS
CUTTACK: 9078076450.

SKY AUTOMOBILES
BHUBANESWAR: 9776645711.
CUTTACK: 9776677771, 7381873818.
DHENKANAL: 9776900005. JAJPUR: 9776900777.

*Offer includes consumer offer, exchange offer and institutional/rural offer (wherever applicable) on Alto S-CNG (all variants), Celerio S-CNG (all variants), WagonR S-CNG (all variants) and S-Presso S-CNG (all variants). #Every customer who books Maruti Suzuki Car from 2nd Sep'2020 to 30th Sep'2020 (also applicable to existing pending bookings as per DMS as on 02.09.2020) and takes delivery on/before 30th Sep'2020 shall be entitled for 1 gm Gold Coin (22K) or MSGA or Gift Cheque worth upto ₹5 000 over and above consumer offers as applicable. Gold coin offer is valid till 30th Sep'2020 and is applicable on all models. Cost of 1gm Gold Coin has been calculated at current applicable rate of ₹50 000/10gm ( 22 K gold ). In case of any fluctuations in pricing, offer cannot exceed the amount of ₹5 000 per gm. Terms & Conditions apply. The terms and conditions are subject to change without any prior notice. For more details, please contact your nearest ARENA dealership. Features and accessories shown may not be part of standard fitment. Black Glass Shade on the vehicle is due to the lighting effect. Images used are for illustration purposes only. Offers vary across variants. Maruti Suzuki India Limited reserves the right to discontinue offers without notice. Above offers are valid till 30th September, 2020.

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ଆହାନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ରାଫାଲ ଚୁକ୍ତି: ଫ୍ରାନ୍ସ କମ୍ପାନୀ ଡାସଲ୍ଟକୁ ସିଏଜିର ଭର୍ତ୍ସନା

**ନୂଆଦିଲ୍ଲୀ, ୨୪।୯**

ରାଫାଲ ଯୁଦ୍ଧ ବିମାନ କ୍ରୟ ଚୁକ୍ତିର ପ୍ରଯୁକ୍ତି ସର୍ତ୍ତ ଖିଲାପ କରିଥିବାରୁ ଫ୍ରାନ୍ସ କମ୍ପାନୀ ଡାସଲ୍ଟ ଏଭିଏସନ୍ ଏବଂ ଏମ୍‌ବିଡିଏକୁ ତୀବ୍ର ଭର୍ତ୍ସନା କରିଛି କମ୍ପଟ୍ରୋଲର ଆଣ୍ଡ ଅଡିଟର ଜେନେରାଲ ଅଫ୍ ଇଣ୍ଡିଆ(ସିଏଜି)। ଏଥିସହିତ ପ୍ରତିରକ୍ଷା ମନ୍ତ୍ରଣାଳୟକୁ ମଧ୍ୟ ସମାଲୋଚନା କରିଛି ଏହି କେନ୍ଦ୍ରୀୟ ୱାଚଡଗ୍। ଏହି ଚୁକ୍ତିର ସର୍ତ୍ତ ଅନୁଯାୟୀ ଫ୍ରାନ୍ସ କମ୍ପାନୀ ଅଫ୍‌ସେଟ୍ ସଂକ୍ରାନ୍ତ ନୀତି (ପ୍ରଯୁକ୍ତିଗତ ସର୍ତ୍ତ) ପୂରଣ କରିନାହିଁ ବୋଲି ବୁଧବାର ପାର୍ଲାମେଣ୍ଟରେ ଉପସ୍ଥାପିତ ସିଏଜି ରିପୋର୍ଟରେ ଦର୍ଶାଯାଇଛି। ସିଏଜି ତା'ର ଏହି ରିପୋର୍ଟରେ ଦର୍ଶାଇଛି ଯେ, ଫ୍ରାନ୍ସ କମ୍ପାନୀ ୨୦୧୬ରେ ଭାରତକୁ ୩୬ଟି ରାଫାଲ ଯୁଦ୍ଧ ବିମାନ ବିକ୍ରି ପାଇଁ ଚୁକ୍ତି କରିଥିବାବେଳେ ଏ ପର୍ଯ୍ୟନ୍ତ ପ୍ରତିରକ୍ଷା ଗବେଷଣା ଏବଂ ଉନ୍ନୟନ ସଂଗଠନ (ଡିଆର୍‌ଡିଓ) ସହ ନିଜର ଅଫ୍‌ସେଟ୍ ସର୍ତ୍ତ ପୂରଣ କରିନାହିଁ।

ଅଫ୍‌ସେଟ୍ ପଲିସି ବା ପ୍ରଯୁକ୍ତି ନୀତି ଅନୁଯାୟୀ କୌଣସି ବିଦେଶୀ କମ୍ପାନୀ ସହ ହେଉଥିବା ଡିଲ୍ ମୂଲ୍ୟର କିଛି ଅଂଶ ଭାରତକୁ ପ୍ରତ୍ୟକ୍ଷ ବିଦେଶୀ ନିବେଶ ଆକାରରେ ଆସିବା ଦରକାର। ଯେଉଁଥିରେ ଟେକ୍ନୋଲୋଜି ଟ୍ରାନ୍ସଫର, ଆଡ୍‌ଭାନ୍ସ କମ୍ପୋନେଣ୍ଟସ୍ ସ୍ଥାନୀୟ ମାନୁଫାକ୍ଚରିଂ ଏବଂ ନିଯୁକ୍ତି ସୃଷ୍ଟିର ସୁଯୋଗ ସାମିଲ ଥାଏ। ସଂସଦରେ ଉପସ୍ଥାପିତ ରିପୋର୍ଟରେ



ସିଏଜି ଦର୍ଶାଇଛନ୍ତି ଯେ, ରାଫାଲ ଚୁକ୍ତି ନେଇ ଆଲୋଚନାବେଳେ ଡାସଲ୍ଟ ଏବଂ ଏମ୍‌ବିଡିଏ ୨୦୧୫ ସେପ୍ଟେମ୍ବରରେ ପ୍ରସ୍ତାବ ରଖିଥିଲେ ଯେ, ସେମାନେ ଅଫ୍‌ସେଟ୍ ଦାୟିତ୍ୱ ଚୁକ୍ତିର ୩୦ପ୍ରତିଶତ ଡିଆର୍‌ଡିଓକୁ ଉଚ୍ଚଶ୍ରେଣୀର ପ୍ରଯୁକ୍ତି ପ୍ରଦାନ କରି ପୂରଣ କରିବେ। ସେତେବେଳେ ଡିଆର୍‌ଡିଓ ଏହାର ହାଲୁକା ଲଢୁଆ ବିମାନ ପାଇଁ କାବେରୀ ଇଞ୍ଜିନ ଦେଶ ଭିତରେ ବିକାଶିତ କରିବାକୁ ଉକ୍ତ ଫ୍ରାନ୍ସ କମ୍ପାନୀଠାରୁ ପ୍ରଯୁକ୍ତି ସହାୟତା ଲୋଡ଼ିଥିଲା। ଇତିମଧ୍ୟରେ ପାଞ୍ଚବର୍ଷ ବିତିଗଲାଣି। ଫ୍ରାନ୍ସ କମ୍ପାନୀ ଭାରତକୁ ଚୁକ୍ତି ମୁତାବକ ୩୬ଟି ରାଫାଲ ଯୁଦ୍ଧ ବିମାନରୁ ୫ଟି ଦେଇ ସାରିଲାଣି। ମାତ୍ର କମ୍ପାନୀ ତାର ଅଫ୍‌ସେଟ୍ ସର୍ତ୍ତ ମୁତାବକ ଉପରୋକ୍ତ ଟେକ୍ନୋଲୋଜି ଡିଆର୍‌ଡିଓକୁ ପ୍ରଦାନ କରିନାହିଁ କିମ୍ବା ଏନେଇ କିଛି ସ୍ପଷ୍ଟ କରିନାହିଁ।

ସିଏଜି ତାଙ୍କ ରିପୋର୍ଟରେ ଏହା ମଧ୍ୟ କହିଛନ୍ତି ଯେ, ପ୍ରତିରକ୍ଷା ମନ୍ତ୍ରଣାଳୟ ଏହି ନୀତି ଏବଂ ଏହାର କାର୍ଯ୍ୟକାରିତାକୁ ସମୀକ୍ଷା କରିବା ଜରୁରୀ। ଏହା ବିଦେଶୀ ରାଜିନାମା କରିଥିବା କମ୍ପାନୀ ସମେତ ଭାରତୀୟ ଉଦ୍ୟୋଗ ପ୍ରତି ଏହାର ଅଫ୍‌ସେଟ୍ ଫାଇଦା ଉଠାଇବା କ୍ଷେତ୍ରରେ ରହିଥିବା ସମସ୍ୟାକୁ ଖୋଜି ବାହାର କରି ତାହାକୁ ଦୂର କରିବା ସକାଶେ ସମାଧାନର ରାସ୍ତା ବାହାର କରିବା ଆବଶ୍ୟକ। ସିଏଜି ଅବଶ୍ୟ ତାଙ୍କ ରିପୋର୍ଟରେ ଏହା ସ୍ୱୀକାର କରିନ୍ତି ଯେ, ରାଫାଲ ଚୁକ୍ତିରେ ଅଫ୍‌ସେଟ୍ ସର୍ତ୍ତ ପୂରଣ ୭ ବର୍ଷ ମଧ୍ୟରେ ହୋଇପାରିବ। ପ୍ରଥମ ତିନି ବର୍ଷ ଏଥିପାଇଁ କୌଣସି ବାଧ୍ୟବାଧକତା ନାହିଁ। ତେବେ ଏମ୍‌ବିଡିଏ ଦ୍ୱାରା ୫୭ ପ୍ରତିଶତ ଏବଂ ଡାସଲ୍ଟ ଦ୍ୱାରା ୫୮ ପ୍ରତିଶତ ଅଫ୍‌ସେଟ୍ ସର୍ତ୍ତ ପୂରଣ ସର୍ବାଧିକ ଶେଷ ସପ୍ତମ ବର୍ଷ (୨୦୨୩)ରେ କେବଳ ହୋଇପାରିବ ବୋଲି ଯେଉଁ ତଥ୍ୟ ରହିଛି ତାହାକୁ ସିଏଜି ସମାଲୋଚନା କରିଛନ୍ତି।

୨୦୧୬ ଏପ୍ରିଲରେ ଡିଆରଡିଓ ରାଫାଲ ଚୁକ୍ତି କରିଥିଲା। ସେତେବେଳେ ଡାସଲ୍ଟ ଏବଂ ଏମ୍‌ବିଡିଏଠାରୁ ୬ଟି ନୂଆ ପ୍ରଯୁକ୍ତି ପାଇଁ ଦାବି ରଖାଯାଇଥିଲା। ମାତ୍ର ତନ୍ମଧ୍ୟରୁ ୫ଟି ପ୍ରଯୁକ୍ତି ଯୋଗାଇ ପାରିବେ ନାହିଁ ବୋଲି ଫ୍ରାନ୍ସ କମ୍ପାନୀ କହିଥିଲେ। କାରଣ ଏହି ୫ଟି ପ୍ରଯୁକ୍ତିରୁ ଅଧିକାଂଶ ସେମାନଙ୍କର କୋର କମ୍ପିଟେନ୍ସ ଭିତରେ ନଥିଲା। ରାଫାଲ ଚୁକ୍ତିକୁ ନେଇ ଭାରତରେ ରାଜନୈତିକ ବାତାବରଣ ସରଗରମ ହୋଇଥିଲା। ତେବେ ଏହି ଚୁକ୍ତିରେ କୌଣସି ତ୍ରୁଟି ନାହିଁ ବୋଲି ସୁପ୍ରିମକୋର୍ଟ ସ୍ପଷ୍ଟ କରିଦେବା ପରେ ନିର୍ଦ୍ଧାରିତ ସମୟରେ ୫ଟି ରାଫାଲ ବିମାନ ଭାରତରେ ପହଞ୍ଚି ଗତ ୧୦ ତାରିଖରେ ବାୟୁସେନାରେ ସାମିଲ ହୋଇସାରିଛି।

# ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ କରିବାକୁ ପ୍ରୟାସ



**ଭୁବନେଶ୍ୱର, ୨୪।୯ (ବ୍ୟୁରୋ)**

## ଦୁଇ ବୈଷୟିକ ସଂସ୍ଥା ସହ ଓଡ଼ିଶା ଜୀବିକା ମିଶନର ଏମ୍‌ଓୟୁ

ଗ୍ରାମାଞ୍ଚଳରେ ଜୀବନ ଜୀବିକାର ବିକାଶ ନିମନ୍ତେ ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଅଧୀନରେ ଥିବା ଓଡ଼ିଶା ଜୀବିକା ମିଶନ ଜାତୀୟ ବୈଷୟିକ ସହାୟତା ସଂସ୍ଥା 'ଦି ଗୋଟ୍ ଟ୍ରଷ୍ଟ' ଏବଂ ସମୁନ୍ନତି ଫାଉଣ୍ଡେଶନ ସହ ବୁଝାମଣାପତ୍ର ସ୍ୱାକ୍ଷର କରିଛି। 'ଭାଗୀଦାରି ଜୀବିକା ବିକାଶ' ନାମରେ ନାମିତ ଏହି ପ୍ରକଳ୍ପ ଓଡ଼ିଶା ଜୀବିକା ମିଶନ ଏବଂ ମିଶନ ଶକ୍ତି ଅଧୀନରେ କାର୍ଯ୍ୟକ୍ଷମ ସ୍ୱୟଂ ସହାୟକ ଗୋଷ୍ଠୀ, କୃଷକ ଉତ୍ପାଦକ ଗୋଷ୍ଠୀ, ଉତ୍ପାଦକ କମ୍ପାନୀ ଏବଂ କୃଷକ ଉତ୍ପାଦକ ସଂଗଠନଗୁଡ଼ିକୁ ବୈଷୟିକ ତଥା ଦକ୍ଷତା ବିକାଶ ସମ୍ବନ୍ଧୀୟ ସହାୟତା ଯୋଗାଇଦେବ। 'ଦି ଗୋଟ୍ ଟ୍ରଷ୍ଟ' ଗୋଷ୍ଠୀ କେନ୍ଦ୍ରିକ ଛେଳିପାଳନର ବିକାଶ ନିମନ୍ତେ ସହାୟତା ପ୍ରଦାନ କରିବା ସହ ଛେଳି ପାଳନକୁ ଏକ ଦୀର୍ଘସ୍ଥାୟୀ ଜୀବିକା ରୂପେ ଗ୍ରାମାଞ୍ଚଳରେ ଲୋକଙ୍କ ମଧ୍ୟରେ ଆଦୃତ କରିବାରେ ସହାୟତା କରିବ। ଅନ୍ୟପକ୍ଷରେ ଉତ୍ପାଦର ବିକାଶ, ଆର୍ଥିକ ସଂଯୋଗୀକରଣ ଆଦି ଉପରେ କୃଷକ ଉତ୍ପାଦକ ସଂଗଠନଗୁଡ଼ିକର ଦକ୍ଷତା ବୃଦ୍ଧି ପାଇଁ ସମୁନ୍ନତି ଫାଉଣ୍ଡେଶନ ଓଡ଼ିଶା ଜୀବିକା ମିଶନକୁ ସହାୟତା ପ୍ରଦାନ କରିବ। ଗ୍ରାମାଞ୍ଚଳରେ ଦୀର୍ଘସ୍ଥାୟୀ ଜୀବିକାର ବିକାଶ ସହ ରାଜ୍ୟର ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ କରିବାରେ ଏହି ଚୁକ୍ତି ବିଶେଷ ସହାୟକ ହେବ। ଏହି ସହଭାଗୀତାକୁ ଆନୁଷ୍ଠାନିକ ଭାବେ ଆଗେଇ ନେବାପାଇଁ ଭର୍ଚୁଆଲ ମାଧ୍ୟମରେ ଗୁରୁବାର ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଥିଲା। ଏହି ଅବସରରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ପ୍ରମୁଖ ଶାସନ ସଚିବ ଦେଓରଞ୍ଜନ କୁମାର ସିଂହ, ଓଡ଼ିଶା ଜୀବିକା ମିଶନର ନିର୍ଦ୍ଦେଶକ ରାଜେଶ ପ୍ରଭାକର ପାଟିଲଙ୍କ ସହ ଓଡ଼ିଶା ଜୀବିକା ମିଶନ, ବିଶ୍ୱବ୍ୟାଙ୍କ, ଓରମାସ୍ ଏବଂ ସହାୟକ ବୈଷୟିକ ସଂସ୍ଥାର କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ।

# ଆଜି ଦୀପିକାଙ୍କୁ ଜେରା

## ଡ୍ରଗ୍ସ ଲିଙ୍କ୍ ଘଟଣା
### ଏନ୍‌ସିବିରେ ହାଜର ହେଲେ ସିମୋନ ଖମ୍ବାଟା

**ମୁମ୍ବାଇ, ୨୪।୯:** ବଲିଉଡ଼ ଅଭିନେତା ସୁଶାନ୍ତ ସିଂ ରାଜପୁତଙ୍କ ମୃତ୍ୟୁ ଘଟଣା ସହ ଜଡିତ ଡ୍ରଗ୍ସ ଲିଙ୍କ୍ ମାମଲାରେ ଗୁରୁବାର ଏନ୍‌ସିବି ନିକଟରେ ଫାଶନ ଡିଜାଇନର ସିମୋନ ଖମ୍ବାଟା ହାଜର ହୋଇଛନ୍ତି। ତାଙ୍କୁ ଦୀର୍ଘ ୪ଘଣ୍ଟା ଧରି ଏନ୍‌ସିବି ଜେରା କରିଛି। ସେ ପୂର୍ବାହ୍ନ ୧୦ଟା୧୫ ମିନିଟରେ ଏନ୍‌ସିବି କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଡ୍ରଗ୍ସ ନେବା ଏବଂ ରଖିବା ସମ୍ପର୍କରେ ତାଙ୍କୁ ଏନ୍‌ସିବି ପଚରାଉଚରା କରିଥିଲା। ପ୍ରାୟ ସଢ଼େ ୨ଟାରେ ସେ ଏନ୍‌ସିବି କାର୍ଯ୍ୟାଳୟରୁ ବାହାରିଥିଲେ। ଅଭିନେତ୍ରୀ ରାକୁଲ ପ୍ରୀତ୍ ସିଂଙ୍କୁ ମଧ୍ୟ ଗୁରୁବାର ଏନ୍‌ସିବି ନିକଟରେ ହାଜର ପାଇଁ ସମନ୍ ହୋଇଥିଲା। ହେଲେ ସେ ସମନ୍ ପାଇ ନ ଥିବାରୁ ହାଜର ହୋଇପାରି ନ ଥିଲେ। ପରେ ତାଙ୍କୁ ବ୍ୟକ୍ତିଗତ ଭାବେ ପୁଣିଥରେ ସମନ ଜାରି କରାଯାଇଛି। ସେ ଶୁକ୍ରବାର ଏନ୍‌ସିବି ନିକଟରେ ହାଜର ହେବେ। ଅଭିନେତ୍ରୀ ଦିପୀକା ପାଦୁକୋନ ମଧ୍ୟ ଶୁକ୍ରବାର ଏନ୍‌ସିବି ନିକଟରେ ହାଜର ହେବା ପାଇଁ ସମନ ଜାରି କରାଯାଇଛି। ସେହିପରି ଶ୍ରଦ୍ଧା କାପୁରୁ ଏବଂ ସାରା ଅଲ୍ଲୀ ଖାନ୍‌ଙ୍କୁ ଶନିବାର ହାଜର ପାଇଁ ସମନ କରାଯାଇଛି। ଦୀପିକା ଏକ ଚଳଚ୍ଚିତ୍ର ଶୁଟିଂରେ ଗୋଆରେ ଥିଲେ। ସମନ୍ ପାଇବା ପରେ ସେ ତାଙ୍କ ମା' ଅମ୍ରିତା ସିଂଙ୍କ ସହ ଗୁରୁବାର ଅପରାହ୍ନରେ ମୁମ୍ବାଇ ଫେରିଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ଆକ୍ରାନ୍ତ, ମୃତ୍ୟୁରେ...

ରହିଥିବାବେଳେ କଟକ ୫୬୭, ପୁରୀ ୨୦୩, ଜଗତ୍‌ସିଂହପୁର ୧୯୩, ଝାରସୁଗୁଡ଼ା ୧୭୪, ବାଲେଶ୍ୱର ୧୬୨, ଅନୁଗୋଳ ୧୫୫, ଯାଜପୁର ୧୫୧, କନ୍ଧମାଳ ଓ ନବରଙ୍ଗପୁରରୁ ୧୪୩ଜଣ ଲେଖାଏ, ସୁନ୍ଦରଗଡ଼ ୧୩୮, ସମ୍ବଲପୁର ୧୩୦, ସୁବର୍ଣ୍ଣପୁର ୧୨୯, ମୟୂରଭଞ୍ଜ ୧୨୭, କେନ୍ଦ୍ରାପଡ଼ା ୧୦୯, ବରଗଡ଼ ୧୦୮ ଓ ଭଦ୍ରକ ୧୦୫ଜଣ ରହିଛନ୍ତି। ବାକିସବୁ ଜିଲାରୁ ଏହାଠାରୁ କମ୍ ସଂଖ୍ୟକ ନୂଆ ଆକ୍ରାନ୍ତ ବାହାରିଥିବାବେଳେ ଗଜପତିରେ ସର୍ବନିମ୍ନ ୧୯ଜଣ ଚିହ୍ନଟ ହୋଇଛନ୍ତି। ଅନ୍ୟପଟେ ଦୈନିକ ମୃତ୍ୟୁରେ ମଧ୍ୟ ଖୋର୍ଦ୍ଧା ଆଗରେ ରହିଛି। ଏହି ଜିଲାରୁ କରୋନା ପୁଣି ୫ଜଣଙ୍କ ଜୀବନ ନେଇଥିବାବେଳେ ପୁରୀରୁ ୪, କେନ୍ଦ୍ରାପଡ଼ାରୁ ୨, ବଲାଙ୍ଗୀର, ମୟୂରଭଞ୍ଜ, ନୟାଗଡ଼, ରାୟଗଡ଼ା ଓ ସୁବର୍ଣ୍ଣପୁରରୁ ଜଣେ ଲେଖାଏ ରହିଛନ୍ତି।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର କୋଭିଡ୍ ତଥ୍ୟ ଅନୁସାରେ, ରାଜ୍ୟରେ ଏଯାବତ୍ ୨୯,୫୬,୩୦୧ ନମୁନା ପରୀକ୍ଷା ହୋଇଥିବାବେଳେ ୬.୬୬% ପଜିଟିଭ୍ ବାହାରିଛନ୍ତି। ଆକ୍ରାନ୍ତଙ୍କ ମଧ୍ୟରୁ ୩୨% ମହିଳା ଥିବାବେଳେ ୬୮% ପୁରୁଷ ରହିଛନ୍ତି। ଏମାନଙ୍କ ମଧ୍ୟରୁ ଯୁବପିଢ଼ି ସର୍ବାଧିକ ସଂକ୍ରମଣର ଶିକାର ହୋଇଛନ୍ତି। ୧୫ରୁ ୪୦ବର୍ଷ ବୟସ ମଧ୍ୟରେ ୧,୦୬,୦୦୧ଜଣ ସଂକ୍ରମିତ ରହିଥିବାବେଳେ ୦ରୁ ୧୪ବର୍ଷ ବୟସ ମଧ୍ୟରେ ୧୦,୪୭୦, ୪୧ରୁ ୬୦ବର୍ଷ ବୟସ ମଧ୍ୟରେ ୬୨,୦୩୪ ଏବଂ ୬୦ବର୍ଷରୁ ଅଧିକ ବୟସର ୧୮,୩୮୩ଜଣ ରହିଛନ୍ତି।

### ଭାରତ ଫ୍ୟାକ୍ଟ୍ରି ବନ୍ଦ...

କମ୍ପାନୀ ବାଣିଜ୍ୟରେ ବିଭିନ୍ନ ଚ୍ୟାଲେଞ୍ଜର ସାମ୍ନା କରୁଛନ୍ତି। କମ୍ପାନୀଗୁଡିକ ଲଗାତର କ୍ଷତିକୁ ସହ୍ୟ କରିବାକୁ ସକ୍ଷମ ହୋଇପାରୁ ନ ଥିବା ଦେଖାଯାଇଛି। ଏହା ପୂର୍ବରୁ ୪ ଚକିଆ ଯାନ ନିର୍ମାତା ମଧ୍ୟ ଅନ୍ୟ କମ୍ପାନୀ ସହ ଚୁକ୍ତିରେ ସାମିଲ ହେଉଥିବା ଦେଖାଯାଇଛି। ପ୍ରକ୍ରିୟା ସହ ଜଡ଼ିତ ଜଣେ ଅଧିକାରୀ କହିଛନ୍ତି, ହାର୍ଲେ ଡାଭିଡସନ ଭାରତରେ ସହୁଥିବା ବାଣିଜ୍ୟ କ୍ଷତିକୁ କମାଇବାକୁ ଯୋଜନା ହାତକୁ ନେଇଛି।

କରୋନାଜନିତ ଏହି କ୍ଷତି ଆହୁରି ବଢିଛି। ଏହାର ଭାରତ ବଜାର ଅପରେଶନ୍ସରୁ କର୍ମଚାରୀଙ୍କୁ ଛଟେଇ କରିବା ଦିଗରେ ମଧ୍ୟ ଏହା ଯୋଜନା ରଖିଛି। ହାର୍ଲେ ଡାଭିଡ୍‌ସନ ଏହାର ବାଣିଜ୍ୟ ପୁନର୍ଗଠନ ଯୋଜନା ଅନ୍ତର୍ଗତ ସାରା ବିଶ୍ୱ ବଜାରରେ ରହିଥିବା ଏହାର ଫାସିଲିଟିଗୁଡିକରେ ଖର୍ଚ୍ଚ କମାଇବାକୁ ଯୋଜନା ହାତକୁ ନେଉଛି ବୋଲି ସିଇଓ ଜେ.ଜେଇଜ ସୂଚନା ଦେଇଛନ୍ତି। ଏହା ସହ ନିଯୁକ୍ତି ହ୍ରାସ କରାଯିବା ସହ ବାଣିଜ୍ୟ ମଡେଲରେ ପରିବର୍ତ୍ତନ ଏବଂ ମାନୁଫାକ୍ଚରିଂ ଫାସିଲିଟି ବନ୍ଦ ନେଇ ସେ ସ୍ପଷ୍ଟ କରିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**

ଆଜି ଗୁରୁଚାନ୍ଦ୍ରୀ ଯୋଗ ପ୍ରଭାବରୁ ସକାଳୁ ସକାଳୁ ଅର୍ଥ ଲାଭ ସଙ୍ଗକୁ କାର୍ଯ୍ୟସିଦ୍ଧି ଘଟିବ। ବନ୍ଧୁମାନଙ୍କ ସହ ଶୁଭକାର୍ଯ୍ୟ ପରିପ୍ରେକ୍ଷୀରେ ସୁମଧୁର ଅନୁଭୂତିକୁ ନେଇ ଦିନଟିକୁ ବିତାଇବେ। କିନ୍ତୁ କୃତ୍ତିକା ନକ୍ଷତ୍ର ପାଇଁ ଗୃହ, ଭୂମି, ଗାଡିମୋଟର ପ୍ରଭୃତିକୁ କେନ୍ଦ୍ରକରି କଳହର ଆଶଙ୍କା ମଧ୍ୟ ରହିଛି।

**ବୃଷ**

ଭାଗ୍ୟସ୍ଥାନକୁ ଶୁକ୍ର ଦେଖୁଥିବାରୁ ପୂର୍ବ ପରିକଳ୍ପିତ ନୂତନ ଗୃହ, ଅନୁଷ୍ଠାନ,ବାଣିଜ୍ୟାରମ୍ଭ କରିପାରନ୍ତି। ଘରେ କିମ୍ବା ଅଫିସ୍‌ରେ ଅସାବଧାନତା ବଶତଃ କୌଣସି ମୂଲ୍ୟବାନ ଦ୍ରବ୍ୟ ନଷ୍ଟ ହୋଇପାରେ। ହଠାତ୍ ବାହାରକୁ ଯିବା ସମୟକୁ କୌଣସି ଦରକାରୀ କାଗଜ ପତ୍ର ନ ପାଇ ବ୍ୟସ୍ତ ହୋଇପାରନ୍ତି।

**ମିଥୁନ**

ମଙ୍ଗଳଙ୍କ ଦୃଷ୍ଟିରେ ବୁଧ ଥିବାରୁ ପାରିବାରିକ ଅସ୍ଥିରତାଜନିତ ମନ ଭଲ ରହିବ ନାହିଁ। ଅବଶ୍ୟ ବ୍ୟବସାୟିକ କ୍ଷେତ୍ରରେ ନିଜର ବୁଦ୍ଧିବଳ ଖଟାଇ ଅର୍ଥଲାଭ କରିବେ। ନୂତନ ବନ୍ଧୁ ସମ୍ପର୍କ ଯୋଡିବା ପାଇଁ ଚେଷ୍ଟା କଲେ ଉପକୃତ ହେବେ। କର୍ମକ୍ଷେତ୍ରରେ ସ୍ଥଗିତ କାମକୁ ପୂରା ଦମ୍‌ରେ କରିବା ପାଇଁ ନିଷ୍ପତ୍ତି ନେଇପାରନ୍ତି।

**କର୍କଟ**

ଚତୁର୍ଥ ଏକାଦଶାଧିପ ରାଶିରେ ଥିବାରୁ ଚେଷ୍ଟା ସଫଳ ହେବାରେ କୌଣସି ଅସୁବିଧା ହେବନାହିଁ। ଜଣେ ଅଜଣା ବ୍ୟକ୍ତିଙ୍କଠାରୁ କିଛି ଖବର ଆପଣଙ୍କୁ ସାହାଯ୍ୟ କରିବ। ବାଣିଜ୍ୟ, ବ୍ୟବସାୟ, ପରିବହନ, ସଭାସମିତି, ଆଇନ ଅଦାଲତ କ୍ଷେତ୍ରରୁ ସୁଫଳ ପାଇବେ।

**ସିଂହ**

ତୃତୀୟସ୍ଥ ବୁଧ ଷଷ୍ଠାଧିପତିଙ୍କ ଦୃଷ୍ଟିରେ ଥିବାରୁ ନିକଟସ୍ଥ ବ୍ୟକ୍ତି ବିଶେଷମାନେ ପରୋକ୍ଷ ସମାଲୋଚନା କରିପାରନ୍ତି। ତରବରିଆ ଯାତ୍ରାରୁ ଦୂରେଇ ରହିଲେ ଭଲ, ସତର୍କ ନ ରହିଲେ ସାଧାରଣ ଆଘାତ ଲାଗିପାରେ। ରଚନାତ୍ମକ କାମ, ଅଧ୍ୟୟନ ଓ ଅଧ୍ୟାପନାରେ ଉନ୍ନତି କରିବେ।

**କନ୍ୟା**

ମିତ୍ରକ୍ଷେତ୍ରସ୍ଥ ରାଶ୍ୟାଧିପ ହେତୁ କର୍ମକ୍ଷେତ୍ରରେ ଅନ୍ୟମାନଙ୍କ କଥାକୁ ଗ୍ରହଣ କରି ଉପକୃତ ହେବେ। ଆଜି ଯେଉଁଠାରୁ ଯାହା ପାଇବା ସକାଶେ ଆଶା ରଖିଛନ୍ତି, ତାହା ନିଶ୍ଚୟ ପାଇବେ। ଅନ୍ୟମାନଙ୍କ ଦ୍ୱାରା ସମ୍ପନ୍ନ କରାଯାଇଥିବା କାମଗୁଡିକର ସମୀକ୍ଷା କରି ବ୍ୟସ୍ତତା ଅନୁଭବ କରିପାରନ୍ତି।

**ତୁଳା**

ଶୁକ୍ରଙ୍କ ପ୍ରଭାବରୁ କର୍ମକ୍ଷେତ୍ରରେ ସମସ୍ୟାର ସରଳ ସମାଧାନ ହୋଇଯିବ। ଭୋଗବିଳାସରେ ସହକର୍ମୀଙ୍କ ହସ୍ତକ୍ଷେପ ଫଳରେ ବାଧାବିଘ୍ନ ଘଟିପାରେ। ଅଫିସ ଭିତରେ କିମ୍ବା ଆଜିର ଫେରନ୍ତା ରାସ୍ତାରେ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ। କଚେରି ମାମଲା ସକାଶେ ଚିନ୍ତା ବଢିପାରେ।

**ବିଛା**

ଦ୍ୱାଦଶଭାବକୁ ମଙ୍ଗଳ ଦେଖୁଥିବାରୁ ଆଜି ସକାଳୁ ସକାଳୁ ଦୂରଯାତ୍ରା କରିବାକୁ ପଡିପାରେ। ବ୍ୟବସାୟ ଓ ଶିଳ୍ପ, ବାଣିଜ୍ୟ କ୍ଷେତ୍ରରେ ସହଜ ଓ ସୁବିଧାରେ ଲକ୍ଷ୍ୟ ହାସଲ କରିବେ। କର୍ମକ୍ଷେତ୍ରରେ ପ୍ରତ୍ୟେକଙ୍କର ପ୍ରତ୍ୟେକ କଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡିପାରନ୍ତି।

**ଧନୁ**

ଆଜିର ଗ୍ରହଯୋଗରୁ ଦୀର୍ଘଦିନରୁ ପ୍ରତୀକ୍ଷିତ କାର୍ଯ୍ୟ ସକାଶେ ଆତ୍ମୀୟ ସ୍ୱଜନମାନଙ୍କ ଉପସ୍ଥିତି ଯୋଗୁଁ ଖୁସୀ ହେବେ। ସଭାସମିତିରେ କିମ୍ବା ଆଲୋଚନା ପରିସରରେ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ। ପାରିବାରିକ ଭୁଲ୍ ବୁଝାମଣା ହେତୁ ଅଭାବ ନ ଥିଲେ ମଧ୍ୟ ମାନସିକ ଅସ୍ଥିରତା ଲାଗି ରହିବ।

**ମକର**

ରାହୁଙ୍କ ସ୍ଥିତି ସୁସମ୍ପର୍କରେ ଭୁଲ୍ ବୁଝାମଣା ଜନିତ ଫାଟ ସୃଷ୍ଟି କରିପାରେ। ସାମାନ୍ୟ ବ୍ୟତିକ୍ରମ ଲାଗି ରହିଲେ ମଧ୍ୟ ବ୍ୟବସାୟ, ବାଣିଜ୍ୟ ଓ ପରିବହନରେ ଉନ୍ନତି ଘଟିବ। କୌଣସି ସମସ୍ୟାର ସମ୍ମୁଖୀନ ହୋଇ ନିର୍ମାଣାଧୀନ କାମଟି ଆଜି ସମ୍ପୂର୍ଣ୍ଣ କରିପାରିବେ ନାହିଁ।

**କୁମ୍ଭ**

ଶୁଭଭାବରେ ଶୁକ୍ର ହେତୁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇ କେତେକ କାମ ହାସଲ କରିବେ। ସ୍ୱାସ୍ଥ୍ୟରେ ଦ୍ରୁତ ଉନ୍ନତି ପରିଲକ୍ଷିତ ହେବା ସହ ବନ୍ଧୁମାନଙ୍କ ସହାନୁଭୂତି ଲାଭ କରିପାରନ୍ତି। ସାମୟିକ ଭାବପ୍ରବଣତାରେ ହଜି ନ ଯାଇ ନିଜକୁ ନିୟନ୍ତ୍ରଣ ମଧ୍ୟରେ ରଖିବା ପାଇଁ ଚେଷ୍ଟା କରନ୍ତୁ।

**ମୀନ**

ଆପଣ ଯେତେ ଭଲ କାମ କଲେ ମଧ୍ୟ ଅନ୍ୟମାନେ ଦୋଷ ଖୋଜି ବୁଲିବେ। ବ୍ୟବସାୟ ଓ କର୍ମକ୍ଷେତ୍ରରେ ତରବରିଆ ପଦକ୍ଷେପ ନିଅନ୍ତୁ ନାହିଁ। ନିଜ ଲୋକମାନଙ୍କ ଈର୍ଷାପରାୟଣତା ହେତୁ ବ୍ୟସ୍ତ ବିବ୍ରତ ହୋଇପାରନ୍ତି। ରେବତୀ ନକ୍ଷତ୍ର ସକାଶେ ବନ୍ଧୁ ସମ୍ପର୍କରେ କିଛିଟା ସମସ୍ୟା ସୃଷ୍ଟି ହୋଇପାରେ।

ଆଜି ଆଶ୍ୱିନ ମଳ ଶୁକ୍ଳପକ୍ଷ ନବମୀ ଶୁକ୍ରବାର, ସେପ୍ଟେମ୍ବର ୨୫ ତାରିଖ, ରାଶି ନକ୍ଷତ୍ର-ପୂର୍ବାଷାଢା/ଧନୁ, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ. ୦୫.୩୯ମି. ଗତେ ଘ.୦୬.୨୭ମି. ମଧ୍ୟେ, ଘ.୦୭.୧୫ମି. ଗତେ ଘ.୦୯.୩୮ମି. ମଧ୍ୟେ, ଘ.୧୨.୦୨ମି.ଗତେ ଘ.୦୩.୧୩ମି.ମଧ୍ୟେ, ଘ.୦୪.୦୦ମି. ଗତେ ଘ. ୦୫.୩୬ମି. ମଧ୍ୟେ, ସନ୍ଧ୍ୟା ଘ.୦୬.୨୪ମି. ଗତେ ଘ.୦୯.୩୭ମି. ମଧ୍ୟେ, ରାତ୍ରି ଘ.୧୨.୦୨ମି.ଗତେ ଘ.୦୧.୩୮ମି. ମଧ୍ୟେ, ଘ.୦୨.୨୭ମି. ଗତେ ଘ.୦୪.୦୩ମି.ମଧ୍ୟେ ଅମୃତ ବେଳା। ଦିବା ଘ.୧୦.୦୮ମି. ଗତେ ଘ.୧୧.୩୮ମି. ମଧ୍ୟେ ରାହୁକାଳ।


# classifieds
**Everyday 0674-2580101, 2549302**




**SALE**

Hyundai i20, Indica, Elentra 2005, Bolero-2011, Bolero-2018. Contact: 8249459742, 7381091234. D-69175




**SALE**

A commercial plot 2300 Sq.ft. for sale at Raghunathpur, Nandankanan Main Road, Bhubaneswar, Price - 92 lakhs. Contact: 7504392698. D-69760

Ready to move housing project Simplex, Duplex, flat available at Smartcity, Bhubaneswar (Nationalised Bank loan facilities). 9437677099. D-69165

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,20,000/-, ଅରଗୁଳ IIT 1200sqft. 1,32,000/- (Outright). 9348817649, 9348232008. D-69162

କଟକ- ଭୁବନେଶ୍ୱର Twincity ର middle pointରେ walkable distanceରେ ବାସୋପଯୋଗୀ ଘରବାରି plot ସୁଲଭମୂଲ୍ୟରେ କିଣନ୍ତୁ ଏବଂ ଗୃହନିର୍ମାଣ କରନ୍ତୁ। 9438362273. D-69169

ଢେଙ୍କାନାଳ ଗଁଦିଆଠାରୁ ଏକ କି.ମି ଦୂରରେ ଏ ୨.୧୪ ଡେସିମିଲ ଏବଂ ଏ. ୧.୧୯ ଡେସିମିଲ ପାଚେରି ସହିତ ଦୁଇଟି ଜାଗା ବିକ୍ରିହେବ। ଯୋଗାଯୋଗ। ୭୯୭୮୭୦୭୭୬୪, ୭୭୮୯୯୨୨୩୬୩. ଧ-୬୭୮୦

Booking open for 3BHK Luxurious & premium flat at Surya Nagar, Bhubaneswar, genuine buyer contact- DEEPAK- 9937329999. D-69916

ଭୁବନେଶ୍ୱର, ରଙ୍ଗବଜାର, 2nd BJEM School ନିକଟରେ ଅଗ୍ରିମ boundarywall, Electric ଏବଂ 30feet road sqft- 850/- ଦିଆଯାଉଅଛି। 7008045582, 9692003948. D-18355

Flat sale at Jaganathdham Puri Bed, Matress, AC, LED T.V, celling Diningset free. 7978230118, 9348332283, 9861593321. D-69166

Ready to move 2/3BHK flat for sale near Airport. It provided best amenities basic price @3000/- per sft. Puja Offer 100/- per sft. 9938569014, 9861433014. D-18276

BDA yellowzone commercial/ residential plot Pahal Jaganath Temple NH-16 30'road, (Ready for construction) sqft.1850/-, 2250/-, 9040033905, 9556492580, 6370719477. D-69167

ଫୁଲନଖରା- ନିଆଳି bypass roadରେ ଥିବା Synergy Engg. Collegeର ସମ୍ମୁଖରୁ walkable distanceରେ ପିଚୁରାସ୍ତାକୁ ଲାଗି ଘରବାରି boundary plot ଶସ୍ତାରେ କିଣନ୍ତୁ ଏବଂ ଗୃହ ନିର୍ମାଣ କରନ୍ତୁ। 6371200121. D-69170

**GENERAL**

**SALE**

1. Fully furnished Flat No. B-506, 5th Floor Gymkhana Palm Height near Sum Hospital, Bhubaneswar, Front South Facing Flat, 1911sqft. 3BHK attached 3 bath.
2. Verna Vehicle (Vehicle No. - OD02AX7761) Registered on 31.08.2018.
3. Bolero Pickup (Vehicle No. - OR02BZ9485) Registered on 28.08.2012.
4. Micra Vehicle (Vehicle No.- OR02BV1467) Registered on 21.01.2012. Contact No. 9873669329, 9437028801. D-18346




Rejuvenate and Ayurvedic full body massage by smart therapist. 9348123330. D-69759

Newly open SPA centre smart therapist full body massage: 8114970372. D-59964

Refresh your mind and soul with best therapy at Orchid Salon/ Spa, 9937287222. D-69546

Newly open SPA centre smart therapist full body massage: 7205187702. D-59963

Newly open full body massage SPA in Bhubaneswar. Contact: 7205058838. D-69758

Herbal full body massage by smart / expert therapist. Contact: 8338067247. D-69752

Newly open SPA centre smart therapist full body massage: 7846814019. D-59962

Get refreshment body massage by expert therapist contact for. 9556978408. D-69755

Swarna SPA newly open positively health benefits with expert therapist. 7873794731. D-69756

Get good massage for your health the best therapy SPA Station. 7655024727, 8118079281. D-69542


## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୨୫ ସେପ୍ଟେମ୍ବର, ୨୦୨୦



### ଟ୍ରକ୍ ଧକ୍କାରେ ବାଇକ୍ ଚାଳକଙ୍କ ମୃତ୍ୟୁ

**ଝାଁଳା, (ଡି.ଏନ.ଏ):** ଝାଁଳା ଫାଣ୍ଡି ଅଧୀନ ତଳଖେତା ଛକ ନିକଟରେ ଗୁରୁବାର ଟ୍ରକ୍ ଧକ୍କାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ନୟାଗଡ଼ ଜିଲା ନୂଆଗାଁ ଗ୍ରାମର ପ୍ରସନ୍ନ କୁମାର ପରିଡ଼ା। ସୂଚନା ମୁତାବକ, ତଳଖେତା ଛକ ନିକଟରେ ଅଣ୍ଡରପାସ୍ ନିର୍ମାଣ କାର୍ଯ୍ୟ ଚାଲିଥିବାରୁ ରାସ୍ତା ସଙ୍କୁଚିତ ଅବସ୍ଥାରେ ଥିବାରୁ ବାଇକ୍ ପଛକୁ ଏକ ଟ୍ରକ୍ ଧକ୍କା ଦେଇଥିଲା। ପୋଲିସ ଗୁରୁତର ଅବସ୍ଥାରେ ପ୍ରସନ୍ନଙ୍କୁ ଖୋର୍ଦ୍ଧା ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଟ୍ରକ୍‌କୁ ଜବତ କରିବା ସହ ଡ୍ରାଇଭରଙ୍କୁ ଅଟକ ରଖି ତଦନ୍ତ ଚଳାଇଛି।

# ସ୍ୱାଭାବିକ ହେଉଛି ସ୍ଥିତି, କର୍ମସ୍ଥଳୀମୁହାଁ ପ୍ରବାସୀ

ଭୁବନେଶ୍ୱର,୨୪।୯(ବ୍ୟୁରୋ)

## ଗୁଜରାଟକୁ ଯାଉଛନ୍ତି ସର୍ବାଧିକ ଶ୍ରମିକ

ଦେଶରେ କରୋନା ସଂକ୍ରମଣ ବଢୁଥିଲେ ମଧ୍ୟ ଜୀବନଜୀବିକା ଓ ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱ ଦିଆଯାଉଛି। ଏକ୍ଷେତ୍ରରେ ଧୀରେ ଧୀରେ ସ୍ଥିତି ସ୍ୱାଭାବିକ ହେଉଥିବାରୁ ଲକ୍‌ଡାଉନ୍ ଓ ଶଟ୍‌ଡାଉନ୍ ଯୋଗୁ ବିଭିନ୍ନ ରାଜ୍ୟରୁ ଓଡ଼ିଶା ଫେରିଥିବା ପ୍ରବାସୀ ଶ୍ରମିକମାନେ ପୁଣିଥରେ ନିଜ କର୍ମସ୍ଥଳୀମୁହାଁ ହୋଇଛନ୍ତି। ବିଶେଷକରି ଗୁଜରାଟର ସୁରଟ ଓ ଅହମ୍ମଦାବାଦକୁ ଏବେ ଓଡ଼ିଶାର ଅଧିକାଂଶ ଶ୍ରମିକ ଯାଉଥିବା ଦେଖିବାକୁ ମିଳିଛି। ପୂର୍ବତଟ ରେଳପଥ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଗୁଜରାଟକୁ ଚଳାଚଳ କରୁଥିବା ସ୍ୱତନ୍ତ୍ର ଟ୍ରେନ୍‌ଗୁଡ଼ିକରେ ସର୍ବାଧିକ ଯାତ୍ରୀ ଯାତାୟତ କରୁଛନ୍ତି। ସପ୍ତାହକୁ ୪ ଯୋଡ଼ା ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରୁଥିଲେ ମଧ୍ୟ ଏହି ଟ୍ରେନଗୁଡ଼ିକରେ ମାତ୍ରାଧିକ ପ୍ରତୀକ୍ଷା ସୂଚୀ ରହୁଥିବା କୁହାଯାଉଛି।

ଦୀର୍ଘଦିନ ଧରି କରୋନାଜନିତ ସଂକଟ ଭିତରେ ହନ୍ତସନ୍ତ ହେଉଥିବାରୁ ରୋଜଗାର ପାଇଁ କର୍ମସ୍ଥଳକୁ ଫେରିଯାଉଛନ୍ତି। ପାଖରେ ଯାହାକିଛି ଅର୍ଥ ଥିଲା, ତାହା ସରିଯାଇଛି। ଏବେ ସେମାନଙ୍କ ପରିବାରରେ ଆର୍ଥିକ ସମସ୍ୟା ମଧ୍ୟ ଉପୁଜିବାରେ ଲାଗିଛି। ଜୀବନ ପ୍ରତି ବିପଦ ଆଶଙ୍କା ରହୁଥିଲେ ମଧ୍ୟ ଜୀବିକା ବଞ୍ଚାଇବା ବର୍ତ୍ତମାନ ସେମାନଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ହୋଇଛି। କାରଣ ରାଜ୍ୟ ସରକାର ସେମାନଙ୍କୁ ଜୀବିକା ଯୋଗାଇବାରେ ପଦକ୍ଷେପ ନେଉଥିଲେ ମଧ୍ୟ କରୋନା ପରିସ୍ଥିତିରେ ସମସ୍ତ ପ୍ରବାସୀଙ୍କୁ କାମ ଯୋଗାଇବା ପାଇଁ ସମୟ ଲାଗୁଛି। ତେଣୁ ଗଞ୍ଜାମ ସହ ଅନ୍ୟ ଜିଲାର ଲକ୍ଷାଧିକ ଶ୍ରମିକ ଏବେ ରାଜ୍ୟ ଛାଡ଼ିବାକୁ ବାଧ୍ୟ ହେଉଛନ୍ତି। କେବଳ ସୁରଟରୁ ପ୍ରାୟ ୩ ଲକ୍ଷ ପ୍ରବାସୀ ଓଡ଼ିଶା ଫେରିଥିଲେ। ଏମାନେ ସାଧାରଣତଃ ସେଠାକାର ବିଭିନ୍ନ ସୂତାକଳରେ କାମ କରିଥାନ୍ତି। କୁଶଳୀ ହୋଇଥିବାରୁ ମାସିକ ରୋଜଗାର ବି ଆଖିଦୃଶିଆ ଥାଏ। ହେଲେ ଓଡ଼ିଶାରେ ସେମାନଙ୍କ ପାଇଁ ସେପରି ସୁଯୋଗ ନାହିଁ। ପୁଣି କେତେକସ୍ଥଳେ ସେମାନେ କାମ କରୁଥିବା କମ୍ପାନୀର ମାଲିକମାନେ ଅଧିକ ଦରମା ଲୋଭ ଦେଖାଇବା ସହ ବସ୍ ଭଡ଼ା କରି ସେମାନଙ୍କୁ ନେବାର ବ୍ୟବସ୍ଥା କରୁଛନ୍ତି। ଅନ୍ୟାନ୍ୟ ଯାତାୟାତ ଖର୍ଚ୍ଚ ଦେବାସହ କାମ ଦେବାର ପ୍ରତିଶ୍ରୁତି ଦେଉଛନ୍ତି। ତେଣୁ ତେଣୁ ପ୍ରବାସୀ ଓଡ଼ିଆ ଶ୍ରମିକମାନେ ଭିଟାମାଟି ଛାଡ଼ି ବାହାର ରାଜ୍ୟମୁହାଁ ହୋଇଛନ୍ତି। କେବଳ ରେଳପଥ ନୁହେଁ, ସଡ଼କପଥରେ ବିଭିନ୍ନ ପରିବହନ ମାଧ୍ୟମରେ ଜୀବନକୁ ବିପଦରେ ପକାଇ କାମ ଖୋଜିବାକୁ ବାହାରୁଛନ୍ତି।

# ଗଞ୍ଜାମକୁ ଟପିଲା ଭୁବନେଶ୍ୱର

ଭୁବନେଶ୍ୱର, ୨୪।୯ (ବ୍ୟୁରୋ)

## ଆଉ ୩୪୯ ସଂକ୍ରମିତ, ୩୭୩ ସୁସ୍ଥ

ଭୁବନେଶ୍ୱରରୁ ଗୁରୁବାର ୩୪୯ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବା ବେଳେ ୩୭୩ଜଣ ସୁସ୍ଥ ହୋଇଛନ୍ତି। ପଜିଟିଭଙ୍କ ମଧ୍ୟରେ ସଙ୍ଗରୋଧରୁ ୧୨୦ ଓ ସ୍ଥାନୀୟ ଅଞ୍ଚଳରୁ ୨୨୯ଜଣ ଚିହ୍ନଟ ହୋଇଛନ୍ତି। ଫଳରେ ନୂଆ ଆକ୍ରାନ୍ତଙ୍କୁ ମିଶାଇ ଭୁବନେଶ୍ୱର ଗଞ୍ଜାମ ଜିଲାକୁ ପଜିଟିଭ୍ ଚିହ୍ନଟ ସଂଖ୍ୟାରେ ଅତିକ୍ରମ କରିଥିବା ଜଣାପଡ଼ିଛି। ଭୁବନେଶ୍ୱରରେ ଏବେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୯୮୯୩ ଥିବାବେଳେ ଗଞ୍ଜାମରେ ୧୯୮୭୧ଜଣ ପଜିଟିଭ୍ ଚିହ୍ନଟ ହୋଇଥିବା ମିଳିଥିବା ତଥ୍ୟରୁ ଜଣାପଡ଼ିଛି।


ଗୁରୁବାର ଭୁବନେଶ୍ୱରର ବିଭିନ୍ନ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବା ଆକ୍ରାନ୍ତଙ୍କ ମଧ୍ୟରୁ ଚକେଇସିଆଣି ୬, ୟୁନିଟ-୮ ୧୨, କୋଳଥିଆ ୫, ମଞ୍ଚେଶ୍ୱର ଓ ନୟାପଲ୍ଲୀରୁ ୭ଲେଖାଏ, ପଟିଆ ଓ ଚନ୍ଦ୍ରଶେଖରପୁର ଅଞ୍ଚଳରୁ ୫ଜଣ ଲେଖାଏ ରହିଛନ୍ତି। ନୟାପଲ୍ଲୀରୁ ୧୩ଜଣଙ୍କ ରିପୋର୍ଟ ପଜିଟିଭ ଆସିଥିବାବେଳେ ରସୁଲଗଡ଼ରୁ ୧୨ଜଣ, ଝାରପଡ଼ାରୁ ୯ଜଣ, ପୁରୁଣା ଭୁବନେଶ୍ୱରରୁ ୧୧ଜଣ, ପଟିଆରୁ ୯ଜଣ, ଶୈଳଶ୍ରୀ ବିହାରରୁ ୭ଜଣ, ଶହୀଦ ନଗରରୁ ୧୧ଜଣ ଚିହ୍ନଟ ହୋଇଛନ୍ତି। ଏଯାବତ୍ ଭୁବନେଶ୍ୱରରୁ ୧୬,୧୧୯ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ଏବେ ୩,୬୮୩ ଜଣ ଆକ୍ରାନ୍ତ ସକ୍ରିୟ ଅଛନ୍ତି ଓ ୭୬ ଜଣଙ୍କର ମୃତ୍ୟୁ ଘଟିଛି।

# ଖୋର୍ଦ୍ଧା: ୧୦ଗ୍ରାମ, ୩ ୱାର୍ଡ ଆବଦ୍ଧାଞ୍ଚଳ

**ଖୋର୍ଦ୍ଧା ଅଫିସ,୨୪।୯:** ଖୋର୍ଦ୍ଧା ଉପଖଣ୍ଡରେ କରୋନା ସଂକ୍ରମଣ ରୋକିବା ଲାଗି ପ୍ରଶାସନ ପକ୍ଷରୁ ବହୁ ପଦକ୍ଷେପ ନିଆଯାଉଛି। ଗୁରୁବାର ବାଣପୁର, ଚିଲିକା ବ୍ଲକର ୧୦ଟି ଗ୍ରାମ ଏବଂ ଖୋର୍ଦ୍ଧା ପୌର ପରିଷଦର ୩ଟି ୱାର୍ଡକୁ ଆବଦ୍ଧାଞ୍ଚଳ କରାଯାଇଛି। ବାଣପୁର ବ୍ଲକର ପଦ୍ମପୁର, ଗମ୍ଭାରୀମୁଣ୍ଡା, ହରିଚନ୍ଦନପୁର, କୁଲେଇ, ଭୁଷ୍ଣାପଡା, ପାଲଢୁଆପଲୀ ଆଦି ଗ୍ରାମକୁ ୭ଦିନ ପର୍ଯ୍ୟନ୍ତ ଆବଦ୍ଧାଞ୍ଚଳ କରାଯାଇଛି। ସେହିପରି ଚିଲିକା ବ୍ଲକର ସୋରଣ ପଞ୍ଚାୟତର ହନୁମନ୍ତ ଗ୍ରାମର ୱାର୍ଡ ନଂ.୧, ଅଖୁପୋଖରା, ବଂଶମୂଳ, ନାଲିଗାଡିଆ ଏବଂ ଖୋର୍ଦ୍ଧା ପୌର ପରିଷଦ ଗୁରୁଜଙ୍ଗ ଅଞ୍ଚଳର ୱାର୍ଡ ୧୮ର ୨ଟି ସାହି ଏବଂ ୧୯ନଂ. ୱାର୍ଡର ନନ୍ଦସାହି ସାହିକୁ ୧୦ଦିନ ପର୍ଯ୍ୟନ୍ତ ଆବଦ୍ଧାଞ୍ଚଳ କରାଯାଇଛି ବୋଲି ଉପଜିଲାପାଳ ଅଶୋକ ବେହୁରିଆ ଟୁଇଟ ମାଧ୍ୟମରେ ଜଣାଇଛନ୍ତି।

# ପିକେଡିଏ ସଚିବଙ୍କୁ ଆକ୍ରମଣ ଘଟଣା: ୩ଜଣଙ୍କ ନାଁରେ ମାମଲା

**ପୁରୀ ଅଫିସ,୨୪।୯:** ପୁରୀ-କୋଣାର୍କ ଉନ୍ନୟନ କର୍ତ୍ତୃପକ୍ଷ (ପିକେଡିଏ) ସଚିବଙ୍କ ସମେତ ଅନ୍ୟ କେତେଜଣ ସରକାରୀ କର୍ମଚାରୀଙ୍କୁ ଗାଳିଗୁଲଜ ସହ ଆକ୍ରମଣ ଘଟଣାରେ ଗୁରୁବାର ତାଳବଣିଆ ଥାନା ପୋଲିସ ମାମଲା ରୁଜୁ କରିଛି। ପିକେଆର୍‌ଆଇଟି କଲୋନୀର ଶିବପ୍ରସାଦ ଶତପଥୀ ଏବଂ ତାଙ୍କ ପରିବାର ଅନ୍ୟ ୨ ଜଣଙ୍କ ନାମରେ ମାମଲା (ନଂ.୧୪୫/୨୦) ରୁଜୁ କରାଯାଇଛି। ଅଭିଯୋଗ ଅନୁଯାୟୀ, ପିକେଡିଏ ସଚିବ ଲଲାଟେନ୍ଦୁ ସାହୁଙ୍କ ନେତୃତ୍ୱରେ କେତେଜଣ କର୍ମଚାରୀ, ପୁରୀ ତହସିଲଦାର ଏବଂ ଜଣେ ମହିଳା ରାଜସ୍ୱ ନିରୀକ୍ଷକ ପିକେଡିଏ ଜାଗାର ମାପଚୁପ ଲାଗି ବୁଧବାର ପିକେଆର୍‌ଆଇଟି କଲୋନୀକୁ ଯାଇଥିଲେ। ସେଠାରେ ଉକ୍ତ କଲୋନୀର ଶିବପ୍ରସାଦ, ତାଙ୍କ ପରିବାରର ଅନ୍ୟ ୨ଜଣ ପହଞ୍ଚି ଗାଳିଗୁଲଜ ଓ ଆକ୍ରମଣ କରିବା ସହ ହତ୍ୟା ଧମକ ଦେଇଥିଲେ। ସେମାନେ ରାଜସ୍ୱ ନିରୀକ୍ଷକଙ୍କ ପ୍ରତି ଖରାପ ବ୍ୟବହାର କରିଥିବା ଅଭିଯୋଗପତ୍ରରେ ଦର୍ଶାଯାଇଥିଲା।



ପୁରୀ ଶ୍ରୀମନ୍ଦିର ପଶ୍ଚିମ ଦ୍ୱାରରେ ଥିବା ଲାଲମୋହରିଆ କୋଠାକୁ ଗୁରୁବାର ପ୍ରଶାସନ ପକ୍ଷରୁ ଭଙ୍ଗାଯାଉଛି।

# ନାବାଳିକାଙ୍କୁ ଅପହରଣ ପରେ ବଳାତ୍କାର

## ଅଭିଯୁକ୍ତ ଗିରଫ, ଭୁବନେଶ୍ୱରରୁ ନାବାଳିକା ଉଦ୍ଧାର

କଟକ ଅଫିସ,୨୪।୯

ନାବାଳିକାଙ୍କୁ ଅପହରଣ ପରେ ବଳାତ୍କାର କରିବା ଘଟଣାରେ ମଧୁପାଟଣା ଥାନା ପୋଲିସ ଗୁରୁବାର ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ନୟାଗଡ଼ ଜିଲା ଓଡ଼ଗାଁ ଅଞ୍ଚଳର ସଞ୍ଜୟ ନାୟକ(୧୯)। ଭୁବନେଶ୍ୱର କଳିଙ୍ଗନଗର ଅଞ୍ଚଳରୁ ନାବାଳିକାଙ୍କୁ ଉଦ୍ଧାର କରାଯାଇଛି। ଏ ନେଇ ଥାନାରେ ଆଇପିସି ୩୬୩, ୩୬୬, ୩୭୬(୩), ପକ୍ସୋ ଆକ୍ଟ-୬ ଅନୁଯାୟୀ ଏକ ମାମଲା (ନଂ.୧୬୭/୨୦) ରୁଜୁ ହୋଇଛି ବୋଲି ଡିସିପି ପ୍ରତୀକ ସିଂ କହିଛନ୍ତି। ସୂଚନା ମୁତାବକ, କଟକ ଖପୁରିଆ ଅଞ୍ଚଳର ଜଣେ ୧୪ବର୍ଷର ବାଳିକା ଗତ ୧୨ତାରିଖ ଅପରାହ୍ନ ପ୍ରାୟ ୪ଟାରେ ସାଇକେଲ ନେଇ ଘରୁ ଆସିଥିଲେ। ମାତ୍ର ସେ ଆଉ ଫେରି ନ ଥିଲେ। ଏନେଇ ତାଙ୍କ ବାପା ଥାନାରେ ଏତଲା ଦେଇଥିଲେ। ପୋଲିସ ରାଜ୍ୟର ବିଭିନ୍ନ ଥାନାକୁ ନାବାଳିକାଙ୍କ ଫଟୋ ପଠାଇବା ସହ ତଦନ୍ତ ଆରମ୍ଭ କରିଥିଲା ବୋଲି ଥାନାଧିକାରୀ ତୁଷାରକାନ୍ତ ସେଠୀ କହିଛନ୍ତି। ଅଭିଯୁକ୍ତ ଜଣଙ୍କ ଭୁବନେଶ୍ୱରରେ ଥିବା ପୋଲିସ ଜାଣିବାକୁ ପାଇଥିଲା। ପୋଲିସ ଚଢ଼ାଉ କରି ନାବାଳିକାଙ୍କୁ ଉଦ୍ଧାର କରିଥିବା ବେଳେ ମଧୁପାଟଣା ଅଞ୍ଚଳର ଜଣେ ସମ୍ପର୍କୀୟଙ୍କ ଘରୁ ସଞ୍ଜୟଙ୍କୁ ଗିରଫ କରିଥିଲା। ଉଭୟଙ୍କର ଡାକ୍ତରୀ ମାଇନା କରାଯାଇଛି। ନାବାଳିକାଙ୍କୁ ଶିଶୁ ମଙ୍ଗଳ କମିଟିରେ ହାଜର କରାଯାଇ ସିଆରପିସିର ୧୬୪ ଧାରାରେ ବୟାନ ରେକର୍ଡ କରାଯାଇଛି।

**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ.MCSW-EARS-CCTV-20-21-06

**କାର୍ଯ୍ୟର ନାମ :** ରେଳ ଡବା ମରାମତି କାରଖାନା, ମଞ୍ଚେଶ୍ୱର ଠାରେ CCTV ନିରୀକ୍ଷଣ ପ୍ରଣାଳୀ ସହିତ ଇଲେକ୍ଟ୍ରୋନିକ୍ ଉପସ୍ଥାନ ରେକର୍ଡିଂ ସିଷ୍ଟମ୍ (Electronic Attendance Recording System) ନିମନ୍ତେ ବ୍ୟାପକ ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି।

**ବିଜ୍ଞାପିତ ମୂଲ୍ୟ(ଟଙ୍କାରେ):** 2,71,400/-, EMD/ବିଡ୍ ସିକ୍ୟୁରିଟି (ଟଙ୍କାରେ): 5,400/-, ଶେଷ ହେବା ଅବଧି: 12 ମାସ।

ବିଡ୍ ଆରମ୍ଭ ହେବା ତାରିଖ : ତା.30.09.2020ରିଖ, **ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.14.10.2020 ରିଖ 1500 ଘଟିକାରେ।

ଏହି ଟେଣ୍ଡର ସମ୍ପର୍କରେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।

ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଶୁଦ୍ଧିପତ୍ର www.ireps.gov.in ରେ ଉପଲବ୍ଧ ଅଟେ।

ଡେପୁଟି ଚିଫ୍ ମେକାନିକାଲ ଇଂଜିନିୟର(P), ରେଳ ଡବା ମରାମତି କାରଖାନା/ମଞ୍ଚେଶ୍ୱର

PR-270/L/20-21

**ADMISSION NOTICE - 2020**

DIRECTORATE OF DISTANCE & CONTINUING EDUCATION

**D.D.C.E., UTKAL UNIVERSITY**
**BHUBANESWAR-751007**
NAAC Accredited A+
Admn Advt-1
**COURSES OFFERED**

**DISTANCE MODE** — Online Admission

Management Courses
- Master of Business Administration (MBA)
- BBA / IMBA
- Post Graduate Diploma in Mgt. :
  - Human Resource
  - Marketing
  - Production & Operation
  - Finance
  - Tour & Travel
  - Agri Business
  - Ditetics & Nutrition
  - Public Policy

Graduate Courses
- BA (HONS.)
- B.COM. (HONS.)

Post Graduate Courses)
- MSW
- M.Com.
- MA in Public Admn.
- MA in History
- MA in Pol.Science
- MA in Sanskrit
- MA in Education
- MA in English
- MA in Odia
- MA in Sociology
- MA in Economics
- MA in Hindi

**FACE TO FACE MODE** — Online Test and Rolling Admission.

Management Courses
- Master of Business Administration (MBA) (Evening)
- P.G.Dip. in Banking & Insurance Mgt. (PGDBIM) (Morning)

Computer Science Courses
- MCA (3 Yrs.)
- MCA (2 Yrs) LE
- M.Sc. Comp. Sc.
- M.Sc. IT
- M.Sc. I T&M

Last Date of Admission : 22.10.2020
APPLY ONLINE (for all courses) : visit www.ddceutkal.ac.in
(FOR ELIGIBILITY, FEE STRUCTURE, SELECTION PROCESS AND IMPORTANT DATE LINES VISIT OUR WEBSITE .

DIRECTOR

# କରୋନା ଆକ୍ରାନ୍ତ ଖବରଦାତା, ଫୁଟବଲ ରେଫରିଙ୍କ ମୃତ୍ୟୁ

**ଖୋର୍ଦ୍ଧା ଅଫିସ/ ଜଟଣୀ,୨୪।୯ (ଡି.ଏନ୍.ଏ.):** କରୋନାରେ ଆକ୍ରାନ୍ତ ଖବରଦାତା ପ୍ରତାପ ଦାସଙ୍କ ଗୁରୁବାର ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ଘଟିଛି। ସେ ଦୀର୍ଘଦିନ ଧରି ଏକ ଛାପା ଗଣମାଧ୍ୟମରେ ଖୋର୍ଦ୍ଧା ପ୍ରତିନିଧିଭାବେ କାର୍ଯ୍ୟ କରୁଥିଲେ। ବୁଧବାର ରିପୋର୍ଟ ପଜିଟିଭ୍ ଆସିବା ପରେ ସେ ଭୁବନେଶ୍ୱରର ଏକ ଘରୋଇ କୋଭିଡ୍ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି ବୋଲି ପରିବାର ଲୋକେ କହିଛନ୍ତି। କୋଭିଡ୍ ଗାଇଡ୍‌ଲାଇନ ଅନୁଯାୟୀ ସତ୍ୟନଗର ଶ୍ମଶାନରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଛି। ଖୋର୍ଦ୍ଧା ଜିଲା ସାମ୍ବାଦିକ ସଂଘ, ଓୟୁଜେ, ଓୟୁଡବ୍ଲ୍ୟୁଜେ, ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ସରକାରଙ୍କ ନିର୍ଦ୍ଦେଶାନାମା ଅନୁଯାୟୀ ପ୍ରତାପଙ୍କ ପରିବାରକୁ ୧୫ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ଦାବି ହୋଇଛି। ସେହିପରି କରୋନାରେ ଆକ୍ରାନ୍ତ କ୍ରୀଡ଼ାବିତ୍ ତଥା ଜାତୀୟସ୍ତରର ଫୁଟବଲ ରେଫରି ଶିବପ୍ରସାଦ ଦାସଙ୍କ ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ବିଳମ୍ବିତ ରାତିରେ ପରଲୋକ ଘଟିଛି। ତାଙ୍କୁ ୪୯ବର୍ଷ ହୋଇଥିଲା। ଜଟଣୀସ୍ଥିତ ରେଲୱେ ହସ୍ପିଟାଲରେ ଅଫିସ୍ ସୁପରିଣ୍ଟେଣ୍ଡେଣ୍ଟ ଭାବେ ସେ କାର୍ଯ୍ୟ କରୁଥିଲେ। ଏହା ସହିତ ଖୋର୍ଦ୍ଧାରୋଡ଼ ରେଲୱେ କ୍ରୀଡା ସଙ୍ଗଠନର ସକ୍ରିୟ ସଦସ୍ୟ ଥିଲେ। ବହୁ ଯୁବକଙ୍କୁ ଫୁଟବଲ ଖେଳ ଓ ରେଫ୍‌ରି ତାଲିମ ପ୍ରଦାନ କରି ଉତ୍ସାହିତ କରୁଥିଲେ।

# ପୁରୀ: ୯,୦୭୪ ଛୁଇଁଲା ପଜିଟିଭ ସଂଖ୍ୟା, ଆଉ ୪ ମୃତ

**ପୁରୀ ଅଫିସ,୨୪।୯:** ପୁରୀ ଜିଲାରେ କରୋନା ସଂକ୍ରମଣ ଏବେ ଦ୍ରୁତଗତିରେ ମାଡୁଛି। ଗୁରୁବାର ୨୦୩ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେହିପରି ପୁଣି ୪ ଜଣଙ୍କ ଜୀବନ ନେଇଛି ଏହି ମହାମାରୀ। ନୂଆ ଆକ୍ରାନ୍ତଙ୍କୁ ମିଶାଇ ଜିଲାର ମୋଟ ପଜିଟିଭ ସଂଖ୍ୟା ୯,୦୭୪ରେ ପହଞ୍ଚିଛି। ଏମାନଙ୍କ ମଧ୍ୟରୁ ୭,୨୯୬ ଜଣ ସୁସ୍ଥ ହୋଇଥିବାବେଳେ ୧,୭୩୫ ଜଣ ଚିକିତ୍ସାଧୀନ ଅଛନ୍ତି। ଏ ପର୍ଯ୍ୟନ୍ତ କରୋନାରେ ଜିଲାର ୪୪ ଜଣଙ୍କ ମୃତ୍ୟୁ ଘଟିଲାଣି। ସେହିପରି ବର୍ତ୍ତମାନ ସୁଦ୍ଧା ଜିଲାରୁ ମୋଟ ୮୪,୯୨୫ କୋଭିଡ୍ ପରୀକ୍ଷା କରାଯାଇଛି। ସୁସ୍ଥ ହାର ରହିଛି ୮୦.୪୦ ପ୍ରତିଶତ। ଏବେ ଜିଲାର ବିଭିନ୍ନ ସ୍ଥାନରେ ୨୬ଟି କଣ୍ଟେନମେଣ୍ଟ ଜୋନ ବଳବତ୍ତର ରହିଥିବାବେଳେ ୧୯୪ଟିକୁ ବନ୍ଦ କରାଯାଇଛି। କଣାସ ବ୍ଲକରେ ସର୍ବାଧିକ ୨୦, ନିମାପଡ଼ାରେ ୫ ଏବଂ ସତ୍ୟବାଦୀ ବ୍ଲକରେ ଗୋଟିଏ କଣ୍ଟେନମେଣ୍ଟ ଜୋନ ରହିଛି।

**ODISHA PUBLIC SERVICE COMMISSION**

**NOTICE**

**No. 4777/PSC** **Dt.24.09.20**

No. D-65: It is for information of all concerned that, the written exam. for recruitment to the Post of **Assistant Law Officer,** Group-B under Law Deptt. pursuant to Advt. No. 07 of 2019-20 will be held from **13.10.2020 to 16.10.2020** at **Saraswati Sishu Vidya Mandir, Tulasipur, Cuttack** as per the following programme.

**TIME TABLE**

| DATE / DAY | FORENOON SESSION | AFTERNOON SESSION |
|---|---|---|
| COMPULSORY PAPERS | | |
| | Time: 9.00 A.M. to 11.30 P.M. | Time: 2.00 P.M. to 4.30 P.M. |
| 13.10.2020 Tuesday | Paper - I (GENERAL ENGLISH) | Paper - II (PROCEDURAL LAWS) |
| OPTIONAL PAPERS | | |
| | Time: 9.00 A.M. to 12.00 Noon | Time: 2.00 P.M. to 5.00 P.M. |
| 14.10.2020 Wednesday | CRIMINAL LAWS | PERSONAL LAWS |
| 15.10.2020 Thursday | LAW OF PROPERTY | LAW OF CONTRACT & TORTS |
| 16.10.2020 Friday | COMMERCIAL LAW | |

**N.B.:** All persons with disability (Candidates) will be given 50 minutes extra in each sitting i.e. from 9.00 A.M. to 12.20 P.M. & 2.00 P.M. to 5.20 P.M. in Compulsory Papers and 60 minutes extra in each sitting i.e. from 9.00 A.M. to 1.00 P.M. & 2.00 P.M. to 6.00 P.M. in Optional Papers.

2. **"Admission Certificate"** of the concerned eligible candidates and **"Instruction to Candidates"** will be available in the website of OPSC later on. The candidates are required to download their "Admission Certificate" & "Instruction to Candidates" from the website of the Commission at **http://opsc.gov.in** for admission to the examination centre.

3. The candidates are advised to visit the website of the Commission at **http://opsc.gov.in**.

Sd/- Secretary
OIPR-12002/11/0033/2021

# ବନ୍ଧୁକ ଦେଖାଇ ଜମି ହଡ଼ପ, ଜଣେ ଗିରଫ

## ସରକାରୀ ଜମି ବିକି ଅର୍ଥ ଆଦାୟ କରୁଥିଲେ

**ଭୁବନେଶ୍ୱର,୨୪।୯(ବ୍ୟୁରୋ):** ରାଜଧାନୀ ଉପକଣ୍ଠରେ ଥିବା ସରକାରୀ ଜମିକୁ ବିକ୍ରି କରି ଠକେଇ କରିବା ସହ ବଳପୂର୍ବକ ନିରୀହ ଲୋକଙ୍କୁ ବନ୍ଧୁକ ଦେଖାଇ ଜମି ଅକ୍ତିଆର କରୁଥିବା ଅଭିଯୁକ୍ତଙ୍କୁ ତମାଣ୍ଡୋ ଥାନା ପୋଲିସ ଗିରଫ କରିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ପାତ୍ରପଡା ଅଞ୍ଚଳର ମୃତ୍ୟୁଞ୍ଜୟ ପାଟଶାଣୀ। ପୋଲିସ ନଂ. ୧୨୩/୨୦ରେ ମାମଲା ରୁଜୁ କରିଛି। ସୂଚନା ମୁତାବକ, ମୃତ୍ୟୁଞ୍ଜୟ ଓ ତାଙ୍କର ସମ୍ପର୍କୀୟମାନେ ୨୦ ବର୍ଷ ଧରି ଜମି ଦଲାଲ କାର୍ଯ୍ୟ କରୁଥିଲେ। ଏଥିସହ ପାତ୍ରପଡା, ଆଇଗିଣିଆ ଫୁଲେଶ୍ୱର ବସ୍ତି, ତମାଣ୍ଡୋ, କଳିଙ୍ଗ ବିହାର ଅଞ୍ଚଳରେ ଥିବା ସରକାରୀ ଜମିକୁ ଟାର୍ଗେଟ କରୁଥିଲେ। ରାଜଧାନୀ ବାହାରୁ ଆସୁଥିବା ଲୋକଙ୍କୁ ସ୍ୱଳ୍ପ ମୂଲ୍ୟରେ ଜମି ଯୋଗାଇଦେବା ଆଳରେ ସରକାରୀ ଜମିକୁ ଜାଲ କାଗଜପତ୍ର କରି ବିକ୍ରି କରୁଥିଲେ। ପରେ ସେମାନେ ଠକେଇର ଶିକାର ହେବା ଜାଣି ମୃତ୍ୟୁଞ୍ଜୟଙ୍କୁ ପଚାରିଲେ ନାନା ଧମକ ଦେଇ ସେ ବିଦା କରିଦେଉଥିଲେ। ତମାଣ୍ଡୋ ମୌଜାରେ ରହୁଥିବା ରାକେଶ ବଳଙ୍କ ପ୍ଲଟ ନଂ ୩୫୮/୪୭୫ ଓ ୩୫୮/୪୮୨ରେ ମୃତ୍ୟୁଞ୍ଜୟ ବଳପୂର୍ବକ ଇଟା ବାଲି ପକାଇ ପାଚେରି କରି ଅକ୍ତିଆର କରୁଥିଲେ। ଏହି କଥା ଜାଣି ଗୁରୁବାର ରାକେଶ, ତାଙ୍କ ପିତା ଓ ଭାଇ ପହଞ୍ଚି ମୃତ୍ୟୁଞ୍ଜୟଙ୍କୁ ପାଚେରି କାର୍ଯ୍ୟ ବନ୍ଦ କରିବା ପାଇଁ କହିଥିଲେ। ଏହାକୁ ନେଇ ଉଭୟ ପକ୍ଷରେ ବଚସା ହେବା ପରେ ମୃତ୍ୟୁଞ୍ଜୟ ଉତ୍ତ୍ୟକ୍ତ ହୋଇ ରାକେଶଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ଗାଳିଗୁଲଜ କରିବା ସହ ମାଡ଼ ମାରିଥିଲେ। ଏ ନେଇ ରାକେଶ ଅଭିଯୋଗ କରିବା ପରେ ତମାଣ୍ଡୋ ପୋଲିସ ମୃତ୍ୟୁଞ୍ଜୟଙ୍କୁ ଗିରଫ କରିବା ସହ ସହଯୋଗୀଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି।

**IIIT Bhubaneswar**
IIIT BHUBANESWAR
**Imagine, Innovate, Inspire**
(A University established by Government of Odisha)

**Admission Announcement**
**B.Tech. Programme**

IIIT Bhubaneswar reserves 50% seats for Odisha category candidates and the counseling for admission shall be done by the Institute directly. The admission for the rest of the seats shall be done by JoSAA 2020. Applications are invited for admission to B.Tech. Programme under **Odisha category** in the following disciplines :
- Computer Science & Engineering
- Electronics & Telecommunication Engineering
- Electrical & Electronics Engineering
- Information Technology
- Computer Engineering

Admission to the above disciplines shall be strictly done only through JEE (Main) 2020 Rank.
For Admission Bulletin and more details visit the following link : **https://www.iiit-bh.ac.in/admissions**

**Phone : 8763122395, 8763122394**
**E-mail : btechadmission@iiit-bh.ac.in, Home page : www.iiit-bh.ac.in**
IIIT Bhubaneswar, Gothapatna, PO: Malipada, Bhubaneswar-751003, India

**SUIIT**
**SAMBALPUR UNIVERSITY**
**Institute of Information Technology**

Advt. No. 515/SUIIT Dt.23/09/2020

**ADMISSION : 2020-21**

SUIIT has been established in the year 2010 by Sambalpur University with the approval of Govt. of Odisha as a Constituent Autonomous Institution

**SUIIT offers the following programmes for the session 2020-21 in self-sustaining mode:**

**M. Sc. (2 years):**
- Computer Science
- Electronics

**M. C. A. (2 years):**
- 50% seats on the basis of OJEE, 2020 rank
- 50% seats through own entrance

**M. Tech (2 years):**
- Computer Science & Engg.
- Communication System Engg.
- Embedded Systems Design

**B. Tech (Regular & Lateral Entry):**
- Computer Science & Engg. (CSE)
- Elect. & Comm. Engg. (ECE)
- Electrical & Electronics Engg. (EEE)

All B. Tech admissions exclusively through OJEE Councelling-2020
**FOR INFORMATION BROCHURE AND FOR APPLYING PG COURSES**
Visit : **www.suiit.ac.in**

**IMPORTANT DATES**
Information Brochure and Application Form Available online: **26th September, 2020**
Last date for applying online : **15th October, 2020**
Online Entrance on **20th & 21st October, 2020**

**CONTACT NUMBERS**

| | |
|---|---|
| B.Tech CSE/MCA/M. Sc. CS/M.Tech CSE | Dr. S. Jena – 8247679467<br>Mr. K. Das – 9938983624<br>Dr. S. Panigrahi – 7377302566 |
| B. Tech ECE/M. Tech Comm. Sys. Engg./ Embedded Sys. Design | Ms. S. Kar – 9439657668<br>Mr. P. Mishra – 9438312045 |
| B. Tech EEE | Dr. A. Panda – 7381111459 |
| M.Sc. Electronics | Dr. N.K. Barpanda – 9438074077 |

Sd/- Director

> ଏବଂ ଏହାର ଶେଷ କେଉଁଠି ? କେଉଁଠି ୟାର ଶେଷନାହିଁ। ଏପରି ମୁହୂର୍ତ୍ତ କଳ୍ପନା କରିହୁଏନା –ଯେତେବେଳେ ସବୁ କିଛି ବନ୍ଦ ହୋଇଯିବ। କାରଣ– ଯାହା କିଛି ସରୁଥାଏ–ତାହା ପୁଣି ନୂଆ ରୂପରେ ଆରମ୍ଭ ହେଉଥାଏ। ତାହା ମଧ୍ୟ ସଦା ବିକଶିତ ହୋଇ ଚାଲିଥାଏ ଓ ବାରମ୍ବାର ଫେରୁଥାଏ। **–ଶ୍ରୀଅରବିନ୍ଦ**

# ଏକ ସମାନ୍ତରାଳ ଜିଏସ୍‌ଟି

ଆମ ଦେଶରେ ପ୍ରତ୍ୟେକ ରାଜନୈତିକ ଦଳ ନିର୍ବାଚନ ଦୃଷ୍ଟିକୋଣରୁ କୃଷକମାନଙ୍କୁ ଅଧିକ ଗୁରୁତ୍ୱ ଦିଅନ୍ତି। ରାଜନୈତିକ ଦଳ ଏମାନଙ୍କର ବିରୋଧୀ ମଧ୍ୟ ହେବାକୁ ଚାହାନ୍ତିନି। ଏମାନଙ୍କୁ ସପକ୍ଷକୁ ଆଣିବାକୁ ଚେଷ୍ଟା କରିଥାନ୍ତି। ଏହି କାରଣରୁ ଏବେ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାର ସଂସଦର ଉଭୟ ଗୃହରେ ତିନୋଟି କୃଷି ବିଧେୟକ ପାସ୍ କରିଛି। ଯାହାକୁ ବିରୋଧୀଦଳଗୁଡ଼ିକ ବିରୋଧ କରିବା ସହ ଏନ୍‌ଡିଏର ଅଂଶୀଦାର ଦଳ ମଧ୍ୟ ବିରୋଧ କରିଛନ୍ତି। ଏମିତି କି ଏନ୍‌ଡିଏର ଅଂଶୀଦାର ଶିରୋମଣି ଅକାଳି ଦଳ (ଏସ୍‌ଏଡି)ର ନେତ୍ରୀ ତଥା କେନ୍ଦ୍ର ଖାଦ୍ୟ ପ୍ରକ୍ରିୟାକରଣ ମନ୍ତ୍ରୀ ହର୍‌ସିମରତ କୌର ମନ୍ତ୍ରିମଣ୍ଡଳରୁ ଇସ୍ତଫା ଦେଇଛନ୍ତି। କୃଷି ରାଜ୍ୟର ଏକ ମୁଖ୍ୟ ପ୍ରସଙ୍ଗ। ସେଥିପାଇଁ କୃଷି କ୍ଷେତ୍ରରେ କୌଣସି ବୈଧାନିକ ସଂସ୍କାର ଆଣିବା ପୂର୍ବରୁ କେନ୍ଦ୍ର ରାଜ୍ୟ ସରକାରଙ୍କ ସହ ଆଲୋଚନା କରି ସହମତି ଲୋଡ଼ିବା ଦରକାର। ପରନ୍ତୁ ଏହି ଘଟଣାରେ ତାହା କରାଯାଇ ନାହିଁ। ଅତୀତରେ ମଧ୍ୟ ସରକାର ରାଜ୍ୟଗୁଡ଼ିକ ସହ ଆଲୋଚନା ନ କରି ପାର୍ଲାମେଣ୍ଟରେ ବିଧେୟକଗୁଡ଼ିକୁ ପାସ୍ କରିବାର ଦୃଷ୍ଟାନ୍ତ ରହିଛି। କୃଷି ବିଧେୟକ କୃଷକମାନଙ୍କ ଜୀବନରେ ପରିବର୍ତ୍ତନ ଆଣିବା ସହ ସେମାନଙ୍କୁ ଲାଭ ଦେବ ବୋଲି କେନ୍ଦ୍ର ସରକାର କହୁଛନ୍ତି। ଏହା କହୁଥିଲେ ବି ସରକାର ତାଙ୍କ ବିଚାରଧାରାର ଦଳମାନଙ୍କୁ ତାଙ୍କ ପକ୍ଷକୁ ନେବାରେ ବିଫଳ ହୋଇଛନ୍ତି। ପ୍ରଥମ କଥା ହେଲା ସରକାର ତାଙ୍କ ସାମ୍ମୁଖ୍ୟର ଅଂଶୀଦାର ଦଳଗୁଡ଼ିକର ସହମତି ବିନା ତରବରିଆ ଭାବେ ଏହି ବିଧେୟକ ଆଣିବା ଦରକାର ନ ଥିଲା। ସରକାରଙ୍କ ଏହି ପଦକ୍ଷେପ ସୁବିଚାରିତ ବୋଲି କୁହାଯାଉଥିଲେ ମଧ୍ୟ କାହିଁକି ସରକାର ତାଙ୍କ ସାମ୍ମୁଖ୍ୟର ଅଂଶୀଦାର ଓ ଏହି ବିଧେୟକରୁ ଲାଭ ପାଇବାକୁ ଥିବା ଅଂଶୀଦାରମାନଙ୍କୁ ମନାଇ ପାରୁନାହାନ୍ତି। ଏହି ବିଧେୟକ ସମ୍ପର୍କରେ ଥିବା ବିଭିନ୍ନ ଆଶଙ୍କା ଦୂର କରିବା ଲାଗି ଏକ ଜାତୀୟ ବିତର୍କ ହେବା ଆବଶ୍ୟକ।

ଏହି ସଂସ୍କାର କୃଷକମାନଙ୍କୁ ଅଧିକ ସ୍ୱାଧୀନତା ପ୍ରଦାନ କରିବ। ଏହାଦ୍ୱାରା କୃଷକମାନେ ସେମାନଙ୍କ ଉତ୍ପାଦକୁ କାହାକୁ ଓ କେଉଁଠି ବିକ୍ରି କରିବେ ତାହା ସେମାନେ ସ୍ଥିର କରିପାରିବେ। ପ୍ରଥମେ କୃଷକମାନେ ଏପିଏମ୍‌ସି ମାର୍କେଟ ଉପରେ ନିର୍ଭର କରୁଥିଲେ, କିନ୍ତୁ ଏପିଏମ୍‌ସି ସେମାନଙ୍କଠାରୁ ସମ୍ପୂର୍ଣ୍ଣ ଉତ୍ପାଦକୁ ସଂଗ୍ରହ କରୁ ନ ଥିଲା। ଫଳରେ ସେମାନେ ଅଭାବୀ ବିକ୍ରିର ସମ୍ମୁଖୀନ ହେଉଥିଲେ। ଏପରି କି ଏପିଏମ୍‌ସି ପ୍ରକ୍ରିୟା ଖୁବ୍ ମଜବୁତ ଓ ସଂଗଠିତ ଥିବା ମହାରାଷ୍ଟ୍ରରେ ମଧ୍ୟ ଅନେକ ଚାଷୀ ଆତ୍ମହତ୍ୟା କରିଛନ୍ତି। କୃଷକମାନଙ୍କୁ ସେମାନଙ୍କ ଉତ୍ପାଦ ବିକ୍ରି କରିବାକୁ ସ୍ୱାଧୀନତା ଦେବା ମାନେ ନୁହେଁ ଯେ ସେମାନେ ଉତ୍ପାଦକୁ ଭଲ ମୂଲ୍ୟରେ ବିକ୍ରି କରିପାରିବେ। ଉତ୍ତମ ମୂଲ୍ୟ ପାଇବାକୁ ହେଲେ ସେମାନଙ୍କ ପାଇଁ ଲୋଡ଼ା ବୈଜ୍ଞାନିକ ପଦ୍ଧତିରେ ନିର୍ମିତ ଗୋଦାମଘର ଓ ଶୀତଳଭଣ୍ଡାର। ଦି ଏସେନ୍‌ସିଆଲ କମୋଡିଟିଜ୍ (ଆମେଣ୍ଡମେଣ୍ଟ) ଆକ୍ଟ ବା ଅତ୍ୟାବଶ୍ୟକ ସାମଗ୍ରୀ(ସଂଶୋଧନ) ଆଇନ, କେବଳ ଅସାମାନ୍ୟ ପରିସ୍ଥିତିରେ ଏବେ କେତେକ ନିର୍ଦ୍ଦିଷ୍ଟ ଖାଦ୍ୟ ଉତ୍ପାଦର ଯୋଗାଣ ଉପରେ ନିୟନ୍ତ୍ରଣ ରଖିବାକୁ ଅନୁମତି ପ୍ରଦାନ କରିବ। ମୁଖ୍ୟ ଉତ୍ପାଦ ଯଥା ଖାଦ୍ୟଶସ୍ୟ, ଡାଲି, ତୈଳବୀଜ, ଖାଇବାତେଲ, ପିଆଜ ଏବଂ ଆଳୁକୁ ଏହି ଆଇନ ବାହାରେ ରଖାଯାଇଛି। ମଧ୍ୟସ୍ଥ ଓ ବ୍ୟବସାୟୀମାନେ ଉତ୍ପାଦକୁ ଗଚ୍ଛିତ କରି ରଖିବା ଯୋଗୁ ଓଡ଼ିଶାରେ ଲୋକମାନେ ଉତ୍ପାଦର ମୂଲ୍ୟ ହ୍ରାସବୃଦ୍ଧିରେ ଅତ୍ୟଧିକ ସମସ୍ୟାର ସମ୍ମୁଖୀନ ହୋଇଥା'ନ୍ତି। ଏଣୁ ଏହି ସଂଶୋଧିତ ଆଇନର ଉଦ୍ଦେଶ୍ୟ ପୂରଣ ହୋଇପାରିବ ନାହିଁ। ୨୦୧୭ରେ ଯେତେବେଳେ ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ଲାଗୁ କରାଯାଇଥିଲା ସେତେବେଳେ କେନ୍ଦ୍ର ରାଜ୍ୟଗୁଡ଼ିକୁ ଟିକସ ସେବା ଓ ସାମଗ୍ରୀଗୁଡ଼ିକ ଉପରେ ଥିବା ଅଧିକାରରୁ ବଞ୍ଚିତ କରିଥିଲା। ସେମାନେ ପାଞ୍ଚବର୍ଷ ଲାଗି କ୍ଷତିପୂରଣ ପାଇବେ ବୋଲି କେନ୍ଦ୍ରଠାରୁ କେବଳ ଆଶ୍ୱାସନା ପାଇଥିଲେ। କିନ୍ତୁ ରାଜ୍ୟ ସରକାରଗୁଡ଼ିକ ଏବେ କୋଭିଡ୍–୧୯ ବିରୋଧରେ ଲଢ଼େଇ କରୁଥିବାବେଳେ ଏହାର ସମାଧାନ ହୋଇପାରି ନାହିଁ। ଜିଏସ୍‌ଟି ମାଧ୍ୟମରେ ରାଜ୍ୟ ସରକାରଗୁଡ଼ିକର ଆର୍ଥିକ କ୍ଷମତା ଛଡ଼ାଇ ନେଇଯିବା ଏକ ଖରାପ ପଦକ୍ଷେପ ଥିଲା। ଏବେ କୃଷକମାନଙ୍କ ଜୀବନ ଜୀବିକାକୁ ଗୁରୁତ୍ୱ ଦେଇ ପାସ୍ କରାଯାଇଥିବା କୃଷି ବିଧେୟକ ଦ୍ୱାରା କେନ୍ଦ୍ର ଜିଏସ୍‌ଟି ସମ ପରିସ୍ଥିତି ସୃଷ୍ଟି କରିବାକୁ ଚେଷ୍ଟା କରଛି।

### ଆଜିର ଅର୍ଥନୀତି

## ୨୫ ବର୍ଷ ତଳର ଧରିତ୍ରୀ

**୨୫ ସେପ୍ଟେମ୍ବର ୧୯୯୫**

- ପାଲେଷ୍ଟିନୀୟ ସ୍ୱୟଂ ଶାସନ ବ୍ୟବସ୍ଥାର ସଂପ୍ରସାରଣ କ୍ଷେତ୍ରରେ ଉପୁଜିଥିବା ପ୍ରତିବନ୍ଧକ ଦୂର ପାଇଁ ପିଏଲ୍‌ଓ ନେତା ୟାସେର ଆରାଫତ ଓ ଇସ୍ରାଏଲ ବୈଦେଶିକ ମନ୍ତ୍ରୀ ସିମନ ପିରେଜଙ୍କ ମଧ୍ୟରେ ଚାଲିଥିବା ଶାନ୍ତି କଥାବାର୍ତ୍ତା ବିଫଳ।
- ସଂଯୁକ୍ତ ଆରବ ଏମିରେଟ ସରକାର ଦେଶର ପୁରୁଷ ନାଗରିକମାନଙ୍କୁ ସେମାନଙ୍କର ଦ୍ୱିତୀୟ ବିବାହ ପାଇଁ ଆବଶ୍ୟକ ଅର୍ଥ ଋଣ ଆକାରରେ ଯୋଗାଇ ଦେବେ ବୋଲି ଘୋଷଣା କରିଛନ୍ତି।
- ଭୁବନେଶ୍ୱର ରାଜଭାଷା କ୍ରିୟାନ୍ୱୟନ ସମିତିକୁ ରାଜଭାଷା ହିନ୍ଦୀର ସଫଳ କ୍ରିୟାନ୍ୱୟନ ନିମିତ୍ତ ଇନ୍ଦିରା ଗାନ୍ଧୀ ରାଜଭାଷା ପୁରସ୍କାରରେ ସମ୍ମାନିତ କରାଯାଇଛି।

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 2 | 3 | | E | | | | | C | | | | | | |
| A | | | C | | | | | 8 | | 1 | | D | | |
| | | 9 | 2 | | 3 | | | | 8 | | A | | 4 | 6 |
| | | E | | 9 | | | | 3 | | 6 | | | | 2 |
| 5 | | 8 | | | 7 | | D | | 0 | | | A | C | |
| | | 6 | | E | 0 | C | | | | | B | | 5 | 1 |
| | | 3 | | 5 | 9 | | 8 | 2 | | | | | | B |
| 4 | 5 | C | 7 | | | | | | | 3 | | | | 0 |
| 0 | | | | C | | | | | | | 1 | | A | |
| 9 | 1 | | | | | | | | A | 4 | | | | 7 |
| E | | | | | D | | | | | | 5 | | | |
| | | | | 3 | 1 | A | | | | 2 | 6 | B | 0 | |
| 1 | | D | | | | | E | 7 | 9 | | | | 8 | 3 |
| | | | | | B | | 1 | 6 | 4 | | 7 | | | |
| | | B | 9 | | | 5 | 3 | | | | 8 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| B | 6 | 1 | 5 | 2 | C | 3 | 4 | 9 | 0 | D | 8 | E | 7 | A |
| 3 | D | A | 9 | 0 | 1 | 5 | 7 | C | 4 | 6 | E | 8 | 2 | B |
| E | 2 | 7 | 8 | D | 6 | 0 | 1 | A | B | 5 | C | 9 | 4 | 3 |
| 0 | 8 | C | 7 | 4 | B | 2 | E | 6 | A | 9 | 3 | D | 1 | 5 |
| 9 | 5 | 4 | E | A | 3 | 8 | B | D | 1 | 7 | 2 | 0 | 6 | C |
| 1 | 4 | 0 | D | 8 | 9 | 6 | 5 | 2 | 3 | E | B | A | C | 7 |
| D | A | 8 | 6 | 3 | 2 | E | 0 | 1 | 7 | C | 4 | 5 | B | 9 |
| 2 | B | 3 | 0 | C | A | 7 | D | 8 | 5 | 1 | 9 | 4 | E | 6 |
| 5 | 9 | E | 1 | 7 | 4 | B | C | 3 | 6 | 8 | A | 2 | D | 0 |
| C | 7 | 6 | B | E | 5 | 9 | A | 4 | D | 2 | 0 | 3 | 8 | 1 |
| A | E | D | 4 | 1 | 8 | C | 3 | B | 9 | 0 | 6 | 7 | 5 | 2 |
| 4 | 0 | B | 2 | 9 | E | 1 | 6 | 7 | 8 | A | 5 | C | 3 | D |
| 6 | 3 | 9 | C | 5 | D | 4 | 2 | 0 | E | B | 7 | 1 | A | 8 |
| 8 | 1 | 2 | 3 | 6 | 7 | A | 9 | 5 | C | 4 | D | B | 0 | E |
| 7 | C | 5 | A | B | 0 | D | 8 | E | 2 | 3 | 1 | 6 | 9 | 4 |

ଗତକାଲିର ଉତ୍ତର

# ହସ୍ପିଟାଲକୁ ଡରିଲେ କ'ଣ କରୋନା ଯିବ



**ସହଦେବ ସାହୁ**

ମହିନ୍ଦ୍ରା ବୋଲେରୋ ୬ ନମ୍ବର ହସ୍ପିଟାଲ୍ ସାମ୍‌ନାରେ ଅଟକିଗଲା, ଧଁ ସଁ ହେଉଥିବା ଗୋବିନ୍ଦ ଭଣ୍ଡାରିକୁ ଦୁଆର ମୁହଁରେ ଭୂଇଁରେ ଥୋଇ ଦେଲା। କେଇ ଦିନ କାଳ ହେଲା ସେ ସଂକ୍ରମଣ ଆଶଙ୍କା କରୁଥିଲା, ହସ୍ପିଟାଲ୍‌କୁ ଆସିବାକୁ ଚାହୁଁ ନ ଥିଲା। ସେ ଧରିନେଇଥିଲା ଯେ ଡାକ୍ତରମାନେ କରୋନା ଭାଇରସ ରୋଗୀକୁ ମାରିଦେଉଛନ୍ତି। ଗୋବିନ୍ଦ ଘୁଷୁରି ଘୁଷୁରି କାଜୁଆଲ୍‌ଟି ରୁମ୍ ଡାକ୍ତରଙ୍କ ଟେବୁଲ ପାଖକୁ ଗଲା ବେଳକୁ ସେ କଚାଡ଼ି ହୋଇ ପଡ଼ିଗଲା। ବହୁତ ଡେରି ହୋଇଯାଇଥିଲା।

ସ୍ୱାମୀ ନାଁ ଧରି ଡାକିବା ବାରଣ ବୋଲି ତା' ସ୍ତ୍ରୀ ଖାଲି ଚିତ୍କାର କଲା, ନିଃଶ୍ୱାସ ନିଅ। ନିଃଶ୍ୱାସ ନିଅ। ସେ ଖୁବ୍ ବଡ଼ ପାଟିରେ କହୁଥାଏ ଆଉ ଗୋବିନ୍ଦର ଛାତିରେ ହାତ ବାଡ଼ଉଥାଏ। ଖୁବ୍ ଜୋର୍‌ରେ ଛାତି ଉପରେ ନିଜ ଓଜନକୁ ଲଦି ଦେଉଥାଏ ତ ପୁଣି ଉଠି ପଡୁଥାଏ। ବାହାର ଲୋକକୁ ଡାକ ଦେଉଥାଏ ଟିକେ ଧାଇଁ ଆସ, ସାହାଯ୍ୟ କର। ଘଣ୍ଟାଏ ଭିତରେ ସବୁ ସରିଗଲା। ଏ ଏକ କାହାଣୀ ହୋଇପାରେ, କିନ୍ତୁ ସତଠୁ ବେଶି ଦୂର ନୁହେଁ।

ଓଡ଼ିଶା ସରକାର ଲଢ଼େଇ କରୁଛନ୍ତି, ବିଶ୍ୱସାରା ଏକ ଅଦୃଶ୍ୟ ବାଦଲ ଭଳି ଘୂରିବୁଲୁଥିବା ଏକ କରାଳ ରାକ୍ଷସ କରୋନା ଭାଇରସ୍ ବିରୋଧରେ। ଗୁଡାଏ କୋଭିଡ୍–୧୯ ହସ୍‌ପିଟାଲ୍ ଖୋଲିଛନ୍ତି। କିନ୍ତୁ ଲୋକଙ୍କ ଭିତରେ ହସ୍‌ପିଟାଲ୍ ଯିବାକୁ ବଡ ଭୟ। ସହଜେ ତ ରୋଗଟା ଅଜଣା, ପୁଣି କାହାରି ସହାୟତା ବିନା ହସ୍‌ପିଟାଲ୍‌ରେ ଏକଲା ପଡିରହିବାର ଆଶଙ୍କା। ଟିଭି ଶୁଣି ଶୁଣି ଖବରକାଗଜ ପଢି ପଢି ଲୋକ ଭାବିନେଉଛନ୍ତି ଯେ କୋଭିଡ୍–୧୯ ହସ୍‌ପିଟାଲ୍‌ଟା ଗୋଟିଏ ମରଣଯନ୍ତା। ତେଣୁ ରୋଗକୁ ଲୁଚାଇ ରଖି ଘରେ ରହିଯିବା ବହୁତ ଲୋକେ ପସନ୍ଦ କରୁଛନ୍ତି। ସେହିମାନେ ହିଁ ଅଜାଣତରେ ପରିବାରର ଲୋକଙ୍କ ଭିତରେ ଆଉ ପଡ଼ିଶାରେ ରୋଗ ବାଣ୍ଟୁଛନ୍ତି। ଗରିବ ଓ ନିମ୍ନମଧ୍ୟବିତ୍ତ ପରିବାରର ଲୋକଙ୍କ ଭିତରେ କରୋନା ଭୂତାଣୁ ବ୍ୟାପିବାର ଗୋଟିଏ ବଡ କାରଣ ହସ୍‌ପିଟାଲ୍ ଯିବା ଭୟ।

ମଣିଷର ମୁହଁ, ନାକ ଓ ଆଖି ବାଟେ ଯାଇ ଦେହର ରସ (ମିୟୁକୁଅସ୍) ସହିତ ମିଶି ଗଲେ ନଭେଲ୍ କରୋନା ଭାଇରସ୍ ଜୀବନ୍ତ ହୋଇଯାଏ, ମଣିଷ ଦେହର କୋଷଗୁଡିକୁ ଆୟତ୍ତ କରି ନିଜର ବଂଶବୃଦ୍ଧି କରେ, ତା'ର ଲକ୍ଷ୍ୟ ଫୁସ୍‌ଫୁସ୍‌କୁ ଯିବା ଓ ସେଠି ବସବାସ କରିବା। ସେଠି ପହଞ୍ଚି ଗଲେ ରକ୍ତକୁ ଅମ୍ଳଜାନ ଯିବାର ରାସ୍ତା ବନ୍ଦ କରିଦିଏ, ତରଳ ରକ୍ତ ପ୍ରବାହକୁ ଦୁଧ–ଛେନା–ଛିଣ୍ଡିଲା ଭଳି କ୍ଲଟ୍ କରିଦିଏ। ତା'ର ସଂକ୍ରମଣକୁ ଶୀଘ୍ର ରୋକିବା ବା ରୋଗୀକୁ ତ୍ୱରିତ ଉପଶମ କରାଇବା ଭଳି ସ୍ୱାସ୍ଥ୍ୟସେବା ଆମ ପ୍ରଦେଶରେ ପ୍ରଚୁର ପରିମାଣରେ ନାହିଁ, ଯାହା ବା ଅଛି ତାହା ଯଥେଷ୍ଟ ନୁହେଁ। ପୁଣି ଯଥେଷ୍ଟ ଡାକ୍ତର ନାହାନ୍ତି। କୋଭିଡ ହସ୍‌ପିଟାଲରେ ଦରକାରୀ ଔଷଧ ନାହିଁ, ଔଷଧକୁ ଅପେକ୍ଷା କରୁଥିବା ରୋଗୀକୁ ସାନ୍ତ୍ୱନା ଦେବାକୁ କେହି ଜଣେ ଆସୁ ନ ଥିବେ। ୧୨.୩୦ରେ ଡାକ୍ତର ଦେଖିଯାଇଥିବେ ତ ୬ଟା ଯାଏ ଔଷଧ ମିଳିବ ନାହିଁ – ଛଟପଟ ହେବା ଛଡା ଆଉ କ'ଣ ହେବ ? ଅକ୍ସିଜେନ ନାହିଁ ତ ଡାକ୍ତର ଲେଖି ଦେଇଥିବା ଔଷଧ ଷ୍ଟକ୍‌ରେ ନାହିଁ। ଫାବିଫିରାଭିର୍, ରେମ୍‌ଡେସିଭିର୍, ଟୋକ୍ସିଜୁମାବ୍ ବିରଳ। ଓଡିଶା ଷ୍ଟେଟ୍ ମେଡିକାଲ୍ କର୍ପୋରେଶନ୍ ତ କାହା ପ୍ରତି ଦରଦ ଦେଖାଏ ନାହିଁ, କାଗଜପତ୍ର କାମ କରିବାରେ ବ୍ୟସ୍ତ। ଡାକ୍ତର କହିବେ ଚେଷ୍ଟ ଏକ୍ସ– ରେ କର ତ ଟେକ୍ନିସିଆନ୍‌ର ଦେଖା ନାହିଁ। କି ହଟହଟା !

ମିଡିଆରେ ପ୍ରଚାର– ସରକାର ବହୁତ କରୁଛନ୍ତି, ଯାହାର ପ୍ରାଣ ଗଲା, ତା' ପରିବାରର ଦୁଃଖ କ'ଣ ସରକାରଙ୍କ ପ୍ରଚାରରେ ଲିଭିଯିବ। ଶବଦେହରୁ ମିୟୁକୁଅସ ଛିଟିକି ବାହାରିପାରେ ନାହିଁ, ତେଣୁ ମୃତ ଲୋକଠାରୁ କରୋନା ଭାଇରସ ଭାସି ଆସିବାର ପ୍ରଶ୍ନ ନାହିଁ, ତଥାପି ଲୋକେ ଶବଦାହ ଉପରେ ବାରଣ କରୁଛନ୍ତି, ତେଣୁ ମଣିଷ ବଞ୍ଚିଥିଲା ବେଳେ ଯେମିତି ଅଛୁଆଁ (ଆଇସୋଲେଶନରେ) ରହୁଥିଲା ତାହାଠାରୁ ବେଶି ଅଛୁଆଁ ହୋଇଯାଉଛି ମଲା ପରେ। ବାପାକୁ ପୁଅ ଛୁଉଁନାହିଁ ପୁଅକୁ ବାପା ଛୁଉଁନାହିଁ, ସ୍ୱାମୀକୁ ସ୍ତ୍ରୀ ବା ସ୍ତ୍ରୀକୁ ସ୍ୱାମୀ। ପଡ଼ିଶା ଲୋକେ ଶବ ବୋହୁ ନାହାନ୍ତି। କୋଭିଡ ୱାର୍ଡକୁ ଲୋକେ ଡରୁଛନ୍ତି।

ଲୋକେ ଡରୁଛନ୍ତି ବୋଲି ରୋଗ ଅସମ୍ଭାଳ ନ ହେଲାଯାଏ ହସ୍‌ପିଟାଲ୍ ଯାଉନାହାନ୍ତି। ତେଣୁ ଯିବା ରାସ୍ତାରେ, ଟାକ୍ସି ଭିତରେ, ଶେଷନିଃଶ୍ୱାସ ତ୍ୟାଗ କରୁଛନ୍ତି। ଅଥଚ ଘର ଭିତରେ ଥାଇ ନିଜେ ଚିକିତ୍ସା କରିବାର ଚେଷ୍ଟା କଲେ ସଂକ୍ରମଣ ଆହୁରି ବେଶି ବ୍ୟାପିବ। ସେ ପ୍ରକାରର ମୃତ୍ୟୁ ଯୋଗୁ କେତେ କୋଭିଡ୍–୧୯ରେ ମଲେ ଆମେ ଜାଣିପାରିବା ନାହିଁ। କାରଣ କରୋନା ଅଛି କି ନାହିଁ ଟେଷ୍ଟ ହୋଇ ନ ଥିବ। ସେମାନଙ୍କ ସଂଖ୍ୟା ତ ଅଗଣିତ।

ଆଉ ଗୋଟିଏ କଥା ଆମେରିକା ପରିସଂଖ୍ୟାନରୁ ଜଣାଯାଇଛି– ଯେଉଁମାନେ ହସ୍‌ପିଟାଲରେ କରୋନାରେ ମରିଛନ୍ତି ସେମାନଙ୍କ ଭିତରୁ ଅଧିକାଂଶ ହସ୍‌ପିଟାଲରେ ରହିବାର ୫ ଦିନ ଭିତରେ ମରିଛନ୍ତି, ଅର୍ଥାତ୍ ଯେଉଁ ରୋଗୀ ୫ ଦିନରୁ ବେଶି ହସ୍‌ପିଟାଲରେ ରହିଯାଇଛି ସେ ଭଲ ହୋଇଯାଇଛି। ପ୍ରକାରାନ୍ତରେ ଯେତେ ବେଶି ଲୋକ ସହଳ ବା ଆଗତୁରା ହସ୍‌ପିଟାଲ ଯିବେ ସେତେ ବେଶି ଲୋକ ଭଲ ହେବେ। ହସ୍‌ପିଟାଲ ଭିତରର ଦୃଶ୍ୟ ଇଲେକ୍ଟ୍ରୋନିକ୍ ମିଡିଆ ଯେମିତି ଦେଖାଉଛନ୍ତି, ତାହା ଦେଖି ଲୋକେ ଭାବୁଛନ୍ତି ଘରେ ରହି ବରଂ ମରିବି, ହସ୍‌ପିଟାଲ ଯିବି ନାହିଁ। ତାହା ଛଡା ଅନ୍ୟ ରୋଗର ଚିକିତ୍ସା ପାଇଁ ଆସିଥିବା ରୋଗୀ କରୋନା ଆକ୍ରାନ୍ତ ହୋଇଗଲେ କୋଭିଡ୍–୧୯ ରୋଗରେ ମରୁଛନ୍ତି। ୬୫ ବର୍ଷରୁ ବେଶି ବୟସ୍କଙ୍କ ପକ୍ଷରେ ଏ ରୋଗକୁ ସମ୍ଭାଳିବା ବଡ କଷ୍ଟକର। ମେକ୍ସିକୋ ଭଳି ଦେଶରେ କେତେକ ଭାବୁଛନ୍ତି ଡାକ୍ତରମାନେ ଇଚ୍ଛା କରି ବୟସ୍କମାନଙ୍କୁ ମାରିଦେଉଛନ୍ତି।

ସରକାରଙ୍କ ନୀତି ଦେଖନ୍ତୁ! ମଦ ଦୋକାନ ଖୋଲିଦେଲେ, ମଦ ଖାଇବା ସ୍ଥାନ ବା ବାର୍ ଖୋଲିଦେଲେ। ଲୋକମୁଖରେ ଶୁଣାଯାଏ ବାର୍‌ରେ ତ ମଦ ବୋହୁଛି। ଉଚ୍ଚ ସ୍ୱରରେ କଥାବାର୍ତ୍ତା ଚାଲେ, ତେଣୁ ପାଟିରୁ ଛେପ (ମିୟୁକୁଅସ୍) ସହ ସ୍ୱଳ୍ପ ସଂକ୍ରମିତ ହୋଇଥିବା ବା ଲକ୍ଷଣ ପ୍ରକାଶ କରୁ ନ ଥିବା ଲୋକଠାରୁ ପ୍ରଚୁର କରୋନା ଭୂତାଣୁ ଛିଟିକି ଆସେ। ପିଇବାବାଲାଏ ବହୁତ ପାଖାପାଖି ବସନ୍ତି, ବାର୍ ଭିତରେ ଖୁବ୍ ଚଲାବୁଲା ବି କରନ୍ତି, ଏଠିସେଠି ହୁଅନ୍ତି। ନିଜକୁ କଣ୍ଟ୍ରୋଲ କରିପାରନ୍ତି ନାହିଁ। ଫୁସ୍‌ଫୁସ୍ କଥା ହେଉଥିବା ସାଙ୍ଗଠାରୁ ଭଲ କରି ଶୁଣିବା ଲାଗି ମୁହଁ ପାଖରେ କାନ ଯାକି ହୋଇ ବସନ୍ତି, ସତେ ଯେପରି ବଡ ନିବିଡ ସମ୍ପର୍କ ଅଛି। ବାର୍ ଭିତରେ କେହି ଅଜଣା (ଷ୍ଟ୍ରେଞ୍ଜର୍) ମନେହୁଅନ୍ତି ନାହିଁ। କରୋନା ଭୂତାଣୁ ତା'ର ବିସ୍ତାର ପାଇଁ ଭିଜା ସ୍ଥାନ ବହୁତ ପାଇଯାଏ। ବାର୍‌ର ଆବହାୱା ତ ସଂକ୍ରମଣ ବ୍ୟାପିବାର ଆବହାୱା। ସରକାର ମଦ ଦୋକାନ ଖୋଲିବା ମାନେ କରୋନାକୁ ବ୍ୟାପିବାର ଖୋରାକ ଯୋଗାଇବା। କେତେ ଫି ବା ଲାଇସେନ୍ସ ଟଙ୍କା ମିଳିବ? କରୋନା ଭୂତାଣୁ ରୋକିବାରେ ଓ କୋଭିଡ୍–୧୯ ରୋଗର ଚିକିତ୍ସାରେ ହେଉଥିବା ଖର୍ଚ୍ଚ ତୁଳନାରେ ତୁଚ୍ଛ, ତଥାପି ତା' ପଛରେ ଦଉଡୁଛ !

ବାରର ଅଜଣା ଉଦ୍ଦେଶ୍ୟ ଲୋକଙ୍କ ସାଙ୍ଗରେ ବନ୍ଧୁତା କରିବା। ଅଫିସରଙ୍କ ସାଙ୍ଗ ହେଲେ କଣ୍ଟ୍ରାକ୍ଟ ସହଜରେ ମିଳିଯିବ, ମଦ ବୋତଲ ଲାଞ୍ଚର ସନ୍ତକ ହେବ। ଅଫିସରଙ୍କ ଘରେ ପହଞ୍ଚେଇ ଦେଲେ ପଇସା ଆକାରରେ ଲାଞ୍ଚ ଦେବା ଦରକାର ନାହିଁ। ଆମେରିକାରେ କରୋନା ଥମିବାର ନାଁ ନେଉ ନ ଥିବାର କାରଣ ଖୋଲା ବାର୍, ସମୁଦ୍ର ଉପକୂଳରେ ଖୋଲା ମଦ କାରବାର। ଏମିତି ହେଲା ଯେ କାଲିଫର୍ନିଆ, ଟେକ୍ସାସ୍ ଓ ଆରିଜୋନାର ଗଭର୍ନରମାନେ ଖୋଲା ହୋଇଥିବା ଶହ ଶହ ବାର୍ ଏବେ ବନ୍ଦ କରିଦେଇଛନ୍ତି। କିନ୍ତୁ ଆମ ରାଜ୍ୟ ଓ ଆମ ଦେଶ ଖୋଲୁଛି! ଲୋକଙ୍କ ପ୍ରତି ଟିକେ ଦରଦ ବା କନ୍ସର୍ନ ଦେଖାଅ। କେବଳ ମିଡିଆ ମାଧ୍ୟମରେ ଉଦ୍‌ବିଗ୍ନତା ଦେଖାଇଲେ କାଗଜକଲମର ଦରଦରେ କରୋନା ଦବିଯିବ ନାହିଁ !

Email:sahadevs@yahoo.com

# ଆସିବ ସାମୁଦ୍ରିକ ପ୍ରଳୟ



**ଶେଖ୍ ଫରିଦ୍‌ଉଦ୍ଦିନ**

ପୃଥିବୀର ତାପମାତ୍ରା ବୃଦ୍ଧି ଓ ଜଳବାୟୁ ପରିବର୍ତ୍ତନ ଜନିତ ବିବିଧ ସମସ୍ୟା ମଣିଷ ପାଇଁ ଉଦ୍‌ବେଗର କାରଣ ହେଲାଣି। ଶିଳ୍ପ, କଳକାରଖାନା ଓ ଗାଡ଼ିମୋଟର ଚଳାଚଳରୁ ଧୂଆଁ ବାହାରି ଗ୍ରୀନ୍ ହାଉସ ଗ୍ୟାସ୍ ବୃଦ୍ଧି ପାଇ ବାୟୁମଣ୍ଡଳ ପ୍ରଦୂଷିତ ହେଉଛି ଓ ତାପମାତ୍ରା ବୃଦ୍ଧି ପାଉଛି। ଜଙ୍ଗଲକଟା, ଜଙ୍ଗଲ ପୋଡ଼ି ଯୋଗୁ ବାୟୁମଣ୍ଡଳରେ ବ୍ଲାକ କାର୍ବନ 'ଏରୋସୋଲ୍'ର ବୃଦ୍ଧି ମଧ୍ୟ ତାପମାତ୍ରା ବଢ଼ାଉଛି। ହିମାଳୟ ପର୍ବତମାଳାର ବରଫାବୃତ ଶୃଙ୍ଗ ଉପରେ ଏହି ବ୍ଲାକ କାର୍ବନ ଜମିବା ଫଳରେ ତାପମାତ୍ରା ବଢ଼ି ବରଫ ତରଳିବାରେ ଲାଗିଛି।

ଅନ୍ତଃରାଷ୍ଟ୍ରୀୟ ଜଳବାୟୁ ପରିବର୍ତ୍ତନ ବିଶେଷଜ୍ଞ ମଣ୍ଡଳୀଙ୍କ ମତାନୁସାରେ, ପୃଥିବୀର ତାପମାତ୍ରା ୧.୧ ସେଣ୍ଟିଗ୍ରେଡରୁ ୬.୪ ସେଣ୍ଟିଗ୍ରେଡ ପର୍ଯ୍ୟନ୍ତ ଆଗାମୀ ଶହେବର୍ଷ ମଧ୍ୟରେ ବୃଦ୍ଧି ପାଇପାରେ। ୨୦୦୯ ଡିସେମ୍ବରରେ କୋପେନ୍‌ହେଗେନ୍‌ଠାରେ ଜାତିସଂଘ ତରଫରୁ ବସିଥିବା ଅନ୍ତର୍ଜାତୀୟ ଜଳବାୟୁ ପରିବର୍ତ୍ତନ ସଂକ୍ରାନ୍ତୀୟ ସମ୍ମିଳନୀରେ ନିଷ୍ପତ୍ତି ନିଆଗଲା ଯେ, ବିଶ୍ୱର ହାରାହାରି ତାପମାତ୍ରା ପ୍ରାକ୍‌ଶିଳ୍ପ ବିକାଶଧାରାର ଉତ୍ତାପଠାରୁ ୨୦ ସେଣ୍ଟିଗ୍ରେଡ ତାପମାତ୍ରା ତଳକୁ ଖସାଇ ରଖିବାକୁ ପଡ଼ିବ। ପୃଥିବୀର ତାପମାତ୍ରା ବଢ଼ି ଭୂପୃଷ୍ଠକୁ ଉତ୍ତପ୍ତ କରିବା ସଙ୍ଗେ ସଙ୍ଗେ ସମୁଦ୍ରକୁ ବି ଉତ୍ତପ୍ତ କରୁଛି। ସମୁଦ୍ର ଜଳଭଣ୍ଡାର ସମ୍ପ୍ରସାରିତ ହୋଇ ଜଳପତ୍ତନ ବଢୁଛି। ଉତ୍ତରମେରୁ ଆର୍କଟିକ୍ ଓ ଦକ୍ଷିଣମେରୁ ଆଣ୍ଟାର୍କଟିକାରେ ରହିଛି ପରସ୍ତ ପରସ୍ତ ବରଫର ଦିଗନ୍ତବିସ୍ତାରୀ ଶୁଭ୍ର ଆବରଣ। ଆଟଲାଣ୍ଟିକ୍ ମହାସାଗରର ଦକ୍ଷିଣ ପଶ୍ଚିମକୁ ରହିଛି ବରଫାବୃତ ଗ୍ରୀନ୍‌ଲାଣ୍ଡ ଦ୍ୱୀପ। ସମଗ୍ର ପୃଥିବୀର ଶତକଡ଼ା ୯୦ ଭାଗ ବରଫ ରହିଛି ଏହି ମେରୁ ଅଞ୍ଚଳରେ। ଆଉ ଶତକଡ଼ା ୧୦ ଭାଗ ବରଫ ରହିଛି ପୃଥିବୀର ବିଭିନ୍ନ ଦେଶର ଉଚ୍ଚ ପର୍ବତମାଳାର ଶିଖରରେ ରହିଥିବା ଗ୍ଲାସିଅରଗୁଡ଼ିକରେ। ଉତ୍ତରମେରୁ ଅଞ୍ଚଳର ତାପମାତ୍ରା ବଢୁଛି। ଉତ୍ତରମେରୁ ଉପରକୁ ଘନୀଭୂତ ଥିବା ପୋଲାର ଆଇସ୍ କ୍ୟାପ୍ ତରଳିବା ଫଳରେ ଅଧିକ ସଂକୁଚିତ ହୋଇଗଲାଣି। ନାସା ଉତ୍ତୋଳିତ ସାଟେଲାଇଟ୍ ଚିତ୍ରରୁ ଜଣାପଡ଼େ ଉତ୍ତରମେରୁର ଚିର ବରଫାବୃତ ଅଞ୍ଚଳ ୧୦ ବର୍ଷ ଭିତରେ ପ୍ରାୟ ଶତକଡ଼ା ୯ ଭାଗ ତରଳିଯାଇଛି। ତାପମାତ୍ରା ବୃଦ୍ଧି ଫଳରେ ଉତ୍ତରମେରୁର ଆଟଲାଣ୍ଟିକ୍ ମହାସାଗରରେ ରହିଥିବା ବରଫସ୍ତର ଯେତେ କ୍ଷେତ୍ର ମାଡ଼ି ବସିଥିଲା ତା'ଠାରୁ ବର୍ତ୍ତମାନ କମିଯାଇଛି। ୨୦୦୫ ସେପ୍ଟେମ୍ବରଠାରୁ ୨୦୦୭ ସେପ୍ଟେମ୍ବର ମଧ୍ୟରେ ପ୍ରାୟ ୧୧ ଲକ୍ଷ ବର୍ଗ କିଲୋମିଟରରୁ ଅଧିକ ବରଫ ଆବରଣ କମିଗଲାଣି। ଗ୍ଲାସିଅର ସମୁଦ୍ରକୁ ଚାଲିଆସି ଆଇସ୍‌ବର୍ଗରେ ପରିଣତ ହେବା ପ୍ରକ୍ରିୟାକୁ ଆଇସ୍ କାଭିଂ କୁହାଯାଏ। ଆଇସ୍‌ବର୍ଗ ସମୁଦ୍ରରେ କିଛି ଦିନ ଭାସ ତାପମାତ୍ରା ବୃଦ୍ଧି ପାଉଥିବା ଯୋଗୁ ସମୁଦ୍ର ଜଳରେ ସମ୍ପୂର୍ଣ୍ଣ ଭାବରେ ତରଳିଯାଇଥାଏ। ଏହି ପ୍ରକ୍ରିୟା ସମୁଦ୍ର ପତ୍ତନ ବଢ଼ାଇବାରେ ସାହାଯ୍ୟ କରିଥାଏ। ଆଣ୍ଟାର୍କଟିକାଠାରୁ ଗ୍ରୀନ୍‌ଲାଣ୍ଡରେ ୨୦୧୨ ମସିହାରେ ଆଶ୍ଚର୍ଯ୍ୟଜନକ ଭାବେ ବରଫ ଅଧିକ ତରଳିଛି। ଉତ୍ତାପ ବୃଦ୍ଧିର ଏହା ସଙ୍କେତ। ସମୁଦାୟ ଗ୍ରୀନ୍‌ଲାଣ୍ଡର ଜମାଟ ବାନ୍ଧିଥିବା ବରଫସ୍ତର ଯଦି ତରଳିଯାଏ ତେବେ ସମୁଦ୍ର ପତ୍ତନ ପ୍ରାୟ ୭ ମିଟର ବଢ଼ିଯିବ। ଏପରିଅବସ୍ଥା ଯଦିଆସେ ତେବେ ଲଣ୍ଡନ ଓ ଲସ୍‌ଏଞ୍ଜେଲ୍‌ସ ପରି ବଡ଼ ସହର ସମୁଦ୍ରରେ ବୁଡ଼ିଯିବ।

ଆଣ୍ଟାର୍କଟିକାର ଉତ୍ତରକୁ ଲାଗିରହିଥିବା ଦକ୍ଷିଣ ମହାସାଗର ଏବେ ଅଧିକ ଉଷ୍ମ ହେବାରେ ଲାଗିଛି। ଏହି ମହାସାଗରରେ ବାୟୁ ପ୍ରବାହର ବେଗ ଓ ଦିଗରେ ପରିବର୍ତ୍ତନ ଓ ଆଣ୍ଟାର୍କଟିକାର ଉପରିସ୍ଥ ବାୟୁମଣ୍ଡଳ ଷ୍ଟ୍ରାଟୋସ୍ଫିଅରରେ ଗ୍ଲୋବାଲ୍ ୱାର୍ମିଂ ଯୋଗୁ ସୃଷ୍ଟି ହୋଇଥିବା ଛିଦ୍ର ଓଜୋନ୍ ହୋଲ୍‌ର ଜଟିଳତା ଫଳରେ ଆଣ୍ଟାର୍କଟିକାର ସାମୁଦ୍ରିକ ବରଫସ୍ତରର କ୍ଷେତ୍ର ସାମାନ୍ୟ ବୃଦ୍ଧିପାଇଛି। ବିଗତ ୧୦୦୦ ବର୍ଷ ମଧ୍ୟରେ ବର୍ତ୍ତମାନର ଗ୍ଲୋବାଲ୍ ୱାର୍ମିଂ ଯେ ଆଣ୍ଟାର୍କଟିକାରେ ବେଶି ମାତ୍ରାରେ ବରଫ ତରଳାଉଛି ତା'ର ପ୍ରମାଣ ମିଳିଛି ବ୍ରିଟିଶ ଆଣ୍ଟାର୍କଟିକା ସର୍ଭେ କରିଥିବା ଏକ ୩୬୪ ମିଟର ଡ୍ରିଲିଂ ଖନନରୁ, ଯେଉଁଥିରୁ ବରଫ ଖଣ୍ଡର ନମୁନା ବାହାରି ଆଣ୍ଟାର୍କଟିକାରେ ତାପମାତ୍ରାରେ ପରିବର୍ତ୍ତନର ତଥ୍ୟ ଯୋଗାଉଛି। ବରଫ ଗଦା ଉପରେ ଏହି ଗଭୀର ଡ୍ରିଲିଂ ବିଜ୍ଞାନ ଗବେଷଣାରେ ଏକ ମାଇଲଖୁଣ୍ଟ କହିବା ଯଥାର୍ଥ ହେବ। ଆଣ୍ଟାର୍କଟିକାର ଏକ ବୃହତ୍ ଜମାଟ ବାନ୍ଧିଥିବା ବରଫସ୍ତର ହେଉଛି ୱେଷ୍ଟ ଆଣ୍ଟାର୍କଟିକା ଆଇସ୍‌ସିଟ୍। ଯଦି ସମ୍ପୂର୍ଣ୍ଣ ଭାବରେ ତାପମାତ୍ରା ବୃଦ୍ଧିରେ ଏହା କେବେ ବିଗଳିତ ହୋଇଯାଏ ତେବେ ବିଶ୍ୱ ସମୁଦ୍ର ପତ୍ତନ ୬୧ ମିଟର ବଢ଼ିଯାଇପାରେ। ଏହି ରୋମାଞ୍ଚକାରୀ ସ୍ତୂପୀକୃତ ବରଫଗଦାରୁ ଯଦି ଖଣ୍ଡେ ବଡ଼ ଅଂଶ ବି ତରଳିଯାଏ ତାହାହେଲେ ତାହା ସମୁଦ୍ର ପତ୍ତନକୁ ୩ ରୁ ୬ ମିଟର ପର୍ଯ୍ୟନ୍ତ ବି ବଢ଼ାଇ ଦେଇପାରେ। ବର୍ଷକୁ ଆଣ୍ଟାର୍କଟିକାରୁ ହାରାହାରି ୭୦ ଗିଗାଟନ୍ ବରଫ ତରଳିଯାଉଛି। ବୈଜ୍ଞାନିକମାନେ ଆକଳନ କରୁଛନ୍ତି ଯେ ଗ୍ରୀନ୍‌ଲାଣ୍ଡ, ଆଣ୍ଟାର୍କଟିକା, ଆଟଲାଣ୍ଟିକ୍ ଓ ପାର୍ବତ୍ୟ ଶିଖରର ଗ୍ଲାସିଅରଗୁଡ଼ିକରେ ଜମାଟ ବାନ୍ଧିଥିବା ବରଫ ଯଦି ସବୁ ତରଳିଯାଏ ତେବେ ସମୁଦ୍ର ପତ୍ତନ ପ୍ରାୟ ୮୦ ମିଟର ପର୍ଯ୍ୟନ୍ତ ଉପରକୁ ଉଠିଯାଇପାରେ। ବର୍ତ୍ତମାନ ଅନ୍ତଃରାଷ୍ଟ୍ରୀୟ ଜଳବାୟୁ ପରିବର୍ତ୍ତନ ବିଶେଷଜ୍ଞ ମଣ୍ଡଳୀଙ୍କ ମତ ଅନୁସାରେ ସମୁଦ୍ର ପତ୍ତନ ବର୍ଷକୁ ହାରାହାରି ୩.୨ ମିଲିମିଟର ହାରରେ ବଢୁଛି। ଗ୍ରୀନ୍ ହାଉସ ଗ୍ୟାସ୍ ନିର୍ଗମନ ବଢ଼ି ଜଳବାୟୁ ଭବିଷ୍ୟତରେ ଅଧିକ ଉତ୍ତପ୍ତ ହେଲେ ଏକବିଂଶ ଶତାବ୍ଦୀ ଶେଷସୁଦ୍ଧା ସମୁଦ୍ର ପତ୍ତନ ୧ ମିଟରରୁ କିଛି ଅଧିକ ବଢ଼ିପାରେ। ଆମେରିକାର ଜାତୀୟ ସାମୁଦ୍ରିକ ବାୟୁମଣ୍ଡଳ ପ୍ରଶାସନିକ ପ୍ରତିଷ୍ଠାନ ନୋଆ ମତ ଦିଏ, ଏକବିଂଶ ଶତାବ୍ଦୀ ଶେଷ ବେଳକୁ ସମୁଦ୍ର ପତ୍ତନ ୨ ମିଟରରୁ ଅଧିକ ବଢ଼ିବାର ସମ୍ଭାବନା ଅଛି। ଅଧିକ କାର୍ବନ ଗ୍ୟାସ ନିର୍ଗମନ ଅଧିକ ସମୁଦ୍ର ପତ୍ତନ ବଢ଼ାଇବ। ଗ୍ଲୋବାଲ ୱାର୍ମିଂ ଯୋଗୁ ସମୁଦ୍ର ପତ୍ତନ ବଢ଼ିଲେ ଉପକୂଳ ପ୍ରତି ବିପଦ ଆସିବ। ସାମୁଦ୍ରିକ ଘୂର୍ଣ୍ଣିଝଡ଼ର ସଂଖ୍ୟା ଓ ଭୟବହତା ଅଧିକ ବଢ଼ିଯିବ। ଅଧିକ ଉଚ୍ଚ ସମୁଦ୍ର ଢେଉ ଷ୍ଟର୍ମସର୍ଜ ଉପକୂଳ ଭିତରକୁ ବହୁଦୂର ପର୍ଯ୍ୟନ୍ତ ମାଡ଼ି ଆସିବ। ଏହା ସୃଷ୍ଟି କରିବ ପ୍ରଳୟଙ୍କରୀ ସାମୁଦ୍ରିକ ବନ୍ୟା। କୋଷ୍ଟାଲ୍ ଫ୍ଲଡିଂ। ଉପକୂଳର ଧନଜୀବନ ସମୁଦ୍ର ଗର୍ଭକୁ ଟାଣି ହୋଇଯିବ।

ସମୁଦ୍ରର ଭୟ ଉପକୂଳବର୍ତ୍ତୀ ଦେଶଗୁଡ଼ିକରେ ବର୍ତ୍ତମାନ ଆଲୋଡ଼ନ ସୃଷ୍ଟି କଲାଣି। ଆମେରିକାର ପୂର୍ବ ଆଟଲାଣ୍ଟିକ୍ ଉପକୂଳରେ ସାମୁଦ୍ରିକ ବିପର୍ଯ୍ୟୟରେ ଶତାଧିକ ସହର ବୁଡ଼ିଯିବାର ଭୟ ଦେଖାଦେଲାଣି। ଭାରତ ମହାସାଗରରେ ଥିବା ମାଳଦ୍ୱୀପର ଅନେକ ଭାଗ ସମୁଦ୍ରରେ ବୁଡ଼ିଯିବାକୁ ବସିଲାଣି। ଥାଇଲାଣ୍ଡ ଓ ବାଂଲାଦେଶ ଉପକୂଳକୁ ସମୁଦ୍ର କ୍ରମଶଃ ବୁଡ଼ାଇ ଦେଉଛି। ଭାରତର ପୂର୍ବ ଓ ପଶ୍ଚିମ ଉପକୂଳର ସମୁଦ୍ର ପତ୍ତନ ବୃଦ୍ଧି ଯୋଗୁ କେତେକ ସ୍ଥାନ ଜଳପ୍ଲାବିତ ହେବ। ଭାରତ ଓ ବିଶେଷ ଭାବରେ ଓଡ଼ିଶାର ୪୮୦ କିଲୋମିଟର ବ୍ୟାପୀ ଉପକୂଳର ସୁରକ୍ଷା ଏକାନ୍ତ ଆବଶ୍ୟକ। ଓଡ଼ିଶା ବାତ୍ୟାପ୍ରବଣ। ଜଳବାୟୁ ପରିବର୍ତ୍ତନ ଓ ସାମୁଦ୍ରିକ ବିପଦ ପ୍ରତି ସଚେତନତା ସୃଷ୍ଟି ସଙ୍ଗେ ସଙ୍ଗେ ଓଡ଼ିଶା ଉପକୂଳର ପୁରୀ–କୋଣାର୍କ ପରି ଐତିହ୍ୟସ୍ଥଳୀର ସୁରକ୍ଷା ଏକାନ୍ତ ଜରୁରୀ।

ମଧୁପୁର, କୁଆଁପାଳ, କଟକ
ମୋ–୯୪୩୭୦୦୪୮୮୮

## ଏଇ ଭାରତରେ

କୃଷକମାନେ କିଭଳି କମ୍ ଜମିରେ କମ୍ ଖର୍ଚ୍ଚରେ ଅଧିକ ଲାଭ ପାଇପାରିବେ ସେଥିପାଇଁ ନିଷ୍ଠାର ସହ ଅଭିଯାନ ଚଳାଇଛନ୍ତି ଉତ୍ତରାଖଣ୍ଡର ବିଜୟ ଜର୍‌ଦାରୀ। ସେ 'ବିଜ୍ ବଚାଓ ଆନ୍ଦୋଳନ' ବା ମଞ୍ଜି ବଞ୍ଚାଅ ଆନ୍ଦୋଳନ(ବିବିଏ) ସଂଗଠନ ଗଢ଼ି ତା' ମାଧ୍ୟମରେ କୃଷକମାନଙ୍କ ପାଇଁ ଅଧିକ ଆୟର ପଥ ଦେଖାଇଛନ୍ତି। ତେହେରି ଗଡ଼ୱାଲ ଅଞ୍ଚଳର ତାଙ୍କ ଗାଁରେ ସେ ଗୋଟିଏ ଛୋଟ ଜମିରେ ୧୨ କିମ୍ବା ତା'ଠାରୁ ଅଧିକ ଫସଲ କମ୍ ଖର୍ଚ୍ଚରେ ଉତ୍ପାଦନ କରୁଛନ୍ତି। ଏ ସମ୍ପର୍କରେ ବିବିଏ ମାଧ୍ୟମରେ ଚାଷୀମାନଙ୍କୁ ପ୍ରଶିକ୍ଷଣ ଦେଉଛନ୍ତି। ପିଢ଼ି ପିଢ଼ି ଧରି ତାଙ୍କ ପରିବାର କମ୍ ଜମିରେ କରି ଆସୁଥିବା ବିବିଧ ଫସଲର ଧାରାକୁ ବଞ୍ଚାଇ ରଖିଛନ୍ତି ବିଜୟ। ସେ କହନ୍ତି, ତାଙ୍କ କୃଷି ପଦ୍ଧତିରେ ଚାଷ କରି ଜଣେ ବର୍ଷକୁ ଲକ୍ଷ ଲକ୍ଷ ଟଙ୍କା ସଞ୍ଚୟ କରିପାରିବ। ଗୋଟିଏ ଜମିରେ ପାରମ୍ପରିକ ଫସଲ କରି ସେଥିରୁ ବିହନ ସଂଗ୍ରହ କରି ଅନ୍ୟ ଚାଷୀମାନଙ୍କୁ ଦେଉଛନ୍ତି। ବିଜୟ ବିଭିନ୍ନ ସ୍ଥାନରୁ ୩୫୦ରୁ ଉର୍ଦ୍ଧ୍ୱ ପାରମ୍ପରିକ ବିହନ ସଂଗ୍ରହ କରିପାରିଛନ୍ତି। ସେ ଗୋଟିଏ ଜମିରେ ୧୨ ପ୍ରକାର ଚାଷ କରୁଥିବାରୁ ତାଙ୍କ ଚାଷ ପଦ୍ଧତିର ନାମ ରଖିଛନ୍ତି 'ବାରଣ୍ଡା', ଅର୍ଥାତ୍ ୧୨ ପ୍ରକାର ଶସ୍ୟ। ଏହି ଉପାୟରେ ଚାଷ କଲେ ଚାଷୀମାନଙ୍କ ପରିବାର ଉପାସ ରହିବେନି ଓ ଏହା ସେମାନଙ୍କୁ ଅତ୍ୟଧିକ ଋଣ ବୋଝରୁ ମୁକ୍ତ କରିପାରିବ ବୋଲି କହନ୍ତି ବିଜୟ। ଦୀର୍ଘ ୩୦ ବର୍ଷ ମଧ୍ୟରେ ତାଙ୍କ ଗାଁ ପାଖ ୧୫ରୁ ୨୦ଟି ଗାଁର ହଜାର ହଜାର ଚାଷୀଙ୍କୁ ଏଭଳି ପଦ୍ଧତିରେ ଚାଷ କରିବା ଲାଗି ଉତ୍ସାହିତ କରି ଆସିଛନ୍ତି। ଏହି ଚାଷରେ କୀଟନାଶକ, ମଞ୍ଜି ଓ କୃଷି ଶ୍ରମିକ ବାବଦରେ ଖର୍ଚ୍ଚ କରିବାକୁ ପଡୁଛି।

## ଚିରନ୍ତନୀ

ଆକାଶ ବିହଗ, ମାଟିର ପଶୁ
କହଇ କଥା
କରେ ପରକାଶ ଆପଣା ସୁଖ
ପରାଣ ବ୍ୟଥା।

(ପ୍ରାଚୀନ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଉଜ୍ଜ୍ୱଳା ଗ୍ୟାସ୍ ଦିଆଯାଉ

ମହାଶୟ,
କେନ୍ଦ୍ର ସରକାର ଗରିବ କଲ୍ୟାଣ ଯୋଜନାରେ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଗରିବ ଲୋକମାନଙ୍କୁ ଉଜ୍ଜ୍ୱଳା ଯୋଜନାରେ ୨୦୨୦ ମସିହା ସୁଦ୍ଧା ସମ୍ପୂର୍ଣ୍ଣ ହେବାକୁ ଥିବା ଯୋଜନାକୁ ୨୦୧୯ ମସିହାରେ ସମ୍ପୂର୍ଣ୍ଣ କରିଛନ୍ତି। ଏଥିରେ ୮ କୋଟି ଲୋକ ଉପକୃତ ହୋଇଛନ୍ତି ବୋଲି ସରକାର ଜଣାଇଛନ୍ତି। ଏଥିପାଇଁ ସରକାରଙ୍କୁ ଧନ୍ୟବାଦ। କିନ୍ତୁ ୨୦୧୯ ମସିହାରେ ଅଧିକାଂଶ ଗରିବ ଲୋକଙ୍କର ଆଧାର କାର୍ଡରେ ସେମାନଙ୍କର ନାମ, ଠିକଣା ସଂଶୋଧନ ହୋଇପାରି ନ ଥିଲା। ଉକ୍ତ ଆଧାର କାର୍ଡ ସଂଶୋଧନ ଚାଲିଥିବା ବେଳେ କେନ୍ଦ୍ର ସରକାର ଉକ୍ତ ଉଜ୍ଜ୍ୱଳା ଯୋଜନାକୁ ୨୦୧୯ ମସିହାରେ ଶେଷ କରି ଦେଇଛନ୍ତି। ଏଣୁ ବାକି ରହିଯାଇଥିବା ଗରିବ ଲୋକମାନଙ୍କର ଉଜ୍ଜ୍ୱଳା ଗ୍ୟାସ ପ୍ରଦାନ କରିବାକୁ କେନ୍ଦ୍ର ସରକାରଙ୍କୁ ବିନମ୍ର ଅନୁରୋଧ।

**ବିଶ୍ୱନାଥ ବରାଳ**
**ଚନ୍ଦନପୁର, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ସଂକ୍ଷେପରେ**

## ବ୍ୟାଙ୍କ ସମ୍ମୁଖରୁ ୨. ୩୦ଲକ୍ଷ ଲୁଟ୍

**କେନ୍ଦୁଝର, ୨୪।୯(ସ୍ୱ.ପ୍ର./ଡି.ଏନ.ଏ.):** କେନ୍ଦୁଝର ଜେଲଛକ ନିକଟ ଡିସିବି ଓ ଆଇଡିଏଫ୍‌ସି ବ୍ୟାଙ୍କ ନିକଟରୁ ଗୁରୁବାର ମଧ୍ୟାହ୍ନ ସମୟରେ ଲୁଟ୍ ହୋଇଛି। ଦୁର୍ବୃତ୍ତମାନେ ଏକ କାର୍ ଡୋର୍ ଖୋଲି ୨ଲକ୍ଷ ୩୦ ହଜାର ଟଙ୍କା ଲୁଟି ନେଇଛନ୍ତି। ନରଣପୁରର ଜଣେ ବ୍ୟବସାୟୀ ଚନ୍ଦନ କୁମାର ସାହୁ ଆଇଡିଏଫସି ବ୍ୟାଙ୍କକୁ ଟଙ୍କା ଜମା କରିବାକୁ ଯାଇଥିଲେ। ବ୍ୟାଙ୍କ ବାହାରେ କାର୍‌ରେ ଉକ୍ତ ଟଙ୍କା ଧରି ତାଙ୍କର ଜଣେ ସମ୍ପର୍କୀୟ ଅପେକ୍ଷା କରିଥିଲେ। ଏହି ସମୟରେ ୨ଜଣ ଯୁବକ ଏକ ପଲସର୍‌ରେ ଆସି କାର୍ ବସିଥିବା ସମ୍ପର୍କୀୟଙ୍କୁ ବଜାଜ ଶୋ'ରୁମ କେଉଁଠି ବୋଲି ପଚାରିଥିଲେ। ଏହି କଥାବାର୍ତ୍ତା ସମୟରେ ଅନ୍ୟ ଜଣେ ପଛ କବାଟ ଖୋଲି ଟଙ୍କା ବ୍ୟାଗକୁ ବାହାର କରିନେଇଥିଲେ। ପରେ ଦୁଇଜଣ ବାଇକ୍‌ରେ ୪୯ ନଂ.ଏନଏଚରେ ଶୁଆକାଠି ଅଭିମୁଖେ ଫେରାର ହୋଇଯାଇଥିଲେ। ପରେ କାର୍ ପଛରେ ଟଙ୍କା ବ୍ୟାଗ ନ ଥିବା ଦେଖି ପୋଲିସକୁ ସୂଚନା ଦିଆଯାଇଥିଲା। ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ବ୍ୟାଙ୍କ ନିକଟରୁ ବାରମ୍ବାର ଲୁଟ୍ ହେଉଥିଲେ ମଧ ଅନେକ ବ୍ୟାଙ୍କ ଆଗରେ ସିସିଟିଭି କ୍ୟାମେରା ଲଗାଉ ନ ଥିବା ଏବଂ ସିକ୍ୟୁରିଟି ବ୍ୟବସ୍ଥା କରୁ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି । ପୂର୍ବରୁ ଜେଲ୍‌ରୋଡ ନିକଟରୁ ଜଣେ ମହିଳା ଆଇନଜୀବୀ ଘରକୁ ଫେରୁଥିବା ବେଳେ ତାଙ୍କଠାରୁ ସୁନାଚେନ୍ ଲୁଟି ନେଇଥିଲେ।

# ମଧୁମେହ, କିଡ୍‌ନୀ, ହୃଦ୍‌ରୋଗୀଙ୍କୁ ବିଶେଷଜ୍ଞଙ୍କ ପରାମର୍ଶ

- **ହୋମ୍ ଆଇସୋଲେଶନରେ ରହିପାରିବେ ଜଟିଳ ରୋଗ ଥିବା କରୋନା ଆକ୍ରାନ୍ତ**
- **ମନଇଚ୍ଛା ଔଷଧ ଖାଇବା ବିପଜ୍ଜନକ ହୋଇପାରେ**
- **ଘରେ ରହୁଥିବା ରୋଗୀ ଅକ୍ସିଜେନ ନେଇପାରିବେ**

**ଭୁବନେଶ୍ୱର, ୨୪।୯(ବ୍ୟୁରୋ)**

କୌଣସି ଜଟିଳ ରୋଗ ଥିବା କରୋନା ଆକ୍ରାନ୍ତ ହୋମ୍ ଆଇସୋଲେଶନରେ ରହିପାରିବେ। କିନ୍ତୁ ଏଥିପାଇଁ ଅଧିକ ସତର୍କ ରହିବାକୁ ପଡ଼ିବ। ଏହି ପରିପ୍ରେକ୍ଷୀରେ ବିଶେଷକରି ମଧୁମେହ, କିଡ୍‌ନୀ ଓ ହୃଦ୍‌ରୋଗୀଙ୍କ ପାଇଁ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ କେତେକ ପରାମର୍ଶ ଦେଇଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ଚାଲୁଥିବା ସାପ୍ତାହିକ ଖବରଦାତା ସମ୍ମିଳନୀର ଗୁରୁବାର ଅନ୍ତିମ ଦିବସରେ କରୋନା କବଳରୁ କିପରି ଜଟିଳ ରୋଗୀମାନେ ନିଜକୁ ବଞ୍ଚାଇ ପାରିବେ ଓ ସେମାନଙ୍କ ପାଇଁ ହୋମ୍ ଆଇସୋଲେଶନ କେତେ ଜରୁରୀ ସେ ନେଇ ବିଭିନ୍ନ ପ୍ରଶ୍ନର ଉତ୍ତର ରଖିଥିଲେ ସ୍ୱାସ୍ଥ୍ୟ ବିଶେଷଜ୍ଞ।

କଟକ ଏସ୍‌ସିବିର ଅନ୍ତଃସ୍ରାବୀ ଗ୍ରନ୍ଥି ବିଭାଗ ପ୍ରଫେସର ଡା. ଅନୁଜ ବଳିୟାରସିଂ କହିଲେ, ସଂକ୍ରମଣ ଭୟ ଉଭୟ ସାଧାରଣ ରୋଗୀ ଓ ମଧୁମେହ ରୋଗୀଙ୍କ ପାଇଁ ସମାନ। କିନ୍ତୁ ଡାଇବେଟିସ୍ ନିୟନ୍ତ୍ରଣରେ ନ ରହିଲେ କରୋନା ସଂକ୍ରମଣ ସମ୍ଭାବନା ଅଧିକ ରହିଛି। ଯଦି ସେ ସଂକ୍ରମିତ ହୁଅନ୍ତି, ତାଙ୍କର ସୁଗାର ଓ ବିପି ନିୟନ୍ତ୍ରଣ ରହୁଛି, ସେମାନେ ହୋମ୍ ଆଇସୋଲେଶନରେ ରହିପାରିବେ। ତେବେ କରୋନା ଆକ୍ରାନ୍ତ ଯୋଗୁ ତାଙ୍କର ମାନସିକ ଚାପ ବଢୁଥିବାରୁ ସୁଗାର ବଢ଼ିପାରେ। ଆବଶ୍ୟକ କ୍ଷେତ୍ରରେ ସେମାନେ ଇନ୍‌ସୁଲିନ୍ ନେବା ଉଚିତ। ସେହିପରି ସିଭିୟର କରୋନା ଥିଲେ, ହୃତ୍‌ସ୍ପନ୍ଦନ ବେଶି ବଢ଼ିଯିବାର ସମ୍ଭାବନା ଅଛି। ମୁଣ୍ଡ ବୁଲାଇବା ଲକ୍ଷଣ ଦେଖିଲେ ସେମାନେ ତୁରନ୍ତ ଡାକ୍ତରଙ୍କୁ ଦେଖାନ୍ତୁ ବୋଲି ଡା. ବଳିୟାରସିଂ କହିଛନ୍ତି।

ଏସ୍‌ସିବି ମେଡିକାଲ କଲେଜର ପ୍ରଫେସର ଡା. ଜୟନ୍ତ ପଣ୍ଡା କହିଲେ, କିଡ୍‌ନୀ ରୋଗୀଙ୍କର ଫଙ୍କ୍ସନାଲ୍ ଷ୍ଟାଟସ୍ ଦେଖି ଡୋଜ୍ ଦିଆଯାଏ। କରୋନା ଆକ୍ରାନ୍ତଙ୍କ ପାଇଁ ସମସ୍ତ କୋଭିଡ୍ ହସ୍ପିଟାଲରେ ସ୍ୱତନ୍ତ୍ର ଡାଏଲିସିସ ବ୍ୟବସ୍ଥା କରାଯାଇଛି। ହୋମ୍ ଆଇସୋଲେଶନରେ ରହୁଥିବା ରୋଗୀ ଡାକ୍ତରଙ୍କ ପରାମର୍ଶ କରି ଘରେ ଅକ୍ସିଜେନ ନେଇପାରିବେ। ଲକ୍ଷଣ ନ ଥିଲେ ଓ ରୋଗ ଗୁରୁତର ନ ଥିଲେ ଘରେ ରହି ଚିକିତ୍ସା ହୋଇପାରିବେ। ଜ୍ୱର, କାଶ ବଢ଼ିଲେ, ପତଳା ଝାଡ଼ା ହେଲେ ୧୦୪କୁ ଫୋନ କରି କୋଭିଡ୍ ହସ୍ପିଟାଲକୁ ସ୍ଥାନାନ୍ତର ହୋଇପାରିବେ। ଛୋଟ ଛୋଟ ସମସ୍ୟା ପାଇଁ ହସ୍ପିଟାଲ ଆସନ୍ତୁନି, ରିସ୍କ ବଢ଼ିପାରେ ବୋଲି ସେ କହିଛନ୍ତି। ଗ୍ରାମାଞ୍ଚଳରେ ଲୋକମାନେ ମନଇଚ୍ଛା କରୋନା ପାଇଁ ଔଷଧ ଖାଉଛନ୍ତି। ଏହା ସ୍ୱାସ୍ଥ୍ୟ ପକ୍ଷେ ବିପଜ୍ଜନକ ହୋଇପାରେ। ତେଣୁ ସେଭଳି ନ କରି ଡାକ୍ତରଙ୍କ ପରାମର୍ଶରେ ଔଷଧ ଖାଆନ୍ତୁ ବୋଲି ଡା. ପଣ୍ଡା ସତର୍କ କରାଇଛନ୍ତି।

ଏହି ଅବସରରେ କେୟାର ହସ୍ପିଟାଲର ହୃଦ୍‌ରୋଗ ବିଶେଷଜ୍ଞ ଡା. ମହେନ୍ଦ୍ର ପ୍ରସାଦ ତ୍ରିପାଠୀ କହିଲେ, ହୃଦ୍‌ରୋଗରେ ଆକ୍ରାନ୍ତ ବ୍ୟକ୍ତି କରୋନାରେ ସଂକ୍ରମିତ ହେଲେ ଜଟିଳତା ଆହୁରି ବଢ଼ିଯିବା ଆଶଙ୍କା ରହିଛି। ଏଥିପାଇଁ ସାବଧାନତା ଅବଲମ୍ବନ କରିବାକୁ ପଡ଼ିବ। ଛାତିରେ ଯନ୍ତ୍ରଣା, ନିଃଶ୍ୱାସ ପ୍ରଶ୍ୱାସ ନେବାରେ କଷ୍ଟ ଅନୁଭବ କରିବା, ଅନିୟମିତ ହୃଦ୍‌ସ୍ପନ୍ଦନ ଭଳି ଲକ୍ଷଣକୁ ଯତ୍ନର ସହ ପାଳନ କରିବା ଗୁରୁତ୍ୱପୂର୍ଣ୍ଣ। କାରଣ କୋଭିଡ୍ ସଂକ୍ରମଣ ହେଲେ ୩-୪ଟି ସମସ୍ୟା ହୋଇପାରେ। ସ୍ଥାୟୀ ଥ୍ରୋମ୍ବୋସିସ୍ କାରଣରୁ ସେମାନେ ହୃଦ୍‌ଘାତରେ ପୀଡିତ ହୋଇପାରନ୍ତି। ଅନିୟମିତ ହୃଦ୍‌ସ୍ପନ୍ଦନ ଯୋଗୁ ସେମାନେ ହଠାତ୍ ହୃଦ୍‌ଘାତରେ ପୀଡ଼ିତ ହୋଇପାରନ୍ତି କିମ୍ବା ମାୟୋକାର୍ଡାଇଟିସ୍ କାରଣରୁ ସେମାନଙ୍କର ହୃଦୟର ମାଂସପେଶୀ କାର୍ଯ୍ୟ ଦୁର୍ବଳ ହୋଇପାରେ ବୋଲି ଡା. ତ୍ରିପାଠୀ କହିଛନ୍ତି।

## ବରଦା ପ୍ରସନ୍ନ ଦାସ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଅତିରିକ୍ତ ନିର୍ଦ୍ଦେଶକ



**ଭୁବନେଶ୍ୱର ୨୪।୯(ବ୍ୟୁରୋ)–** ସୂଚନା ଓ ଲୋକ ସମ୍ପର୍କ ବିଭାଗର ଦୀର୍ଘଦିନ ଧରି ଖାଲିଥିବା ଅତିରିକ୍ତ ନିର୍ଦ୍ଦେଶକ ପଦ ପୂରଣ କରାଯାଇଛି। ଯୁଗ୍ମ ନିର୍ଦ୍ଦେଶକ ଥିବା ବରଦା ପ୍ରସନ୍ନ ଦାସଙ୍କୁ ପଦୋନ୍ନତି ଦେଇ ଉକ୍ତ ପଦବୀରେ ନିଯୁକ୍ତି ମିଳିଛି। ପୂର୍ବରୁ ସେ ଟିଟିଲାଗଡ଼ରେ ୧୯୮୪ରୁ ୧୯୯୦ ପର୍ଯ୍ୟନ୍ତ ଅବସ୍ଥାନ କରି ଓଡ଼ିଶା ସୂଚନା ସେବାରେ ଚାକିରି ଆରମ୍ଭ କରିଥିଲେ। ଏହାପରେ ନୟାଗଡ଼, ଜୟଦେବ ଭବନ, କଟକ, ବାଙ୍କୀ, ଅନୁଗୋଳ, ଦେବଗଡ, ଭୁବନେଶ୍ୱର ଖୋର୍ଦ୍ଧା ଜିଲାରେ ନିଜ ଦାୟିତ୍ୱ ସହ ସଂସ୍କୃତି ଅଧିକାରୀଭାବେ ସୁଚାରୁରୂପେ କାର୍ଯ୍ୟ ତୁଲାଇଛନ୍ତି। ଦାସ ତାଙ୍କ କାର୍ଯ୍ୟକାଳ ମଧ୍ୟରେ ସରକାରଙ୍କ ବିଭିନ୍ନ ଯୋଜନାକୁ ଲୋକାଭିମୁଖୀ କରିବା ଉପରେ ଗୁରୁତ୍ୱ ଦେଇ ଆସିଛନ୍ତି। ପଦୋନ୍ନତି କମିଟି ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଉନ୍ନୟନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ସୂଚନା ଓ ଲୋକ ସମ୍ପର୍କ ଶାସନ ସଚିବ ସଞ୍ଜୟ ସିଂ, ସୂଚନା ଓ ଲୋକସମ୍ପର୍କ ନିର୍ଦ୍ଦେଶକ କୃପାସିନ୍ଧୁ ମିଶ୍ର ପ୍ରମୁଖ ସଭ୍ୟ ଥିଲେ।

## ସରକାରୀ ଅଫିସରେ କୋଭିଡ୍ ପ୍ରୋଟୋକଲ ପାଳନ ନିର୍ଦ୍ଦେଶ

**ଭୁବନେଶ୍ୱର ୨୪।୯(ବ୍ୟୁରୋ):** ସରକାରୀ କାର୍ଯ୍ୟାଳୟରେ ବାହାରୁ ଥିବା କରୋନା ପଜିଟିଭ କେସ୍‌କୁ ନେଇ ସାଧାରଣ ପ୍ରଶାସନ ଏବଂ ସାଧାରଣ ଅଭିଯୋଗ ବିଭାଗ ଏକ ଚିଠି କରିଛି। ଲୋକସେବା ଭବନରେ କାର୍ଯ୍ୟ କରୁଥିବା ବହୁ ସରକାରୀ ଅଧିକାରୀ ଏବେ କରୋନାରେ ସଂକ୍ରମିତ ହେଉଥିବା ଜଣାପଡ଼ିଛି। ବହୁ ପରିମାଣର କରୋନା ପଜିଟିଭ ସରକାରୀ ଅଫିସରେ ଚିହ୍ନଟ ହେବା ସତ୍ତ୍ୱେ କୌଣସି ନିୟମ ପାଳନ କରାଯାଉନାହିଁ। ଯଦି ଏହାପରେ କୌଣସି ଅଫିସରେ ପଜିଟିଭ ଚିହ୍ନଟ ହୁଅନ୍ତି ତେବେ ସଙ୍ଗେ ସଙ୍ଗେ ଏନେଇ ଅବଗତ କରାଇବାକୁ କୁହାଯାଇଛି। ସ୍ୱାସ୍ଥ୍ୟ ବିଭାଗ ସହ ଆଲୋଚନା କରି ଏନେଇ ପ୍ରସ୍ତୁତ ବିଜ୍ଞପ୍ତି ବିଭାଗରେ ମରାଯିବ। ଅଫିସର ମୁଖ୍ୟ କିମ୍ବା କୋଭିଡ୍ ଅଫିସରଙ୍କୁ ପ୍ରୋଟୋକଲ ପାଳନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

## ଗୁଜରାଟକୁ ଆଉ ୨ ଯୋଡ଼ା ସ୍ୱତନ୍ତ୍ର ଟ୍ରେନ୍ ଚାଲିବ

**ଭୁବନେଶ୍ୱର, ୨୪।୯ (ବ୍ୟୁରୋ) –** ଓଡ଼ିଶାରୁ ଗୁଜରାଟକୁ ଚଳାଚଳ କରୁଥିବା ସମସ୍ତ ସ୍ୱତନ୍ତ୍ର ଟ୍ରେନ ପାଇଁ ଯାତ୍ରୀଙ୍କ ଲମ୍ବା ପ୍ରତୀକ୍ଷା ତାଲିକା ରହୁଛି। ସେହିଭଳି ସୁରଟ ଓ ଅହମ୍ମଦାବାଦକୁ ଚାଲୁଥିବା ସ୍ୱତନ୍ତ୍ର ଟ୍ରେନ୍‌ଗୁଡିକରେ ଯାତ୍ରୀ ଭିଡ଼ ରହୁଛି। ଏହାକୁ ଦୃଷ୍ଟିରେ ରଖି ପୂର୍ବତଟ ରେଳପଥ ଓଡିଶାରୁ ଗୁଜରାଟକୁ ଆହୁରି ଦୁଇ ଯୋଡ଼ା ସ୍ୱତନ୍ତ୍ର ଟ୍ରେନ୍ ଚଳାଇବାକୁ ନିଷ୍ପତ୍ତି ନେଇଛି। ସମ୍ବଲପୁର-ଟିଟିଲାଗଡ଼-ରାଇପୁର ମାର୍ଗ ଦେଇ ଖୋର୍ଦ୍ଧା ରୋଡ୍-ସୁରଟ-ଖୋର୍ଦ୍ଧା ରୋଡ଼ ମଧ୍ୟରେ ଏଣିକି ସାପ୍ତାହିକ ସ୍ୱତନ୍ତ୍ର ଟ୍ରେନ ଚଳାଚଳ କରିବ। ସେପ୍ଟେମ୍ବର ୨୭ରୁ ଅକ୍ଟୋବର ୧୮ ମଧ୍ୟରେ ଏହା ଖୋର୍ଦ୍ଧା ରୋଡ଼ଠାରୁ ପ୍ରତି ରବିବାର ରାତି ୮ଟା ୪୦ରେ ଛାଡିବାକୁ ଥିବାବେଳେ ସେପ୍ଟେମ୍ବର ୨୯ରୁ ଅକ୍ଟୋବର ୨୦ ମଧ୍ୟରେ ଏହା ସୁରଟରୁ ପ୍ରତି ମଙ୍ଗଳବାର ସକାଳ ୮ଟା ୩୦ରେ ଛାଡ଼ିବ। ସେହିଭଳି ବିଜୟନଗରମ, ଦୁଭାଡା, ବିଜୟୱାଡା, ୱାର୍ଧା ମାର୍ଗଦେଇ ଖୋର୍ଦ୍ଧା ରୋଡ୍-ଅହମ୍ମଦାବାଦ-ଖୋର୍ଦ୍ଧା ରୋଡ୍ ମଧ୍ୟରେ ସାପ୍ତାହିକ ସ୍ୱତନ୍ତ୍ର ଟ୍ରେନ ଚାଲିବ। ସେପ୍ଟେମ୍ବର ୩୦ରୁ ଅକ୍ଟୋବର ୨୧ ମଧ୍ୟରେ ଏହା ଖୋର୍ଦ୍ଧାରୋଡ୍‌ଠାରୁ ପ୍ରତି ବୁଧବାର ପୂର୍ବାହ୍ନ ୧୦ଟା ୪୦ରେ ଛାଡିବାକୁ ଥିବାବେଳେ ଅକ୍ଟୋବର ୩ରୁ ୨୪ ମଧ୍ୟରେ ଅହମ୍ମଦାବାଦଠାରୁ ପ୍ରତି ଶୁକ୍ରବାର ରାତି ୧୨ଟା ୧୫ରେ ଛାଡ଼ିବ। ଏହି ଦୁଇଟି ନୂତନ ଟ୍ରେନ୍ ଚାଲିବା ପରେ ଓଡିଶାରୁ ଗୁଜରାଟକୁ ସପ୍ତାହରେ ସବୁଦିନ ସ୍ୱତନ୍ତ୍ର ଟ୍ରେନ ଉପଲବ୍ଧ ହେବ ଓ ସପ୍ତାହରେ ୯ ଯୋଡ଼ା ସ୍ୱତନ୍ତ୍ର ଟ୍ରେନ ଚଳାଚଳ କରିବ।

## ଟିଏସ୍‌ଏମ୍‌ଏଲ୍‌ର ସୁକିନ୍ଦା ଖଣି କାର୍ଯ୍ୟ ଆରମ୍ଭ

**ଯାଜପୁର ଅଫିସ୍, ୨୪।୯:** ଟାଟା ଷ୍ଟିଲ ଆଲୋଏଜ ଭାବେ ପରିଚିତ ଟାଟା ଷ୍ଟିଲ ମାଇନିଂ ଲିମିଟେଡ (ଟିଏସ୍‌ଏମ୍‌ଏଲ୍)ର ସୁକିନ୍ଦା କ୍ରୋମାଇଟ ମାଇନ୍ସର ପରିଚାଳନା କାର୍ଯ୍ୟ ଆରମ୍ଭ ହୋଇଛି। ଏଥିପାଇଁ ଅନୁଷ୍ଠିତ ଗ୍ରାଉଣ୍ଡ ବ୍ରେକିଂ ସେରିମନି ଉତ୍ସବରେ ଟିଏସ୍‌ଏମ୍‌ଏଲ୍‌ର ମ୍ୟାନେଜିଂ ଡାଇରେକ୍ଟର ଏମ୍.ସି. ଥୋମାସ, ସିନିୟର ଜେନେରାଲ ମେନେଜର ସୁଶାନ୍ତ ମିଶ୍ର, ମାଇନ ଡେଭଲପର ଆଣ୍ଡ ଅପରେଟର (ଏମ୍‌ଡି), ଧନସାର ଇଞ୍ଜିନିୟର ଆଣ୍ଡ କୋ(ଡେକୋ) ଏବଂ ଟିଏସ୍‌ଏମ୍‌ଏଲ୍‌ର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଟିଏସ୍‌ଏମ୍‌ଏଲ୍‌ର ଖଣି ବ୍ୟବସାୟ କ୍ଷେତ୍ରରେ ଏହା ପ୍ରଥମ ପାହାଚ ହେବା ସହ ଏକ ମାଇଲ ଖୁଣ୍ଟ ହେବ ବୋଲି କମ୍ପାନୀର ଏମ୍‌ଡି ଏମ.ସି. ଥୋମାସ ଏକ ବିଜ୍ଞପ୍ତିରେ ପ୍ରକାଶ କରିଛନ୍ତି। ଟାଟା ଷ୍ଟିଲର ସୁକିନ୍ଦା କ୍ରୋମାଇଟ ମାଇନ୍ସର ଚୁକ୍ତି ଅବଧି ଗତ ମାର୍ଚ୍ଚ ୩୧ରେ ଶେଷ ହୋଇଥିଲା। ଏହାପରେ ଟିଏସ୍‌ଏମ୍‌ଏଲ୍‌କୁ ଯାଜପୁର ଜିଲା ସୁକିନ୍ଦା କ୍ରୋମାଇଟ ମାଇନ୍ସ, ସାରୁଆବିଲ କ୍ରୋମାଇଟ ଖଣି ଓ କମର୍ଦ୍ଧା କ୍ରୋମାଇଟ ଖଣି ୫୦ ବର୍ଷ ପାଇଁ ଲିଜ ମିଳିଛି।

## ମନ୍ଦିର ପରିସରରେ ଯୁବକଙ୍କୁ ହତ୍ୟା



ପୋଲିସ ତଦନ୍ତ ଚଳାଇଛି।

**ସାଇଣ୍ଟିଫିକ ଟିମ୍ ତଦନ୍ତ, ୪ ଅଟକ**

**ବ୍ରହ୍ମପୁର ଅଫିସ୍ ,୨୪।୯**

ଗଞ୍ଜାମ ଜିଲା ବ୍ରହ୍ମପୁର ବଡ଼ ବଜାର ଥାନା ପୁରୁଣା ବ୍ରହ୍ମପୁର ମେଣ୍ଟଛକ ନିକଟସ୍ଥ ରାଧାକୃଷ୍ଣ ମନ୍ଦିର ପରିସରରେ ବୁଧବାର ରାତିରେ ଘଟିଛି ଏକ ହତ୍ୟାକାଣ୍ଡ। ଜଣେ ଯୁବକଙ୍କୁ କେତେଜଣ ଦୁର୍ବୃତ୍ତ ପଥରେ ଛେଚି ହତ୍ୟା କରିଛନ୍ତି। ମୃତ ହେଲେ ଜେନାସାହିରେ କାଳିଆ ସାହୁ(୩୦)। ଏ ନେଇ ବଡ଼ ବଜାର ଥାନାରେ ନଂ. ୧୯୬/୨୦ରେ ମାମଲା ରୁଜୁ ହୋଇଛି। ପୋଲିସ ସାଇଣ୍ଟିଫିକ୍ ଟିମ୍ ଓ ଡଗ ସ୍କ୍ୱାଡ଼ ତଦନ୍ତ ଆରମ୍ଭ କରିଛି। ହତ୍ୟା ସନ୍ଦେହରେ ୪ ଜଣ ଯୁବକଙ୍କୁ ଅଟକ ରଖି ପଚାରାଉଚାର କରାଯାଉଛି।

ପ୍ରକାଶ ଯେ, ରାତିରେ ପୂଜକ ମନ୍ଦିରରେ ତାଲ ପକାଇ ଘରକୁ ଚାଲି ଯାଇଥିଲେ। ତା'ପରେ ଜଗୁଆଳି ଆସିଥିଲେ। ବିଳମ୍ବିତ ରାତିରେ ମନ୍ଦିର ପରିସରରେ ଥିବା ରୋଷେଇଶାଳ ବାରଣ୍ଡାରେ ଜଣେ ଯୁବକଙ୍କ ରକ୍ତାକ୍ତ ମୃତଦେହ ପଡ଼ିଥିବା ଦେଖି ଜଗୁଆଳି ମନ୍ଦିର ପୂଜକ ଓ ଟ୍ରଷ୍ଟିଙ୍କୁ ଖବର କରିଥିଲେ। ସେମାନେ ପହଞ୍ଚି ପୋଲିସକୁ ସୂଚନା ଦେଇଥିଲେ। ଗୁରୁବାର ଭୋର୍‌ରେ ବଡ଼ ବଜାର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲା। କାଳିଆଙ୍କ ମା' ବାସନ୍ତୀଙ୍କ କହିବାନୁସାରେ, କାଳିଆ କିଛିଦିନ ହେଲା ମନ୍ଦିରରେ ରଙ୍ଗ କାମ କରୁଥିଲେ। ରାତିରେ ସେ ମନ୍ଦିର ପରିସରରେ ହିଁ ଶୋଇ ପଡ଼ିଥିଲେ। ପୋଲିସ କାଳିଆଙ୍କ ମୃତଦେହ ନିକଟରୁ ଦୁଇଟି ରକ୍ତଲଗା ଇଟା ସହ ଏକ ଗଞ୍ଜେଇ ଚିଲମ, ଦିଆସିଲି ଜବତ କରିଛି। ରାତିରେ କାଳିଆଙ୍କ ସହିତ କିଛି ଯୁବକ ଗଞ୍ଜେଇ ଟାଣିବା ପରେ କୌଣସି କଥାକୁ ନେଇ ଏହି ହତ୍ୟାକାଣ୍ଡ ଘଟାଇଥାଇପାରନ୍ତି ବୋଲି ପୋଲିସ ଅନୁମାନ କରୁଛି।

## ବ୍ରାଉନ୍‌ସୁଗାର ଡିଲରଙ୍କ ଆର୍ଥିକ କାରବାର ଯାଞ୍ଚ କରିବ ଇଡି

**ଭୁବନେଶ୍ୱର,୨୪।୯(ବ୍ୟୁରୋ)**

ରାଜ୍ୟରେ ପୁଣି ବ୍ରାଉନସୁଗାର ଓ ନିଶା କାରବାର ବଢ଼ି ଚାଲିଛି। ଧଳା ଜହରର କଳା ସାମ୍ରାଜ୍ୟକୁ ଧ୍ୱଂସ କରିବା ପାଇଁ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ଓ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ହାତ ମିଳାଇଛନ୍ତି। ଏସ୍‌ଟିଏଫ୍‌ର ଚିଠି ପରେ ଏବେ ବ୍ରାଉନସୁଗାର ଡିଲରଙ୍କ ଆର୍ଥିକ କାରବାରର ଖୋଳତାଡ଼ କରିବ ଇଡି। ପ୍ରଥମେ ବ୍ରାଉନସୁଗାର ଡିଲର ବାଲେଶ୍ୱରର ଲୋକନାଥ ବେହେରା ଓ ପ୍ରଦୀପ କୁମାର ଦାଶଙ୍କ ଆର୍ଥିକ କାରବାର ଓ ବେଆଇନ ସମ୍ପତ୍ତି ଯାଞ୍ଚ କରିବ। ପରେ ରାଜ୍ୟର ଅନ୍ୟ ବ୍ରାଉନସୁଗାର ଡିଲର ଓ ବ୍ୟବସାୟୀଙ୍କୁ ତଦନ୍ତ ପରିସରଭୁକ୍ତ କରିବ ଇଡି। ସୂଚନାଯୋଗ୍ୟ,ମାର୍ଚ୍ଚ ୧୯ରେ ଏସ୍‌ଟିଏଫ୍ ୨ ଇଞ୍ଜିନିୟରିଂ ଛାତ୍ରଙ୍କୁ ଗିରଫ କରିଥିଲା। ସେମାନେ ହେଲେ ନୀଳଗିରି ଥାନା ମିତ୍ରପୁରର ପ୍ରଦୀପ କୁମାର ଦାଶ ଓ ନୀଳଗିରି କଲ୍ୟାଣୀ ଅଞ୍ଚଳର ଲୋକନାଥ ବେହେରା। ସେମାନଙ୍କ ନିକଟରୁ ଏସ୍‌ଟିଏଫ ୨କେଜି ୭୨୯ ଗ୍ରାମ୍‌ର ବ୍ରାଉନସୁଗାର ଜବତ କରିଥିଲା। ଏହାର ବଜାର ମୂଲ୍ୟ ୨କୋଟି ୭୦ ହଜାର ଟଙ୍କା। ପ୍ରଦୀପ ଚାନ୍ଦିପୁରରେ ଥିବା ଏକ ଇଞ୍ଜିନିୟରିଂ କଲେଜରେ ବିଟେକ ତୃତୀୟ ବର୍ଷରେ ପାଠ ପଢୁଥିଲେ। ପ୍ରଦୀପଙ୍କ ସହ ଲୋକନାଥ କାନ୍ଧରେ ଲାପଟପ ବ୍ୟାଗ୍ ପକାଇ ଯାଉଥିଲେ। କିନ୍ତୁ ବ୍ୟାଗ୍ ଭିତରେ ଲାପଟପ ତଳେ ଧଳା ରଖି ବ୍ୟବସାୟ କରୁଥିଲେ। ଏସ୍‌ଟିଏଫ୍ ଅଧିକାରୀମାନେ ତଦନ୍ତ ସମୟରେ ସେମାନଙ୍କ ଆର୍ଥିକ କାରବାର ଓ ସମ୍ପତ୍ତି ସମ୍ପର୍କରେ ଜାଣିବା ପରେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। କାରଣ ଲୋକନାଥ ଜଣେ ବ୍ରାଉନସୁଗାର ଡିଲର ହୋଇଥିବାବେଳେ ସେ ପ୍ରାୟ ସମୟରେ ବାଂଲାଦେଶରୁ ତାହାକୁ ଆଣି ରାଜ୍ୟର ବିଭିନ୍ନ ଅଞ୍ଚଳରେ ଥିବା ବେପାରୀଙ୍କୁ ଯୋଗାଇଥାନ୍ତି। ଲୋକନାଥଙ୍କ ଆକାଉଣ୍ଟକୁ ଅନ୍ୟ ଦେଶ ଓ ରାଜ୍ୟରୁ ବିପୁଳ ଟଙ୍କା କାରବାର ହୋଇଛି। ଏହାସହ ଲୋକନାଥ ବ୍ରାଉନସୁଗାର ବ୍ୟବସାୟରୁ ରାଜମହଲ ଭଳି ଘର, ଦାମୀ ଗାଡି, ଏକାଧିକ ବ୍ୟବସାୟ ପ୍ରତିଷ୍ଠାନ କରିଥିବାବେଳେ ଜମି ଓ ଅନ୍ୟାନ୍ୟ ସମ୍ପତ୍ତି କରିଥିବା ତଦନ୍ତବେଳେ ଏସ୍‌ଟିଏଫ୍ ଜାଣିବାକୁ ପାଇଛି। ସେହିଭଳି ପ୍ରଦୀପ ମଧ୍ୟ ଇଞ୍ଜିନିୟରିଂ ପଢୁଥିଲେ ମଧ୍ୟ ବିପୁଳ ସମ୍ପତ୍ତି କରିଥିବା ଜଣାପଡିଥିଲା।


**BHUBANESWAR DEVELOPMENT AUTHORITY**
AKASH SHOVA BUILDING, PANDIT JAWAHARLAL NEHERU MARG, BHUBANESWAR - 751001
PABX No. 0674-2392801 / 0998 / 6437, FAX No. 0674-2390633 / 085
Visit us at: http://www.bda.gov.in/

Bid Identification No. ENG-IV Est-20/2014 (Vol-III)/572 Dated: 24.09.2020

**INVITATIONS FOR BIDS (IFB)**

Executive Engineer, Division-IV, BDA, Bhubaneswar on behalf of Bhubaneswar Development Authority invites **percentage rate bids** in **Double Cover system** conforming to the Detailed Tender Call Notice (DTCN) from Fire fighting contractors registered under MSME having PAN and valid EPF & ESI registration No., GST Certificate for the item of works as indicated in the table below.

| Sl No. | Name of work | Estimated Cost (in Rs.) | EMD (in Rs.) | Cost of Tender Paper | Period of Completion |
|---|---|---|---|---|---|
| (1) | (2) | (3) | (4) | (5) | (6) |
| 1. | M/R to E.I of B.D.A office building, Bhubaneswar (Fire fighting works of Akash Sova building) | 11,81,920.00 | 12,000.00 | 6000.00 + 12% GST | 30 (Thirty days) |

1. The Bid documents will be available in the website: **https://tendersodisha.gov.in** from **25.09.2020 at 10.30 Hours up to 06.10.2020 at 17.00 Hrs.** Any addendum / corrigendum / cancellation of tender can only be seen in the said website.
2. Bids shall be received only **"Online" on or before 06.10.2020 up to 17.00 Hours.** The bidder must possess compatible Digital Signature Certificate (DSC) of Class-II or Class-III.
3. Other details can be seen in the bidding documents.
4. The authority reserves the right to cancel any or all bids without assigning any reason.

Sd/-
Executive Engineer,
Division - IV, BDA, BBSR



**CLASSIFIED DISPLAY**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ଋଣ ହିଁ ଋଣ ପାଆନ୍ତୁ
ମାର୍କଶିଟ୍ ପ୍ରପର୍ଟି ବ୍ୟବସାୟ ପର୍ସନାଲ
ସମସ୍ତ ଋଣ
0% ସୁଧ 40% ସବ୍‌ସିଡି
ରୁଚିତା :- 7649061623
ପୂଜା :- 7587660596
ପାୟଲ:- 7772806247

RIDHI FINANCE
ଋଣ କରାନ୍ତୁ ମାତ୍ର 24 ଘଣ୍ଟାରେ
ସବୁ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଋଣ, ପଶୁପାଳନ, ବ୍ୟବସାୟ ଓ ଗୃହ ଋଣ
50% ଛାଡ଼ 1% ସୁଧ
କମ୍ ସୁଧ ହାରରେ ଋଣ ମିଳିବ
ଥରେ ସେବାର ସୁଯୋଗ ଦିଅନ୍ତୁ Online ସୁବିଧା
ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ
9310078574
9310051634
Email : ltfinanceodisha@gmail.com

ଖର୍ଚ୍ଚ ଲୋନ ପାସ୍ ହେଲା ପରେ
GLOBAL FINANCE
(Reg. No. KA08FGD557S113)
(ବିନା କୌଣସୀ ସୀକ୍ୟୁରିଟି ରେ)
୧୯୮୧ ରୁ ଆପଙ୍କର ସେବାରେ
ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
7653848464

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ALL EDITION - B/W (Every Day)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

BIDIKA FINANCE
ସମସ୍ତ ପ୍ରକାର LOAN ପାଇଁ
ପ୍ରପୋର୍ଟି, ପର୍ସନାଲ୍, ମାର୍କସିଟ୍, ପଶୁପାଳନ, ବ୍ୟବସାୟ, ଗୃହ, ଶିକ୍ଷା, କୃଷି ଓ ଲଘୁ ଉଦ୍ୟୋଗ ଇତ୍ୟାଦି ସବୁ ପ୍ରକାର ଋଣ ନେବାକୁ ଯୋଗାଯୋଗ କରନ୍ତୁ।
LOAN ଘରେ ବସି ନେଇପାରିବେ ମାତ୍ର ୨% କମ୍ ସୁଧ ହାରରେ।
Bausnpola, Bijepur, Bargarh
7656825220
7656825217

ବାବା ଅମିଲ୍ ସୁଫି
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧ୍ୟାକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୂଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
7503449786
8800979262



**PANCHAYAT SAMITI OFFICE, KANIHA**
**CORRIGENDUM**

**No. 1863** **Dt.24.09.2020**

In view of the ambiguity arosed due to prepond of the date of submission and date of opening of the Bid document vide Corrigendum No. **1760 Dt.14.09.2020** the tender commiittee is hereby recommended to extend the date of submission of the Bid on Dt.29.09.2020 from 10.00 A.M. to 11.00 A.M. and the opening of the tender paper will be made on Dt.29.09.2020 at 11.30 A.M. The bidder who have submitted their Bid on 24.09.2020 from 10.00 A.M. to 1.00 P.M. through the Tender Box No. 01/2020-21 placed in the Office of the BDO, Kaniha need not to submit fresh Bid again. The extension is being made to provide the adequate opportunity to the bidder who have purchased the Bid documents on or after the date of Corrigendum No.**1760 Dt.14.09.2020** with a confusion to submit the Bid on Dt.25.09.2020 as specified in the Bid documents **Page No.- 3, Sl. No.- 04 & Page No-. 06, Sl. No.- 03.**

**Sd./- Block Development Officer, Kaniha**



Government of Odisha "e" Procurement Notice
**WORKS DEPARTMENT**
Bid Identification No.S.E.K.C., Keonjhar No.07/2020-21
e-mail:sekcpwd_keonjhar@yahoo.com
No.B-291:-
Letter No.2497 dt.21.09.2020

1. No. of work : 05 Nos. building works
2. Estimated cost : Rs.152.26 lakhs to Rs.516.57 lakhs
3. Period of completion : 09 (Nine) calendar months to 11 (Eleven) calendar months
4. Date and time of availability of bid document in the portal : From 11.00 hours of 08.10.2020 to 16.00 hours of 21.10.2020
5. Last date / time for receipt of bids in the portal : 16.00 hours of 21.10.2020
6. Date of opening fo bid from portal: 12.00 hours on 22.10.2020
7. Name and address of the officer inviting bid : Superintending Engineer, Keonjhar (R&B) Circle, Keonjhar-758001

Further details can be seen from the e-procurement portal 'http://tendersodisha.gov.in'.

Sd./- A.N. Das, Superintending Engineer,
Keonjhar R&B Circle, Keonjhar
OIPR-34033/11/0007/2021



**GOVERNMENT OF ODISHA** No. C-145
**e-Procurement Notice**
**ANGUL MUNICIPALITY OFFICE, ANGUL**
Bid Identification No. EO/AGLM-04/2020-21
e-mail ID: angulmunicipality@gmail.com
**No. 4294** **Date: 24.09.2020**

| | | | |
|---|---|---|---|
| 1. | Number of Works | : | 01 (One) number of Drain and Boundary Wall |
| 2. | Approxmiate Estimated Cost | : | Rs.17.839 lakhs |
| 3. | Period of Completion | : | 01 (One) Calendar Month |
| 4. | Date & time of availability of bid document in the portal | : | Dt.26.09.2020 at 10.00 A.M. |
| 5. | Last date/time for receipt of bid in the portal | : | Dt.05.10.2020 upto 5.00 P.M. |
| 6. | Date of Opening Bid | : | Dt.06.10.2020 at 11.00 A.M. |
| 7. | Name and address of the Office Inviting Bid | : | Executive Officer, Angul Municipality, Angul |
| 8. | The bidders have to participate in ONLINE bidding only. | | |

Further details can be seen from the e-procurement portal **https://tendersodisha.gov.in**.

Sd./- B.C. Panda
Executive Officer, Angul Municipality
OIPR-13085/11/0005/2021



**WORKS DEPARTMENT**
**OFFICE OF THE SUPERINTENDING ENGINEER, EASTERN CIRCLE (R&B), BALASORE**
e-mail: - seec_bls@rediffmail.com
Government of Odisha "e" Procurement Notice
Bid Identification No.SEEC-02/ 2020-21
No.B-272:-
No: 4592 / Dt: 15.09.2020

1. Nature of work:- Building Works
2. Number of works: 04 (Four) No. Building Works
3. Amount put to Tender: - Rs.216.44 lakh to Rs.369.71 lakh
4. Class of Contractor: - "B" & "A" & "Special" Class
5. Date & Time of availability of bid document in the portal: - Dt.29.09.2020 at 10:00 AM
6. Last Date / Time of receipt of bid in the portal: - Dt.13.10.2020 up to 05:00 P.M.
7. Date of opening of bid : - Dt.14.10.2020 at 11:00 AM
8. Name & address of the Office inviting bid: - Superintending Engineer, Eastern Circle (R&B), Balasore
9. The bidders have to participate in ONLINE bidding only. Further details can be seen from the e-procurement portal "http//tendersodisha.gov.in." All future corrigendum will be available on ONLINE mode only.

Sd./- S.K.Mohanty, Superintending Engineer
Eastern Circle (R&B), Balasore
OIPR-34026/11/0003/2021

**ଡକାୟତି ଯୋଜନା ପଣ୍ଡ: ୪ ଗିରଫ**

ପୁରୀ ଅଫିସ: ପୁରୀ ପୋଲିସ ଏକ ଡକାୟତି ଯୋଜନାକୁ ପଣ୍ଡ କରିଛି। ସହର ମଧ୍ୟରେ ବଡ଼ଧରଣର ଡକାୟତି ପାଇଁ ଯୋଜନା କରୁଥିବା ୪ଜଣଙ୍କୁ ଗିରଫ କରାଯିବା ସହ ସେମାନଙ୍କଠାରୁ ଗୋଟିଏ ପିସ୍ତଲ, ଖଣ୍ଡା, ୨ଟି ଲୁହା ରଡ୍ ଆଦି ଜବତ କରାଯାଇଛି। ଅଭିଯୁକ୍ତମାନଙ୍କୁ ଗୁରୁବାର କୋର୍ଟଚାଲାଣ କରାଯାଇଛି। ସେମାନେ ହେଲେ ପୁରୀ ସଦର ଥାନା ଗୁଣ୍ଡିଚାଘର ନିକଟର ପ୍ରଦୀପ୍ତ କୁମାର ସାହୁ, କଟକ ଟାଙ୍ଗୀ ଅଞ୍ଚଳର ଅଜୟ ମଲ୍ଲିକ, କଟକ ନିଆଳି ଅଞ୍ଚଳର ସୁଶାନ୍ତ ନାୟକ, କୁମ୍ଭାରପଡ଼ା ଥାନା ତଳମାଳିସାହିର ଜଗଜୀବନ ନାୟକ। ଏ ନେଇ ସଦର ଥାନାରେ ଏକ ମାମଲା (ନଂ.୨୬୬/୨୦) ରୁଜୁ କରାଯାଇଛି। ସୂଚନା ମୁତାବକ, ବୁଧବାର ରାତିରେ ୫ଜଣ ଅଭିଯୁକ୍ତ କଣ୍ଡପୁର ରୋଡର ଏକ ପରିତ୍ୟକ୍ତ ଘରେ ମାରଣାସ୍ତ୍ର ସହ ବସି ଡକାୟତି ପାଇଁ ଯୋଜନା କରୁଥିଲେ। ଖବର ପାଇ ସଦର ପୋଲିସ ସେଠାରେ ଚଢ଼ାଉ କରିଥିଲା।

# ବୃଦ୍ଧଙ୍କ ହାତଗୋଡ଼ ଭାଙ୍ଗିଲା ପୋଲିସ

**ପୁରୀ ଅଫିସ,୨୪।୯:**



**ନ୍ୟାୟ ପାଇଁ ଏସ୍‌ପିଙ୍କୁ ଗୁହାରି**

- ଅଭିଯୋଗ ଶୁଣିଲେ ଅତିରିକ୍ତ ଏସ୍‌ପି
- ଡିଏସ୍‌ପିଙ୍କୁ ଦିଆଗଲା ତଦନ୍ତ ଦାୟିତ୍ୱ

କଣାସ ଥାନା ପୋଲିସ ଜଣେ ବୃଦ୍ଧଙ୍କୁ ନିର୍ମମ ଭାବେ ବାଡ଼େଇ ହାତ ଗୋଡ଼ ଭାଙ୍ଗିଦେଇଥିବା ଅଭିଯୋଗ ହୋଇଛି। ନ୍ୟାୟ ପାଇଁ ସମ୍ପୃକ୍ତ ୮୩ ବର୍ଷୀୟ ବୃଦ୍ଧ ଗୋକୁଳ ମହାପାତ୍ର ଗୁରୁବାର ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଅତିରିକ୍ତ ଏସ୍‌ପି ଅରୁଣ କୁମାର ଜେନା ତାଙ୍କ ଅଭିଯୋଗ ଶୁଣିବା ପରେ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷେ ଏଭଳି ଅଭିଯୋଗକୁ କଣାସ ଥାନା ପୋଲିସ ଖଣ୍ଡନ କରିଛି।

କଣାସ ଥାନା ଅନ୍ତର୍ଗତ ବାଦଲପୁରର ଗୋକୁଳ ଏସ୍‌ପିଙ୍କୁ ଦେଇଥିବା ଅଭିଯୋଗପତ୍ରରେ ଦର୍ଶାଇଛନ୍ତି ଯେ, ଏକ ମିଥ୍ୟା ଅଭିଯୋଗକୁ ନେଇ ଗତ ଅଗଷ୍ଟ ୧୪ ତାରିଖ ସନ୍ଧ୍ୟାରେ କଣାସ ଥାନାର ୬ଜଣ କର୍ମଚାରୀ ସାଦା ପୋଷାକରେ ତାଙ୍କ ଘରେ ପହଞ୍ଚିଥିଲେ। ତାଙ୍କ ପୁଅକୁ ଧରିନେବାକୁ ଚେଷ୍ଟା କରିଥିଲେ। ସାଦା ପୋଷାକରେ ଥିବାରୁ ସେମାନେ ପୋଲିସ କି ନାହିଁ ଜାଣିବୁ କିପରି ବୋଲି ପୁଅ ପଚାରିବାରୁ ମାଡ଼ ମାରିଥିଲେ। ପରିବାର ସଦସ୍ୟ ବିରୋଧ କରିବାରୁ ସେମାନେ ବାହାରକୁ ପଳାଇଲେ। ମାତ୍ର ପରେ ଭ୍ୟାନ ସହ ଅଧିକ ପୋଲିସ ପହଞ୍ଚିଲେ। ଏହି ସମୟରେ ପୁଅ ବାହାରକୁ ଚାଲିଯାଇଥିବାରୁ ଘରଲୋକେ କବାଟ ବନ୍ଦ କରିଦେଇଥିଲେ। ତେବେ ପୋଲିସ କର୍ମଚାରୀମାନେ ଦୁଆର ଭାଙ୍ଗି ଘରେ ପଶି ଗୋକୁଳଙ୍କୁ ପିଟିଥିଲେ। ଏହାଦେଖି ତାଙ୍କ ସ୍ତ୍ରୀ, ଝିଅ, ଝିଆରୀ ଏବଂ ଅନ୍ୟମାନେ ପ୍ରତିବାଦ କରିବାରୁ ପୋଲିସ ସେମାନଙ୍କ ଚୁଟି ଧରି ଘୋଷାରି ପିଟିଥିଲେ। ତାଙ୍କ ଘରର ଆସବାବପତ୍ର ଭଙ୍ଗାରୁଜା କରିଥିଲେ। ଜଣେ ସାଦା ପୋଷାକଧାରୀ ପୋଲିସ ତାଙ୍କ ମୁହଁରେ ଗାମୁଛା ଗୁଡ଼ାଇ ଧରିଥିବାବେଳେ ଅନ୍ୟ ପୋଲିସ କର୍ମଚାରୀ ଲୁହାରଡ୍‌ରେ ତାଙ୍କ ଦୁଇ ଗୋଡ଼, ଦୁଇ ହାତକୁ ବାଡ଼େଇଥିଲେ। ଫଳରେ ସେ ରକ୍ତାକ୍ତ ହୋଇପଡ଼ିଥିଲେ ବୋଲି ଗୋକୁଳ ଅଭିଯୋଗ କରିଛନ୍ତି। ଏହାପରେ ପୋଲିସ ତାଙ୍କୁ ପୁରୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ମାତ୍ର ଅବସ୍ଥା ଗୁରୁତର ହେବାରୁ ଗୋକୁଳଙ୍କୁ ତାଙ୍କ ପୁଅ କଟକ ବଡ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଦୁଇହାତ ଅପରେଶନ ହୋଇଥିବାବେଳେ ବାମ ଗୋଡ଼ ପ୍ଲାଷ୍ଟର ଏବଂ ଡାହାଣ ଗୋଡ଼ ବ୍ୟାଣ୍ଡେଜ ହୋଇଛି। ଏହାପରେ ଡାକ୍ତରଙ୍କ ପରାମର୍ଶ କ୍ରମେ ସେ ଘରକୁ ଫେରିଛନ୍ତି। ଏହି ଘଟଣାରେ ନ୍ୟାୟ ପାଇବା ଲାଗି ଗୋକୁଳ ଅନ୍ୟମାନଙ୍କ ସହାୟତାରେ ଗୁରୁବାର ଏସ୍‌ପିଙ୍କୁ ଗୁହାରି ଜଣାଇବାକୁ ଆସିଥିଲେ। ଅତିରିକ୍ତ ଏସ୍‌ପି ତାଙ୍କ ଅଭିଯୋଗ ଶୁଣିଥିଲେ। ଭାଜପା ନେତା କୃଷ୍ଣଚନ୍ଦ୍ର ଜଗଦ୍ଦେବ, ଓମ୍‌ପ୍ରକାଶ ମିଶ୍ର, ଜୟନ୍ତ କୁମାର ଦାଶ ପ୍ରମୁଖ ଗୋକୁଳଙ୍କୁ ନ୍ୟାୟ ଦେବା ପାଇଁ ପୋଲିସକୁ ଅନୁରୋଧ କରିଛନ୍ତି। ଏ ସମ୍ପର୍କରେ ଅତିରିକ୍ତ ଏସ୍‌ପି ଜେନା କହିଛନ୍ତି, କଣାସ ଥାନା ପୋଲିସ ସମ୍ପୃକ୍ତ ବ୍ୟକ୍ତିଙ୍କୁ ମାଡ଼ ମାରିଥିବା ନେଇ ସେ ଅଭିଯୋଗ କରିବାକୁ ଆସିଥିଲେ। ତାଙ୍କ ଅଭିଯୋଗକୁ ଗ୍ରହଣ କରିଛୁ। ଜଣେ ଡିଏସ୍‌ପିଙ୍କୁ ଏହାର ତଦନ୍ତ ଦାୟିତ୍ୱ ଦିଆଯାଇଛି। ସେ ରିପୋର୍ଟ ଦେବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।




କୃଷକ ବିରୋଧୀ କୃଷି ବିଲ୍‌କୁ ପ୍ରତ୍ୟାହାର ଦାବିରେ ଏଏପି ପକ୍ଷରୁ ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକରେ ବିକ୍ଷୋଭ।

# ୧୪ ଦିନ ପରେ ଆଖି ବୁଜିଲେ ନାବାଳିକା

**କଟକ ଅଫିସ, ୨୪।୯:**

- ଅବହେଳା ଓ ତ୍ରୁଟିପୂର୍ଣ୍ଣ ଚିକିତ୍ସା ଅଭିଯୋଗ
- ଥାନାରେ ଏତଲା ଦେଲେ ଅଭିଭାବକ

ଜଣେ ନାବାଳିକାଙ୍କୁ ୧୪ ଦିନରେ ୫ ହସ୍ପିଟାଲକୁ ବାରମ୍ବାର ସ୍ଥାନାନ୍ତର କରାଇ ଚିକିତ୍ସା କରାଯିବା ପରେ ଗୁରୁବାର ତାଙ୍କର ମୃତ୍ୟୁ ଘଟିଛି। ଅବହେଳା ଓ ତ୍ରୁଟିପୂର୍ଣ୍ଣ ଚିକିତ୍ସା ଯୋଗୁ ଝିଅର ମୃତ୍ୟୁ ଘଟିଥିବା ନେଇ ତାଙ୍କ ଅଭିଭାବକ ଗୁରୁବାର କଟକ ଲାଲବାଗ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

ସୂଚନା ଅନୁଯାୟୀ, ଭୁବନେଶ୍ୱର ନନ୍ଦନବିହାର ଅଞ୍ଚଳର ଜଣେ ୧୪ ବର୍ଷୀୟା ନାବାଳିକାଙ୍କ ପେଟରେ ଭୀଷଣ ଯନ୍ତ୍ରଣା ଅନୁଭବ ହେବାରୁ ଗତ ୧୧ ତାରିଖରେ ତାଙ୍କୁ ପ୍ରଥମେ କ୍ୟାପିଟାଲ ହସ୍ପିଟାଲକୁ ଅଣାଯାଇଥିଲା। ପରେ ଏସ୍‌ସିବି ଏବଂ ଶିଶୁଭବନକୁ ସ୍ଥାନାନ୍ତର କରାଯାଇ ଅପରେଶନ କରାଯାଇଥିଲା। ତେବେ ୧୪ ତାରିଖରେ ତାଙ୍କୁ ସଙ୍କଟାପନ୍ନ ଅବସ୍ଥାରେ ଶିଶୁଭବନରୁ କଟକର ଏକ ବେସରକାରୀ ହସ୍ପିଟାଲକୁ ନିଆଯାଇଥିଲା। ପୁଣି ୧୯ ତାରିଖରେ କଟକ ଜିଲା ପ୍ରଶାସନ ନିର୍ଦ୍ଦେଶକ୍ରମେ ଶିଶୁଭବନକୁ ସ୍ଥାନାନ୍ତର କରାଯାଇଥିଲା । ସେବେଠାରୁ ସେଠାରେ ତାଙ୍କ ଚିକିତ୍ସା ହେଉଥିଲା। କିନ୍ତୁ ପେଟ ଭିତର ଶିରାଗୁଡ଼ିକରେ ଆଭ୍ୟନ୍ତରୀଣ ରକ୍ତସ୍ରାବ ଅଧିକ ହେବା ଯୋଗୁ ସଂକ୍ରମଣ ବଢିଯାଇଥିଲା। ଫଳରେ ୨୪ତାରିଖରେ ଆଉ ଥରେ ଅପରେଶନ କରିବାକୁ ହସ୍ପିଟାଲ ତରଫରୁ ଯୋଜନା ହୋଇଥିଲା। ମାତ୍ର ଗୁରୁବାର ଭୋରରେ ତାଙ୍କ ଜୀବନ ଦୀପ ଲିଭି ଯାଇଛି। ପରିବାର ଲୋକେ ଭୁଲ୍ ଓ ଚିକିତ୍ସା ଅବହେଳା ଅଭିଯୋଗ ଆଣିଛନ୍ତି। ତେବେ ଏ ନେଇ ଶିଶୁଭବନ କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ। ତେବେ ଲାଲବାଗ ଥାନାରେ ଅଭିଯୋଗ ସମ୍ପର୍କରେ ଥାନା ଅଧିକାରୀ ଆଶୁତୋଷ ମିଶ୍ର କହିଛନ୍ତି ଯେ, ଘଟଣାର ତଦନ୍ତ ଚାଲିଛି। ଚିକିତ୍ସା ସମ୍ବନ୍ଧୀୟ ତ୍ରୁଟି ନେଇ ଜିଲା ବୈଷୟିକ କମିଟି କିମ୍ବା ଡିଏମ୍‌ଇଟି ତଦନ୍ତ କରି ରିପୋର୍ଟ ଦେବା ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ଅନ୍ୟପକ୍ଷେ ଏସବୁକୁ ପରିବାର ଲୋକେ ସହଜରେ ଗ୍ରହଣ କରିପାରୁ ନାହାନ୍ତି। ତେଣୁ ସେମାନେ କ୍ଷତିପୂରଣ ଦାବିରେ ଜିଲାପାଳଙ୍କୁ ଆସନ୍ତା ଶନିବାର ଭେଟିବେ ବୋଲି ଜଣାପଡ଼ିଛି।

## ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କାମ ଆରମ୍ଭ

**ପୁରୀ ଅଫିସ,୨୪।୯:**

ମାର୍କେଟ ଛକସ୍ଥିତ ମ୍ୟୁନିସିପାଲିଟି ମାର୍କେଟ କମ୍ପ୍ଲେକ୍ସର ନିର୍ମାଣ କାମ ଆରମ୍ଭ ହୋଇଛି। ଏହା ଅସୁରକ୍ଷିତ ହୋଇପଡ଼ିଥିବାରୁ ଗତବର୍ଷ ଅକ୍ଟୋବର ୨୦ତାରିଖରେ ଏଠାକାର ଦୋକାନ ଘରଗୁଡ଼ିକୁ ପୌରସଂସ୍ଥା ଉଚ୍ଛେଦ କରିଥିଲା। ଏବେ ଏଠାରେ ବହୁତଳ ମାର୍କେଟ କମ୍ପ୍ଲେକ୍ସ ଲାଗି ପାଇଲିଂ କାମ ଆରମ୍ଭ ହୋଇଛି। ୧୯୭୩ ମସିହାରେ ଏହି ମାର୍କେଟ କମ୍ପ୍ଲେକ୍ସ ତିଆରି ହୋଇଥିଲା। ୪୫ବର୍ଷରୁ ଊର୍ଦ୍ଧ୍ୱ ବିତିଯାଇଥିବାରୁ ଏହା ଅସୁରକ୍ଷିତ ହୋଇପଡ଼ିଥିଲା। ତେଣୁ ଏହାକୁ ଉଚ୍ଛେଦ କରିବା ଲାଗି ପୌରସଂସ୍ଥା ନିଷ୍ପତ୍ତି ନେଇ ଦୋକାନ ଘର ଖାଲି କରିବାକୁ ନୋଟିସ କରିଥିଲା। ଏହାପରେ ବ୍ୟବସାୟୀମାନେ ସେମାନଙ୍କ ଦୋକାନ ଘର ଖାଲି କରିଥିଲେ। ଗତବର୍ଷ ଅକ୍ଟୋବର ୨୦ରେ ଏହାକୁ ଭାଙ୍ଗି ଦିଆଯାଇଥିଲା। ପ୍ରାୟ ୧ ଏକର ୭୨ ଡେସିମିଲ ପରିମିତ ଏହି ସ୍ଥାନରେ ବହୁତଳ ମାର୍କେଟ କମ୍ପ୍ଲେକ୍ସ ତିଆରି କରାଯିବ। ଗତବର୍ଷ ଜାନୁୟାରୀ ୧୬ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାର ଶିଳାନ୍ୟାସ କରିଥିଲେ। ଏଠାରେ ବେସ୍‌ମେଣ୍ଟ ଏବଂ ଗ୍ରାଉଣ୍ଡ ଫ୍ଲୋର ବାଦ୍ ୩ ମହଲା ବିଶିଷ୍ଟ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ହେବ। ପ୍ରାୟ ୫୦୦ ଦୋକାନ ଘର ରହିବ। ୧୦୦ଟି ଚାରିଚକିଆ ଗାଡ଼ି ରହିବା ଭଳି ପାର୍କିଂ ସୁବିଧା ଉପଲବ୍ଧ ହେବ। ୩୦୦ କିଲୋୱାଟ୍‌ର ରୁଫ୍‌ଟପ୍ ସୋଲାର ସିଷ୍ଟମ ରହିବ। ଏଥିରେ ପ୍ରାୟ ୪୪ କୋଟି ୮୨ ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବାକୁ ଯୋଜନା ହୋଇଛି। ଓଡ଼ିଶା ବ୍ରିଜ୍ କନ୍‌ଷ୍ଟ୍ରକସନ୍ କର୍ପୋରେଶନ (ଓବିସିସି) ଏହାର କାମ ଆରମ୍ଭ କରିଛି।

# କୋଭିଡ୍ ହସ୍ପିଟାଲରେ ଆର୍‌ଟିପିସିଆର୍ ଟେଷ୍ଟ ଆରମ୍ଭ

**ପୁରୀ ଅଫିସ,୨୪।୯:**

- ଜିଲାରେ ଦୈନିକ ୧,୨୦୦ ଟେଷ୍ଟ କରାଯାଉଛି
- ହୋମ୍ ଆଇସୋଲେଶନରେ ଥାଇ ବାହାରକୁ ଆସିଲେ କାର୍ଯ୍ୟାନୁଷ୍ଠାନ

ପୁରୀ ଜିଲାରେ କରୋନା ସଂକ୍ରମଣ ଏବେ ଅଣାୟତ୍ତ ହୋଇପଡ଼ିଛି। ଖୋର୍ଦ୍ଧା ଓ କଟକ ପରେ ସଂକ୍ରମିତଙ୍କ ତାଲିକାର ତୃତୀୟ ସ୍ଥାନରେ ରହିଛି ପୁରୀ। ଦୈନିକ ପଜିଟିଭ ଓ ମୃତ୍ୟୁ ସଂଖ୍ୟା ବଢିବାରେ ଲାଗିଛି। ତେଣୁ ପୁରୀ ଉପରେ ଏବେ ରାଜ୍ୟ ସରକାର ସ୍ୱତନ୍ତ୍ର ଭାବେ ଗୁରୁତ୍ୱ ଦେଇଛନ୍ତି। ଜିଲାରେ ପ୍ରାୟ ପ୍ରତିଦିନ ୧,୨୦୦ କୋଭିଡ୍ ଟେଷ୍ଟ କରାଯାଉଛି। ଏହାବ୍ୟତୀତ କୋଭିଡ୍ ହସ୍ପିଟାଲରେ ଥିବା ଭାଇରୋଲୋଜି ଲାବ୍‌ରେ ବୁଧବାରଠାରୁ ଆର୍‌ଟିପିସିଆର ଟେଷ୍ଟ ଆରମ୍ଭ ହୋଇଛି। ଏଠାରେ ଦୈନିକ ପ୍ରାୟ ୧୦୦ ଆର୍‌ଟିପିସିଆର ଟେଷ୍ଟ ହୋଇପାରିବ ବୋଲି ଜିଲାପାଳ ବଲୱନ୍ତ ସିଂ କହିଛନ୍ତି। ଗୁରୁବାର ଗଣମାଧ୍ୟମକୁ ସୂଚନା ଦେଇ ଜିଲାପାଳ କହିଛନ୍ତି, ଜିଲାରେ ଏବେ ପଜିଟିଭ ସଂଖ୍ୟା ବଢୁଛି। ତଥାପି ୮୦ ପ୍ରତିଶତରୁ ଅଧିକ ସଂକ୍ରମିତ ସୁସ୍ଥ ହେଲେଣି। କିନ୍ତୁ ଏବେ ସମସ୍ତଙ୍କୁ ଅଧିକ ସତର୍କ ହେବାକୁ ପଡ଼ିଛି। କୌଣସି କାମରେ ଘରୁ ବାହାରୁ ଥିଲେ ଭଲ ଭାବେ ମାସ୍କ ପିନ୍ଧିବା ଦରକାର। ସେହିପରି କୌଣସି ଗହଳି ସ୍ଥାନକୁ ନ ଯିବା ପାଇଁ ଜିଲାପାଳ ପରାମର୍ଶ ଦେଇଛନ୍ତି।

ଅନେକ ବ୍ୟକ୍ତି କୋଭିଡ୍ ଗାଇଡ୍‌ଲାଇନ କଟକଣା ଉଲ୍ଲଂଘନ କରୁଛନ୍ତି। ବିଶେଷକରି ପଜିଟିଭ ଚିହ୍ନଟ ପରେ ଯେଉଁମାନେ ହୋମ୍ ଆଇସୋଲେଶନରେ ଅଛନ୍ତି ସେମାନେ ୧୭ ଦିନର ଅବଧି ନ ସରିବା ପର୍ଯ୍ୟନ୍ତ ଆଦୌ ଘରୁ ବାହାରନ୍ତୁ ନାହିଁ। ଯଦି ଏହାକୁ ନ ମାନି କେହି ବାହାରୁଥାନ୍ତି ତେବେ ଆଇନ ଅନୁଯାୟୀ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ହୋମ୍ ଆଇସୋଲେଶନରେ ଥାଇ ଯଦି କେହି ନିଃଶ୍ୱାସ ନେବା କିମ୍ବା ଅନ୍ୟ କୌଣସି ସମସ୍ୟା ଅନୁଭବ କରନ୍ତି ତେବେ ଆର୍‌ଆର୍‌ଟିଙ୍କୁ ସଙ୍ଗେ ସଙ୍ଗେ ଜଣାନ୍ତୁ। ଆମ୍ବୁଲାନ୍ସର ବ୍ୟବସ୍ଥା କରାଯାଇ ସେମାନଙ୍କୁ କୋଭିଡ୍ ହସ୍ପିଟାଲକୁ ଅଣାଯିବ। ହସ୍ପିଟାଲରେ ଅକ୍ସିଜେନ ସୁବିଧା ଥାଇ ପର୍ଯ୍ୟାପ୍ତ ପରିମାଣରେ ବେଡ୍ ଏବଂ ଆଇସିୟୁର ବ୍ୟବସ୍ଥା ରହିଛି ବୋଲି ଜିଲାପାଳ କହିଛନ୍ତି।

# କରୋନାକୁ ନେଇ ଗଳ୍ପ ସଙ୍କଳନ 'ହାତଧୁଆ ବେଳ'

**ଭୁବନେଶ୍ୱର,୨୪।୯(ବ୍ୟୁରୋ)**

ରାଜ୍ୟର ୨୪ଜଣ ବିଶିଷ୍ଟ ଓଡ଼ିଆ ଗାଳ୍ପିକଙ୍କ ଦ୍ୱାରା ପ୍ରସ୍ତୁତ ହୋଇଛି କରୋନାଭିତ୍ତିକ ଗଳ୍ପ ସଙ୍କଳନ 'ହାତଧୁଆ ବେଳ'। କରୋନାକୁ ନେଇ ଦେଶରେ ପ୍ରଥମଥର ଲାଗି ଏଭଳି ଏକ ପୁସ୍ତକର ପରିକଳ୍ପନା କରାଯାଇଥିବା ବେଳେ ଏହା ଲୋକାର୍ପିତ ହୋଇଯାଇଛି। ଓଡ଼ିଆ ତଥା ଭାରତୀୟ ଭାଷାରେ ଏହି ପ୍ରଥମ ଗଳ୍ପ ସଙ୍କଳନର ସମ୍ପାଦନା କରିଛନ୍ତି ମନୁ ଦାଶ। 'ଧଉଳି ବୁକ୍ସ' ଦ୍ୱାରା ନିକଟରେ ଏହା ପ୍ରକାଶିତ ହୋଇଛି। କରୋନା କଟକଣା ଯୋଗୁ ଏହି ସଙ୍କଳନର ଭର୍ଚୁଆଲ୍ ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହେବା ସହ ୩ଦିନ ଧରି କରୋନା ସମ୍ପର୍କିତ ବିସ୍ତୃତ ଆଲୋଚନା କରାଯାଇଛି। ପ୍ରଥମ ଦିନରେ 'ସାମ୍ପ୍ରତିକ ବିଶ୍ୱ ସଙ୍କଟ ପରିପ୍ରେକ୍ଷୀରେ ଲେଖକୀୟ ପ୍ରତିବଦ୍ଧତା' ବିଷୟବସ୍ତୁକୁ ନେଇ ଆଲୋଚନା ହୋଇଥିବା ବେଳେ ଦ୍ୱିତୀୟ ଦିନରେ 'କରୋନା ଓ କଥା ସାହିତ୍ୟ' ଏବଂ ତୃତୀୟରେ 'ସମୟର କାନ୍‌ଭାସ୍‌ରେ କଥାକାର' ସମ୍ପର୍କରେ ଆଲୋଚନା ହୋଇଥିଲା। ଏହି ୱେବିନାର୍‌ରେ ଯୋଗଦେଇଥିବା ବିଶିଷ୍ଟ ଗାଳ୍ପିକଙ୍କ ମଧ୍ୟରେ ପ୍ରଫେସର୍ କୈଳାସ ପଟ୍ଟନାୟକ, ଚିରଶ୍ରୀ ଇନ୍ଦ୍ରସିଂ, ସତ୍ୟପ୍ରିୟ ମହାଲିକ, ରବି ସ୍ୱାଇଁ, ଭୀମ ପୃଷ୍ଟି, ପରେଶ ପଟ୍ଟନାୟକ, ସତ୍ୟ ମିଶ୍ର, ଦାଶ ବେନହୁର, ମମତାମୟୀ ଚୌଧୁରୀ, ଯଶୋଧାରା ମିଶ୍ର, ରମେଶ ପଟ୍ଟନାୟକ, ମିହିର ସାହୁ, ନୃସିଂହ ପ୍ରସାଦ ମହାପାତ୍ର, ପ୍ରବୁଦ୍ଧ ଜଗଦ୍ଦେବ ଓ ମଳୟ ମିଶ୍ର ପ୍ରମୁଖ ରହିଥିଲେ। ଏହାକୁ ଶାନ୍ତିନିକେତନ ବିଶ୍ୱଭାରତୀର ପ୍ରଫେସର୍ ରବୀନ୍ଦ୍ର ଦାସ ପରିଚାଳନା କରିଥିଲେ।

# ଖଣ୍ଡଗିରି ଅସ୍ଥାୟୀ ବସ୍ ଡିପୋକୁ ନେବ ଓଏସ୍‌ଆର୍‌ଟିସି

**ଭୁବନେଶ୍ୱର,୨୪।୯(ବ୍ୟୁରୋ)**

ଦୂର ହେବ ବରମୁଣ୍ଡା ବସ୍‌ଷ୍ଟାଣ୍ଡ ସମସ୍ୟା। ଏହାର ନିର୍ମାଣ କାର୍ଯ୍ୟ ଚଳିତବର୍ଷ ଶେଷ ସୁଦ୍ଧା ଆରମ୍ଭ ହେବାକୁ ଥିବାବେଳେ ଅକ୍ଟୋବରରୁ ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ(ଓଏସ୍‌ଆର୍‌ଟିସି)କୁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଖଣ୍ଡଗିରିରେ ହୋଇଥିବା ଅସ୍ଥାୟୀ ବସ୍ ଡିପୋର ଦାୟିତ୍ୱ ହସ୍ତାନ୍ତର କରିବ। ଏହାସହ ବରମୁଣ୍ଡାରେ ବସ୍‌ଷ୍ଟାଣ୍ଡର ବିକାଶ କାର୍ଯ୍ୟ ଆରମ୍ଭ କରିବ। କରୋନା ପାଇଁ ଖଣ୍ଡଗିରି ଅସ୍ଥାୟୀ ବସ୍ ଡିପୋ କାର୍ଯ୍ୟ ଶେଷ ହେବାରେ ସାମାନ୍ୟ ବିଳମ୍ବ ହେଉଥିଲେ ହେଁ ଅକ୍ଟୋବର ସୁଦ୍ଧା ଏହାର ବାକି କାର୍ଯ୍ୟ ଶେଷ କରି ଆନ୍ତଃ ରାଜ୍ୟ ବସ୍ ପରିଚାଳନା କରିବାକୁ ବିଡିଏ ଓଏସ୍‌ଆରଟିସିକୁ ଏହାକୁ ହସ୍ତାନ୍ତର କରିବ ବୋଲି ଗୁରୁବାର ଜଣାପଡ଼ିଛି।

ଖଣ୍ଡଗିରିରେ ଅସ୍ଥାୟୀ ବସ୍‌ଷ୍ଟାଣ୍ଡ ନିର୍ମାଣ ଜାରି ରହିଥିବାବେଳେ ଏହା ୨.୫ ଏକର ଜମିରେ ପରିବ୍ୟାପ୍ତ ଅଛି। ଏହି ଅସ୍ଥାୟୀ ବସ୍ ଡିପୋରେ ମୁଖ୍ୟ କାର୍ଯ୍ୟାଳୟ, ଷ୍ଟୋର ରୁମ୍, ରେଷ୍ଟ ରୁମ୍, ଗ୍ୟାରେଜ୍, ଗାଡ଼ି ଧୁଆ ସ୍ଥାନ ସହ ସୁରକ୍ଷାକର୍ମୀଙ୍କ ପାଇଁ ଗୃହ ରହିବ। ଏହାସହ ଏକ ସବ୍ ବିଦ୍ୟୁତ୍ କାର୍ଯ୍ୟାଳୟ, ଆଲୋକୀକରଣ ସହ ୨ଟି ହାଇମାଷ୍ଟ ଲାଇଟ୍ ଓ ୧୩ଟି ୟାର୍ଡ ଲାଇଟ୍ ପାର୍କିଂସ୍ଥଳରେ ଲାଗିବ ଏବଂ ଅନ୍ୟ ସମସ୍ତ ଆନୁଷଙ୍ଗିକ କାର୍ଯ୍ୟ ପ୍ରତି ଗୁରୁତ୍ୱ ପ୍ରଦାନ କରାଯିବ। ଘରେଇ କମ୍ପାନୀ ବ୍ରିଜ୍ ଓ ରୁଫ୍ ଦ୍ୱାରା ଏହାର କାର୍ଯ୍ୟକୁ ବିକଶିତ କରାଯାଇ ଓଏସ୍‌ଆରଟିସିକୁ ହସ୍ତାନ୍ତର କରାଯିବ। ପରେ ବରମୁଣ୍ଡା ବସ୍‌ଷ୍ଟାଣ୍ଡର ବିକାଶ କାର୍ଯ୍ୟ ପ୍ରତି ଗୁରୁତ୍ୱ ପ୍ରଦାନ କରାଯିବ ବୋଲି ବିଡିଏ ପକ୍ଷରୁ ଜଣାପଡ଼ିଛି। ଏ ସମ୍ପର୍କରେ ଓଏସ୍‌ଆର୍‌ଟିସି ପକ୍ଷରୁ ଓଏଏସ୍ ଦୀପ୍ତି ମହାପାତ୍ର କହିଛନ୍ତି, ବିଡିଏ ପକ୍ଷରୁ ଏ ନେଇ ଆଲୋଚନା କରାଯାଇଛି। ଯଦି ଅକ୍ଟୋବର ସୁଦ୍ଧା ନିର୍ମାଣ କାମ ସାରନ୍ତି, ତା'ହେଲେ ଓଏସ୍‌ଆରଟିସିକୁ ହସ୍ତାନ୍ତର କରିବେ। ନଚେତ୍ ସାମାନ୍ୟ ବିଳମ୍ବ ହେବ। ତେବେ ବିଡିଏ ମୁଖ୍ୟ ଇଞ୍ଜିନିୟର-କମ୍ ଇଞ୍ଜିନିୟରିଂ ସଦସ୍ୟ ରାଜେନ୍ଦ୍ର ନାୟକ କହିଛନ୍ତି, ଅକ୍ଟୋବରରେ କାମ ସାରି ୧୫ତାରିଖ ସୁଦ୍ଧା ଓଏସ୍‌ଆରଟିସିକୁ ହସ୍ତାନ୍ତର ପାଇଁ ସମୟ ଧାର୍ଯ୍ୟ ହୋଇଛି। ଏହାର ରକ୍ଷଣାବେକ୍ଷଣ ଅବଧି ୫ବର୍ଷ ରହିବ। ବସ୍ ଡିପୋରେ ୭୯୯.୨୮ ବର୍ଗ ମିଟର ବିଲ୍ଟ-ଅପ୍ କ୍ଷେତ୍ର, ୫,୪୩୦ ବର୍ଗ ମିଟର ପକ୍କା ଘର, ଅଫିସ୍ (୫୭.୧ ବର୍ଗ ମିଟର), ଷ୍ଟୋର-କମ-ବିଶ୍ରାମ କକ୍ଷ (୧୮୮.୬୧୦ ବର୍ଗ ମିଟର), କର୍ମଶାଳା (୫୪୨.୫ ବର୍ଗ ମିଟର) ଏବଂ ସୁରକ୍ଷା କକ୍ଷ (୧୧.୦୭ ବର୍ଗ) ରହିବ। ଡିପୋରେ ଏକ ସମୟରେ ପ୍ରାୟ ୪୦ଟି ବସ୍ ରହିପାରିବ।

**ସରକାରୀ ଆଇଟିଆଇରେ ସ୍ପଟ ଆଡ୍‌ମିଶନ ଆରମ୍ଭ**

# ପ୍ରଥମ ଦିନରେ ନାମ ଲେଖାଇଲେ ୨୪୩୫

**କଟକ ଅଫିସ, ୨୪।୯:**

ରାଜ୍ୟର ୪୯ଟି ସରକାରୀ ଆଇଟିଆଇ ଓ ୪୫୫ଟି ବେସରକାରୀ ଆଇଟିଆଇରେ ଚଳିତ ବର୍ଷ ନାମ ଲେଖା ପ୍ରକ୍ରିୟା ଜାରି ରହିଛି। ଡିଜିଟି ନିର୍ଦ୍ଦେଶନାମା ମୁତାବକ ଆଇଟିଆଇ ନାମଲେଖା ପ୍ରକ୍ରିୟା ଆସନ୍ତା ସେପ୍ଟେମ୍ବର ୩୦ ସୁଦ୍ଧା ସରିବ। ୪୯ଟି ସରକାରୀ ଆଇଟିଆଇରେ ପ୍ରଥମ ପର୍ଯ୍ୟାୟରେ ଶତକଡା ୫୦ ପ୍ରତିଶତ ସିଟ ପୂରଣ ହୋଇପାରି ନ ଥିଲା। ଏଥିପାଇଁ ଗୁରୁବାରଠାରୁ ସ୍ପଟ ଆଡ୍‌ମିଶନ ଆରମ୍ଭ ହୋଇଛି। ପ୍ରଥମ ଦିନରେ ଏସ୍‌ଟି,ଏସ୍‌ସି ଓ ବାଳିକା ବର୍ଗଙ୍କ ନାମଲେଖା ଆରମ୍ଭ ହୋଇଛି। ଆଡମିଶନ ପାଇଁ ଭିଡ ଦେଖିବାକୁ ମିଳିଛି। ସମସ୍ତ ଆଇଟିଆଇରେ ସାମାଜିକ ଦୂରତା ନିୟମ ପାଳନ କରାଯାଇ ନାମଲେଖା ଚାଲିଛି। ଆସନ୍ତା ୨୫ରେ ବାଳକ ଓ ସାଧାରଣ ବର୍ଗଙ୍କ ନାମଲେଖା ପାଇଁ ତାରିଖ ଧାର୍ଯ୍ୟ ହୋଇଛି। ୨୬ରୁ ୩୦ ତାରିଖ ପର୍ଯ୍ୟନ୍ତ ସମସ୍ତ ଖାଲି ଥିବା ସ୍ଥାନ ଅଣସଂରକ୍ଷିତ ଭାବେ ପୂରଣ କରାଯିବାର ବ୍ୟବସ୍ଥା ହୋଇଛି। ସ୍ପଟ ଆଡ୍‌ମିଶନର ପ୍ରଥମ ଦିନରେ ୨୪୩୫ ଜଣ ନାମ ଲେଖାଇଛନ୍ତି। ରାଜ୍ୟର ସରକାରୀ ଆଇଟିଆଇଗୁଡ଼ିକରେ ମୋଟ ୧୮୩୯୦ ସିଟ ଥିବାବେଳେ ଏବେ ସୁଦ୍ଧା ୧୧୭୦୨ ସିଟ ପୂରଣ ହୋଇଛି। ଆଧୁନିକ ଯନ୍ତ୍ରପାତି ବିଶିଷ୍ଟ କର୍ମଶାଳା, ମାଗଣା ୟୁନିଫର୍ମ ଓ ସୁଦକ୍ଷା, ପ୍ରେରଣା, ନିର୍ମାଣ କୁସୁମ, ବାଣିଶ୍ରୀ ପରି ମଙ୍ଗଳ ଯୋଜନା ତଥା ଜୀବନ ଦକ୍ଷତା ତାଲିମ ରହିଛି। ଏହାକୁ ଦୃଷ୍ଟିରେ ରଖି ଛାତ୍ରୀଛାତ୍ର ଆକୃଷ୍ଟ ହେଉଥିବା ଡିଜିଟିର ଏମ୍‌ପିପି ଡେପୁଟି ଡାଇରେକ୍ଟର ଅଜୟ କୁମାର ପଣ୍ଡା କହିଛନ୍ତି।



କମିଶନରେଟ ପୋଲିସ ପକ୍ଷରୁ କୋଭିଡ୍ ନିୟମ ଉଲ୍ଲଂଘନକାରୀଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯାଉଥିବାବେଳେ ଗୁରୁବାର ଭୁବନେଶ୍ୱର ବମିଖାଲଠାରେ ଏକ ଅଟୋର ଡ୍ରାଇଭର ଓ ଯାତ୍ରୀଙ୍କୁ ଯାଞ୍ଚ କରାଯାଉଛି।

# ଆଡମିଶନ ମିଳିଲାନି: ଆମ୍ବୁଲାନ୍ସରେ ଚାଲିଗଲା ଜୀବନ

**ଖୋର୍ଦ୍ଧା ଅଫିସ,୨୪।୯:**

- ଭୁବନେଶ୍ୱରରେ ମିଳୁନି ଗୁରୁତର ରୋଗୀଙ୍କୁ ଚିକିତ୍ସା
- ସରକାରୀ ରିପୋର୍ଟକୁ ମାନୁନାହାନ୍ତି ଘରୋଇ ମେଡିକାଲ

ରାଜ୍ୟରେ କରୋନା ସଂକ୍ରମିତଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଏହି ସମୟରେ ଅନ୍ୟ ରୋଗରେ ଆକ୍ରାନ୍ତ ହୋଇ ଭୁବନେଶ୍ୱରକୁ ଚିକିତ୍ସା ପାଇଁ ଆସୁଥିବା ରୋଗୀଙ୍କୁ ଘରୋଇ ମେଡିକାଲରେ ଆଡମିଶନ ମିଳୁନାହିଁ। ଫଳରେ କେତେଜଣ ରୋଗୀଙ୍କ ମେଡିକାଲ ସମ୍ମୁଖରେ ମୃତ୍ୟୁ ହେଉଥିବା ବେଳେ ଅନ୍ୟ କାହାର ଆମ୍ବୁଲାନ୍ସରେ ମୃତ୍ୟୁ ଘଟୁଥିବା ଦେଖିବାକୁ ମିଳୁଛି। ଏଭଳି ଏକ ଘଟଣା ଖୋର୍ଦ୍ଧା ହାଉସିଂ ବୋର୍ଡ କଲୋନୀର ଇଂ. ବୈଦ୍ୟନାଥ ସାମନ୍ତରାୟ(୭୮)ଙ୍କ କ୍ଷେତ୍ରରେ ଦେଖିବାକୁ ମିଳିଛି। ବୈଦ୍ୟନାଥ ବାର୍ଦ୍ଧକ୍ୟ ଜନିତ ରୋଗରେ ଆକ୍ରାନ୍ତ ଥିଲେ ମଧ୍ୟ ଭୁବନେଶ୍ୱରରେ ଥିବା ୧୦ରୁ ଊର୍ଦ୍ଧ୍ୱ ଘରୋଇ ହସ୍ପିଟାଲ କର୍ତ୍ତୃପକ୍ଷ ତାଙ୍କ ଚିକିତ୍ସା କରିବାକୁ ମନା କରିଦେଇଥିଲେ। ଫଳରେ ଆମ୍ବୁଲାନ୍ସରେ ବୈଦ୍ୟନାଥଙ୍କ ମୃତ୍ୟୁ ଘଟିଥିଲା ବୋଲି ପରିବାର ଲୋକେ କହିଛନ୍ତି।

ସୂଚନା ମୁତାବକ, କିଛିଦିନ ହେବ ବୈଦ୍ୟନାଥ ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡ଼ିତ ଥିଲେ। ମଙ୍ଗଳବାର ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ପରିବାର ଲୋକେ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲକୁ ନେଇଥିଲେ। ତେବେ କୋଭିଡ୍ ରିପୋର୍ଟ ନ ଥିବାରୁ ହସ୍ପିଟାଲ କର୍ତ୍ତୃପକ୍ଷ ତାଙ୍କର ଚିକିତ୍ସା ଲାଗି ମନା କରିଦେଇଥିଲେ। ସରକାରଙ୍କ ଗାଇଡ୍‌ଲାଇନ ଅନୁଯାୟୀ କୋଭିଡ୍ ଟେଷ୍ଟ କରି ଚିକିତ୍ସା କରିବାକୁ ଅନୁରୋଧ ସତ୍ତ୍ୱେ ମେଡିକାଲ କର୍ତ୍ତୃପକ୍ଷ ତାଙ୍କୁ ଫେରାଇ ଦେଇଥିଲେ। ବୁଧବାର ବୈଦ୍ୟନାଥଙ୍କ ଖୋର୍ଦ୍ଧା ମେଡିକାଲରେ କୋଭିଡ୍ ପରୀକ୍ଷା କରାଯିବା ପରେ ରିପୋର୍ଟ ନେଗେଟିଭ ଆସିଥିଲା। ଏହା ପରେ ପରିବାର ଲୋକେ ଅପରାହ୍ନ ୪ଟାରେ ଚିକିତ୍ସା ପାଇଁ ତାଙ୍କୁ ଏକ ଘରୋଇ ଆମ୍ବୁଲାନ୍ସରେ ଭୁବନେଶ୍ୱର ନେଇଥିଲେ। କୋଭିଡ୍ ରିପୋର୍ଟ ନେଗେଟିଭ୍ ଦେଖାଇଥିଲେ ମଧ୍ୟ ୧୦ରୁ ଊର୍ଦ୍ଧ୍ୱ ଘରୋଇ ହସ୍ପିଟାଲ ଚିକିତ୍ସା ପାଇଁ ତାଙ୍କୁ ମନା କରିଦେଇଥିଲେ ବୋଲି ବଡ଼ପୁଅ ଗୋପାଳ କହିଛନ୍ତି। ଅନ୍ୟପଟେ ବୈଦ୍ୟନାଥଙ୍କ ମୁହଁରେ ଲାଗିଥିବା ଅକ୍ସିଜେନ ମଧ୍ୟ ସରିବାକୁ ଲାଗିଥିଲା। ଫଳରେ ଆମ୍ବୁଲାନ୍ସରେ ତାଙ୍କର ମୃତ୍ୟୁ ଘଟିଥିଲା ବୋଲି ପରିବାର ଲୋକେ କହିଛନ୍ତି। ରାଜ୍ୟ ସରକାର କେବଳ ଗାଇଡ୍‌ଲାଇନ ଜାରି କରି ଚୁପ ବସିବା ପରିବର୍ତ୍ତେ, ଘରୋଇ ହସ୍ପିଟାଲଗୁଡ଼ିକୁ ତାଗିଦ କରିବାକୁ ଗୋପାଳ ଅନୁରୋଧ କରିଛନ୍ତି।

## ସଂକ୍ଷେପରେ

### ସ୍ମୃତିଙ୍କୁ କଟକ ଜିଲା, ମନୋଜିତଙ୍କୁ ନଗର ଦାୟିତ୍ୱ

କଟକ ଅଫିସ,୨୪।୯- ବିଜୁ ଯୁବ ଜନତା ଦଳର ନୂତନ ରାଜ୍ୟ କମିଟି ଓ ଜିଲା ସଭାପତିଙ୍କ ନାମ ଗୁରୁବାର ଘୋଷଣା କରାଯାଇଛି । ଯୁବ ନେତା ସ୍ମୃତିରଞ୍ଜନ ନାୟକଙ୍କୁ ଯୁବ ବିଜେଡିର କଟକ ଜିଲା ସଭାପତି ଓ ମନୋଜିତ ଦାସଙ୍କୁ କଟକ ନଗର ସଭାପତି ପଦବୀରେ ଅବସ୍ଥାପିତ କରାଯାଇଛି। ଏହାବ୍ୟତୀତ ସିଦ୍ଧାର୍ଥ ରାୟଙ୍କୁ ଜିଲା କାର୍ଯ୍ୟକାରୀ ସଭାପତି, କନିଷ୍କ ଜେନାଙ୍କୁ ରାଜ୍ୟ କମିଟିର ସାଧାରଣ ସମ୍ପାଦକ ପଦବୀ ମିଳିଛି। ରାଜ୍ୟ ସମ୍ପାଦକ ଭାବେ ଇମରାନ୍ ଖାନ୍, ସମାପ୍ତ ମହାନ୍ତି, ସୋମ୍ୟଦୀପ ଘୋଷ ଓ ଯୁଗ୍ମ ସମ୍ପାଦକ ଭାବେ ଅଶୋକ ମିଶ୍ର ନାମ ଘୋଷଣା କରାଯାଇଛି। ନବନିର୍ବାଚିତ କର୍ମକର୍ତ୍ତାମାନେ ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇବା ସହ ଆଗାମୀ ଦିନରେ ଯୁବ ଜନତା ଦଳକୁ ଅଧିକ କ୍ରିୟାଶୀଳ କରିବେ ବୋଲି ଖବରଦାତା ସମ୍ମିଳନୀ ଜରିଆରେ କହିଛନ୍ତି।

### ଆସ୍ଥା ସ୍କୁଲରେ ଜାତୀୟ ସମ୍ମିଳନୀ

ବାଲିଅନ୍ତା,୨୪।୯(ଡି.ଏନ୍.ଏ.): ବାଲିଅନ୍ତାସ୍ଥିତ ଆସ୍ଥା ସ୍କୁଲ ଅଫ୍ ମ୍ୟାନେଜମେଣ୍ଟ ପକ୍ଷରୁ ଗୁରୁବାର ଅନ୍‌ଲାଇନ୍ ମାଧ୍ୟମରେ ଏକ ଜାତୀୟସ୍ତରୀୟ ସମ୍ମିଳନୀ 'ବି ଭୋକାଲ ଫର୍ ଲୋକାଲ' ଦି ୱେ ଆହେଡ ଶୀର୍ଷକ ବିଷୟବସ୍ତୁ ଉପରେ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଗ୍ରୋ-ଗ୍ରୀନ କନସଲଟାନ୍ସିର ଚେୟାରମ୍ୟାନ ଅଶୋକ କୁମାର ସାରଦା ଯୋଗଦେଇ ବର୍ତ୍ତମାନ ପରିସ୍ଥିତିରେ ବ୍ୟବସାୟ ପରିଚାଳନାଗତ ଅନୁଭୂତି ଉପରେ ଆଲୋକପାତ କରିଥିଲେ। ରିଲାଏନ୍ସ ରିଟେଲ ମୁମ୍ବାଇର ସିନିୟର ଉପ ସଭାପତି(ମାନବ ସମ୍ବଳ) ବିଶେଷ ଅତିଥି ରୂପେ ଓ ପ୍ରମୁଖ ବକ୍ତା ରୂପେ ଡ.ପୀୟୂଷ ରାୟ ଯୋଗଦେଇଥିଲେ। ଏହି ସମ୍ମିଳନୀରେ ଦେଶର ବିଭିନ୍ନ ସହରରୁ ରିସର୍ଚ୍ଚ ସ୍କଲାର ଓ ଛାତ୍ରୀଛାତ୍ର ଉପସ୍ଥିତ ରହି ଗବେଷଣାତ୍ମକ ତଥ୍ୟ ଉପସ୍ଥାପନ କରିଥିଲେ। ଏହାସହ ବିଷୟବସ୍ତୁ ଉପରେ ଏକ ପତ୍ରିକା ଉନ୍ମୋଚନ ହୋଇଥିଲା। ଏଥିରେ ଶ୍ରୀ ପଞ୍ଚମୁଖୀ ଏଜୁକେଶନ ଓ ଚାରିଟେବୁଲ ଟ୍ରଷ୍ଟର ଚେୟାରମ୍ୟାନ ବିଜୟ ପାତ୍ର, ସମ୍ପାଦକ ଡ.ବଙ୍କିମ ମହାନ୍ତି ସାମିଲ ଥିଲେ। ପ୍ରାରମ୍ଭରେ ଅଧକ୍ଷା ପ୍ରଫେସର ଡ. ଶର୍ମିଳା ସୁବ୍ରମଣ୍ୟମ ସ୍ୱାଗତ ଭାଷଣ ଦେଇଥିଲେ। ୩ ପର୍ଯ୍ୟାୟ ବିଶିଷ୍ଟ ସମ୍ମିଳନୀକୁ ଡ.ତୁଷାରକାନ୍ତ ପାଣି, ସି.ଚନ୍ଦ୍ରଶେଖର, ପ୍ରଫେସର ଭଗବାନ ଦାସ, ଡ.ପୃଥ୍ୱୀରଞ୍ଜନ ପାଢ଼ୀ, ପ୍ରଫେସର ଚନ୍ଦନ ସାହୁ ଓ ଡ.ଅଜିତ କର ପ୍ରମୁଖ ପରିଚାଳନା କରିଥିଲେ। ସମ୍ମିଳନୀକୁ ପ୍ରଫେସର ଜିନାଶିଷ ମହାନ୍ତି, ପ୍ରଫେସର ସବ୍ୟସାଚୀ ପ୍ରଧାନ, ନନ୍ଦିତା ମହାପାତ୍ର ଓ ଅଭିପ୍ସା ମିଶ୍ର ସହଯୋଗ କରିଥିଲେ।

### ଇଂ.ବୈଦ୍ୟନାଥ ସାମନ୍ତରାୟଙ୍କ ପରଲୋକ



ଖୋର୍ଦ୍ଧା ଅଫିସ,୨୪।୯: ଖୋର୍ଦ୍ଧା ହାଉସିଂ ବୋର୍ଡ କଲୋନୀରେ ରହୁଥିବା ଇଂ.ବୈଦ୍ୟନାଥ ସାମନ୍ତରାୟଙ୍କ ବୁଧବାର ରାତିରେ ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୭୮ ବର୍ଷ ହୋଇଥିଲା। ସେ ଗତ କିଛିଦିନ ହେବ ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡ଼ିତ ଥିଲେ। ଶଯ୍ୟା ନିକଟରେ ପୁଅ, ଝିଅ, ଜ୍ୱାଇଁ, ନାତି,ନାତୁଣୀ, ପରିବାର ଓ ସମ୍ପର୍କୀୟ ଉପସ୍ଥିତ ଥିଲେ। ସେ ଏସ୍‌ଡିଓ ଭାବେ ଅବସର ଗ୍ରହଣ କରିଥିଲେ। ବୈଷ୍ଣବ ଦୀକ୍ଷା ଗ୍ରହଣ କରିଥିବାରୁ ଏହି ରୀତିନୀତି ଅନୁଯାୟୀ ଖୋର୍ଦ୍ଧା ଟିଏଲସି ଛକସ୍ଥିତ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା। ବଡ଼ପୁଅ ଗୋପାଳ ମୁଖାଗ୍ନି ଦେଇଥିଲେ। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

### ଗୋଷ୍ଠୀ ସଂଘର୍ଷ, ୬ ଆହତ

ବାଲିପାଟଣା,୨୪।୯(ଡି.ଏନ୍.ଏ.): ବାଲିପାଟଣା ଥାନା ଅଧୀନ ପ୍ରଧାନପାଟଣା ଗ୍ରାମରେ ବୁଧବାର ରାତିରେ ଗୋଷ୍ଠୀ ସଂଘର୍ଷ ଘଟି ୬ଜଣ ଆହତ ହୋଇଛନ୍ତି। ଚମ୍ପା ସାହୁ, ରମାକାନ୍ତ, ମନୋଜ ସାହୁ, ଦୀପକ ନାଥ, ସରୋଜ ନାଥ ଓ ରଞ୍ଜନ ସାହୁ ଆହତ ହୋଇଥିଲେ। ସମସ୍ତ ଆହତଙ୍କୁ ଚିକିତ୍ସା ପାଇଁ ବାଲିପାଟଣା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଏହି ସଂଘର୍ଷ ଘଟିଥିବା ଥାନାଧିକାରୀ ରାଧାକାନ୍ତ ସାହୁ କହିଛନ୍ତି। ଏଥିରେ ଉଭୟ ପକ୍ଷର ଉଭୟ ପକ୍ଷଙ୍କ ଅଭିଯୋଗକ୍ରମେ ପୋଲିସ ଦୁଇଟି ମାମଲା (ନଂ.୨୯୫, ୨୯୬/୨୦)ରୁଜୁକରି ତଦନ୍ତ ଚଳାଇଛି।

# ନିବେଶକଙ୍କ କ୍ଷତି ୧୧.୩୧ ଲକ୍ଷ କୋଟି

**ମୁମ୍ବାଇ,୨୪।୯**

ଗତ ୬ ଦିନ ହେବ ଦେଶର ଶେୟାର ବଜାର ଉପରେ ନକାରାତ୍ମକ ପ୍ରଭାବ ପଡ଼ିଛି। ଏହି ସମୟ ମଧ୍ୟରେ କାରବାର ଲଗାତର ଭାବେ ଖସି ଚାଲିଛି। ଗତ ୬ ଦିନରେ ନିବେଶକଙ୍କୁ ୧୧.୩୧ ଲକ୍ଷ କୋଟି ଟଙ୍କାର କ୍ଷତି ସହିବାକୁ ପଡ଼ିଛି। ବିଶ୍ୱ ବଜାର ତାପରେ ଘରୋଇ ବଜାର ପୁଞ୍ଜିକରଣରେ ଗୁରୁବାର ନିବେଶକଙ୍କ କ୍ଷତି ୩.୯୫ ଲକ୍ଷ କୋଟି ଟଙ୍କା ରହିଛି। ୩୦ ଶେୟାର ବିଶିଷ୍ଟ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ ଗୁରୁବାର ୧,୧୧୫ ପଏଣ୍ଟ ଖସିଥିବା ବେଳେ ନିଫ୍ଟି ୧୦,୮୫୦ ପଏଣ୍ଟ ନିମ୍ନରେ ରହିଛି। କରୋନା ଭାଇରସ୍ ଏବଂ ବିଶ୍ୱ ଶେୟାର ବଜାର କାରବାର କ୍ଷତିଗ୍ରସ୍ତ ରହିବାରୁ ଏହାର ପ୍ରଭାବ ଭାରତ ବଜାର ଉପରେ ପଡ଼ିଛି। କରୋନା ମହାମାରୀର ଦ୍ୱିତୀୟ ଲହର ବର୍ତ୍ତମାନ ଆସିଥିବା ବେଳେ ଏହା ନିବେଶକଙ୍କ ମନରେ ନକାରାତ୍ମକ ଭାବନା ସୃଷ୍ଟି କରିଛି। ସେହିଭଳି ସାରା ବିଶ୍ୱର କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ନିକଟରେ କିଛି ପଦକ୍ଷେପ ନେଇ ନ ଥିବାରୁ ଏହାକୁ ନେଇ ନିବେଶକ ଆଶଙ୍କାରେ ରହିଛନ୍ତି। ଗୁରୁବାର ସେନ୍ସେକ୍ସ ୧୧୧୪.୮୨ ପଏଣ୍ଟ(୨.୯୬%) ନିମ୍ନରେ ରହି ୩୬,୫୫୩.୬୦ ପଏଣ୍ଟରେ କାରବାର ବନ୍ଦ ରହିଥିଲା। ସେହିଭଳି ନିଫ୍ଟି କାରବାର ୩୨୬.୩୦ ପଏଣ୍ଟ (୨.୯୩%) ଖସିବା ଯୋଗୁ କାରବାର ୧୦,୮୦୫.୫୫ ପଏଣ୍ଟରେ ବନ୍ଦ ରହିଛି। ଗତ ୬ ଦିନ ମଧ୍ୟରେ ସେନ୍ସେକ୍ସ ୨,୭୪୭ ପଏଣ୍ଟ କମିଛି। ଏହି ଅବଧିରେ ନିଫ୍ଟି କାରବାର ୭୯୯ ପଏଣ୍ଟ ନିମ୍ନରେ ରହିଛି। ଏସିଆର ଅନ୍ୟ ପ୍ରମୁଖ ଶେୟାର ବଜାରଗୁଡ଼ିକର କାରବାରରେ ମଧ ପ୍ରଭାବ ପରିଲକ୍ଷିତ ହୋଇଛି।

**୬ ଦିନ ଧରି ଖସୁଛି ସେନ୍ସେକ୍ସ**



# ୧୦ ହଜାର କୋଟି ଋଣ କରିବେ ରାଜ୍ୟ

**ନୂଆଦିଲ୍ଲୀ,୨୪।୯**

ବଜାରରୁ ଅତିରିକ୍ତ ପ୍ରାୟ ୧୦ ହଜାର କୋଟି ଟଙ୍କାର ଅତିରିକ୍ତ ଋଣ ଉଠାଣ କରିବା ଲାଗି କେନ୍ଦ୍ର ସରକାର ୫ ରାଜ୍ୟକୁ ଅନୁମତି ପ୍ରଦାନ କରିଛନ୍ତି। ଖୋଲା ବଜାରରୁ ୯,୯୧୩ କୋଟି ଋଣ ଏହି ରାଜ୍ୟଗୁଡ଼ିକ ଉଠାଣ କରିବେ ବୋଲି ଗୁରୁବାର ଜଣାପଡ଼ିଛି। ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା, ଗୋଆ, କର୍ଣ୍ଣାଟକ ଏବଂ ତ୍ରିପୁରା ଏହି ତାଲିକାରେ ରହିଛନ୍ତି। 'ଓ୍ୱାନ୍ ନେସନ ଓ୍ୱାନ୍ ରାଶନ କାର୍ଡ' ସିଷ୍ଟମ କ୍ଷେତ୍ରରେ ସଂସ୍କାର ପ୍ରକ୍ରିୟା ହାତକୁ ନେବାରେ ଏହି ରାଜ୍ୟଗୁଡ଼ିକ ପ୍ରମୁଖ ସ୍ଥାନରେ ରହିଥିବାରୁ କେନ୍ଦ୍ର ପକ୍ଷରୁ ଏଭଳି ଅନୁମତି ପ୍ରଦାନ କରାଯାଇଛି।

# ସାମ୍ସଙ୍ଗର ନୂଆ ଗାଲାକ୍ସି ଏସ୍୨୦ ଏଫ୍ଇ



ନୂଆଦିଲ୍ଲୀ,୨୪।୯: ସାମ୍ସଙ୍ଗ ଇଲେକ୍ଟ୍ରୋନିକ୍ସ କମ୍ପାନୀ ଲିମିଟେଡ୍ ପକ୍ଷରୁ ନୂଆ ଗାଲାକ୍ସି ଏସ୍୨୦ ଫ୍ୟାନ୍ ଏଡିଶନ(ଏଫ୍ଇ)ର ବଜାର ପ୍ରବେଶ କରାଯାଇଛି। ଗାଲାକ୍ସି ଏସ୍ ୨୦ ସିରିଜରେ ଏହା ନୂଆ କରି ଯୋଗିହୋଇଛି। କମ୍ପାନୀର ଏହି ପ୍ରିମିୟମ ଫ୍ଲାଗସିପ ସ୍ମାର୍ଟଫୋନ୍ ଗ୍ରାହକଙ୍କ ଚାହିଦା ଆଧାରରେ ପ୍ରସ୍ତୁତ କରାଯାଇଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି। କୋଭିଡ୍ ସମୟରେ ବଜାରକୁ ଆସିଥିବା ଏହି ଫୋନଟି ଗ୍ରାହକଙ୍କୁ ଟେକ୍ନୋଲୋଜିର ନୂଆ ଅଭିଜ୍ଞତା ପ୍ରଦାନ କରିବାକୁ ସକ୍ଷମ ହେବ ବୋଲି କମ୍ପାନୀ ଆଶାବାଦୀ ରହିଛି। ଏଥିରେ ସୁପର ସ୍ମୁଥ ସ୍କ୍ରିନ ଡିସ୍ପ୍ଲେ, ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଭିତ୍ତିକ କ୍ୟାମେରା, ଅତ୍ୟାଧୁନିକ ଚିପ୍ ସେଟ୍, ହାଇପରଫାଷ୍ଟ କନେକ୍ଟିଭିଟି, ଅଲ୍ ଡେ ବ୍ୟାଟେରି, ପରିବର୍ଦ୍ଧିତ ଷ୍ଟୋରେଜ କ୍ଷମତା, ପ୍ରିମିୟମ ଡିଜାଇନ ଭଳି ଅନ୍ୟ ପ୍ରମୁଖ ଫିଚର ରହିଛି। ଗ୍ରାହକଙ୍କ ମତାମତ ନିଆଯାଇ ନୂଆ ସ୍ମାର୍ଟଫୋନକୁ ପୋର୍ଟଫୋଲିଓରେ ଯୋଡ଼ାଯାଇଛି ବୋଲି କମ୍ପାନୀର ମୋବାଇଲ କମ୍ୟୁନିକେସନ ବିଜ୍ନେସ ସଭାପତି ଟି.ଏମ୍.ରୋହ ସୂଚନା ଦେଇଛନ୍ତି।

# ଅଟୋ ଡିଲରଙ୍କ ଅଣ୍ଟା ଭାଙ୍ଗିଦେଇଛି କୋଭିଡ୍

**ନୂଆଦିଲ୍ଲୀ,୨୪।୯**

**ଫାଡା-ପ୍ରିମୋନ ଏସିଆ ସର୍ଭେ**

ମହାମାରୀ ପୂର୍ବରୁ ଦେଶର ଅଟୋମୋବାଇଲ ଶିଳ୍ପ ମାନ୍ଦାବସ୍ଥା ଦେଇ ଗତି କରୁଥିଲା। ଗତ ୧୫ ମାସ ହେବ ଅଟୋ ଶିଳ୍ପରେ ବିକ୍ରି ଖସି ଚାଲିଛି। ଅଗଷ୍ଟ ମାସର ବିକ୍ରିକୁ ଦେଖିଲେ ଏଥିରୁ ସ୍ପଷ୍ଟ ଜଣାପଡିବ ଯେ ଶିଳ୍ପର ସମସ୍ୟା ସୁଧୁରିବାରେ ନାଁ ନେଉନାହିଁ। ଅପରପକ୍ଷରେ କୋଭିଡ୍ ଅଟୋମୋବାଇଲ ଡିଲରଙ୍କର ଅଣ୍ଟା ଭାଙ୍ଗିଦେଇଛି ବୋଲି ଫେଡେରେଶନ ଅଫ୍ ଅଟୋମୋବାଇଲ ଡିଲର୍ସ ଆସୋସିଏଶନ୍ସ (ଫାଡା) ପକ୍ଷରୁ ଗୁରୁବାର ପ୍ରକାଶିତ କୋଭିଡ୍ ୧୯ ଡିଲର ସପୋର୍ଟ ସାଟିସ୍ଫାକସନ ସର୍ଭେରେ ଏହା କୁହାଯାଇଛି। ଫାଡାର ସଭାପତି ଭିଙ୍କେଶ ଗୁଲାଟି କହିଛନ୍ତି, ଅଟୋ ଡିଲରଙ୍କ ସହାୟତା କରିବା ଦିଗରେ କିଛି ଓଇଏମ୍ ପଦକ୍ଷେପ ହାତକୁ ନେଇଛନ୍ତି। କେତେଜଣ ଡିଲରଙ୍କୁ ଭଲ ସୁବିଧା ମିଳିଥିବା ବେଳେ ଆଉ କେତେକେ ସୁବିଧାରୁ ବଞ୍ଚିତ ହୋଇଛନ୍ତି। ବାଣିଜ୍ୟକୁ ଆଗକୁ ବଢ଼ାଇବା ଏବଂ ଲକ୍ଡାଉନ ପରେ ପୁଣି ଥରେ ବାଣିଜ୍ୟ ଆରମ୍ଭ କରିବା ଡିଲରଙ୍କ ସାମ୍ନାରେ ୨ଟି ବଡ଼ ଚ୍ୟାଲେଞ୍ଜ ଭାବେ ଉଭା ହୋଇଛି। ଓଇଏମ୍ଗୁଡ଼ିକରୁ ସହାୟତା ମିଳିଲେ କାରବାରକୁ ସମ୍ଭାଳିବା ଦିଗରେ ଏହା ସହାୟକ ହେବ ବୋଲି ଡିଲର ଆଶାବାଦୀ ରହିଛନ୍ତି। କଷ୍ଟମର ଇନ୍ସାଇଟ କନ୍ସଲଟିଂ ଫାର୍ମ ପ୍ରିମୋନ ଏସିଆ ସହଯୋଗରେ ଏହି ଅଧ୍ୟୟନ କରାଯାଇଥିଲା।

# ଏସ୍ବିଆଇର ଋଣ ପୁନର୍ଗଠନ ପୋର୍ଟାଲ

**ଭୁବନେଶ୍ୱର,୨୪।୯**

ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଏସ୍ବିଆଇ) ପକ୍ଷରୁ ଋଣ ପୁନର୍ଗଠନ ଲାଗି ଏକ ଅନ୍ଲାଇନ ପୋର୍ଟାଲର ଶୁଭାରମ୍ଭ କରାଯାଇଛି। ଏହାଦ୍ୱାରା ଗ୍ରାହକ ସେମାନଙ୍କ ଋଣ ପୁନର୍ଗଠନ ଯୋଗ୍ୟତା ବିଷୟରେ ଘରେ ରହି ଜାଣିପାରିବେ। ଏହି ପୋର୍ଟାଲରେ ଏସ୍ବିଆଇର ଗ୍ରାହକମାନେ ଲଗ୍ଇନ୍ କରିବା ପରେ ତାଙ୍କୁ ଆକାଉଣ୍ଟ ନମ୍ବର ମଗାଯିବ। ଏହି ପ୍ରକ୍ରିୟା ଶେଷ ହେବା ପରେ ଏକ ଓଟିପି ସ୍ୱୀକୃତି ଦରକାର ପଡିବ। କିଛି ଜରୁରୀ ସୂଚନା ଦେବା ପରେ ଗ୍ରାହକ ନିଜ ଋଣ ପୁନର୍ଗଠନ ପାଇଁ ଯୋଗ୍ୟ ନା ନାହିଁ ତାହା ଜାଣିପାରିବେ। ପରେ ତାଙ୍କୁ ଏକ ରେଫରେନ୍ସ ନମ୍ବର ମିଳିବ। ସେହି ରେଫରେନ୍ସ ନମ୍ବର ୩୦ଦିନ ପାଇଁ ବୈଧ ରହିବ । ଏହି ସମୟସୀମା ମଧ୍ୟରେ ଗ୍ରାହକଙ୍କୁ ଶାଖାରେ ପହଞ୍ଚି ଅନ୍ୟାନ୍ୟ ଜରୁରିକାଳୀନ କାର୍ଯ୍ୟ ଶେଷ କରିବାକୁ ହେବ।

# ଏଚ୍ଡିଏଫ୍ସି ବ୍ୟାଙ୍କର ଭିଡିଓ କେଓ୍ୱାଇସି

**ନୂଆଦିଲ୍ଲୀ,୨୪।୯**

ଏଚ୍ଡିଏଫ୍ସି ବ୍ୟାଙ୍କ ପକ୍ଷରୁ ଭିଡିଓ କେଓ୍ୱାଇସି (ନୋ ୟୋର କଷ୍ଟମର) ସେବା ଆରମ୍ଭ କରାଯାଇଛି। ବ୍ୟାଙ୍କ ଏହାର ଗ୍ରାହକମାନଙ୍କୁ ନିରାପଦ୍ତା ବ୍ୟାଙ୍କିଙ୍ଗ୍ ସୁବିଧା ପ୍ରଦାନ କରିବା ଲକ୍ଷ୍ୟରେ ଏଭଳି ସେବା ଆଣିଛି। ମାତ୍ର କିଛି ମିନିଟ ମଧ୍ୟରେ ଏଚ୍ଡିଏଫ୍ସି ବ୍ୟାଙ୍କର ସମସ୍ତ ସୁବିଧା ଆକାଉଣ୍ଟ ଏବଂ ବିଶ୍ୱସ୍ତରୀୟ ଉତ୍ପାଦ ଓ ସେବାଗୁଡ଼ିକର ଲାଭ ଉଠାଇପାରିବେ ବୋଲି ବ୍ୟାଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଏ ସମ୍ପର୍କରେ ଏଚ୍ଡିଏଫ୍ସି ବ୍ୟାଙ୍କର ରିଟେଲ ଶାଖା ବ୍ୟାଙ୍କିଙ୍ଗ୍ର ଗ୍ରୁପ୍ ହେଡ୍ ଅରବିନ୍ଦ ଭୋରା କହିଛନ୍ତି, ପ୍ରଥମ ପର୍ଯ୍ୟାୟରେ ଏହାକୁ ସେଭିଂ, କର୍ପୋରେଟ ଦରମା ଏବଂ ବ୍ୟକ୍ତିଗତ ଲୋନ ପାଇଁ କାର୍ଯ୍ୟକାରୀ କରାଯିବ ।

# ୩ ମାସ ଯାଏ ହେବନି ଇନ୍ସଲଭେନ୍ସି କାର୍ଯ୍ୟାନୁଷ୍ଠାନ

**ନୂଆଦିଲ୍ଲୀ,୨୪।୯**

ଇନ୍ସଲଭେନ୍ସି ଆଣ୍ଡ ବ୍ୟାଙ୍କ୍ରପ୍ସି କାର୍ଯ୍ୟାନୁଷ୍ଠାନକୁ ଆଗାମୀ ୩ ମାସ ବାତିଲ ରଖିବା ନେଇ ସରକାର ନିଷ୍ପତ୍ତି ନେଇଛନ୍ତି। କରୋନା ଯୋଗୁ ଏହି ପ୍ରକ୍ରିୟା ନ କରାଇବାକୁ ସରକାର ବର୍ତ୍ତମାନ ପର୍ଯ୍ୟନ୍ତ ସମୟ ଦେଇଥିଲେ। ଏହାକୁ ଆଉ ୩ ମାସ କୋହଳ କରାଯିବା ପରେ କମ୍ପାନୀଗୁଡ଼ିକୁ ଆଶ୍ୱସ୍ତି ମିଳିଥିବା ଜଣାପଡ଼ିଛି। ଅର୍ଥାତ୍ ଡିସେମ୍ବର ୨୪ ପରଠାରୁ କମ୍ପାନୀଗୁଡ଼ିକ ଲାଗି କୋହଳ ବ୍ୟବସ୍ଥା କରାଯାଇଥିବା କର୍ପୋରେଟ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଜାରି କରାଯାଇଥିବା ଏକ ନୋଟିଫିକେଶନରେ କୁହାଯାଇଛି। ମାର୍ଚ୍ଚ ୨୪ ସୁଦ୍ଧା ଖିଲାପ ହୋଇଥିବା ମାମଲାଗୁଡ଼ିକ ଉପରେ ଏଭଳି କୋହଳ ସୀମା ଲାଗୁ ହୋଇପାରିବ। କରୋନା ମହାମାରୀ ପରେ କମ୍ପାନୀଗୁଡ଼ିକୁ ଆଶ୍ୱସ୍ତି ଦେବା ଲାଗି ସରକାର କର୍ପୋରେଟ୍ ଇନ୍ସଲଭେନ୍ସିକାର୍ଯ୍ୟାନୁଷ୍ଠାନ ପ୍ରକ୍ରିୟା କ୍ଷେତ୍ରରେ ୬ ମାସର କୋହଳ ବ୍ୟବସ୍ଥା କରିଥିଲେ। ଏହି ଅବଧିରେ ଖିଲାପକାରୀ କମ୍ପାନୀଗୁଡ଼ିକ ଲାଗି କୌଣସି କଠୋର କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ। ସରକାର ପ୍ରଦାନ କରିଥିବା ୬ ମାସର ଅବଧି ଚଳିତ ମାସ ୨୪ରେ ଶେଷ ହୋଇଛି। ବର୍ତ୍ତମାନ ସରକାର ଇନ୍ସଲଭେନ୍ସି ଆଣ୍ଡ ବ୍ୟାଙ୍କ୍ରପ୍ସି (ଆଇବିସି) ଆଇନରେ ସଂଶୋଧନ କରିଛନ୍ତି। ଏହାଦ୍ୱାରା ସରକାରଙ୍କୁ ଆଇବିସି ପ୍ରକ୍ରିୟାକୁ ସରକାର ଗୋଟିଏ ବର୍ଷ ସମୟସୀମା ମଧ୍ୟରେ ବଢ଼ାଇପାରିବେ। ମାର୍ଚ୍ଚ ୨୫ ପୂର୍ବରୁ ଯେଉଁମାନେ ଖିଲାପ କରିଛନ୍ତି ସେହି ମାମଲାଗୁଡ଼ିକ ଏଥିରେ ସାମିଲ ହୋଇନାହିଁ।

No. F-42:-

## ତହସିଲଦାର, ଟାଙ୍ଗୀଙ୍କ କାର୍ଯ୍ୟାଳୟ

**ଲଘୁ ଖଣିଜ ଦ୍ରବ୍ୟ ଲିଜ୍ ନିମନ୍ତେ ବିଜ୍ଞାପନ**

ସଂଖ୍ୟା: ୨୦୩୦ ତା: ୨୧।୦୯।୨୦୨୦

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇଦିଆଯାଉଛି ଯେ, ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ଟାଙ୍ଗୀ ୫ ବର୍ଷ ପର୍ଯ୍ୟନ୍ତ *ଦୀର୍ଘ ମିଆଦୀ* ଲିଜ୍ ସୂତ୍ରେ ନେବାପାଇଁ ଦରଖାସ୍ତ ତହସିଲ ଅଧୀନରେ ସୈରାତ ଉତ୍ସଗୁଡ଼ିକ ଆଗାମୀ ୫ (ପାଞ୍ଚ) ବର୍ଷ ନିମନ୍ତେ ୨୦୨୦ ଆହ୍ୱାନ କରାଯାଉଛି । ସୈରାତ ଉତ୍ସ **ନୟକୋଟ ମାଙ୍କଡ଼ା ପଥର ଖଣି (ବି)**ର ଲିଜ୍ ସମ୍ବନ୍ଧୀୟ ସମସ୍ତ ତଥ୍ୟ ଯଥା ସୈରାତ ଉତ୍ସର ପ୍ରକାର, ମୌଜାର ନାମ, ପ୍ଲଟ ନଂ. ରକବା, ସଲ୍ଭେନସି ତଥ୍ୟାବଳୀ ଏବଂ ଇଏମ୍ଡି ଖୋର୍ଦ୍ଧା ଜିଲ୍ଲା ଓ୍ୱେବସାଇଟ୍ **www.khordha.nic.in** ଅଧୀନରେ ଉପଲବ୍ଧ ହେବ । ସବିଶେଷ ବିବରଣୀ ଏବଂ ଅନ୍ୟାନ୍ୟ ନିୟମାବଳୀ ଜାଣିବା ପାଇଁ ଇଚ୍ଛୁକ ବ୍ୟକ୍ତି ମଧ ତହସିଲଦାରଙ୍କ କାର୍ଯ୍ୟାଳୟ ସହ ଯେ କୌଣସି କାର୍ଯ୍ୟଦିବସରେ ଯୋଗାଯୋଗ କରିପାରନ୍ତି। ପ୍ରକାଶ ଥାଉ କି ୦୫।୧୦।୨୦୨୦ ତାରିଖ ପରେ କୌଣସି ଦରଖାସ୍ତ ଗ୍ରହଣ କରାଯିବ ନାହିଁ ।

ସ୍ୱା./- ତହସିଲଦାର-ତଥା-କ୍ଷମତାପନ୍ନ ପ୍ରାଧିକାରୀ, ଟାଙ୍ଗୀ

## ତହସିଲଦାର, ଟାଙ୍ଗୀଙ୍କ କାର୍ଯ୍ୟାଳୟ

**ଲଘୁ ଖଣିଜ ଦ୍ରବ୍ୟ ଲିଜ୍ ନିମନ୍ତେ ବିଜ୍ଞାପନ**

ସଂଖ୍ୟା: ୨୦୩୪ ତା: ୨୧।୦୯।୨୦୨୦

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇଦିଆଯାଉଛି ଯେ, ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ଟାଙ୍ଗୀ ୫ ବର୍ଷ ପର୍ଯ୍ୟନ୍ତ *ଦୀର୍ଘ ମିଆଦୀ* ଲିଜ୍ ସୂତ୍ରେ ନେବାପାଇଁ ଦରଖାସ୍ତ ତହସିଲ ଅଧୀନରେ ସୈରାତ ଉତ୍ସଗୁଡ଼ିକ ଆଗାମୀ ୫ (ପାଞ୍ଚ) ବର୍ଷ ନିମନ୍ତେ ୨୦୨୦ ଆହ୍ୱାନ କରାଯାଉଛି । ସୈରାତ ଉତ୍ସ **ଗାୟବନ୍ଧ ମାଙ୍କଡ଼ା ପଥର ଖଣି**ର ଲିଜ୍ ସମ୍ବନ୍ଧୀୟ ସମସ୍ତ ତଥ୍ୟ ଯଥା ସୈରାତ ଉତ୍ସର ପ୍ରକାର, ମୌଜାର ନାମ, ପ୍ଲଟ ନଂ. ରକବା, ସଲ୍ଭେନସି ତଥ୍ୟାବଳୀ ଏବଂ ଇଏମ୍ଡି ଖୋର୍ଦ୍ଧା ଜିଲ୍ଲା ଓ୍ୱେବସାଇଟ୍ **www.khordha.nic.in** ଅଧୀନରେ ଉପଲବ୍ଧ ହେବ । ସବିଶେଷ ବିବରଣୀ ଏବଂ ଅନ୍ୟାନ୍ୟ ନିୟମାବଳୀ ଜାଣିବା ପାଇଁ ଇଚ୍ଛୁକ ବ୍ୟକ୍ତି ମଧ ତହସିଲଦାରଙ୍କ କାର୍ଯ୍ୟାଳୟ ସହ ଯେ କୌଣସି କାର୍ଯ୍ୟଦିବସରେ ଯୋଗାଯୋଗ କରିପାରନ୍ତି। ପ୍ରକାଶ ଥାଉ କି ୦୪।୧୦।୨୦୨୦ ତାରିଖ ପରେ କୌଣସି ଦରଖାସ୍ତ ଗ୍ରହଣ କରାଯିବ ନାହିଁ ।

ସ୍ୱା./- ତହସିଲଦାର-ତଥା-କ୍ଷମତାପନ୍ନ ପ୍ରାଧିକାରୀ, ଟାଙ୍ଗୀ

## ତହସିଲଦାର, ଟାଙ୍ଗୀଙ୍କ କାର୍ଯ୍ୟାଳୟ

**ଲଘୁ ଖଣିଜ ଦ୍ରବ୍ୟ ଲିଜ୍ ନିମନ୍ତେ ବିଜ୍ଞାପନ**

ସଂଖ୍ୟା: ୨୦୩୮ ତା: ୨୧।୦୯।୨୦୨୦

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇଦିଆଯାଉଛି ଯେ, ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ଟାଙ୍ଗୀ ୫ ବର୍ଷ ପର୍ଯ୍ୟନ୍ତ *ଦୀର୍ଘ ମିଆଦୀ* ଲିଜ୍ ସୂତ୍ରେ ନେବାପାଇଁ ଦରଖାସ୍ତ ତହସିଲ ଅଧୀନରେ ସୈରାତ ଉତ୍ସଗୁଡ଼ିକ ଆଗାମୀ ୫ (ପାଞ୍ଚ) ବର୍ଷ ନିମନ୍ତେ ୨୦୨୦ ଆହ୍ୱାନ କରାଯାଉଛି । ସୈରାତ ଉତ୍ସ **ଡମଣଭୁଇଁ ମାଙ୍କଡ଼ା ପଥର ଖଣି (ଏ)**ର ଲିଜ୍ ସମ୍ବନ୍ଧୀୟ ସମସ୍ତ ତଥ୍ୟ ଯଥା ସୈରାତ ଉତ୍ସର ପ୍ରକାର, ମୌଜାର ନାମ, ପ୍ଲଟ ନଂ. ରକବା, ସଲ୍ଭେନସି ତଥ୍ୟାବଳୀ ଏବଂ ଇଏମ୍ଡି ଖୋର୍ଦ୍ଧା ଜିଲ୍ଲା ଓ୍ୱେବସାଇଟ୍ **www.khordha.nic.in** ଅଧୀନରେ ଉପଲବ୍ଧ ହେବ । ସବିଶେଷ ବିବରଣୀ ଏବଂ ଅନ୍ୟାନ୍ୟ ନିୟମାବଳୀ ଜାଣିବା ପାଇଁ ଇଚ୍ଛୁକ ବ୍ୟକ୍ତି ମଧ ତହସିଲଦାରଙ୍କ କାର୍ଯ୍ୟାଳୟ ସହ ଯେ କୌଣସି କାର୍ଯ୍ୟଦିବସରେ ଯୋଗାଯୋଗ କରିପାରନ୍ତି। ପ୍ରକାଶ ଥାଉ କି ୦୪।୧୦।୨୦୨୦ ତାରିଖ ପରେ କୌଣସି ଦରଖାସ୍ତ ଗ୍ରହଣ କରାଯିବ ନାହିଁ ।

ସ୍ୱା./- ତହସିଲଦାର-ତଥା-କ୍ଷମତାପନ୍ନ ପ୍ରାଧିକାରୀ, ଟାଙ୍ଗୀ

## ତହସିଲଦାର, ଟାଙ୍ଗୀଙ୍କ କାର୍ଯ୍ୟାଳୟ

**ଲଘୁ ଖଣିଜ ଦ୍ରବ୍ୟ ଲିଜ୍ ନିମନ୍ତେ ବିଜ୍ଞାପନ**

ସଂଖ୍ୟା: ୨୦୪୨ ତା: ୨୧।୦୯।୨୦୨୦

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇଦିଆଯାଉଛି ଯେ, ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ଟାଙ୍ଗୀ ୫ ବର୍ଷ ପର୍ଯ୍ୟନ୍ତ *ଦୀର୍ଘ ମିଆଦୀ* ଲିଜ୍ ସୂତ୍ରେ ନେବାପାଇଁ ଦରଖାସ୍ତ ତହସିଲ ଅଧୀନରେ ସୈରାତ ଉତ୍ସଗୁଡ଼ିକ ଆଗାମୀ ୫ (ପାଞ୍ଚ) ବର୍ଷ ନିମନ୍ତେ ୨୦୨୦ ଆହ୍ୱାନ କରାଯାଉଛି । ସୈରାତ ଉତ୍ସ **ଡମଣଭୁଇଁ ମାଙ୍କଡ଼ା ପଥର ଖଣି (ବି)**ର ଲିଜ୍ ସମ୍ବନ୍ଧୀୟ ସମସ୍ତ ତଥ୍ୟ ଯଥା ସୈରାତ ଉତ୍ସର ପ୍ରକାର, ମୌଜାର ନାମ, ପ୍ଲଟ ନଂ. ରକବା, ସଲ୍ଭେନସି ତଥ୍ୟାବଳୀ ଏବଂ ଇଏମ୍ଡି ଖୋର୍ଦ୍ଧା ଜିଲ୍ଲା ଓ୍ୱେବସାଇଟ୍ **www.khordha.nic.in** ଅଧୀନରେ ଉପଲବ୍ଧ ହେବ । ସବିଶେଷ ବିବରଣୀ ଏବଂ ଅନ୍ୟାନ୍ୟ ନିୟମାବଳୀ ଜାଣିବା ପାଇଁ ଇଚ୍ଛୁକ ବ୍ୟକ୍ତି ମଧ ତହସିଲଦାରଙ୍କ କାର୍ଯ୍ୟାଳୟ ସହ ଯେ କୌଣସି କାର୍ଯ୍ୟଦିବସରେ ଯୋଗାଯୋଗ କରିପାରନ୍ତି। ପ୍ରକାଶ ଥାଉ କି ୦୪।୧୦।୨୦୨୦ ତାରିଖ ପରେ କୌଣସି ଦରଖାସ୍ତ ଗ୍ରହଣ କରାଯିବ ନାହିଁ ।

ସ୍ୱା./- ତହସିଲଦାର-ତଥା-କ୍ଷମତାପନ୍ନ ପ୍ରାଧିକାରୀ, ଟାଙ୍ଗୀ

## ତହସିଲଦାର, ଟାଙ୍ଗୀଙ୍କ କାର୍ଯ୍ୟାଳୟ

**ଲଘୁ ଖଣିଜ ଦ୍ରବ୍ୟ ଲିଜ୍ ନିମନ୍ତେ ବିଜ୍ଞାପନ**

ସଂଖ୍ୟା: ୨୦୪୬ ତା: ୨୧।୦୯।୨୦୨୦

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇଦିଆଯାଉଛି ଯେ, ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ଟାଙ୍ଗୀ ୫ ବର୍ଷ ପର୍ଯ୍ୟନ୍ତ *ଦୀର୍ଘ ମିଆଦୀ* ଲିଜ୍ ସୂତ୍ରେ ନେବାପାଇଁ ଦରଖାସ୍ତ ତହସିଲ ଅଧୀନରେ ସୈରାତ ଉତ୍ସଗୁଡ଼ିକ ଆଗାମୀ ୫ (ପାଞ୍ଚ) ବର୍ଷ ନିମନ୍ତେ ୨୦୨୦ ଆହ୍ୱାନ କରାଯାଉଛି । ସୈରାତ ଉତ୍ସ **ଡମଣଭୁଇଁ ମାଙ୍କଡ଼ା ପଥର ଖଣି (ସି)**ର ଲିଜ୍ ସମ୍ବନ୍ଧୀୟ ସମସ୍ତ ତଥ୍ୟ ଯଥା ସୈରାତ ଉତ୍ସର ପ୍ରକାର, ମୌଜାର ନାମ, ପ୍ଲଟ ନଂ. ରକବା, ସଲ୍ଭେନସି ତଥ୍ୟାବଳୀ ଏବଂ ଇଏମ୍ଡି ଖୋର୍ଦ୍ଧା ଜିଲ୍ଲା ଓ୍ୱେବସାଇଟ୍ **www.khordha.nic.in** ଅଧୀନରେ ଉପଲବ୍ଧ ହେବ । ସବିଶେଷ ବିବରଣୀ ଏବଂ ଅନ୍ୟାନ୍ୟ ନିୟମାବଳୀ ଜାଣିବା ପାଇଁ ଇଚ୍ଛୁକ ବ୍ୟକ୍ତି ମଧ ତହସିଲଦାରଙ୍କ କାର୍ଯ୍ୟାଳୟ ସହ ଯେ କୌଣସି କାର୍ଯ୍ୟଦିବସରେ ଯୋଗାଯୋଗ କରିପାରନ୍ତି। ପ୍ରକାଶ ଥାଉ କି ୦୪।୧୦।୨୦୨୦ ତାରିଖ ପରେ କୌଣସି ଦରଖାସ୍ତ ଗ୍ରହଣ କରାଯିବ ନାହିଁ ।

ସ୍ୱା./- ତହସିଲଦାର-ତଥା-କ୍ଷମତାପନ୍ନ ପ୍ରାଧିକାରୀ, ଟାଙ୍ଗୀ

## ତହସିଲଦାର, ଟାଙ୍ଗୀଙ୍କ କାର୍ଯ୍ୟାଳୟ

**ଲଘୁ ଖଣିଜ ଦ୍ରବ୍ୟ ଲିଜ୍ ନିମନ୍ତେ ବିଜ୍ଞାପନ**

ସଂଖ୍ୟା: ୨୦୫୦ ତା: ୨୧।୦୯।୨୦୨୦

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇଦିଆଯାଉଛି ଯେ, ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ଟାଙ୍ଗୀ ୫ ବର୍ଷ ପର୍ଯ୍ୟନ୍ତ *ଦୀର୍ଘ ମିଆଦୀ* ଲିଜ୍ ସୂତ୍ରେ ନେବାପାଇଁ ଦରଖାସ୍ତ ତହସିଲ ଅଧୀନରେ ସୈରାତ ଉତ୍ସଗୁଡ଼ିକ ଆଗାମୀ ୫ (ପାଞ୍ଚ) ବର୍ଷ ନିମନ୍ତେ ୨୦୨୦ ଆହ୍ୱାନ କରାଯାଉଛି । ସୈରାତ ଉତ୍ସ **ଆରାଙ୍ଗ ଓଲସିଂହ ମାଙ୍କଡ଼ା ପଥର ଖଣି (ଏ)**ର ଲିଜ୍ ସମ୍ବନ୍ଧୀୟ ସମସ୍ତ ତଥ୍ୟ ଯଥା ସୈରାତ ଉତ୍ସର ପ୍ରକାର, ମୌଜାର ନାମ, ପ୍ଲଟ ନଂ. ରକବା, ସଲ୍ଭେନସି ତଥ୍ୟାବଳୀ ଏବଂ ଇଏମ୍ଡି ଖୋର୍ଦ୍ଧା ଜିଲ୍ଲା ଓ୍ୱେବସାଇଟ୍ **www.khordha.nic.in** ଅଧୀନରେ ଉପଲବ୍ଧ ହେବ । ସବିଶେଷ ବିବରଣୀ ଏବଂ ଅନ୍ୟାନ୍ୟ ନିୟମାବଳୀ ଜାଣିବା ପାଇଁ ଇଚ୍ଛୁକ ବ୍ୟକ୍ତି ମଧ ତହସିଲଦାରଙ୍କ କାର୍ଯ୍ୟାଳୟ ସହ ଯେ କୌଣସି କାର୍ଯ୍ୟଦିବସରେ ଯୋଗାଯୋଗ କରିପାରନ୍ତି। ପ୍ରକାଶ ଥାଉ କି ୦୪।୧୦।୨୦୨୦ ତାରିଖ ପରେ କୌଣସି ଦରଖାସ୍ତ ଗ୍ରହଣ କରାଯିବ ନାହିଁ ।

ସ୍ୱା./- ତହସିଲଦାର-ତଥା-କ୍ଷମତାପନ୍ନ ପ୍ରାଧିକାରୀ, ଟାଙ୍ଗୀ

## ତହସିଲଦାର, ଟାଙ୍ଗୀଙ୍କ କାର୍ଯ୍ୟାଳୟ

**ଲଘୁ ଖଣିଜ ଦ୍ରବ୍ୟ ଲିଜ୍ ନିମନ୍ତେ ବିଜ୍ଞାପନ**

ସଂଖ୍ୟା: ୨୦୫୪ ତା: ୨୧।୦୯।୨୦୨୦

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇଦିଆଯାଉଛି ଯେ, ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ଟାଙ୍ଗୀ ୫ ବର୍ଷ ପର୍ଯ୍ୟନ୍ତ *ଦୀର୍ଘ ମିଆଦୀ* ଲିଜ୍ ସୂତ୍ରେ ନେବାପାଇଁ ଦରଖାସ୍ତ ତହସିଲ ଅଧୀନରେ ସୈରାତ ଉତ୍ସଗୁଡ଼ିକ ଆଗାମୀ ୫ (ପାଞ୍ଚ) ବର୍ଷ ନିମନ୍ତେ ୨୦୨୦ ଆହ୍ୱାନ କରାଯାଉଛି । ସୈରାତ ଉତ୍ସ **ଆରାଙ୍ଗ ଓଲସିଂହ ମାଙ୍କଡ଼ା ପଥର ଖଣି (ବି)**ର ଲିଜ୍ ସମ୍ବନ୍ଧୀୟ ସମସ୍ତ ତଥ୍ୟ ଯଥା ସୈରାତ ଉତ୍ସର ପ୍ରକାର, ମୌଜାର ନାମ, ପ୍ଲଟ ନଂ. ରକବା, ସଲ୍ଭେନସି ତଥ୍ୟାବଳୀ ଏବଂ ଇଏମ୍ଡି ଖୋର୍ଦ୍ଧା ଜିଲ୍ଲା ଓ୍ୱେବସାଇଟ୍ **www.khordha.nic.in** ଅଧୀନରେ ଉପଲବ୍ଧ ହେବ । ସବିଶେଷ ବିବରଣୀ ଏବଂ ଅନ୍ୟାନ୍ୟ ନିୟମାବଳୀ ଜାଣିବା ପାଇଁ ଇଚ୍ଛୁକ ବ୍ୟକ୍ତି ମଧ ତହସିଲଦାରଙ୍କ କାର୍ଯ୍ୟାଳୟ ସହ ଯେ କୌଣସି କାର୍ଯ୍ୟଦିବସରେ ଯୋଗାଯୋଗ କରିପାରନ୍ତି। ପ୍ରକାଶ ଥାଉ କି ୦୪।୧୦।୨୦୨୦ ତାରିଖ ପରେ କୌଣସି ଦରଖାସ୍ତ ଗ୍ରହଣ କରାଯିବ ନାହିଁ ।

ସ୍ୱା./- ତହସିଲଦାର-ତଥା-କ୍ଷମତାପନ୍ନ ପ୍ରାଧିକାରୀ, ଟାଙ୍ଗୀ

## ତହସିଲଦାର, ଟାଙ୍ଗୀଙ୍କ କାର୍ଯ୍ୟାଳୟ

**ଲଘୁ ଖଣିଜ ଦ୍ରବ୍ୟ ଲିଜ୍ ନିମନ୍ତେ ବିଜ୍ଞାପନ**

ସଂଖ୍ୟା: ୨୦୫୮ ତା: ୨୧।୦୯।୨୦୨୦

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇଦିଆଯାଉଛି ଯେ, ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ଟାଙ୍ଗୀ ୫ ବର୍ଷ ପର୍ଯ୍ୟନ୍ତ *ଦୀର୍ଘ ମିଆଦୀ* ଲିଜ୍ ସୂତ୍ରେ ନେବାପାଇଁ ଦରଖାସ୍ତ ତହସିଲ ଅଧୀନରେ ସୈରାତ ଉତ୍ସଗୁଡ଼ିକ ଆଗାମୀ ୫ (ପାଞ୍ଚ) ବର୍ଷ ନିମନ୍ତେ ୨୦୨୦ ଆହ୍ୱାନ କରାଯାଉଛି । ସୈରାତ ଉତ୍ସ **ଆରାଙ୍ଗ ଓଲସିଂହ ମାଙ୍କଡ଼ା ପଥର ଖଣି (ସି)**ର ଲିଜ୍ ସମ୍ବନ୍ଧୀୟ ସମସ୍ତ ତଥ୍ୟ ଯଥା ସୈରାତ ଉତ୍ସର ପ୍ରକାର, ମୌଜାର ନାମ, ପ୍ଲଟ ନଂ. ରକବା, ସଲ୍ଭେନସି ତଥ୍ୟାବଳୀ ଏବଂ ଇଏମ୍ଡି ଖୋର୍ଦ୍ଧା ଜିଲ୍ଲା ଓ୍ୱେବସାଇଟ୍ **www.khordha.nic.in** ଅଧୀନରେ ଉପଲବ୍ଧ ହେବ । ସବିଶେଷ ବିବରଣୀ ଏବଂ ଅନ୍ୟାନ୍ୟ ନିୟମାବଳୀ ଜାଣିବା ପାଇଁ ଇଚ୍ଛୁକ ବ୍ୟକ୍ତି ମଧ ତହସିଲଦାରଙ୍କ କାର୍ଯ୍ୟାଳୟ ସହ ଯେ କୌଣସି କାର୍ଯ୍ୟଦିବସରେ ଯୋଗାଯୋଗ କରିପାରନ୍ତି। ପ୍ରକାଶ ଥାଉ କି ୦୪।୧୦।୨୦୨୦ ତାରିଖ ପରେ କୌଣସି ଦରଖାସ୍ତ ଗ୍ରହଣ କରାଯିବ ନାହିଁ ।

ସ୍ୱା./- ତହସିଲଦାର-ତଥା-କ୍ଷମତାପନ୍ନ ପ୍ରାଧିକାରୀ, ଟାଙ୍ଗୀ

## ତହସିଲଦାର, ଟାଙ୍ଗୀଙ୍କ କାର୍ଯ୍ୟାଳୟ

**ଲଘୁ ଖଣିଜ ଦ୍ରବ୍ୟ ଲିଜ୍ ନିମନ୍ତେ ବିଜ୍ଞାପନ**

ସଂଖ୍ୟା: ୨୦୬୨ ତା: ୨୧।୦୯।୨୦୨୦

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇଦିଆଯାଉଛି ଯେ, ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ଟାଙ୍ଗୀ ୫ ବର୍ଷ ପର୍ଯ୍ୟନ୍ତ *ଦୀର୍ଘ ମିଆଦୀ* ଲିଜ୍ ସୂତ୍ରେ ନେବାପାଇଁ ଦରଖାସ୍ତ ତହସିଲ ଅଧୀନରେ ସୈରାତ ଉତ୍ସଗୁଡ଼ିକ ଆଗାମୀ ୫ (ପାଞ୍ଚ) ବର୍ଷ ନିମନ୍ତେ ୨୦୨୦ ଆହ୍ୱାନ କରାଯାଉଛି । ସୈରାତ ଉତ୍ସ **ଆରାଙ୍ଗ ଓଲସିଂହ ମାଙ୍କଡ଼ା ପଥର ଖଣି (ଡି)**ର ଲିଜ୍ ସମ୍ବନ୍ଧୀୟ ସମସ୍ତ ତଥ୍ୟ ଯଥା ସୈରାତ ଉତ୍ସର ପ୍ରକାର, ମୌଜାର ନାମ, ପ୍ଲଟ ନଂ. ରକବା, ସଲ୍ଭେନସି ତଥ୍ୟାବଳୀ ଏବଂ ଇଏମ୍ଡି ଖୋର୍ଦ୍ଧା ଜିଲ୍ଲା ଓ୍ୱେବସାଇଟ୍ **www.khordha.nic.in** ଅଧୀନରେ ଉପଲବ୍ଧ ହେବ । ସବିଶେଷ ବିବରଣୀ ଏବଂ ଅନ୍ୟାନ୍ୟ ନିୟମାବଳୀ ଜାଣିବା ପାଇଁ ଇଚ୍ଛୁକ ବ୍ୟକ୍ତି ମଧ ତହସିଲଦାରଙ୍କ କାର୍ଯ୍ୟାଳୟ ସହ ଯେ କୌଣସି କାର୍ଯ୍ୟଦିବସରେ ଯୋଗାଯୋଗ କରିପାରନ୍ତି। ପ୍ରକାଶ ଥାଉ କି ୦୪।୧୦।୨୦୨୦ ତାରିଖ ପରେ କୌଣସି ଦରଖାସ୍ତ ଗ୍ରହଣ କରାଯିବ ନାହିଁ ।

ସ୍ୱା./- ତହସିଲଦାର-ତଥା-କ୍ଷମତାପନ୍ନ ପ୍ରାଧିକାରୀ, ଟାଙ୍ଗୀ

OIPR-24021/11/0002/2021

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ସୁନ୍ଦରଗଡ଼

(ଭୂ-ଅର୍ଜନ ଉପବିଭାଗ)

**ଘୋଷଣା**

ବିଜ୍ଞପ୍ତି ସଂଖ୍ୟା: ୨୬୧ ତାରିଖ: ୨୦।୦୨।୨୦୨୦, ସୁନ୍ଦରଗଡ଼

No. VII-05: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ୍, ୨୦୧୩ (RFCTLAR&R Act, 2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣା ଦିଆଯାଉଅଛି ଯେ, ଉକ୍ତ ଆଇନ୍ର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନ୍ର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା- ଡୁଡୁକା, ଥାନା: ହେମଗିରି, ତହସିଲ: ହେମଗିରି, ଜିଲ୍ଲା: ସୁନ୍ଦରଗଡ଼ରେ ନିମ୍ନ ସୂଚୀତ-''କ'' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ବାଙ୍କିବାହାଲ ଠାରୁ ଭେଡାବାହାଲ ପର୍ଯ୍ୟନ୍ତ କୋଇଲା ପରିବହନ ପାଇଁ ସମର୍ପିତ ରାସ୍ତା ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ୍, ୨୦୧୩ (RFCTLAR&R Act, 2013)ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୩୬୧ ତା୧୦।୦୫।୨୦୧୯ରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା- ଡୁଡୁକା, ଥାନା- ହେମଗିରି, ତହସିଲ- ହେମଗିରି, ଜିଲ୍ଲା- ସୁନ୍ଦରଗଡ଼ରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ। ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ ଜିଲ୍ଲା ଓ୍ୱେବ୍ସାଇଟ୍ **www.sundergarh.nic.in**ରେ ଓ ରାଜ୍ୟ ସରକାରଙ୍କ ଓ୍ୱେବ୍ସାଇଟ୍ **http://revenue.odisha.gov.in**ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପ୍ଲୋଡ୍ କରାଯାଇଛି। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ଭୂ-ଅର୍ଜନ ଅଧିକାରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ।

### ତଫସିଲ – କ
### (ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା: ସୁନ୍ଦରଗଡ଼ ତହସିଲ: ହେମଗିରି

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁଥିବା ଜମିର ରକବା (ଏକରରେ) | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଡୁଡୁକା | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | | | | ୬.୨୧ | ଏଥି ସହିତ ସଂଲଗ୍ନ |

### ତଫସିଲ – ଖ
### (ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁଥିବା ଜମିର ରକବା (ଏକରରେ) | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନା ବୈଧ ତାରିଖ: ୦୯।୦୫।୨୦୨୦

ରାଜ୍ୟପାଳଙ୍କ ଆଦେଶକ୍ରମେ

ସ୍ୱା./- ନିଖିଲ ପବନ କଲ୍ୟାଣ, ଜିଲ୍ଲାପାଳ, ସୁନ୍ଦରଗଡ଼

### ସମ୍ପୂର୍ଣ୍ଣ ଜମି ବିବରଣୀ
### ଗ୍ରାମ: ଡୁଡୁକା, ତହସିଲ: ହେମଗିରି, ଜିଲ୍ଲା: ସୁନ୍ଦରଗଡ଼

| କ୍ର.ନଂ. | ଖାତା ନଂ. | ପ୍ଲଟ ନଂ. | କିସମ | ମୋଟ ରକବା | ଅର୍ଜନ ରକବା | ଖାତା ରୟତଙ୍କ ନାମ, ପିତାଙ୍କ ନାମ, ଜାତି ଓ ବାସସ୍ଥାନ |
|---|---|---|---|---|---|---|
| ୧ | ୬ | ୪୪୮ | ମାଲ ସାଧାରଣ | ୦.୩୫୦ | ୦.୦୨୦ | ଗୋବର୍ଦ୍ଧନ ନାଏକ, ଖିର ନାଏକ, ସୁଭା ନାଏକ, ପାର୍ବତୀ ପ୍ରଧାନ, ପି.- ପାଲେଶ୍ୱର ନାଏକ, କୁମାରୀ ନାଏକ, ମଧୁ ନାଏକ, ପି.- ଜୀବଧର ନାଏକ, ସୁକମନି ନାଏକ, ସ୍ୱା.- ଜୀବଧନ ନାଏକ, ଗୁଲୁବନ ନାଏକ, ଶ୍ୟାମ ନାଏକ, ପି.- ଗଙ୍ଗାଧର ନାଏକ, ଜା: ଗଣ୍ଡ, ବା: ନିଜଗାଁ |
| | | ୩୭୬ | ମାଲ ସାଧାରଣ | ୦.୧୦୦ | ୦.୦୬୦ | |
| | | ୩୮୨ | ମାଲ ସାଧାରଣ | ୦.୦୨୦ | ୦.୦୨୦ | |
| | | ୪୩୩ | ମାଲ ସାଧାରଣ | ୦.୫୭୦ | ୦.୧୭୦ | |
| | | ୪୩୫ | ମାଲ ସାଧାରଣ | ୦.୨୦୦ | ୦.୧୨୦ | |
| | | ୪୩୮ | ମାଲ ସାଧାରଣ | ୦.୫୮୦ | ୦.୦୪୦ | |
| | | ୪୪୪ | ମାଲ ସାଧାରଣ | ୦.୨୬୦ | ୦.୦୪୦ | |
| | | ୪୪୫ | ଗୋଡ଼ା – ୨ | ୦.୧୧୦ | ୦.୧୧୦ | |
| ୨ | ୩୭ | ୭୧ | ଗୋଡ଼ା – ୧ | ୦.୧୪୦ | ୦.୧୦୦ | ହରିରାମ ବେହେରା, ଶ୍ରୀରାମ ବେହେରା, ପି.- ଯୋଗେଶ୍ୱର ବେହେରା, ଫକୀର ବେହେରା, ପ୍ରେମଶୀଳା କାଲୋ, ପି.- କୁଞ୍ଜରାମ ବେହେରା, ଅହଲ୍ୟା ବେହେରା, ସ୍ୱା- କୁଞ୍ଜରାମ ବେହେରା, ଜା: ଭୂୟାଁ, ବା: ନିଜଗାଁ |
| | | ୭୫ | ବେର୍ଣ୍ଣା ସାଧାରଣ | ୦.୭୮୦ | ୦.୦୬୦ | |
| ୩ | ୪୨ | ୭୩ | ବେର୍ଣ୍ଣା ସାଧାରଣ | ୦.୭୮୦ | ୦.୩୩୦ | ହଳଧର ବେହେରା, ବିଦ୍ୟାଧର ବେହେରା, ଗଙ୍ଗାଧର ବେହେରା, ଶ୍ରୀଧର ବେହେରା, ପି.- ସଦାନନ୍ଦ ବେହେରା, ନିଦ୍ରା କାଲୋ, ପି.- ରାମଚନ୍ଦ୍ର ବେହେରା, ଲକ୍ଷ୍ମୀ ବେହେରା, ସ୍ୱା.- ରାମଚନ୍ଦ୍ର ବେହେରା, ପୂର୍ଣ୍ଣଚନ୍ଦ୍ର ବେହେରା, ମାଝୀ ବେହେରା, ପି.- ଲକ୍ଷ୍ମଣ ବେହେରା, ଦମୟନ୍ତୀ ବେହେରା, ବିମଳ ବେହେରା, ପି.- ମଞ୍ଜୁ ବେହେରା, ପାର୍ବତୀ ବେହେରା, ସ୍ୱା.- ମଞ୍ଜୁ ବେହେରା, ବା: ନିଜଗାଁ, ଜା: ଭୂୟାଁ |
| | | ୭୪ | ବେର୍ଣ୍ଣା ସାଧାରଣ | ୦.୦୪୦ | ୦.୦୪୦ | |
| ୪ | ୪୨/୨୦ | ୧୪୯/୫୭୯ | ବେର୍ଣ୍ଣା ସାଧାରଣ | ୦.୮୫୫ | ୦.୩୯୦ | ଫକୀର ମୋହନ ପଟେଲ, ପି.- ଦୈତାରୀ ପଟେଲ, ଜା: ଆଗ୍ରିଆ, ବା: ବଲିଙ୍ଗା |
| ୫ | ୪୨/୪୩ | ୧୩୫/୬୧୭ | ଗୋଡ଼ା – ୧ | ୦.୪୫୦ | ୦.୩୯୦ | ସୁଦର୍ଶନ ନାଏକ, ପି.- ଘାସି ନାଏକ, ଜା: ଭୂୟାଁ, ବା: ନିଜଗାଁ |
| ୬ | ୪୨/୪୫ | ୧୩୫/୬୧୮ | ଗୋଡ଼ା – ୧ | ୦.୪୧୦ | ୦.୧୦୦ | ବଳରାମ କିସାନ, ପି- ଚଇତୁ କିସାନ, ଜା: କିସାନ, ବା: ନିଜଗାଁ |
| ୭ | ୪୨/୫୭ | ୧୫୨ | ମାଲ ସାଧାରଣ | ୦.୯୦୦ | ୦.୦୨୦ | ମୋହନ କିଶାନ, ପି.- ଶ୍ରୀଧର କିଶାନ, ଜା: କିଶାନ, ବା: ନିଜଗାଁ |
| ୮ | ୪୨/୫୩ | ୧୩୮/୬୩୧ | ମାଲ ସାଧାରଣ | ୦.୩୮୦ | ୦.୦୬୦ | ସୁକ୍ରୁ ଭୂୟଁର, ପି.- ରୂପଧର ଭୂୟଁର, ଜା: ଭୂୟଁର, ବା: ନିଜଗାଁ |
| ୯ | ୪୨/୬୨ | ୧୦୭ | ମାଲ ସାଧାରଣ | ୦.୯୪୦ | ୦.୧୨୦ | ମନବୋଧ ଧୁରୁଆ, ପି.- ଆଶାରାମ ଧୁରୁଆ, ଜା: ଗଣ୍ଡ, ବା: ନିଜଗାଁ |
| ୧୦ | ୪୨/୬୩ | ୧୦୮ | ବେର୍ଣ୍ଣା ସାଧାରଣ | ୦.୧୪୦ | ୦.୪୦୦ | ନୃପମଣି ନାଏକ, ପି.- କରୁଣାକର ନାଏକ, ଜା: ଗଣ୍ଡ, ବା: ନିଜଗାଁ |
| ୧୧ | ୪୨/୬୫ | ୧୩୫/୬୪୮ | ଗୋଡ଼ା – ୨ | ୦.୫୫୦ | ୦.୨୯୦ | ଉଜାଗର ପ୍ରଧାନ, ପି.- ଇନ୍ଦ୍ର ପ୍ରଧାନ, ଜା: ଗଣ୍ଡ, ବା: ନିଜଗାଁ |
| ୧୨ | ୪୨/୮୯ | ୪୨୮/୬୯୦ | ମାଲ ସାଧାରଣ | ୦.୪୭୦ | ୦.୦୬୦ | ଉରବତୀ ଧୁରୁଆ, ସ୍ୱା.- ମଙ୍ଗଲୁ ଧୁରୁଆ, ଜା: ଗଣ୍ଡ, ବା: ବୁଆବାହାଲ, ମଲି ମାଝୀ, ସ୍ୱା.- ଟିକ୍ରୁନୁ ମାଝୀ, ଜା: ଗଣ୍ଡ, ବା: ଡୁଡୁକା |
| ୧୩ | ୪୨/୯୪ | ୨୨୧ | ମାଲ ସାଧାରଣ | ୦.୮୬୦ | ୦.୦୧୦ | ଭେଷଜ ପଟେଲ ମହାବିଦ୍ୟାଳୟ, ଡୁଡୁକା ମାର୍ଫତ ସମ୍ପାଦକ |
| | | ୨୨୦/୭୦୩ | ମାଲ ସାଧାରଣ | ୦.୫୨୦ | ୦.୦୪୦ | |
| ୧୪ | ୪୨/ ୧୨୨ | ୬୯ | ଘରବାରି | ୦.୧୭୦ | ୦.୦୧୦ | ବସନ୍ତ କୁମାର ନାଏକ, ପି.- ଯୋଗେଶ୍ୱର ନାଏକ, ଜା: ଆଗ୍ରିଆ, ବା: ଡେଲସରା, ଥା: ଲେଫ୍ରିପଡ଼ା |
| ୧୫ | ୪୨/୧୨୬ | ୧୫୧ | ମାଲ ସାଧାରଣ | ୦.୪୦୦ | ୦.୦୫୦ | ଦୁଶାନି ମାଝୀ, ସ୍ୱା.- ଭୁଡୁଲୁ ମାଝୀ, ଜା: କିସାନ, ବା: ନିଜଗାଁ |
| ୧୬ | ୪୨/୧୭୧ | ୩୯୬ | ମାଲ ସାଧାରଣ | ୦.୩୯୦ | ୦.୦୫୦ | ଶଙ୍କର ପଟେଲ, ପି.- ନକୁଳଚନ୍ଦ୍ର ପଟେଲ, ଜା: ଆଗ୍ରିଆ, ବା: ଡୁଡୁକା |
| ୧୭ | ୪୨/୨୩୦ | ୮୪୯/୯୫୫ | ଘରବାରି | ୦.୧୦୦ | ୦.୦୭୦ | ଖଗେନ୍ଦ୍ର ପ୍ରସାଦ ଅଗସ୍ତି, ପି.- ନଛେନ୍ଦ୍ର ପ୍ରସାଦ ଅଗସ୍ତି, ଜା: ବ୍ରାହ୍ମଣ, ବା: ତୁମୁଲିଆ, ଥା: ହେମଗିରି |
| ୧୮ | ୪୨/୨୩୧ | ୧୩୮/୬୩୧ /୮୫୦ | ମାଲ ସାଧାରଣ | ୦.୧୫୦ | ୦.୦୭୦ | ଦିଲ୍ଲିପ କୁମାର ଷଡଙ୍ଗୀ, ପି.- ଦାମୋଦର ଷଡଙ୍ଗୀ, ଜା: ବ୍ରାହ୍ମଣ, ବା: ଭବାନିପୁର |
| ୧୯ | ୪୨/୨୬୦ | ୩୮୯/୮୯୧ | ମାଲ ସାଧାରଣ | ୦.୧୮୦ | ୦.୧୮୦ | କୃଷ ପ୍ରଧାନ, ପି.- ସତ୍ୟାନନ୍ଦ ପ୍ରଧାନ, ଜା: ଗଣ୍ଡ, ବା: ନିଜଗାଁ |
| | | ୪୨୩/୮୯୨ | ମାଲ ସାଧାରଣ | ୦.୨୦୦ | ୦.୦୪୦ | |
| ୨୦ | ୪୨/୨୬୨ | ୩୮୯/୯୦୮ | ମାଲ ସାଧାରଣ | ୦.୧୮୦ | ୦.୧୪୦ | ଦଶମତୀ ପ୍ରଧାନ, ସ୍ୱା.- ହରେକୃଷ୍ଣ ପ୍ରଧାନ, କୁନ୍ତଳା ପ୍ରଧାନ, ପ୍ରଫୁଲ୍ଲ ପ୍ରଧାନ, ପି.- ହରେକୃଷ୍ଣ ପ୍ରଧାନ, ଜା: ଗଣ୍ଡ, ବା: ନିଜଗାଁ |
| | | ୪୧୬/୯୦୯ | ମାଲ ସାଧାରଣ | ୦.୦୫୦ | ୦.୦୩୦ | |
| | | ୪୨୩/୯୧୦ | ମାଲ ସାଧାରଣ | ୦.୦୫୦ | ୦.୦୫୦ | |
| ୨୧ | ୪୨/୨୭୩ | ୨୧୯/୮୮୬ | ବେର୍ଣ୍ଣା ସାଧାରଣ | ୦.୦୮୦ | ୦.୦୪୦ | ପଦ୍ମଲୋଚନ ଭୋଇ, ପି.- ବୁଧୁରାମ ଭୋଇ, ଜା: ଗଣ୍ଡ, ବା: ଡୁଡୁକା |
| ୨୨ | ୪୨/୨୭୪ | ୩୯୨ | ବେର୍ଣ୍ଣା ସାଧାରଣ | ୦.୨୫୦ | ୦.୦୧୦ | ଅଭୟ କୁମାର ଜଶଓ୍ୱାଲ, ପି.- ବାଲ କିଶୋର ପ୍ରସାଦ ଜଶଓ୍ୱାଲ, ଜା: ବଣିଆ, ବା: ରାଣିବଗିଚା, ସୁନ୍ଦରଗଡ଼ |
| ୨୩ | ୩୪ | ୧୩୩ | ଘରବାରି | ୦.୬୮୦ | ୦.୧୧୦ | ସୁନୀଲ କୁମାର ସିଂହ ଓରଫ୍ ଛତ୍ରପତି ସିଂହ, ପି.- ଜଙ୍ଗନାରାୟଣ ସିଂହ, ଜା: ଖଣ୍ଡାୟତ ଭୂୟାଁ, ବା: ହେମକିର |
| ୨୪ | ୪୨/୧୮ | ୩୬୭/୫୭୬ | ଗୋଡ଼ା – ୨ | ୦.୭୦୦ | ୦.୨୦୦ | ଗୋବର୍ଦ୍ଧନ ନାଏକ, ପି.- ପଟେ ନାଏକ, ବା: ନିଜଗାଁ |
| ୨୫ | ୩୭ | ୭୨ | ବେର୍ଣ୍ଣା ସାଧାରଣ | ୦.୧୭୦ | ୦.୧୨୦ | ହରିରାମ ବେହେରା, ଶ୍ରୀରାମ ବେହେରା, ପି.- ଯୋଗଶ୍ୱେର ବେହେରା, ଫକୀର ବେହେରା, ପ୍ରେମଶୀଳା କାଲୋ, ପି.- କୁଞ୍ଜରାମ ବେହେରା, ଅହଲ୍ୟା ବେହେରା, ସ୍ୱା.- କୁଞ୍ଜରାମ ବେହେରା, ଜା: ଭୂୟାଁ, ବା: ନିଜଗାଁ |
| ୨୬ | ୪୨/୩୨ | ୧୩୬/୬୦୧ | ଗୋଡ଼ା – ୨ | ୦.୬୩୦ | ୦.୧୮୦ | ପବିତ୍ର ମାଝୀ, ପି.- ସାଗରଥି ମାଝୀ, ଜା: ଗଣ୍ଡ, ବା: ନିଜଗାଁ |
| ୨୭ | ୪୨/୩୩ | ୧୩୬/୬୦୪ | ଗୋଡ଼ା – ୨ | ୦.୬୩୦ | ୦.୧୮୦ | ଚିତ୍ର ମାଝୀ, ପି.- ସାଗର ମାଝୀ, ଜା: ଗଣ୍ଡ, ବା: ନିଜଗାଁ |
| ୨୮ | ୪୨/୩୪ | ୧୩୬/୬୦୬ | ଗୋଡ଼ା – ୨ | ୦.୬୩୦ | ୦.୧୮୦ | ସଚିତ୍ର ମାଝୀ, ପି.- ସାରଥୀ ମାଝୀ, ଜା: ଗଣ୍ଡ, ବା: ନିଜଗାଁ |
| ୨୯ | ୪୨/୫୨ | ୧୩୬/୬୩୦ | ଗୋଡ଼ା – ୨ | ୦.୫୬୦ | ୦.୨୫୦ | ଭଣ୍ଡୁ କିଶାନ, ପି.- ପାଣ୍ଡୁ କିଶାନ, ଜା: କିଶାନ, ବା: ନିଜଗାଁ |
| ୩୦ | ୪୨/୧୮୨ | ୬୨୦/୭୯୩ | ଘରବାରି | ୦.୦୧୦ | ୦.୦୧୦ | ଚୂଡ଼ାମଣି କଲସେର, ପି.- ମିଟୁ କଲସେର, ଜା: ଗଉଡ଼, ବା: କଟରା, ଥା: ସଦର, ଜିଲ୍ଲା: ସୁନ୍ଦରଗଡ଼ |
| ୩୧ | ୪୨/୨୫୦ | ୭୯୩/୮୬୪ | ଘରବାରି | ୦.୦୪୦ | ୦.୦୪୦ | ଅନୁଜ କୁମାର ଶର୍ମା, ପି.- ଶୁକଦେବ ଶର୍ମା, ଜା: ବିଶ୍ୱକର୍ମା, ବା: ବଲିଙ୍ଗା |
| ୩୨ | ୪୨/୧୮୩ | ୬୨୦/୭୯୪ | ଘରବାରି | ୦.୦୫୦ | ୦.୦୫୦ | ବିକାଶ ପଟେଲ, ପି.- ସନ୍ତୋଷ ପଟେଲ, ଜା: ଅଘରିଆ, ବା: ତୁମୁଲିଆ |
| ୩୩ | ୪୨/୪୬ | ୧୫୩/୬୨୦ | ଗୋଡ଼ା – ୧ | ୦.୮୦୦ | ୦.୧୧୦ | ହୃଷିକେଶ ଡିଲା, ପି.- ରାଜେନ୍ଦ୍ର ଡିଲା, ଜା: ଗଉଡ, ବା: ନିଜଗାଁ |
| ୩୪ | ୪୨/୫୩ | ୧୫୩/୬୩୨ | ଗୋଡ଼ା – ୧ | ୦.୪୦୦ | ୦.୧୬୦ | ଶୁକ୍ରୁ ଭୂୟଁର, ପି.- ରୂପଧର ଭୂୟଁର, ଜା: ଭୂୟଁର, ବା: ନିଜଗାଁ |
| ୩୫ | ୪୨/୩୭ | ୩୪୭ | ମାଲ ସାଧାରଣ | ୦.୫୬୦ | ୦.୦୬୦ | ବୃଷଭ ମାଝୀ, ପି.- ଭାଗୀରଥି ମାଝୀ, ଜା: ଗଣ୍ଡ, ବା: ନିଜଗାଁ |
| ୩୬ | ୩୬ | ୩୪୭/୫୮୫ | ମାଲ ସାଧାରଣ | ୧.୪୮୦ | ୦.୬୪୦ | ଦକ୍ଷରାଜ ବେହେରା, ପି.- ଶ୍ରୀରାମ ବେହେରା, ଜା: ଭୂୟାଁ, ବା: ନିଜଗାଁ |
| | ମୋଟ | | | | ୬.୨୧୦ | |

Sd./- Land Acquisition Officer, Collectroate, Sundargarh

OIPR-24160/14/0006/2021

# ଭାଗବତ ପ୍ରସାଦ ନନ୍ଦଙ୍କ ପରଲୋକ

**ସମ୍ବଲପୁର,୨୪।୯(ବ୍ୟୁରୋ)**

ସମ୍ବଲପୁରର ବିଶିଷ୍ଟ ସାମାଜିକ କର୍ମୀ ଭାଗବତ ପ୍ରସାଦ ନନ୍ଦ(୮୩)ଙ୍କର ଗୁରୁବାର ସନ୍ଧ୍ୟାରେ ବୁଢ଼ାରଜା ଧରିତ୍ରୀ ଲେନ୍‌ସ୍ଥିତ ବାସଭବନରେ ପରଲୋକ ଘଟିଛି । ପ୍ରାୟ ୧ ମାସ ହେବ ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡିତ ଥିଲେ। ୧୯୩୭, ଡିସେମ୍ବର ୧୪ରେ ବଲାଙ୍ଗୀର ଜିଲାରେ ସେ ଜନ୍ମଗ୍ରହଣ କରିଥିଲେ। ୧୯୫୯ରେ ଭୂ-ଦାନ ଆନ୍ଦୋଳନରେ ସାମିଲ ହୋଇଥିଲେ। ୧୯୬୨ରେ ଗାନ୍ଧୀତତ୍ତ୍ୱ ପ୍ରଚାରକ ଭାବେ କାମ କରିଥିଲେ । ୧୯୬୩ ରେ ହୀରାକୁଦ ଡ୍ୟାମ୍ (ରି-ରୋଲିଂ)ରେ ଚାକିରି ଜୀବନ ଆରମ୍ଭ କରିଥିଲେ। ପ୍ରାୟ ୭ବର୍ଷ ସେଠାରେ କାମ କରି ସେ ବିଭିନ୍ନ ଶ୍ରମିକ ଆନ୍ଦୋଳନ କରିବାରୁ ଚାକିରି ହରାଇବାକୁ ପଡିଥିଲା। ୧୯୭୧-୭୨ ରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ସଂସ୍ପର୍ଶରେ ଆସି ଜାତୀୟ କଂଗ୍ରେସରେ ଯୋଗ ଦେଇଥିଲେ। ଗରିବୀ ହଟାଓ କାର୍ଯ୍ୟକ୍ରମରେ ସେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ପୂର୍ବତନ ମୁଖ୍ୟମନ୍ତ୍ରୀ ନନ୍ଦିନୀଙ୍କ ରାଜନୈତିକ ଉପଦେଷ୍ଟା ଭାବେ କାର୍ଯ୍ୟ କରିବା ସହ ତାଙ୍କର ପାରିବାରିକ ସମ୍ପର୍କ ମଧ୍ୟ ରହିଥିଲା । ଏହାଛଡା ପ୍ରଦେଶ କଂଗ୍ରେସ କମିଟି ରାଜ୍ୟ ସାଧାରଣ ସମ୍ପାଦକ ଭାବେ କାର୍ଯ୍ୟ କରିଥିଲେ। ଧରିତ୍ରୀ ସମ୍ବଲପୁର ଜିଲା ପ୍ରତିନିଧି ଭାବେ କାର୍ଯ୍ୟ କରିବା ସହ ଅନେକ ସାମାଜିକ ଅନୁଷ୍ଠାନ ସହିତ ସେ ଜଡିତ ଥିଲେ। ତାଙ୍କ ବିୟୋଗରେ ରେଢ଼ାଖୋଲ ବିଧାୟକ ରୋହିତ ପୂଜାରୀ, ବିଜେଡି ଜିଲା ସଭାପତି ସିଦ୍ଧାର୍ଥ ଦାସ, ପୂର୍ବତନ ଏମ୍‌ପି ଅମର ପ୍ରଧାନ, କଂଗ୍ରେସ ନେତା ଜୟଶଙ୍କର ମିଶ୍ର, ସୁଧୀର କୁମାର ପଣ୍ଡା, ପୂର୍ବତନ ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ, ଜିଲା କଂଗ୍ରେସ ସଭାପତି ଅଶ୍ୱିନୀ ଗୁରୁ, ବରଗଡ ଏମ୍‌ପି ସୁରେଶ ପୂଜାରୀ, ରେଙ୍ଗାଲି ବିଧାୟକ ନାଉରୀ ନାୟକ, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ଓ ସୁରଞ୍ଜନ ମହାପାତ୍ରଙ୍କ ସମେତ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତାମାନେ ଶୋକ ପ୍ରକାଶ କରିଛନ୍ତି । ମୃତ୍ୟୁଶଯ୍ୟା ନିକଟରେ ସ୍ତ୍ରୀ ସୌଦାମିନୀ ନନ୍ଦ, ପୁଅ ଖବରଦାତା ଶିବ ନନ୍ଦ ଓ ପରିବାର ବର୍ଗ ଉପସ୍ଥିତ ଥିଲେ। ପୂର୍ବରୁ ବୁର୍ଲା ଭିମ୍‌ସାରକୁ ସେ ତାଙ୍କ ଶରୀର ଦାନ କରିବା ଲାଗି ଇଚ୍ଛାପତ୍ରରେ ସ୍ୱାକ୍ଷର କରିଥିଲେ । ତେଣୁ ଶୁକ୍ରବାର ବୁର୍ଲା ଭିମ୍‌ସାର ଆନାଟୋମି ବିଭାଗକୁ ହସ୍ତାନ୍ତର କରାଯିବ ବୋଲି ପରିବାର ବର୍ଗଙ୍କ ଠାରୁ ସୂଚନା ମିଳିଛି ।



# କୀଟନାଶକ ପିଇ ଯୁବକଙ୍କ ମୃତ୍ୟୁ

ପୁରୁଣା ଭୁବନେଶ୍ୱର,୨୪।୯(ଡି.ଏନ୍.ଏ.): ରାଜଧାନୀ ଉପକଣ୍ଠ ଲକ୍ଷ୍ମୀନାରାୟଣପୁର ମଗଲପୁର ଗ୍ରାମର ଜଣେ ଯୁବକ କୀଟନାଶକ ପିଇବାରୁ ଗୁରୁବାର ତାଙ୍କର ମୃତ୍ୟୁ ଘଟିଛି। ସେ ହେଲେ ମନୋଜ ଭୋଇ ଓରଫ ମୁନା(୨୨)। ସୂଚନା ମୁତାବକ, ପାରିବାରିକ କଳହକୁ କେନ୍ଦ୍ରକରି ବୁଧବାର ମୁନା ଘରେ ଥିବା କୀଟନାଶକ ପିଇ ଦେଇଥିଲେ। ଗୁରୁତର ଅବସ୍ଥାରେ ପରିବାର ଲୋକେ ତାଙ୍କୁ ଖଣ୍ଡଗିରିସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଗୁରୁବାର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ବିରୋଧୀ ମେଳିରେ ବିଜେଡି ସାମିଲ ହେଉ:ଦିଗ୍‌ବିଜୟ

**ଭୁବନେଶ୍ୱର ୨୪।୯(ବ୍ୟୁରୋ)**

ଏନଡିଏ ସରକାରଙ୍କ ଦ୍ୱାରା ଗୃହୀତ କୃଷି ବିଲ୍ ଚାଷୀ ବିରୋଧୀ । ଏହା ବହୁ ରାଷ୍ଟ୍ରୀୟ କମ୍ପାନୀଙ୍କ ସ୍ୱାର୍ଥ ପାଇଁ କରାଯାଇଛି। ଲୋକ ସଭାରେ ଏହି ବିଲ୍‌କୁ ବିଜେଡି ସମର୍ଥନ କରିଛି। ଉଭୟ ଭାଜପା ଓ ବିଜେଡି ଭିତରେ ଗୁପ୍ତ ବୁଝାମଣା ରହିଛି। ଉଭୟ ଦଳ ଚାଷୀ ଓ ଶ୍ରମିକଙ୍କ ସ୍ୱାର୍ଥ ବିରୋଧୀ ।

## କୃଷି ବିଲ୍‌କୁ କଂଗ୍ରେସର ବିରୋଧ



କଂଗ୍ରେସ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଦିଗ୍‌ବିଜୟ ସିଂ, ନିରଞ୍ଜନ ପଟ୍ଟନାୟକ ଓ ନରସିଂହ ମିଶ୍ର ।

ବିଜେଡିର ସତ ସାହାସ ଥିଲେ ଏହି ବିଲ ବିରୋଧରେ ଜନମତ ସୃଷ୍ଟି କରି ବିରୋଧୀ ମେଳିରେ ସାମିଲ ହେଉ ବୋଲି ଓଡିଶା ଗସ୍ତରେ ଆସିଥିବା କଂଗ୍ରେସର ବରିଷ୍ଠ ନେତା ତଥା ମଧ୍ୟ ପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଦିଗବିଜୟ ସିଂ କହିଛନ୍ତି।

ଗୁରୁବାର କଂଗ୍ରେସ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଦିଗବିଜୟ କହିଛନ୍ତି ଯେ, ଚାଷୀଙ୍କୁ ସେମାନଙ୍କ ହକ ଦେବା ଲାଗି କଂଗ୍ରେସ ସବୁବେଳେ କାର୍ଯ୍ୟ କରିଆସୁଛି। କିନ୍ତୁ ୨୦୧୪ ପରଠାରୁ କେନ୍ଦ୍ରରେ ନରେନ୍ଦ୍ର ମୋଦି ସରକାର କ୍ରମାଗତ ଭାବେ ଚାଷୀ ଓ ଶ୍ରମିକଙ୍କ ବିରୋଧୀରେ ପଦକ୍ଷେପ ଗ୍ରହଣ କରୁଛନ୍ତି। ବର୍ତ୍ତମାନର ଚାଷୀ ବିରୋଧୀ ଆଇନକୁ ମୁକ୍ତ ବାଣିଜ୍ୟିକ ରାଜିନାମାର ଦ୍ୱାହି ଦେଇ କିଛି ବିକଶିତ ବିଦେଶୀ ରାଷ୍ଟ୍ରଗୁଡିକୁ ଖୁସି କରିବା ପାଇଁ ମୋଦି ସରକାର ଏଭଳି ପଦକ୍ଷେପ ଗ୍ରହଣ କରୁଛନ୍ତି। ସରକାରଙ୍କ ନିୟନ୍ତ୍ରଣ ନ ରହିବା ହେତୁ ଚାଷୀ ଶୋଷଣର ଶୀକାର ହେବେ। ଚୁକ୍ତିଭିତ୍ତିକ ଚାଷରେ ଚାଷୀଙ୍କ ଅପେକ୍ଷା କମ୍ପାନୀଗୁଡିକଙ୍କ ସ୍ୱାର୍ଥକୁ ଅଧିକ ପ୍ରାଧାନ୍ୟ ଦିଆଯାଇଛି ବୋଲି ସେ କହିଛନ୍ତି। ଏହି ବିଲର ବ୍ୟବସ୍ଥା ଅନୁଯାୟୀ ପ୍ରତାରଣାର ଶୀକାର ହୋଇଥିବା ଚାଷୀ କମ୍ପାନୀ ବିରୋଧରେ ସିଧାସଳଖ ନ୍ୟାୟାଳୟ ଯିବାର ବ୍ୟବସ୍ଥା ନାହିଁ। ପ୍ରଥମେ ଉପଜିଲାପାଳ ଏବଂ ଜିଲାପାଳଙ୍କ ପାଖରେ ଫେରାଦ ହେବ। ଯଦି ଜିଲାପାଳଙ୍କ ପାଖରୁ ଚାଷୀକୁ ନ୍ୟାୟ ନ ମିଳେ ତେବେ କେନ୍ଦ୍ର ସରକାରଙ୍କ ପାଖରେ ଫେରାଦ ହେବାକୁ ପଡିବ। କୃଷି ଏକ ରାଜ୍ୟ ଭିତ୍ତିକ ବିଷୟ ହୋଇଥିବା ହେତୁ ଏ ବ୍ୟବସ୍ଥା ଫଳରେ ଚାଷ ଉପରେ କେନ୍ଦ୍ର ସରକାରଙ୍କ ସିଧାସଳଖ ହସ୍ତକ୍ଷେପ ଗ୍ରହଣୀୟ ନୁହେଁ। ପୂର୍ବରୁ ଥିବା ମଣ୍ଡି ଆଇନ ଏଣିକି କେନ୍ଦ୍ର ଦ୍ୱାରା ନିୟନ୍ତ୍ରିତ ହେବ, ଯାହା ଚାଷୀକୂଳର ସର୍ବନାଶ କରିବ ବୋଲି ସେ କହିଛନ୍ତି। ଅତ୍ୟାବଶ୍ୟକ ଆଇନର ସଂଶୋଧନ ଫଳରେ ବେଆଇନ ମହଜୁଦକାରୀଙ୍କ ବିରୋଧରେ ସରକାର କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବେ ନାହିଁ ସେ କହିଛନ୍ତି। ବିଧାୟକ ନରସିଂହ ମିଶ୍ର ଏହି ବିଲ୍‌କୁ ଚାଷୀ ସ୍ୱାର୍ଥ ବିରୋଧୀ କହିଛନ୍ତି। ଚାଷୀମାନେ ମିଲ୍ ମାଲିକଙ୍କ ଦ୍ୱାରା ଶୋଷଣର ଶୀକାର ହେଉଥିବା କଥାକୁ ହାଇକୋର୍ଟ ଗ୍ରହଣ କରିଛନ୍ତି। ସର୍ବନିମ୍ନ ସହାୟକ ମୂଲ୍ୟ (ଏମଏସପି) ଦେଇ ଚାଷୀଙ୍କ ପାଖରୁ ଧାନ କିଣିବା ପାଇଁ ଏଫ୍‌ସିଆଇକୁ ପରାମର୍ଶ ଦେଇଥିଲେ। ଏହି ନିଷ୍ପତ୍ତି ବିରୋଧରେ ସେ ସମୟରେ ରାଜ୍ୟ ସରକାର ଓ ଏନ୍‌ଡିଏ ସରକାର ସୁପ୍ରିମ୍‌କୋର୍ଟ ଯାଇଥିଲେ। କିନ୍ତୁ ସୁପ୍ରିମ୍‌କୋର୍ଟ ଏଭଳି ଚାଷୀ ସ୍ୱାର୍ଥ ବିରୋଧି ମାମଲାକୁ ଶୁଣାଣି ପାଇଁ ଗ୍ରହଣ କରି ନ ଥିଲେ। ମଣ୍ଡି ବ୍ୟବସ୍ଥା ଅନୁସାରେ ଚାଷୀ ନିଜର ଉତ୍ପାଦିତ ଶସ୍ୟକୁ ମଣ୍ଡିରେ ବିକିବା ସହିତ ବାହାରେ ମଧ୍ୟ ବିକ୍ରୀ କରିପାରିବ। କିନ୍ତୁ ପୂର୍ବରୁ ଚାଷୀ ନିଜର ଶସ୍ୟକୁ ମଣ୍ଡି ବାହାରେ ବିକ୍ରି କରିପାରିବାର ବ୍ୟବସ୍ଥା ନ ଥିଲା ବୋଲି ମୋଦି ସରକାର ମିଥ୍ୟା ତଥ୍ୟ ପ୍ରଦାନ କରିଥିଲେ। ଉଭୟ ବିଜେଡି ଓ ଭାଜପା ଚାଷୀ ସ୍ୱାର୍ଥ ବିରୋଧି ବୋଲି ସେ କହିଛନ୍ତି।

# ପ୍ରବଳ ବର୍ଷା ସମ୍ଭାବନା

**ଭୁବନେଶ୍ୱର,୨୪।୯(ବ୍ୟୁରୋ)**

ଓଡ଼ିଶା ଉପକୂଳରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ଆସନ୍ତା ଦୁଇଦିନ ରାଜ୍ୟରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ପାଣିପାଗ ବିଭାଗରୁ ମିଳିଥିବା ସୂଚନା ଅନୁଯାୟୀ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ନୂଆପଡା, ବଲାଙ୍ଗୀର, ବରଗଡ, ଝାରସୁଗୁଡା, ସୁନ୍ଦରଗଡ, ସମ୍ବଲପୁର, ଦେବଗଡ, କେନ୍ଦୁଝର, ଅନୁଗୋଳ, ମୟୂରଭଞ୍ଜ,ବାଲେଶ୍ୱର, ଭଦ୍ରକ ଏବଂ କନ୍ଧମାଳ ଜିଲାରେ ଘଡ଼ଘଡି ସହ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ସେହିପରି ୨୬ ତାରିଖରେ ମାଲକାନଗିରି, କୋରାପୁଟ, ରାୟଗଡା, ଗଜପତି ଏବଂ କନ୍ଧମାଳ ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ସେହିପରି ବାଲେଶ୍ୱର ଭଦ୍ରକ, କଟକ, ଜଗତ୍‌ସିଂହପୁର, କେନ୍ଦ୍ରାପଡା, ଗଜପତି, ଗଞ୍ଜାମ, ଖୋର୍ଦ୍ଧା, ପୁରୀ, ନବରଙ୍ଗପୁର, କେନ୍ଦୁଝର, ମୟୂରଭଞ୍ଜ, କୋରାପୁଟ, କନ୍ଧମାଳ, ଢେଙ୍କାନାଳ, ଏବଂ କଳାହାଣ୍ଡି ଜିଲାରେ ମଧ୍ୟ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ବର୍ଷାକୁ ଦୃଷ୍ଟିରେ ରଖି ସତର୍କ ରହିବାକୁ ଜିଲାପାଳମାନଙ୍କୁ ସତର୍କ କରାଯାଇଛି।



# ଗ୍ୟାସ୍ ଭିତ୍ତିଭୂମି ଲାଗି ଆମେରିକା କମ୍ପାନୀଙ୍କୁ ନିମନ୍ତ୍ରଣ: ଧର୍ମେନ୍ଦ୍ର

**ଭୁବନେଶ୍ୱର ୨୪।୯(ବ୍ୟୁରୋ)**

ଭାରତରେ ଅବସ୍ଥାପିତ ଆମେରିକା ରାଷ୍ଟ୍ରଦୂତ କେନିଥ୍ ଜଷ୍ଟରଙ୍କ ସହ ଗୁରୁବାର ଭିଡିଓ କନ୍‌ଫରେନ୍ସରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଲୋଚନା କରିଛନ୍ତି। ଏହି ଆଲୋଚନା ଅବସରରେ ଧର୍ମେନ୍ଦ୍ର ଦେଶରେ ଗ୍ୟାସ୍ ଭିତ୍ତିଭୂମିକୁ ବିକଶିତ କରିବା ପାଇଁ ଆମେରିକୀୟ କମ୍ପାନୀଙ୍କୁ ଆଗେଇ ଆସିବାକୁ ନିମନ୍ତ୍ରଣ କରିଛନ୍ତି। ଆଲୋଚନା ସମୟରେ ଭାରତ ଓ ଆମେରିକା ଦ୍ୱିପାକ୍ଷିକ ସାମରିକ ଉର୍ଜା ଉପରେ ଉଭୟେ ଆଲୋଚନା କରିଛନ୍ତି । ଦ୍ୱିପାକ୍ଷିକ ସାମରିକ ଭାଗୀଦାରିରେ ଉର୍ଜା ଏକ ମହତ୍ତ୍ୱପୂର୍ଣ୍ଣ ଭୂମିକାରେ ଅବତୀର୍ଣ୍ଣ ହୋଇଛି ବୋଲି ଆମେରିକା ରାଷ୍ଟ୍ରଦୂତ ମତପ୍ରକାଶ କରିଛନ୍ତି। ଏହାସହ ପ୍ରାକୃତିକ ଗ୍ୟାସ୍ କ୍ଷେତ୍ରକୁ କିପରି ଅଧିକ ମଜଭୁତ କରାଯିବ ସେ ସମ୍ପର୍କିତ ଆଲୋଚନା ଉପରେ ଗୁରୁତ୍ୱାରୋପ କରାଯାଇଛି। ଏହାବ୍ୟତୀତ ଚଳିତବର୍ଷ ଜୁନ୍‌ରେ ଆରମ୍ଭ ହୋଇଥିବା ଷ୍ଟ୍ରାଟେଜିକ୍ ପେଟ୍ରୋଲିୟମ ଭଣ୍ଡାର କର୍ପୋରେଶନ ଉପରେ ଉଭୟେ ସମୀକ୍ଷା କରିଛନ୍ତି।



# ଝଡ଼ାଫୁଙ୍କା ଭିଡିଓ ଭାଇରାଲ୍

**ବାଲେଶ୍ୱର ଅଫିସ, ୨୪।୯**

ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ ଉନ୍ନତି ସତ୍ତ୍ୱେ ଏବେବି ଲୋକଙ୍କ ମନରେ ଅନ୍ଧବିଶ୍ୱାସ ବସା ବାନ୍ଧି ରହିଛି। ବିଭିନ୍ନ ରୋଗରୁ ମୁକ୍ତି ପାଇବା ଲାଗି ଗୁଣିଗାରେଡି ସାହାରା ନିଆଯାଉଛି। ଏପରିକି ହସ୍‌ପିଟାଲ ପରିସରରେ ରୋଗୀଙ୍କୁ ଝଡାଫୁଙ୍କା କରାଯାଉଥିବା ଦୃଶ୍ୟ ଦେଖିବାକୁ ମିଳୁଛି। ବାଲେଶ୍ୱର ଜିଲା ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ସାପକାମୁଡା ରୋଗୀଙ୍କୁ ଝଡାଫୁଙ୍କା କରାଯାଉଥିବା ଏକ ଭିଡିଓ ଭାଇରାଲ ହୋଇଛି। ଗତ କିଛି ଦିନ ପୂର୍ବେ ବାଲିଆପାଳ ବ୍ଲକ କୁଲହାଚଡ଼ ଗ୍ରାମର ଜଣେ ଯୁବକଙ୍କୁ ସାପ କାମୁଡିଥିଲା। ପରିବାର ଲୋକେ ତାଙ୍କୁ ତୁରନ୍ତ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ଯାଇଥିଲେ। ଡାକ୍ତର ଉକ୍ତ ରୋଗୀଙ୍କୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତର ଲାଗି ପରାମର୍ଶ ଦେଇଥିଲେ। ହେଲେ ହସ୍ପିଟାଲର ଜଣେ କର୍ମଚାରୀ ସାପ କାମୁଡା ରୋଗୀଙ୍କୁ ଝଡାଫୁଙ୍କା କରିବା ସହିତ ଅରଖ ଗଛର କ୍ଷୀର ଲଗାଉଥିବା ନେଇ ଭିଡିଓ ଭାଇରାଲ ହୋଇଥିବା ଦେଖିବାକୁ ମିଳିଛି।

# ଅକ୍ଟୋବର ୧୦ ସୁଦ୍ଧା ସିବିଏସ୍‌ଇ ଦ୍ୱାଦଶ କମ୍ପାର୍ଟମେଣ୍ଟ ରେଜଲ୍ଟ

**ଭୁବନେଶ୍ୱର, ୨୪।୯(ବ୍ୟୁରୋ)**

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ) ଦ୍ୱାରା ପରିଚାଳିତ ଦ୍ୱାଦଶ କମ୍ପାର୍ଟମେଣ୍ଟ ପରୀକ୍ଷାଫଳ ଅକ୍ଟୋବର ୧୦ କିମ୍ବା ତା' ପୂର୍ବରୁ ପ୍ରକାଶ ପାଇବ। ଏ ନେଇ ସିବିଏସ୍‌ଇ ପକ୍ଷରୁ ଗୁରୁବାର ସୁପ୍ରିମକୋର୍ଟକୁ ଅବଗତ କରାଯାଇଛି। ଯେହେତୁ ଅକ୍ଟୋବର ୩୧ ସୁଦ୍ଧା ନାମଲେଖା ଶେଷ ହେବ, ତେଣୁ କମ୍ପାର୍ଟମେଣ୍ଟ ରେଜଲ୍ଟ ଶୀଘ୍ର ପ୍ରକାଶ କରିବା ପାଇଁ ୟୁଜିସି ପକ୍ଷରୁ ସୁପ୍ରିମକୋର୍ଟରେ କୁହାଯାଇଥିଲା। ପ୍ରାୟ ୨ଲକ୍ଷ ଛାତ୍ରୀଛାତ୍ର ଏହି କମ୍ପାର୍ଟମେଣ୍ଟ ପରୀକ୍ଷା ଦେଇଛନ୍ତି। ସେମାନେ ଯେପରି ବିଭିନ୍ନ କଲେଜରେ ନାମଲେଖାରେ କୌଣସି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି, ସେଥିପାଇଁ ପରୀକ୍ଷାଫଳ ଶୀଘ୍ର ପ୍ରକାଶନ ସଂକ୍ରାନ୍ତରେ ଜଣାଇବାକୁ ମଙ୍ଗଳବାର ସୁପ୍ରିମକୋର୍ଟ ସିବିଏସ୍‌ଇ ଓ ୟୁଜିସିକୁ କହିଥିଲେ।

# ଦିନକରେ ୫୦ହଜାର କୋଭିଡ୍ ଟେଷ୍ଟ

ଭୁବନେଶ୍ୱର,୨୪।୯(ବ୍ୟୁରୋ)- ରାଜ୍ୟରେ କୋଭିଡ-୧୯ ଟେଷ୍ଟ ଗୋଟିଏ ଦିନରେ କରୋନା ଟେଷ୍ଟ ୫୦ ହଜାର ଟପିଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସୂତ୍ରରୁ ମିଳଥିବା ସୂଚନା ଅନୁଯାୟୀ ସେପ୍ଟେମ୍ବର ୨୩ ତାରିଖରେ ରାଜ୍ୟରେ ଥିବା ସରକାରୀ ଓ ଘରୋଇ ୫୬ ଲାବୋରେଟୋରୀରେ ୫୦ ହଜାର ୫୭୦ କୋଭିଡ ଟେଷ୍ଟ କରାଯାଇଛି। ସେଥିରୁ ଆର୍‌ଟି-ପିସିଆର ୮ ହଜାର ୪୪୫ କରାଯାଇଥିବା ବେଳେ ଆଣ୍ଟିଜେନ୍ ୪୨ ହଜାର ୨୦ ଏବଂ ଟ୍ରୁନାଟ ୧୦୧ ଟେଷ୍ଟ କରାଯାଇଛି। ଏସସିବିରେ ସର୍ବାଧିକ ୩୧୦୫ ଜଣଙ୍କର ଆରଟି-ପିସିଆର ଓ ଆଣ୍ଟିଜେନ୍ ଟେଷ୍ଟ କରାଯାଇଥିବା ବେଳେ ଆରଏମଆର୍‌ସିରେ ୧୨୪୨, ଏମ୍ସରେ ୪୨୫, ଆଇଏଲଏସରେ ୭୬୨, ଆଇଆଇଏସଇଆରରେ ୩୪୫, ଆଜିଏଚ୍‌ରେ ୧୬୦ ଏବଂ ଏମକେସିଜିରେ ୫୭୪ ଟେଷ୍ଟ କରାଯାଇଛି।

# ସନ୍ଧ୍ୟା ୬ଟା ପରେ ବଜାର ବନ୍ଦ ହେଉ

**ଭୁବନେଶ୍ୱର,୨୪।୯(ବ୍ୟୁରୋ)/ କଟକ ଅଫିସ**

## ଦ୍ୱୈତ ନଗରୀରେ ସଂକ୍ରମଣ ରୋକିବାକୁ ନୂଆ ପ୍ରସ୍ତାବ

- ବ୍ୟବସାୟୀ ସଂଘ-କମିଶନରେଟ ପୋଲିସ ବୈଠକ
- ବଜାର କମିଟି ବ୍ୟକ୍ତିଗତ ସୁରକ୍ଷା କର୍ମୀ ରଖିପାରିବେ
- ଦୋକାନ ଆଗରେ ବ୍ୟାରିକେଡ୍ କରିବେ

ବର୍ତ୍ତମାନ ଦ୍ୱୈତନଗରୀ କଟକ ଓ ଭୁବନେଶ୍ୱରରେ କରୋନା ସଂକ୍ରମଣ ଅଧିକ ରହୁଛି। ଲୋକେ ନିୟମ ଉଲ୍ଲଂଘନ କରୁଥିବାରୁ ଏ ପରିସ୍ଥିତି ଉପୁଜୁଛି। କଟକଣା ଓ ନିୟମକୁ କଡ଼ାକଡ଼ି କରାଯାଇଥିଲେ ମଧ୍ୟ ଅମାନିଆ ସାବାଡ଼୍ ହେଉନାହାନ୍ତି। ଠିକ୍ ଭାବେ ମାସ୍କ ପିନ୍ଧୁ ନ ଥିବାବେଳେ ସାମାଜିକ ଦୂରତ୍ୱ ରଖୁନାହାନ୍ତି। ମୁଖ୍ୟମନ୍ତ୍ରୀ ଓ ଡିଜିପିଙ୍କ ନିର୍ଦ୍ଦେଶ ପରେ କମିଶନରେଟ ପୋଲିସ କଠୋର ଆଭିମୁଖ୍ୟ ଗ୍ରହଣ କରୁଛି। ହେଲେ ଏହାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଉଥିବାରୁ କମିଶନରେଟ ପୋଲିସ ନୂଆ ପଦକ୍ଷେପ ଆପଣାଇଛି। ଗୁରୁବାର ଦୁଇ ସହରର ସମସ୍ତ ବ୍ୟବସାୟୀ ସଂଘ ସହ କମିଶନରେଟ ପୋଲିସ ପୃଥକ ଆଲୋଚନା କରି କିଛି ପ୍ରସ୍ତାବ ଗ୍ରହଣ କରିବା ସହ ନୂଆ ପ୍ରସ୍ତାବ ଦେଇଛି।

ପୋଲିସ ଯେଉଁଭଳି ଭାବେ ଜରିମାନା କାଟୁଛନ୍ତି ତାହାକୁ ବ୍ୟବସାୟୀ ସଂଘ ନାପସନ୍ଦ କରିଥିଲେ। ସଂଘ କର୍ମକର୍ତ୍ତାମାନେ କହିଥିଲେ, ସନ୍ଧ୍ୟାରେ ବଜାରରେ ଭିଡ଼ ହେଉଛି। ଏହି ସମୟରେ ଲୋକେ ସାମାଜିକ ଦୂରତା ରକ୍ଷା କରୁନାହାନ୍ତି। ଲୋକଙ୍କୁ ବୁଝାଇବା ମଧ୍ୟ କଷ୍ଟକର ହୋଇପଡୁଛି। ଫଳରେ ଜରିମାନା ଦେବା ସହିତ ଦୋକାନଗୁଡ଼ିକୁ ସିଲ କରାଯାଉଛି। ଏଭଳି ସ୍ଥଳେ ସନ୍ଧ୍ୟା ୬ଟାରୁ ବଜାର ବନ୍ଦ କରାଯାଉ ବୋଲି ବଜାର କମିଟି ପକ୍ଷରୁ ପୋଲିସ କମିଶନରଙ୍କ ନିକଟରେ ପ୍ରସ୍ତାବ ଦିଆଯାଇଛି।

ଅନ୍ୟପକ୍ଷରେ ବଜାର କମିଟିମାନେ ନିଜର ସୁରକ୍ଷା ପାଇଁ ଦୋକାନ ଆଗରେ ବ୍ୟକ୍ତିଗତ ସୁରକ୍ଷା କର୍ମୀ ନିୟୋଜିତ କରିପାରିବେ। ଏହାସହ କମିଟିମାନେ ମାଇକ ଲଗାଇ ଲୋକଙ୍କୁ ସାମାଜିକ ଦୂରତ୍ୱ ରଖିବା ପାଇଁ ସଚେତନ କରିପାରିବେ। ଯେଉଁଠି ଭିଡ଼ ଅଧିକ ହେଉଛି, ଗ୍ରାହକମାନେ କଥା ମାନୁନାହାନ୍ତି, ସେ କ୍ଷେତ୍ରରେ ଦୋକାନୀମାନେ ଟୋଲ୍ ଫ୍ରି ନଂ.୧୦୦କୁ ଫୋନ୍ କରି ପୋଲିସର ସାହାଯ୍ୟ ନେଇପାରିବେ। ପୋଲିସ ପହଞ୍ଚି ଗ୍ରାହକଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବ। ଆହୁରି ମଧ୍ୟ ଦୋକାନ ଆଗରେ ଭିଡ଼ ନିୟନ୍ତ୍ରଣ ପାଇଁ ଦୋକାନୀମାନେ ବ୍ୟାରିକେଡ଼ ବ୍ୟବସ୍ଥା ମଧ୍ୟ କରିପାରିବେ ବୋଲି କମିଶନରେଟ ପୋଲିସ ପକ୍ଷରୁ ସଂଘକୁ ପରାମର୍ଶ ଦିଆଯାଇଛି। ବ୍ୟବସାୟୀ ସଂଘ ଦୋକାନୀମାନଙ୍କୁ ଡାକି ଆଉଏକ ବୈଠକ କରି ବୈଠକରେ ହୋଇଥିବା ଏସବୁ ପ୍ରସ୍ତାବକୁ କାର୍ଯ୍ୟକାରୀ କରିବେ। ଏହାପରେ ବି ଯଦି ଦୋକାନ ଆଗରେ ଗ୍ରାହକ ଭିଡ଼ କରିବେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ କହିଛନ୍ତି। ସେ କହିଛନ୍ତି, ଆଲୋଚନା ଅତ୍ୟନ୍ତ ସକରାତ୍ମକ ରହିଛି। ଆମେ ବ୍ୟବସାୟୀ ସଂଘର ପ୍ରତିନିଧିଙ୍କୁ ଅନୁରୋଧ କରିଛୁ ଏହି ବ୍ୟବସ୍ଥା କରିବାକୁ। ଆମେ ଆଶା କରୁଛୁ ସେମାନେ ପୋଲିସକୁ ସହଯୋଗ କରିବେ। ବିଶେଷ କରି ସାମାଜିକ ଦୂରତ୍ୱ ଓ ମାସ୍କ ଉପରେ ଆମେ ଅଧିକ ଗୁରୁତ୍ୱ ଦେଉଛି। ଆଗକୁ ମଧ୍ୟ ପଦକ୍ଷେପ ଜାରି ରହିବ ବୋଲି ସେ ସୂଚନା ଦେଇଛନ୍ତି।

ପ୍ରଥମେ ଭୁବନେଶ୍ୱରସ୍ଥିତ କମିଶନରେଟ ପୋଲିସ ମୁଖ୍ୟାଳୟରେ ବୈଠକ ବସିଥିଲା। ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ ଏଥିରେ ଅଧ୍ୟକ୍ଷତା କରିଥିବାବେଳେ ଡିସିପି ଉମାଶଙ୍କର ଦାଶ, ଟ୍ରାଫିକ ଡିସିପି ସୌମ୍ୟା ମିଶ୍ର ସହ ଅନ୍ୟ ବରିଷ୍ଠ ପୋଲିସ ଅଧିକାରୀ ଓ ସମସ୍ତ ବ୍ୟବସାୟୀ ସଂଘର କର୍ମକର୍ତ୍ତା ଉପସ୍ଥିତ ଥିଲେ। ପରେ କଟକରେ ବ୍ୟବସାୟୀ ସଂଘ ସହ ଆଲୋଚନା କରିଥିଲେ ପୋଲିସ କମିଶନର। କଟକ ଡିସିପି ପ୍ରତୀକ ସିଂ, ଏସିପି ସେଖ୍ ସରିଫୁଦ୍ଦିନ, ଟ୍ରାଫିକ ଏସିପି ଦିବ୍ୟଜ୍ୟୋତି ଦାଶ ଉପସ୍ଥିତ ଥିଲେ।



## ମନେ ପଡ଼ନ୍ତି

ଶ୍ରଦ୍ଧାଞ୍ଜଳି




୰ ଦିଲ୍ଲିପ କୁମାର ସିଂହ
ଆବିର୍ଭାବ: ୧୭।୦୪।୧୯୬୮
ତିରୋଧାନ: ୧୭।୦୯।୨୦୨୦
ଆପଣଙ୍କ ତିରୋଧାନରେ ଆମେ ସମସ୍ତେ ମର୍ମାହତ। ଆପଣଙ୍କର କର୍ତ୍ତବ୍ୟନିଷ୍ଠା, ସ୍ନେହ, ଶ୍ରଦ୍ଧା, ଆଦର୍ଶ ଓ କାର୍ଯ୍ୟଦକ୍ଷତା ଆମମାନଙ୍କର ପାଥେୟ ହେଉ। ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରି ଶ୍ରଦ୍ଧାଞ୍ଜଳି ଜଣାଉଛୁ।
ଶୋକସନ୍ତପ୍ତ: ତୁମର ହତଭାଗିନୀ ପତ୍ନୀ: ଆରତୀ ସିଂହ, ପୁତ୍ର: ଗିରିଜା, ବିରଜା, ପୁତ୍ରୀ ଓ ଜ୍ୱାଇଁ: ପପୁ, ଇତିଶ୍ରୀ ଓ ଅଂଶ, ଭାଇ: ଟୁକୁନି, ବାବୁ, ଟିଟୋ, କାବୁଲା, ବନ୍ଧୁ ଓ ପରିବାରବର୍ଗ
ଧ-୧୮୩୫୪

ଏକାଦଶାହ ଉପଲକ୍ଷେ




ସ୍ୱର୍ଗତ ଜଟାଧାରୀ ସେଠୀ
ମୂଳଗାଁ, ଜଗତ୍‌ସିଂହପୁର
ଆବିର୍ଭାବ: ୧୬।୦୬।୧୯୩୬
ସ୍ୱର୍ଗାରୋହଣ: ୧୫।୦୯।୨୦୨୦
ପିତା ଧର୍ମ ପିତା ସ୍ୱର୍ଗଃ ପିତା ହିଁ ପରମଂ ତପଃ ପିତରି ପ୍ରୀତିମାପନ୍ନେ ପ୍ରିୟନ୍ତେ ସର୍ବଦେବତାଃ।
ବାପା, ସାଂସାରିକ ମୋହର ଘନ ଅନ୍ଧକାରକୁ ହଟାଇ ତୁମେ ବରିନେଲ ଜୀବନର ପରମ ଓ ଚିରନ୍ତନ ସତ୍ୟକୁ। ଜୀବନବ୍ୟାପୀ ସତ୍‌ମାର୍ଗରେ ଚାଲିବା ପାଇଁ ତୁମେ ଛାତ୍ରଛାତ୍ରୀ ତଥା ଆମ୍ଭମାନଙ୍କୁ ପ୍ରେରିତ କରୁଥିଲ। ତୁମ ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁଙ୍କ ପାଖେ ଆମେ ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ପରିବାରବର୍ଗ ତଥା ଛାତ୍ରଛାତ୍ରୀମାନେ।
ଧ-୬୯୬୭୬

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା ସଂଯୁକ୍ତା ଦାଶ
ସ୍ୱାମୀ: ଶ୍ରୀ ଶରତ ଚନ୍ଦ୍ର ଦାଶ
ଢୋଲ ବିରଞ୍ଚି ଦାଶପୁର, ଗବକୁଣ୍ଡ, ପୁରୀ
ଧରାବତରଣ: ୨୪।୦୨।୫୭
ସ୍ୱର୍ଗାରୋହଣ: ୧୬।୦୯।୨୦
ପ୍ରିୟତମା, ତୋ ମୃତ୍ୟୁକାଳୀନ ହସର ନାହିଁ ତ ଉପମା, ସତେକି ତାହା ଦ୍ୱିତୀୟା ଚନ୍ଦ୍ରମା। ତେଣୁ ତୁ ତ ମୋ ପାଇଁ ଅନୁପମା। ମରି, ମରିନୁ ତୁ ଅଛୁ ମୋନାଲିସାର ହସରେ, ମାଳତି ଫୁଲର ବାସରେ, ନୂଆନଈର କାଶତଣ୍ଡୀର ଶୋଭାରେ, ଆଉ ସଦାସର୍ବଦା ମୋ ହୃଦୟରେ।
-:ତୋର ଦୁଃଖି: ସ୍ୱାମୀ
ଝିଅ, ଜ୍ୱାଇଁ, ନାତୁଣୀ, ନାତିମାନେ ।
ଧ-୬୬୬୨୫

ଅଶ୍ରୁଳ ଶ୍ରଦ୍ଧାଞ୍ଜଳୀ




୰ଅପସରା ରଥ
ଆବିର୍ଭାବ: ୧୦.୧୧.୧୯୪୫
ତିରୋଧାନ: ୧୪.୦୯.୨୦୨୦
ବିଶିଷ୍ଟ ଶିକ୍ଷାବିତ୍ ଶ୍ରୀ ଦେବାର୍ଚ୍ଚନ ରଥଙ୍କ ଧର୍ମ ପତ୍ନୀ ୰ ଅପସରା ରଥ, କଟକ ଜିଲ୍ଲା ନରସିଂହପୁର ବ୍ଲକ୍ ଅନ୍ତର୍ଗତ ଶ୍ରୀ ହରିଚନ୍ଦନପୁର ଶାସନରେ ଜନ୍ମଗ୍ରହଣ କରିଥିଲେ । ସେ ଜଣେ ବିଶିଷ୍ଟ ସମାଜସେବୀ, ଭୁବନେଶ୍ୱର ସାଇ ସେବା ମଣ୍ଡଳୀର ସକ୍ରିୟ କର୍ମୀ ତଥା ବାଳବିକାଶର ଜଣେ କାର୍ଯ୍ୟଦକ୍ଷ ଗୁରୁମା ଥିଲେ । ତାଙ୍କ ମୃତ୍ୟୁରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ତାଙ୍କର ଦ୍ୱାଦଶାହରେ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଭଗବାନଙ୍କ ନିକଟରେ ପ୍ରାର୍ଥନା କରୁଛୁ ।
ଶ୍ରଦ୍ଧାଞ୍ଜଳୀ ସହ
ସ୍ୱାମୀ (ଦେବାର୍ଚ୍ଚନ ରଥ), ପୁତ୍ର (ମାନସ, ମିହିର, ମୈଥିଳେଶ), ବୋହୂ (ଚନ୍ଦ୍ରିକା, ରାଜଶ୍ରୀ, ଅଳକା), ଝିଅ (ମୀନାକ୍ଷୀ), ଜ୍ୱାଇଁ (ରଞ୍ଜନ), ନାତିନାତୁଣୀ (ସୁବୁ, ରାନୀମାମା, ହିମାଳୀ, ଜୀଶାନୀ, ସୋମୁ ଓ କୁହୁ)
ଧ-୧୮୩୫୩

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି




ସ୍ୱର୍ଗତ ଅମୂଲ୍ୟ କୁମାର ଦାସ
ଅବସରପ୍ରାପ୍ତ ଆରକ୍ଷୀ ଅଧୀକ୍ଷକ
ନଋଆ, ବିଞ୍ଝାରପୁର, ଯାଜପୁର
ଆବିର୍ଭାବ: ୧୦ ଅକ୍ଟୋବର ୧୯୫୮
ତିରୋଧାନ: ୧୫ ସେପ୍ଟେମ୍ବର ୨୦୨୦
ଆପଣ ଆମ୍ଭମାନଙ୍କୁ ଦୁଃଖ ସାଗରରେ ଭସାଇ ଦେଇ ଚାଲିଗଲ। ଆପଣ ଥିଲେ ଆମର ମାର୍ଗଦର୍ଶକ। ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଅନୁଶାସନ ଚିରସ୍ମରଣୀୟ। ଆପଣଙ୍କ ପବିତ୍ର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଆମ୍ଭେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
:ଶୋକସନ୍ତପ୍ତ ପରିବାରବର୍ଗ:
ହତଭାଗ୍ୟ ପତ୍ନୀ: ସୁଭାଷିନୀ ଦାସ, ପୁତ୍ର: ଷ୍ଟାଲିନ୍ କୁମାର ଦାସ, ଲେନିନ କୁମାର ଦାସ, ପୁତ୍ରବଧୂ: ମୋନାଲିସା ଦାସ, ମୋନାଲିସା, ଦାସ, ନାତି: ଇଶାନ, ଇଶୁ, ନିଶାନ, ଭଣଜା- ଭାଣିଜୀ: ସୋନାଲି, ପୁପୁ, ଭାଇ: ଅରୁଣ କୁମାର ଦାସ ।
ଧ-୧୮୩୫୬

ଦ୍ୱାଦଶାହ ଉପଲକ୍ଷେ ଶ୍ରଦ୍ଧା ସୁମନ



ସ୍ୱର୍ଗତ ରମାକାନ୍ତ ସାହୁ
ବରିଷ୍ଠ ଆଇନଜୀବୀ
J.R. residency, ରବିଟକିଜ୍, ଭୁବନେଶ୍ୱର
ଆବିର୍ଭାବ: ୦୧।୦୪।୧୯୫୦
ତିରୋଧାନ: ୧୪।୦୯।୨୦୨୦
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ମହାପ୍ରଭୁ ଶ୍ରୀଶ୍ରୀ ଜଗନ୍ନାଥ ଓ ଶ୍ରୀଶ୍ରୀ ଲଡୁବାବା, ବିଜେ ଶରଣକୁଳ, ନୟାଗଡ଼ଙ୍କ ପଦପଦ୍ମରେ ବିନମ୍ର ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ଧର୍ମପତ୍ନୀ: ଜୟଶ୍ରୀ, ଝିଅ: ଚିନ୍ମୟୀ, ଶୋଭନା, ବନ୍ଦିତା, ଜ୍ୱାଇଁ: ଆଶିଷ, ଦେବାଶିଷ, ମନୋଜ, ନାତି-ନାତୁଣୀ: ରିୟା, ଶ୍ରେୟା, ସୋମ୍, ଆଦି ଏବଂ ତେଜ୍, ଆତ୍ମୀୟସ୍ୱଜନ ଏବଂ ପରିବାରବର୍ଗ।
ଧ-୬୯୪୪୨

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି




ସ୍ୱର୍ଗତ ଲଳିତ୍ କୁମାର ସେଠ୍
ଏରୋଡ୍ରମ ଏରିଆ, ଭୁବନେଶ୍ୱର
ଆବିର୍ଭାବ: ୦୧।୦୬।୧୯୬୭
ତିରୋଧାନ: ୦୫।୦୯।୨୦୨୦
ଗୁଲୁ, ତୁ ହଠାତ୍ ଏପରି ଆମକୁ ଶୋକସାଗରରେ ଭସାଇ ଚାଲିଯିବୁ ବୋଲି ଆମେ ଜାଣି ନ ଥିଲୁ, ତୋର ନିଷ୍କପଟତା ଓ ସରଳତା ଆମମାନଙ୍କ ମନରେ ସ୍ମୃତିହୋଇ ରହିବ ଏବଂ ତୋର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ଚରଣରେ ଭକ୍ତିପୂତ ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ପଞ୍ଚସଖା ଏବଂ ସଂକ୍ରାନ୍ତି ପରିବାର Unit-8, BBSR
ଧ-୧୮୩୪୪

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ରବୀନ୍ଦ୍ର କୁମାର ପ୍ରଧାନ
ମହାଦେବସାହି, ବଡବାଣପୁର, କଂଟିଲୋ, ଖଣ୍ଡପଡା
ଆବିର୍ଭାବ: ୦୫। ମାର୍ଚ୍ଚ। ୧୯୬୨
ତିରୋଧାନ: ୨୫।ସେପ୍ଟେମ୍ବର।୨୦୧୯
ଚାହୁଁ ଚାହୁଁ ଏକବର୍ଷ ବିତିଗଲା। କାହିଁକି କେଜାଣି ଗ୍ରହଣ କରିପାରୁନୁ ସୃଷ୍ଟିର ଏହି ନିଷ୍ଠୁର ସତ୍ୟକୁ। ସ୍ୱଶରୀରରେ ତୁମକୁ ଦେଖିବା ତ ଏ ଜନ୍ମରେ ଅସମ୍ଭବ। ତେବେ, ଯେଉଁଠି ଥାଆନ୍ତୁ ଖୁସିରେ ରୁହନ୍ତୁ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
-:ଆଶିଷ ଉତ୍ସାହୀ:-
ସ୍ତ୍ରୀ, ପୁତ୍ର, ଝିଅ, ଜ୍ୱାଇଁ, ଭାଇ, ଭଣଜା, ଭାଣିଜୀ, ଶୋକସନ୍ତପ୍ତ ପରିବାର ଓ ଆତ୍ମୀୟସ୍ୱଜନ ।
ଧ-୧୮୩୫୮

ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ବ୍ରହ୍ମାନନ୍ଦ ଆଚାର୍ଯ୍ୟ
House No.-23, ମନୋରମା ଇଷ୍ଟେଟ୍, ରସୁଲଗଡ଼, ଭୁବନେଶ୍ୱର
ଆବିର୍ଭାବ: ୧୦।୦୯।୧୯୩୭
ତିରୋଧାନ: ୧୬।୦୯।୨୦୨୦
ବାପା, ଆମକୁ ଶୋକସାଗରରେ ଭସାଇ ଦେଇ ହଠାତ୍ ଚାଲିଯିବ ବୋଲି ମନରେ କଳ୍ପନା କରି ନ ଥିଲୁ। ଆପଣଙ୍କ ତ୍ୟାଗ, ନିଷ୍ଠା, ପରୋପକାରିତା ସମସ୍ତଙ୍କୁ ପ୍ରେରଣା ଦେଉ।
-:ଶୋକସନ୍ତପ୍ତ:-
ହତଭାଗ୍ୟ: ପୁତ୍ର, ପୁତ୍ରବଧୂ, ଝିଅ ଓ ସମସ୍ତ ଆଚାର୍ଯ୍ୟ ପରିବାର।
ଧ-୧୮୩୬୦

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

ଧରିତ୍ରୀ
DHARITRI
ଶୁକ୍ରବାର, ୨୫ ସେପ୍ଟେମ୍ବର, ୨୦୨୦



# ଟୁର୍ ଡି ଫ୍ରାନ୍ସ

**ସ୍ଲୋଭେନିଆର ପ୍ରଥମ ରାଇଡର ଭାବେ ୨୧ ବର୍ଷୀୟ ଟାଡେଜ ପୋଗାକାର ଟୁର୍ ଡି ଫ୍ରାନ୍ସ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଛନ୍ତି। ଏହି କ୍ରମରେ ସେ ବିଶ୍ୱର ଦ୍ୱିତୀୟ ସର୍ବକନିଷ୍ଠ ପ୍ରତିଯୋଗୀ ସାବ୍ୟସ୍ତ ହୋଇଛନ୍ତି। ୨୧ ପର୍ଯ୍ୟାୟ ବିଶିଷ୍ଟ ଏହି ରେସ୍ ଜିତିବା ପାଇଁ ୟୁଏଇ ଟିମ୍ ଏମିରେଟ୍ସର ପୋଗାକାରଙ୍କୁ ୮୭ ଘଣ୍ଟାରୁ କିଛି ଉର୍ଦ୍ଧ୍ୱ ସମୟରେ ୩,୪୮୪.୨ କି.ମି. ଅତିକ୍ରମ କରିବାକୁ ହୋଇଥିଲା...**



ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ବାଇସାଇକେଲ ରେସ୍ ଟୁର ଡି ଫ୍ରାନ୍ସ ଇତିମଧ୍ୟରେ ଶେଷ ହୋଇଛି। ପୁରୁଷଙ୍କର ଏହି ମଲ୍ଟି ଷ୍ଟେଜ୍ ରେସ୍‌ରେ ଏଥର ଜଣେ ନୂଆ ପ୍ରତିଯୋଗୀ ଚାମ୍ପିୟନ ହୋଇଛନ୍ତି। ସେ ହେଉଛନ୍ତି ସ୍ଲୋଭେନିଆର ଟାଡେଜ ପୋଗାକାର। କୋଭିଡ୍-୧୯ ମହାମାରୀ ପାଇଁ ଏହି ରେସ୍‌କୁ ସ୍ଥଗିତ ରଖାଯାଇଥିଲା। ମହାମାରୀ ସତ୍ତ୍ୱେ ଏହି ମେଗା ଇଭେଣ୍ଟ ସଫଳତାର ସହ ଆୟୋଜନ ହେବା ବିଶ୍ୱ କ୍ରୀଡ଼ାରେ ଏକ ଉଲ୍ଲେଖନୀୟ ଘଟଣା ସାବ୍ୟସ୍ତ ହୋଇଛି। ପୋଗାକାର ଚାମ୍ପିୟନ ହେବା ପରେ ବିଭିନ୍ନ ଦୃଷ୍ଟିକୋଣରୁ ଏହି ରେସ୍ ତାଙ୍କ ପାଇଁ ମହତ୍ତ୍ୱ ରଖୁଛି। ଫ୍ରାନ୍ସରେ ଆୟୋଜିତ ହୋଇଆସୁଥିବା ଏହି ରେସ୍ ବହୁ ପୁରୁଣା। ଆଜିକୁ ୧୧୭ ବର୍ଷତଳେ ୧୯୦୩ ଜୁଲାଇ ୧ ତାରିଖରେ ଏହି ସାଇକେଲ ରେସ୍ ଆରମ୍ଭ ହୋଇଥିଲା।

ବିଶ୍ୱର ସର୍ବପୁରାତନ ଏହି ସାଇକେଲ ରେସ୍‌ରେ ପୋଗାକାର ଦ୍ୱିତୀୟ ସର୍ବକନିଷ୍ଠ ଚାମ୍ପିୟନ ଭାବେ ଉଭା ହୋଇଛନ୍ତି। ତାଙ୍କ ପୂର୍ବରୁ ୧୯୦୪ରେ ୧୯ ବର୍ଷୀୟ ହେନେରୀ କର୍ନେଟ ଏହି ରେସ୍ ସର୍ବକନିଷ୍ଠ ପ୍ରତିଯୋଗୀ ଭାବେ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଥିଲେ। ବିଜୟୀ ହେବାର ପରଦିନ ପୋଗାକାର ୨୨ ବର୍ଷରେ ପଦାର୍ପଣ କରିଛନ୍ତି। ଏହି ରେସ୍ ଫ୍ରାନ୍ସର ନିସ୍‌ରୁ ଅଗଷ୍ଟ ୨୯ ତାରିଖରେ ଆରମ୍ଭ ହୋଇଥିଲା। ସେହିପରି ଏହା ଚାମ୍ପସ୍‌ଏଲିସିଜ୍‌ରେ ୨୦ ସେପ୍ଟେମ୍ବରରେ ଶେଷ ହୋଇଥିଲା। ୨୨ଟି ଟିମ୍‌ରୁ ୧୭୬ ଜଣ ରାଇଡର ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ୨୧ ଷ୍ଟେଜ୍ ବା ପର୍ଯ୍ୟାୟ ବିଶିଷ୍ଟ ଏହି ରେସ୍‌ରେ କିନ୍ତୁ ପୋଗାକାର ଶେଷରେ ବାଜି ମାରିଥିଲେ। ସ୍ଲୋଭାକିଆର ପ୍ରଥମ ଖେଳାଳିଭାବେ ପୋଗାକାର ଟୁର ଡି ଫ୍ରାନ୍ସ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଛନ୍ତି। ମୋଟ ଉପରେ ୩,୪୮୪.୨ କି.ମି. (୨,୧୬୫ ମାଇଲ) ଦୂରତ୍ୱ ବିଶିଷ୍ଟ ଏହି ରେସ୍‌ରେ ୮୭ ଘଣ୍ଟା ୨୦ମିନିଟ୍ ୫ ସେକେଣ୍ଡ ୱିନିଂ ଟାଇମ୍ ସାବ୍ୟସ୍ତ ହୋଇଛି। ରେସ୍‌ରେ ଅନ୍ୟତମ ସ୍ଲୋଭାକିଆ ରାଇଡର ପ୍ରିମୋଜ ରଗ୍ଲିକ୍ ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ ଅଷ୍ଟ୍ରିଆର ରଚି ପୋର୍ଟେ ତୃତୀୟ ହୋଇଛନ୍ତି। ପୋଗାକାର ଏହି ରେସ୍‌ରେ ଓଭରଅଲ ୱିନର ହେବା ସହ ମାତ୍ର ୨୧ ବର୍ଷରେ ୟଙ୍ଗ୍ ରାଇଡର ଓ ମାଉଣ୍ଟେନ କ୍ଲାସିଫିକେଶନ ସାବ୍ୟସ୍ତ ହୋଇଥିଲେ।

ପୋଗାକାର ରେସ୍‌ରେ ୟୁଏଇ ଟିମ୍ ଏମିରେଟ୍ସ ତରଫରୁ ପ୍ରତିନିଧିତ୍ୱ କରିଥିଲେ। ତାଙ୍କର ଏହି ସଫଳତା ସ୍ଲୋଭେନିଆ ପାଇଁ ଐତିହାସିକ ସାବ୍ୟସ୍ତ ହୋଇଛି। ୨୧ରୁ ୩ଟି ପର୍ଯ୍ୟାୟରେ ସେ ବିଜୟୀ ହୋଇଥିଲେ। ଚଳିତ ସଂସ୍କରଣ ୨୦୨୦ରେ ସେ ପ୍ରଥମଥର ପାଇଁ ଟୁର ଡି ଫ୍ରାନ୍ସରେ ଅଂଶଗ୍ରହଣ କରିଥିଲେ। ୧୯୯୮ ସେପ୍ଟେମ୍ବରରେ ସ୍ଲୋଭେନିଆର କୋମେଣ୍ଡାରେ ସେ ଜନ୍ମଗ୍ରହଣ କରିଥିଲେ। କମ୍ ବୟସରେ ଜଣେ ସାଇକ୍ଲିଷ୍ଟ ହିସାବରେ ସେ ଆଖିଦୃଶିଆ ସଫଳତା ଅର୍ଜନ କରିଛନ୍ତି। ୨୦୨୦ରେ ପୋଗାକାର କ୍ରମାଗତ ଦ୍ୱିତୀୟ ବର୍ଷ ପାଇଁ ସ୍ଲୋଭେନିଆନ ନ୍ୟାଶନାଲ ଟାଇମ ଟ୍ରାଏଲ ଚାମ୍ପିୟନଶିପ୍ ହାସଲ କରିଥିଲେ। ରୋଡ ୱାର୍ଲ୍ଡ ଚାମ୍ପିୟନ ମେଡାଲିଷ୍ଟ ଆନ୍ଦ୍ରଜ ହଫ୍‌ମ୍ୟାନ ତାଙ୍କର କୋଚ୍ ରହିଛନ୍ତି। ୨୦୨୩ ସେସନ ଶେଷ ପର୍ଯ୍ୟନ୍ତ ସେ ୟୁଏଇ ଟିମ୍ ଏମିରେଟ୍ସ ସହିତ ଚୁକ୍ତି କରିଛନ୍ତି। ୨୦୧୯ରେ ସେ ଟୁର ଅଫ୍ କାଲିଫର୍ନିଆରେ ଚାମ୍ପିୟନ ହୋଇଥିଲେ। ଏଥିସହିତ ସେ ସର୍ବକନିଷ୍ଠ ରାଇଡର ଭାବେ ୟୁସିଆଇ ୱାର୍ଲ୍ଡ ଟୁର ଷ୍ଟେଜ ଜିତିବାକୁ ସକ୍ଷମ ହୋଇଥିଲେ। କମ୍ ବୟସ ହୋଇଥିଲେ ମଧ୍ୟ ତାଙ୍କ ସଫଳତାର ଫର୍ଦ୍ଦ ବେଶ୍ ଲମ୍ବା। ଟୁର ଡି ଫ୍ରାନ୍ସ ବିଜୟୀ ହୋଇଥିବା ବେଳେ ସେ ଜେନେରେଲ କ୍ଲାସିଫିକେଶନ, ମାଉଣ୍ଟେନ୍ସ କ୍ଲାସିଫିକେଶନ, ୟଙ୍ଗ ରାଇଡର କ୍ଲାସିଫିକେଶନ ଓ ୩ଟି ବ୍ୟକ୍ତିଗତ ଷ୍ଟେଜରେ ବିଜୟୀ ହୋଇଥିଲେ। ସେହିପରି ସେ ୨୦୧୯ରେ ଭୁଏଟା ଏ ଏସ୍ପାନାରେ ମଧ୍ୟ ବିଜୟୀ ହୋଇଥିଲେ। ସେହିପରି ସେ ୨୦୧୯ରେ ଟୁର ଡି କାର୍ଲିଫର୍ନିଆ, ୨୦୧୯ରେ ଭୋଲ୍ଟା ଆଓ ଅଲଗାର୍ଭ, ୨୦୨୦ରେ ଭୋଲ୍ଟା ଏ ଲା କମୁନିଟାଟ ଭାଲେନସିଆରେ ମଧ୍ୟ ବିଜୟୀ ହୋଇଥିଲେ। ସେ ମଧ୍ୟ ୨୦୧୯ ଓ ୨୦୨୦ରେ ନ୍ୟାଶନାଲ ଟାଇମ୍ ଟ୍ରାଏଲ ଚାମ୍ପିୟନଶିପ୍‌ରେ ବିଜୟୀ ହୋଇଥିଲେ।

ଆଗକୁ ପୋଗାକାର ଏକ ଲମ୍ବା ରେସ୍‌ର ଘୋଡ଼ା ସାବ୍ୟସ୍ତ ହେବେ। ୨୦୧୧ରୁ ପୋଗାକାର ରେସ୍‌ରେ ଅଂଶଗ୍ରହଣ କରିବାର ଆରମ୍ଭ କରିଛନ୍ତି।

### ଟାଡେଜ ପୋଗାକାର

ଦେଶ: ସ୍ଲୋଭେନିଆ
ଡାକ ନାମ: ପୋଗି
ଉଚ୍ଚତା: ୫ ଫୁଟ ୯.୫ ଇଞ୍ଚ୍
ଓଜନ: ୬୬ କେ.ଜି.
ଏବେକାର ଟିମ୍: ୟୁଏଇ ଟିମ୍ ଏମିରେଟ୍ସ
ଡିସିପ୍ଲିନ: ରୋଡ୍
ଭୂମିକା: ରାଇଡର
ରାଇଡର ଟାଇପ: ଅଲରାଉଣ୍ଡର

### ଉଲ୍ଲେଖନୀୟ ବିଜୟ

ଟୁର୍ ଡି ଫ୍ରାନ୍ସ (୨୦୨୦)
ଭୁଏଟା ଏ ଏସ୍ପାନା (୨୦୧୯)
ଟୁର୍ ଡି କାଲିଫର୍ନିଆ (୨୦୧୯)
ଭୋଲ୍ଟା ଆଓ ଅଲଗାର୍ଭ (୨୦୧୯)
ଭୋଲ୍ଟା ଲା କମୁନିଟାଟ୍ ଭାଲେନସିଆ (୨୦୨୦)
ୱାନ ଡେ ରେସ୍ ଆଣ୍ଡ କ୍ଲାସିକ୍ସ
ନ୍ୟାଶନାଲ ଟାଇମ ଟ୍ରାଏଲ– ଚାମ୍ପିୟନଶିପ୍ (୨୦୧୯, ୨୦୨୦)

ତାଙ୍କ ସଫଳତାରେ କୋଚ୍ ହଫ୍‌ମ୍ୟାନଙ୍କର ଉଲ୍ଲେଖନୀୟ ଭୂମିକା ରହିଛି। ପୋଗାକାରଙ୍କ ପାର୍ଟନର ଜଣେ ଜଣାଶୁଣା ସାଇକ୍ଲିଷ୍ଟ। ସେ ହେଉଛନ୍ତ ସ୍ଲୋଭେନିଆର ମହିଳା ସାଇକ୍ଲିଷ୍ଟ ଉରସ୍କା ଜିଗାର୍ଟ। ୨୦୧୬, ୨୦୧୭, ୨୦୧୮ , ୨୦୧୯, ୨୦୨୦ରେ ସେ ଏକାଧିକ ସାଇକେଲ ରେସ୍‌ରେ ଅଂଶଗ୍ରହଣ କରି ଚାମ୍ପିୟନ ହୋଇଛନ୍ତି। ଆଉ କେତେକ ରେସ୍‌ରେ ସେ ଦ୍ୱିତୀୟରୁ ଦଶମ ସ୍ଥାନ ମଧ୍ୟରେ ରହି ନିଜର ପ୍ରତିଭା ଓ ଦକ୍ଷତାର ପ୍ରମାଣ ଦେଇଛନ୍ତି। ତାଙ୍କର ଏହି ସଫଳତା ସ୍ଲୋଭେନିଆ ପାଇଁ ବିଶେଷ ମହତ୍ତ୍ୱ ରଖୁଛି। ଆଗାମୀ ପିଢିରେ ଯୁବ ରାଇଡରମାନେ ତାଙ୍କଠାରୁ ଅନୁପ୍ରାଣିତ ହେବେ ଓ ସ୍ଲୋଭେନିଆ ପାଇଁ ସାଇକ୍ଲିଂ ରେସ୍‌ରେ ସଫଳତାର ପ୍ରକ୍ରିୟାକୁ ଆହୁରି ଆଗକୁ ନେବେ ବୋଲି ଆଶା କରାଯାଉଛି। ମାତ୍ର ୨୧ ବର୍ଷରେ ପଦାର୍ପଣ କରିଥିବାରୁ ପୋଗାକାର ଦେଶ ପାଇଁ ଆହୁରି ବହୁ ମେଜର ସଫଳତା ହାସଲ କରିବେ ଓ ସେ ଏ ନେଇ ବଦ୍ଧ ପରିକର ଅଛନ୍ତି ବୋଲି କହିଛନ୍ତି। ଟୁର୍ ଡି ଫ୍ରାନ୍ସ ବିଜୟ ତାଙ୍କ ଆତ୍ମବିଶ୍ୱାସକୁ ଦୃଢ କରିଛି ଓ ଆଗକୁ ଭଲ ପ୍ରଦର୍ଶନ କରିବାରେ ଏହା ପ୍ରେରଣାଦାୟୀ ସାବ୍ୟସ୍ତ ହେବ ବୋଲି ସେ କହିଛନ୍ତି।

ପ୍ରସ୍ତୁତି: ରଞ୍ଜନ ରୟ



ଟାଡେଜ ପୋଗାକାର

# ଚେନ୍ନାଇ ବନାମ ଦିଲ୍ଲୀ

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ସପ୍ତମ ମ୍ୟାଚ୍‌ରେ ମହେନ୍ଦ୍ର ସିଂ ଧୋନୀଙ୍କ ଚେନ୍ନାଇ ସୁପର କିଙ୍ଗ୍ସ ଓ ଶ୍ରେୟାସ ଆୟାରଙ୍କ ନେତୃତ୍ୱାଧୀନ ଦିଲ୍ଲୀ କ୍ୟାପିଟାଲ୍ସ ଶୁକ୍ରବାର ମୁହାଁମୁହିଁ ହେବେ। ଦୁବାଇ ଅନ୍ତର୍ଜାତୀୟ କ୍ରିକେଟ ଷ୍ଟାଡିୟମରେ ଖେଳାଯିବାକୁ ଥିବା ଏହି ମ୍ୟାଚ୍ ଉଭୟ ଦଳ ପାଇଁ ବେଶ୍ ଗୁରୁତ୍ୱ ବହନ କରୁଛି। ଦିଲ୍ଲୀ ଏପର୍ଯ୍ୟନ୍ତ ଗୋଟିଏ ମ୍ୟାଚ୍ ଖେଳି ବିଜୟୀ ହୋଇଛି। ଅନ୍ୟପଟେ ଚେନ୍ନାଇ ୨ଟି ମ୍ୟାଚ୍ ଖେଳି ଗୋଟିଏରେ ବିଜୟୀ ହୋଇଥିବା ବେଳେ ଅନ୍ୟଟିରେ ପରାଜୟବରଣ କରିଛି।

ଗତ ମ୍ୟାଚ୍‌ରେ ରାଜସ୍ଥାନ ରୟାଲ୍ସଠାରୁ ଚେନ୍ନାଇ ପରାସ୍ତ ହୋଇଥିଲା। ଏହା ଟିମ୍ ମ୍ୟାନେଜମେଣ୍ଟ ଓ ପ୍ରଶଂସକଙ୍କର ହଜମ ହୋଇନାହିଁ। ସ୍ପିନରମାନଙ୍କ ଦୁର୍ବଳ ପ୍ରଦର୍ଶନ ଓ ଡେଥ୍ ଓଭରରେ ବ୍ୟାଟ୍ସମ୍ୟାନଙ୍କ ବିଫଳତା ପଦାରେ ପଡିଥିଲା। ଖାସ୍ କରି ମୁରଲୀ ବିଜୟ, କେଦାର ଯାଦବ ଓ ନିଜେ ଧୋନୀ ଆଶାନୁରୂପ ପ୍ରଦର୍ଶନ କରିପାରି ନ ଥିଲେ। ଧୋନୀ ପଛରେ ବ୍ୟାଟିଂ କରିବାକୁ ଆସିବା ନିଷ୍ପତ୍ତି ମହଙ୍ଗା ସାବ୍ୟସ୍ତ ହୋଇଥିଲା। ସାମ୍ କୁରାନ, କେଦାର ଓ ଋତୁରାଜଙ୍କୁ ଆଗୁଆ ଛାଡିବା ପରେ ଧୋନୀ ବ୍ୟାଟିଂ କରିବାକୁ ଆସିଥିଲେ। କିନ୍ତୁ ଏହା କାମରେ ଆସି ନ ଥିଲା। ଫଳରେ ଫାଫ୍ ଡୁପ୍ଲେସି ଆକ୍ରମଣାତ୍ମକ ବ୍ୟାଟିଂ କରିଥିଲେ ମଧ୍ୟ ଅଧିକ ସମୟ ପାଇ ନ ଥିଲେ। ଏବେ ମଧ୍ୟ ଧୋନୀ ଛକା ମାରିବାର ଦକ୍ଷତା ରଖୁଛନ୍ତି। ଏ ନେଇ ତାଙ୍କ ପ୍ରଶଂସକ ନିଶ୍ଚିତ ଭାବେ ଖୁସି ହେବେ। ଦ୍ରୁତ ବୋଲିଂକୁ ଖେଳିବାରେ ଧୋନୀ ସମସ୍ୟାରେ ପଡୁଛନ୍ତି ଓ ସେ ଆକ୍ରମଣାତ୍ମକ ବ୍ୟାଟିଂ କରିବାରେ ଅସୁବିଧାରେ ପଡୁଛନ୍ତି। ତେବେ ସେ ଟମ୍ କୁରାନଙ୍କ ଭଳି ମିଡିୟମ ପେସରଙ୍କୁ ଆକ୍ରମଣ କରିଥିଲେ। ସେତେବେଳକୁ ମ୍ୟାଚ୍ ହାତରୁ ଖସି ଯାଇଥିଲା। ଶାରଜାଠାରୁ ଦୁବାଇର ଗ୍ରାଉଣ୍ଡ ଯଥେଷ୍ଟ ବଡ଼। ତେଣୁ ଧୋନୀ ଷ୍ଟ୍ରାଇକ ରୋଟେଟ୍ କରିବାକୁ ବେଶି ପସନ୍ଦ କରିବେ। ଅପରପକ୍ଷରେ ଅଭିଜ୍ଞ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନଙ୍କ ଇଞ୍ଜୁରି ନେଇ ଦିଲ୍ଲୀ ଚିନ୍ତିତ ଅଛି। କାନ୍ଧରେ ସେ ଆଘାତ ପାଇଛନ୍ତି। ଅଶ୍ୱିନଙ୍କ ଅନୁପସ୍ଥିତି ଦଳର ବୋଲିଂ ଲାଇନ୍- ଅପ୍‌କୁ ପ୍ରଭାବିତ କରିବ। ଗୁରୁବାର ପ୍ରାକ୍ଟିସ ସେସନ ପରେ ଅଶ୍ୱିନଙ୍କ ଖେଳିବା ନେଇ ନିଷ୍ପତ୍ତି ନିଆଯିବ। ସେ ଟ୍ରେନିଂରେ ଅଂଶଗ୍ରହଣ କରିବେ। ଆମ ଫିଜିଓ ପାଟ୍ରିକ ଫରହାର୍ଟ ଅଶ୍ୱିନଙ୍କୁ ନେଇ ଅନ୍ତିମ ନିଷ୍ପତ୍ତି ନେବେ ବୋଲି ଦିଲ୍ଲୀ ଫିଲ୍ଡିଂ କୋଚ୍ ମହମ୍ମଦ କୈଫ କହିଛନ୍ତି।

ଯଦି ଅଶ୍ୱିନ ନ ଖେଳନ୍ତି ତା'ହେଲେ ବରିଷ୍ଠ ସ୍ପିନର ଅମିତ ମିଶ୍ରା ଓ ଅକ୍ଷର ପଟେଲ ସ୍ପିନ ମଙ୍ଗ ସମ୍ଭାଳିବେ। ଦଳରେ ଅମିତଙ୍କ ଭଳି ଅଭିଜ୍ଞ ସ୍ପିନର ଥିବାରୁ ଆମେ ଫାଇଦାରେ ରହିବୁ। ସେ ଅଶ୍ୱିନଙ୍କ ବଦଳ ଖେଳାଳିଭାବେ ଭଲ ପ୍ରଦର୍ଶନ କରିପାରିବେ ବୋଲି କୈଫ୍ କହିଛନ୍ତି। ଅମିତ୍ ମଧ୍ୟ ଆଇପିଏଲ୍‌ରେ ଦ୍ୱିତୀୟ ସର୍ବାଧିକ ଉଇକେଟ ହାସଲକାରୀ ବୋଲର ସାବ୍ୟସ୍ତ ହୋଇଛନ୍ତି। ବଡ଼ ବାଉଣ୍ଡାରୀ ହୋଇଥିବାରୁ ରିଷ୍ଟ ସ୍ପିନରମାନେ ମଧ୍ୟ ଅଧିକ ପରୀକ୍ଷା ନିରୀକ୍ଷା କରିବାର ସ୍ୱାଧୀନତା ପାଇବେ। ଦ୍ରୁତ ବୋଲର ମୋହିତ ଶର୍ମା ଲୋକେଶ ରାହୁଲଙ୍କ ଉଇକେଟ ହାସଲ କରିଥିଲେ ମଧ୍ୟ ଇନିଂସ ଶେଷ ଆଡକୁ ବେଶ୍ ମହଙ୍ଗା ସାବ୍ୟସ୍ତ ହୋଇଥିଲେ। କାଗିଶୋ ଅନ୍ୟପଟେ ମାପଚୁପ ବୋଲିଂ କରିଥିଲେ। ଅନ୍ତିମ ୧୦ ଓଭରରେ ଚେନ୍ନାଇ ଆକ୍ରମଣାତ୍ମକ ବ୍ୟାଟିଂ କରିଥାଏ। ତେଣୁ ଦିଲ୍ଲୀ ହର୍ଷଲ ପଟେଲଙ୍କୁ ନେଇ ପରୀକ୍ଷା କରିପାରେ। ହର୍ଷଲ ମଧ୍ୟ ଭଲ କାମଚଳା ବ୍ୟାଟିଂ କରିବାର କ୍ଷମତା ରଖନ୍ତି। ଅଭିଜ୍ଞ ଦ୍ରୁତ ବୋଲର ଇଶାନ୍ତ ଶର୍ମା ମଧ୍ୟ ଇଞ୍ଜୁରିରୁ ମୁକ୍ତ ହୋଇପାରି ନାହାନ୍ତି।



ମହେନ୍ଦ୍ର ସିଂ ଧୋନୀ ଓ ଶ୍ରେୟାସ ଆୟାର।

**ଆଇପିଏଲ୍**
**(ଶୁକ୍ରବାର ମ୍ୟାଚ)**
**ଚେନ୍ନାଇ ସୁପରକିଙ୍ଗ୍ସ ବନାମ ଦିଲ୍ଲୀ କ୍ୟାପିଟାଲ୍ସ**
**ସ୍ଥାନ: ଦୁବାଇ, ସମୟ: ରାତି ୭ଟା ୩୦**
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

## ଫୁଟ୍‌ବଲ ରେଫରି ଶିବପ୍ରସାଦଙ୍କ ପରଲୋକ

ଭୁବନେଶ୍ୱର(ସ୍ପୋର୍ଟ୍ସ ବ୍ୟୁରୋ), କଟକ ଅଫିସ,୨୪।୯



ସୁନାମଧନ୍ୟ ଜାତୀୟ ସ୍ତରୀୟ ଫୁଟବଲ ରେଫରି, ପୂର୍ବତନ ଖେଳାଳି ତଥା ଇଷ୍ଟକୋଷ୍ଟ ରେଲୱେ ଦଳର କୋଚ୍ ଶିବପ୍ରସାଦ ଦାସଙ୍କ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଗୁରୁବାର ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୫୦ବର୍ଷ ବୟସ ହୋଇଥିଲା। ଫୁଟବଲ ସହିତ ତାଙ୍କର ସମ୍ପୂର୍ଣ୍ଣ ପରିବାର ନିବିଡ଼ ଭାବେ ଜଡ଼ିତ। ପିତା ଭଗବାନ ପ୍ରସାଦ ଦାସ ମଧ୍ୟ ଜଣେ ରେଫରି ଥିଲେ। ଏହାଛଡ଼ା ଶିବପ୍ରସାଦଙ୍କ ପୁଅ ଦିଗବିଜୟ ଦାସ ଏବେ ରେଫରି ଦାୟିତ୍ୱ ତୁଲାଉଛନ୍ତି। ରାଜ୍ୟ ଫୁଟବଲ କ୍ରୀଡ଼ା ଜଣେ ଦକ୍ଷ କୋଚ୍ ଓ ସଙ୍ଗଠକଙ୍କୁ ହରାଇଲା ବୋଲି ଫୁଟବଲ ଆସୋସିଏଶନ ଅଫ ଓଡ଼ିଶା(ଫାଓ)ର ସମ୍ପାଦକ ଆଶୀର୍ବାଦ ବେହେରା କହିଛନ୍ତି। ଫାଓ ପକ୍ଷରୁ ଶୋକ ପ୍ରକାଶ କରାଯାଇଛି।

ଶିବପ୍ରସାଦଙ୍କ ଅକାଳ ବିୟୋଗରେ ୟୁନିଟ-୬ ଆଥଲେଟିକ ଆସୋସିଏଶନ ପକ୍ଷରୁ ଗଭୀର ଶୋକ ବ୍ୟକ୍ତ କରାଯାଇଛି। ଆସୋସିଏଶନ ସଭାପତି ତପନ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏକ ଜରୁରୀ ବୈଠକରେ ସମ୍ପାଦକ ଦିଲୀପ ଦାସ ଶିବପ୍ରସାଦଙ୍କ ସ୍ମୃତି ଚାରଣ କରି ଆସୋସିଏଶନର ଫୁଟବଲ ପ୍ରଚାର ପ୍ରସାର ଅନ୍ତର୍ଗତ ପ୍ରତିଟି କାର୍ଯ୍ୟକ୍ରମରେ ଜଡିତ ରହୁଥିଲେ ବୋଲି କହିଥିଲେ। ଉପସଭାପତି ପ୍ରଫୁଲ୍ଲ ମିଶ୍ର ଟାଟା-ଉତ୍କଳିକା ସର୍ବଭାରତୀୟ ଫୁଟବଲ ଟୁର୍ନାମେଣ୍ଟ ଆରମ୍ଭ ବେଳେ ଶିବଙ୍କ ସୁନ୍ଦର ମ୍ୟାଚ ପରିଚାଳନା କଥା ମନେ ପକାଇ ତାଙ୍କ ମୃତ୍ୟୁରେ ଦୁଃଖପ୍ରକାଶ କରିଥିଲେ । ଅନ୍ୟତମ ଉପସଭାପତି ନବରଞ୍ଜନ ପଟ୍ଟନାୟକ ଶିବଙ୍କୁ ଜଣେ ଦକ୍ଷ ସଂଗଠକ ବୋଲି କହିଥିଲେ। ବରିଷ୍ଠ ଉପସଭାପତି ଅକ୍ଷୟ ଦାସ ଶିବଙ୍କ ବିୟୋଗ ଦ୍ୱାରା ଓଡିଶା ଫୁଟବଲରେ ଏକ ଶୂନ୍ୟସ୍ଥାନ ସୃଷ୍ଟି ହେଲା ବୋଲି କହିଥିଲେ। ସଭାପତି ତପନ ମହାନ୍ତି ଶିବଙ୍କ ଅକାଳ ମୃତ୍ୟୁ ଯୋଗୁ ଓଡିଶା ଫୁଟବଲ ତଥା ୟୁନିଟ-୬ ଆଥଲେଟିକ ଆସୋସିଏଶନର ଅପୂରଣୀୟ କ୍ଷତି ହେଲା କହିଥିଲେ । ଶିବପ୍ରସାଦଙ୍କ ଅମର ଆତ୍ମାର ସଦଗତି କାମନା କରି ଦୁଇ ମିନିଟ ନୀରବ ପ୍ରାର୍ଥନା ସହିତ ଦିବଂଗତ ପରିବାରକୁ ଆସୋସିଏଶନ ପକ୍ଷରୁ ଗଭୀର ସମବେଦନା ଜ୍ଞାପନ କରାଯାଇଥିଲା। କାର୍ଯ୍ୟକାରୀ ସଭ୍ୟ ଗିରିଜା ଦାସ, ପ୍ରଦୀପ ଦାସ, ଚିତ୍ତରଞ୍ଜନ ପାତ୍ର ଓ ମହେଶ୍ୱର ସିଂ ଉପସ୍ଥିତ ରହି ଦାସଙ୍କ ସ୍ମୃତିଚାରଣ କରିଥିଲେ।

## ଫ୍ରେଞ୍ଚ୍ ଓପନ କ୍ୱାଲିଫାୟରରୁ ଅଙ୍କିତା ଆଉଟ୍

**ପ୍ୟାରିସ୍,୨୪।୯(ପି.ଟି.):** ଭାରତୀୟ ମହିଳା ଟେନିସ୍ ତାରକା ଅଙ୍କିତା ରାଇନା ଫ୍ରେଞ୍ଚ୍ ଓପନ୍ କ୍ୱାଲିଫାୟର ଟୁର୍ନାମେଣ୍ଟରୁ ବାଦ୍ ପଡିଛନ୍ତି। ସେ ଦ୍ୱିତୀୟ ରାଉଣ୍ଡ ପାର କରିପାରିନାହାନ୍ତି। ଗୁରୁବାର ଅନୁଷ୍ଠିତ ଦ୍ୱିତୀୟ ରାଉଣ୍ଡ ମୁକାବିଲାରେ ଜାପାନର କୁରୁମି ନାରାଙ୍କଠାରୁ ୩-୬, ୨-୬ ସେଟ୍‌ରେ ପରାସ୍ତ ହୋଇଛନ୍ତି। ମାତ୍ର ଏକ ଘଣ୍ଟା ୨୧ ମିନିଟ୍‌ରେ ସେ ପରାଜୟବରଣ କରିଛନ୍ତି। ପରାସ୍ତ ହୋଇଥିଲେ ମଧ୍ୟ ଭଲ ଖେଳିଥିଲେ ବୋଲି ଅଙ୍କିତା କହିଛନ୍ତି। ଏହି କ୍ଲେ କୋର୍ଟ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟର ସିଙ୍ଗଲ୍ସ ମୁଖ୍ୟ ଡ୍ର'ରେ କୌଣସି ଭାରତୀୟ ଅଂଶଗ୍ରହଣ ନ କରିବା ସ୍ପଷ୍ଟ ହୋଇଛି। ପୂର୍ବରୁ ଅନ୍ୟ ଭାରତୀୟ ଖେଳାଳି ସୁମିତ ନାଗାଲ, ରାମକୁମାର ରାମନାଥନ ଓ ପ୍ରଜନେଶ ଗୁଣେଶ୍ୱରନ ପୁରୁଷ ସିଙ୍ଗଲ୍ସ କ୍ୱାଲିଫାୟରରେ ପରାସ୍ତ ହୋଇ ବିଦାୟ ନେଇ ସାରିଛନ୍ତି। ତେବେ ରୋହନ ବୋପାନ୍ନା ଓ ଦିଭିଜ ଶରଣ ପୁରୁଷ ଡବଲ୍ସ ଇଭେଣ୍ଟରେ ସେମାନଙ୍କ ପାର୍ଟନରଙ୍କ ସହ କୋର୍ଟକୁ ଓହ୍ଲାଇବେ।

## ଆଟଲେଟିକୋ ମାଡ୍ରିଡ୍‌ରେ ସୁଆରେଜ୍

ମାଡ୍ରିଡ୍, ୨୪।୯ (ଏପି)

ଫୁଟ୍‌ବଲ ଷ୍ଟାର ଲୁଇସ୍ ସୁଆରେଜ ଶେଷରେ ସ୍ପେନରେ ରହିଲେ। ଉରୁଗୁଏର ଏହି ଷ୍ଟ୍ରାଇକର ୬ ନିୟୁତ ୟୁରୋ (୭ ନିୟୁତ ଡଲାର) ବିନିମୟରେ ବାର୍ସିଲୋନା ଫୁଟ୍‌ବଲ କ୍ଲବରୁ ଆଟଲେଟିକୋ ମାଡ୍ରିଡ୍‌କୁ ବଦଳି ହୋଇଛନ୍ତି। ସୁଆରେଜ ବାର୍ସିଲୋନା ସହ ୬ଟି ସଫଳ ସିଜନ ଅତିବାହିତ କରିଛନ୍ତି। କାଟାଲାନର ଏହି କ୍ଲବ ସହ ସେ ୧୩ ଟାଇଟଲ ଜିତିଛନ୍ତି। ବାର୍ସିଲୋନାରେ ଥିବାବେଳେ ସେ ସେସାର ରୋଡ୍ରିଗୁଏଜ୍ (୨୩୨) ଏବଂ ଲିଓନେଲ ମେସି (୬୩୪)ଙ୍କ ପଛକୁ ୧୯୮ ଗୋଲ ସହ ତୃତୀୟ ସର୍ବାଧିକ ଗୋଲ ସ୍କୋର ବିବେଚିତ ହୋଇଥିଲେ। ଅଗଷ୍ଟରେ ଚାମ୍ପିୟନ୍ସ ଲିଗ୍‌ର ଏକ କ୍ୱାର୍ଟରଫାଇନାଲ ମ୍ୟାଚରେ ବେୟର୍ନ ମ୍ୟୁନିକ୍ ନିକଟରୁ ୮-୨ରେ ଲଜ୍ଜାଜନକ ପରାଜୟ ପରେ ବାର୍ସିଲୋନାର ନୂଆ କୋଚ୍ ରୋନାଲ୍ଡ କୋମ୍ୟାନ ଦଳର ପୁନର୍ଗଠନ ନିଷ୍ପତ୍ତି ନେଇଛନ୍ତି। ସେ ତାଙ୍କ ଯୋଜନାରେ ୩୩ବର୍ଷୀୟ ସୁଆରେଜଙ୍କୁ ରଖି ନ ଥିବା ସୂଚନା ପାଇବା ପରେ ଉରୁଗୁଏ ଷ୍ଟ୍ରାଇକର ନୂଆ କ୍ଲବ ସନ୍ଧାନରେ ଥିଲେ। ଦଳରେ ତାଙ୍କର ଆବଶ୍ୟକତା ନାହିଁ ବୋଲି ଜାଣିବା ପରେ ମିଡ୍‌ଫିଲ୍ଡର ଇଭାନ ରାକିଟିକ୍ ବାର୍ସିଲୋନା ଛାଡ଼ି ସେଭିଲାରେ ଯୋଗ ଦେଇସାରିଛନ୍ତି। ଡିଫେଣ୍ଡର ସାମୁଏଲ ଅମ୍‌ଟିଟି ମଧ୍ୟ ଅନ୍ୟତ୍ର ପଳାଇବା ଲାଗି ଯୋଜନା ଚଳାଇଛନ୍ତି। ମେସି ହେଉଛନ୍ତି ସୁଆରେଜ୍‌ଙ୍କ ଦୀର୍ଘକାଳୀନ ସାଥୀ ଏବଂ ଟିମ୍‌ମେଟ। ସେ ଫ୍ରି ଟ୍ରାନ୍ସଫର ଚାହୁଁଥିଲେ। ମାତ୍ର କ୍ଲବ ତାଙ୍କ ଅନୁରୋଧ ରକ୍ଷା କରି ନ ଥିଲା।



ଲୁଇସ୍ ସୁଆରେଜ

## ଜୋନ୍ସଙ୍କ ବିୟୋଗରେ କ୍ରିକେଟ ମହଲରେ ଶୋକ

ନୂଆଦିଲ୍ଲୀ, ୨୪।୯(ପି.ଟି.)

ଅଷ୍ଟ୍ରେଲିଆର ପୂର୍ବତନ କ୍ରିକେଟର ଡିନ୍ ଜୋନ୍ସଙ୍କ ମୃତ୍ୟୁରେ କ୍ରିକେଟ ମହଲରେ ଶୋକର ଛାୟା ଖେଳି ଯାଇଛି। ଇଣ୍ଡିଆନ ପ୍ରିମିୟର ଲିଗ୍‌ରେ ଷ୍ଟାର ସ୍ପୋର୍ଟ୍ସ ଭାଷ୍ୟକାର ପ୍ୟାନେଲର ସଦସ୍ୟଭାବେ ମୁମ୍ବାଇରେ ଥିବାବେଳେ ୫୯ ବର୍ଷୀୟ ଜୋନ୍ସଙ୍କର ହୃଦ୍‌ଘାତରେ ପରଲୋକ ଘଟିଛି। ଏକ ଭଲ ବ୍ୟକ୍ତିଙ୍କର ଅଚାନକ ପରଲୋକ ଘଟିଲା। ମୁଁ ପ୍ରଥମଥର ପାଇଁ ଅଷ୍ଟ୍ରେଲିଆ ଗସ୍ତରେ ଯିବାବେଳେ ତାଙ୍କ ବିପକ୍ଷରେ ଖେଳିବା ସୁଯୋଗ ପାଇଥିଲି। ତାଙ୍କ ଆତ୍ମାର ସଦ୍‌ଗତି ହେଉ ଏବଂ ତାଙ୍କୁ ଭଲପାଉଥିବା ବ୍ୟକ୍ତିଙ୍କ ପ୍ରତି ମୋର ସମବେଦନା'' ବୋଲି ଭାରତୀୟ କ୍ରିକେଟ ଲିଜେଣ୍ଡ ସଚିନ ତେନ୍ଦୁଲକର ଟୁଇଟ୍ କରିଛନ୍ତି। ଟିମ୍ ଇଣ୍ଡିଆ ଅଧିନାୟକ ବିରାଟ କୋହଲି ମଧ୍ୟ ଶୋକବ୍ୟକ୍ତ କରିଛନ୍ତି। ଜୋନ୍ସଙ୍କ ଆକସ୍ମିକ ମୃତ୍ୟୁ ଖବର ଶୁଣି ମୁଁ ଗଭୀର ମର୍ମାହତ, ତାଙ୍କ ପରିବାର ଓ ବନ୍ଧୁବର୍ଗଙ୍କୁ ଶକ୍ତି ଓ ସାହସ ପାଇଁ ପ୍ରାର୍ଥନା କରୁଛି ବୋଲି କୋହଲି ଲେଖିଛନ୍ତି। ଭାରତୀୟ କ୍ରିକେଟ ଦଳର ମୁଖ୍ୟ କୋଚ୍ ରବି ଶାସ୍ତ୍ରୀ, ପୂର୍ବତନ ଓପନର ବୀରେନ୍ଦ୍ର ସେହ୍ୱାଗ, ଆଇପିଏଲ ଖେଳୁଥିବା ଅଷ୍ଟ୍ରେଲିଆ ଖେଳାଳିମାନେ ମଧ୍ୟ ଶୋକ ପ୍ରକାଶ କରିଛନ୍ତି। ''ମୁଁ ଏହାକୁ ବିଶ୍ୱାସ କରି ପାରୁନାହିଁ। ତାଙ୍କ ପରଲୋକରେ ମୁଁ ଅତ୍ୟନ୍ତ ଦୁଃଖିତ। ତାଙ୍କ ଅଭାବ ଅନୁଭୂତ ହେବ'' ବୋଲି ସମ୍ପ୍ରତି ସନ୍‌ରାଇଜର୍ସ ହାଇଦ୍ରାବାଦ ଦଳର ନେତୃତ୍ୱ ନେଉଥିବା ଡେଭିଡ ୱାର୍ନର ପ୍ରକାଶ କରିଛନ୍ତି। ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ପକ୍ଷରୁ ଖେଳୁଥିବା ଅଷ୍ଟ୍ରେଲିଆର ସୀମିତ ଓଭର କ୍ରିକେଟ ଅଧିନାୟକ ଆରୋନ ଫିଞ୍ଚ୍ ଲେଖିଛନ୍ତି ଯେ, ଜୋନ୍ସଙ୍କ ମୃତ୍ୟୁରେ ମୁଁ ଅତ୍ୟନ୍ତ ଦୁଃଖିତ। କ୍ରିକେଟକୁ ଅତ୍ୟନ୍ତ ଭଲ ପାଉଥିବା ଜଣେ ସୁନ୍ଦର ବ୍ୟକ୍ତିତ୍ୱ। ତାଙ୍କ ପରିବାର ପାଇଁ ଏହା ଅତ୍ୟନ୍ତ କଷ୍ଟ ସମୟ। ବିଶ୍ୱକପ ବିଜୟୀ ଅଷ୍ଟ୍ରେଲୀୟ ଅଧିନାୟକ ମାଇକେଲ କ୍ଲାର୍କ ମଧ୍ୟ ଶୋକବ୍ୟକ୍ତ କରିଛନ୍ତି। ''ପ୍ରକାଶ କରିବାକୁ ଭାଷା ନାହିଁ। ଅତ୍ୟନ୍ତ ଦୁଃଖଦାୟକ। ଗ୍ରେଟ୍ ମ୍ୟାନଙ୍କୁ ଶ୍ରଦ୍ଧାଞ୍ଜଳି'' ବୋଲି କ୍ଲାର୍କ ଟୁଇଟ୍ କରିଛନ୍ତି।

## ସଂକ୍ଷେପରେ

### ଖୋର୍ଦ୍ଧା ଗ୍ରାମାଞ୍ଚଳରେ ୧୩୨ ପଜିଟିଭ୍

ଖୋର୍ଦ୍ଧା ଅଫିସ,୨୪।୯: ଖୋର୍ଦ୍ଧା ଗ୍ରାମାଞ୍ଚଳରେ ଦିନକୁ ଦିନ କରୋନା ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଗୁରୁବାର ୧୩୨ଜଣ ପଜିଟିଭ୍ ଚିହ୍ନଟ ହୋଇଥିବା ବେଳେ ୨୫୩ଜଣ ସୁସ୍ଥ ହୋଇଛନ୍ତି। ପଜିଟିଭ୍‌ଙ୍କ ମଧ୍ୟରେ ବାଲିଅନ୍ତା ୧୫, ବାଲିପାଟଣା ୭, ଭୁବନେଶ୍ୱର ବ୍ଲକ ୧୯, ଜଟଣୀ ୧୩, ଖୋର୍ଦ୍ଧା ବ୍ଲକ ୨୧, ବେଗୁନିଆ ୧୫, ବୋଲଗଡ଼ ୭, ଟାଙ୍ଗୀ ୧୩, ଚିଲିକା ୧୦ ଓ ବାଣପୁରର ୧୨ଜଣ ରହିଛନ୍ତି। ଗୁରୁବାର ସୁଦ୍ଧା ଖୋର୍ଦ୍ଧା ଗ୍ରାମାଞ୍ଚଳରେ ମୋଟ୍ ୯୨୨୪ ଆକ୍ରାନ୍ତ ହୋଇଛନ୍ତି। ୮୦୮୦ଜଣ ସୁସ୍ଥ ହୋଇଥିବା ବେଳେ ୧୧୦୫ଜଣ ସକ୍ରିୟ ରହିଛନ୍ତି। ୩୯ଜଣଙ୍କ ମୃତ୍ୟୁ ଘଟିଛି ଜିଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

### ଜାତୀୟ ସେବା ଯୋଜନା ଦିବସ ପାଳିତ

ପୁରୀ ଅଫିସ,୨୪।୯: ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟ ପକ୍ଷରୁ ଗୁଗଲ୍ ମିଟ୍ ମାଧ୍ୟମରେ ୫୨ତମ ଜାତୀୟ ସେବା ଯୋଜନା ଦିବସ ପାଳିତ ହୋଇଯାଇଛି। ଅଧକ୍ଷା ଡ. ସୁଜାତା ମିଶ୍ର ଏହାକୁ ଉଦ୍‌ଘାଟନ କରି ସ୍ୱେଚ୍ଛାସେବୀମାନଙ୍କୁ କୋଭିଡ୍ ଯୋଦ୍ଧା ରୂପେ ଅଭିହିତ କରି ଜନସଚେତନତା ସୃଷ୍ଟି ନିମନ୍ତେ ପରାମର୍ଶ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ଡ. ଉମେଶ ଚନ୍ଦ୍ର ଚିନ୍ନରା ଯୋଗଦେଇ କଲେଜ ଜୀବନ ପରେ ଏନ୍‌ଏସ୍‌ଏସ୍ ଭଲ୍ୟୁଣ୍ଟର୍ସଙ୍କ ଜୀବନ ବିଷୟରେ ସରଳ ଉଦାହରଣ ମାଧ୍ୟମରେ ଦିଗ୍‌ଦର୍ଶନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ୭୦ଜଣ ସ୍ୱେଚ୍ଛାସେବୀ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ଅଧିକାରୀ ଡ. ଅଶୋକ ସିଂ ଏବଂ ଡ. ଶାରଦା ସାମନ୍ତରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଶିଶୁ ସାହିତ୍ୟିକ ନଦିଆ ବିହାରୀଙ୍କ ସ୍ମୃତି ସଭା

ବାଲିପାଟଣା,୨୪।୯(ଡି.ଏନ୍.ଏ.): ବିଶିଷ୍ଟ ଶିଶୁ ସାହିତ୍ୟିକ ନଦିଆ ବିହାରୀ ମହାନ୍ତିଙ୍କ ସ୍ମୃତି ସଭା ଗୁରୁବାର ଶିଶୁଅନନ୍ତ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଉତ୍କଳ ପ୍ରଦୀପର ରଚୟିତା ବୀରେନ୍ଦ୍ର ସାମନ୍ତରାୟଙ୍କ ସଭାପତିତ୍ୱରେ ଶିଶୁ ସାହିତ୍ୟିକା ତନୟା ଦାସ ଗୋସ୍ୱାମୀ, ବାଲିପାଟଣା ପ୍ରେସ କ୍ଲବ ସଭାପତି ଦିଲୀପ ଓଝା, କବି ଭଗବାନ ସାହୁ, ସାମ୍ବାଦିକ ରମେଶ ଚନ୍ଦ୍ର ରଥ ଓ କଣ୍ଠଶିଳ୍ପୀ ମାଷ୍ଟର ରବି କୁମାର ପ୍ରମୁଖ ଯୋଗଦେଇ ନଦିଆ ବିହାରୀଙ୍କ ବହୁବିଧ ପ୍ରତିଭା ଓ ବାଲିପାଟଣା ଶିଶୁ ମଠ ସାହିରେ ପ୍ରତିଷ୍ଠିତ ଶିଶୁ ସଂସାର ସମିତି ଗଠନ କରି ସେ ସମୟରେ କରାଯାଇଥିବା ସମାଜ ସେବା ଉପରେ ଆଲୋକପାତ କରିଥିଲେ। ଏହା ସହ ତାଙ୍କ ଆତ୍ମାର ସଦ୍‌ଗତି କାମନା କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

### ସରକାରୀ କ୍ୱାର୍ଟର୍ସ ପାଖରେ ଅସାମାଜିକଙ୍କ ଭିଡ଼

ପୁରୀ ଅଫିସ,୨୪।୯: ସରକାରୀ ଜାଗାକୁ ଜବରଦଖଲ କରି ଘର ନିର୍ମାଣ କରାଯାଇଛି। ସେହି ଘର ନିକଟରେ ଅସାମାଜିକ ବ୍ୟକ୍ତି ଚଳପ୍ରଚଳ କରୁଛନ୍ତି। ଫଳରେ ଅସୁରକ୍ଷିତ ମଣୁଛନ୍ତି ଜିଲାପାଳଙ୍କ କାର୍ଯ୍ୟାଳୟର କେତେକ ସରକାରୀ କର୍ମଚାରୀ। ତେଣୁ ସେମାନେ ଏ ସମ୍ପର୍କରେ ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ସେମାନେ ଅନୁରୋଧ ପତ୍ରରେ ଦର୍ଶାଇଛନ୍ତି ଯେ, ରାମକୃଷ୍ଣ ମିଶନ ନିକଟ ପିଡବ୍ଲ୍ୟୁଡି ସରକାରୀ କ୍ୱାର୍ଟର୍ସରେ ସେମାନେ ଦୀର୍ଘଦିନ ହେବ ରହିଆସୁଛନ୍ତି। ଏଠାରେ ଥିବା ଖାଲି ଜାଗାକୁ କେତେଜଣ ଅସାମାଜିକ ବ୍ୟକ୍ତି ଜବରଦଖଲ କରି ଘର ନିର୍ମାଣ କରିଛନ୍ତି। ଅନେକ ସମୟରେ ଏହି ଘର ନିକଟରେ ଅସାମାଜିକ ବ୍ୟକ୍ତି ଚଳପ୍ରଚଳ କରୁଛନ୍ତି। ଏହାଦ୍ୱାରା ମହିଳା ଓ ପିଲାଛୁଆଙ୍କୁ ନେଇ ରହିବା ନିରାପଦ ହେଉନାହିଁ। ଏ ନେଇ ପୂର୍ବରୁ ସମ୍ପୃକ୍ତ ସରକାରୀ କର୍ମଚାରୀମାନେ ପୂର୍ତ୍ତ ବିଭାଗକୁ ଏକାଧିକ ଥର ଜଣାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉ ନାହିଁ। ତେଣୁ ଏ ଦିଗରେ ବିହୀତ ପଦକ୍ଷେପ ଗ୍ରହଣ କରିବାକୁ ସେମାନେ ଜିଲାପାଳଙ୍କୁ ଅନୁରୋଧ କରିଛନ୍ତି।

# ମଲ୍ଟିମୋଡାଲ ରେଳ ଷ୍ଟେଶନ ପ୍ରକଳ୍ପକୁ ପୂରିଲା ବର୍ଷେ

- ଏନ୍‌ଓସି ମିଳିବା ସତ୍ତ୍ୱେ ଆରମ୍ଭ ହୋଇନି କାର୍ଯ୍ୟ
- ହୋଇପାରୁନି ମନ୍ଦିର ଉଚ୍ଛେଦ, ରହିଛି ସ୍ଥଗିତାଦେଶ

ଭୁବନେଶ୍ୱର,୨୪।୯(ବ୍ୟୁରୋ)

ଦେଶର ପ୍ରଥମ ମଲ୍ଟି ମୋଡାଲ ହବ୍ (ବହୁମୁଖୀ ପରିବହନ କେନ୍ଦ୍ର) ହେବ ଭୁବନେଶ୍ୱର ରେଳ ଷ୍ଟେଶନ। ଯାତ୍ରୀଙ୍କୁ ବିମାନବନ୍ଦର ଅପେକ୍ଷା ଅଧିକ ସୁବିଧା ମିଳିବ। ଷ୍ଟେଶନକୁ ସମ୍ପୂର୍ଣ୍ଣ ବିଶ୍ୱସ୍ତରୀୟ କରାଯିବ। ଏହି ଘୋଷଣା ଗତ ବର୍ଷ ଏହି ସେପ୍ଟେମ୍ବର ୧୯ ତାରିଖ ଦିନ ରାଜ୍ୟ ସରକାରଙ୍କ ପକ୍ଷରୁ କରାଯାଇଥିବାବେଳେ ଇତିମଧ୍ୟରେ ବର୍ଷେ ଅତିକ୍ରମ କରିଛି। ହେଲେଏ ଯାବତ୍ ରେଳଷ୍ଟେଶନ ପାଇଁ ଇଟା ଖଣ୍ଡେ ବି ଅନୁକୂଳ ହୋଇନାହିଁ। ନିର୍ମାଣଜନିତ ସମସ୍ତ ସମସ୍ୟା ଏବେ ଦୂର ହୋଇଥିବାବେଳେ ଗତ କିଛିଦିନ ତଳେ ଭାରତୀୟ ବିମାନ ବନ୍ଦର କର୍ତ୍ତୃପକ୍ଷ (ଏଏଆଇ) ପକ୍ଷରୁ ମଧ୍ୟ ୮୦ ମିଟର ଉଚ୍ଚ ଅଟ୍ଟାଳିକା କରିବା ପାଇଁ ଏନ୍‌ଓସି ମିଳିଛି। ଏହାପରେ ଟେଣ୍ଡର ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ବିଡିଏ କର୍ତ୍ତୃପକ୍ଷଙ୍କ ମଧ୍ୟରେ ଆନ୍ତରିକତା ଆସୁ ନ ଥିବା ନଜରକୁ ଆସିଛି।

ବିଡିଏର ଜଣେ ଅଧିକାରୀଙ୍କ କହିବା ଅନୁଯାୟୀ, ଭୁବନେଶ୍ୱର ରେଳ ଷ୍ଟେଶନ ନିକଟରେ ଥିବା ମନ୍ଦିରଗୁଡ଼ିକ ଉଚ୍ଛେଦ ହୋଇପାରୁ ନ ଥିବାରୁ ଷ୍ଟେଶନର ଅଧିକାଂଶ କାର୍ଯ୍ୟ ଅଟକି ରହିଛି। ମନ୍ଦିର ଟ୍ରଷ୍ଟ ପକ୍ଷରୁ ହାଇକୋର୍ଟରୁ ଉଚ୍ଛେଦ ନ କରିବା ପାଇଁ ସ୍ଥଗିତାଦେଶ ଅଣାଯାଇଛି। ମନ୍ଦିରଗୁଡ଼ିକ ସାଧାରଣ ପ୍ରଶାସନ ବିଭାଗ (ଜିଏ) ଅଧୀନରେ ଥିବାବେଳେ ଏ ନେଇ ବିଭାଗୀୟ କର୍ତ୍ତୃପକ୍ଷ ଅନୁମତି ଦେଲେ ବିଡିଏ ପକ୍ଷରୁ ଉଚ୍ଛେଦ କାର୍ଯ୍ୟ କରାଯିବ। ଏହାଛଡ଼ା ଯଦି ସ୍ମାର୍ଟସିଟି କର୍ତ୍ତୃପକ୍ଷ ହାଇକୋର୍ଟଙ୍କୁ ଏ ନେଇ ଲିଖିତ ଆକାରରେ ଅଭିଯୋଗ କରନ୍ତେ ତେବେ ଉଚ୍ଛେଦ ହେବ। ହେଲେ ଏଥିପ୍ରତି ଏବେ କେହି ଦୃଷ୍ଟି ଦେଉ ନାହାନ୍ତି। ବିଡିଏ କାର୍ଯ୍ୟାଳୟରେ କରୋନା ପଜିଟିଭ୍ ଚିହ୍ନଟ ପରେ ଅଧିକାଂଶ ବିକାଶ କାର୍ଯ୍ୟ ପ୍ରଭାବିତ ହୋଇଛି ବୋଲି ସେ କହିଛନ୍ତି। ଏ ନେଇ ବିଏମ୍‌ସି କମିଶନର ତଥା ବିଡିଏ ଉପାଧ୍ୟକ୍ଷ ପ୍ରେମଚନ୍ଦ୍ର ଚୌଧାରୀ କହିଛନ୍ତି, ପ୍ରଶାସନର ବହୁ କର୍ମଚାରୀ ଏବେ କରୋନା ମୁକାବିଲାରେ ବ୍ୟସ୍ତ ଅଛନ୍ତି। ଏହାସତ୍ତ୍ୱେ ମଧ୍ୟ ମଲ୍ଟି ମୋଡାଲ ହବ୍ ରେଳ ଷ୍ଟେଶନ ପାଇଁ ଚୂଡ଼ାନ୍ତ ହୋଇଥିବା ୮୦ ମିଟର ଉଚ୍ଚ ବିଲ୍ଡିଂ ପାଇଁ ଏନ୍‌ଓସି ଆଣିବାରେ ସଫଳତା ମିଳିଛି। ଆଗକୁ ଏହାର କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବା ସହ ବାକିଥିବା କାର୍ଯ୍ୟକୁ ଶୀଘ୍ର ସାରି ଟେଣ୍ଡର ପ୍ରକ୍ରିୟା ଆରମ୍ଭ କରାଯିବ ବୋଲି ସେ କହିଛନ୍ତି। ଉଲ୍ଲେଖଯୋଗ୍ୟ, ଭୁବନେଶ୍ୱରରେ ମଲ୍ଟି ମୋଡାଲ ରେଳ ଷ୍ଟେଶନ ନିର୍ମାଣ ପାଇଁ ରାଜ୍ୟ ସରକାର ଓ ରେଳ କର୍ତ୍ତୃପକ୍ଷଙ୍କ ମଧ୍ୟରେ ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଥିବାବେଳେ ସ୍ମାର୍ଟସିଟି ମିଶନରେ ଏହାର ନିର୍ମାଣ କାର୍ଯ୍ୟ କରାଯିବ। ନିର୍ମାଣ କାର୍ଯ୍ୟରେ ୩ ଭାଗରେ ମୋଟ୍ ୯୭୦ କୋଟି ଟଙ୍କା ଖର୍ଚ୍ଚ ହେବାକୁ ଥିବାବେଳେ ତଳ ୩ ମହଲା ରେଲୱେର ଓ ଉପର ୩ ମହଲା ବିଡିଏ ଦାୟିତ୍ୱରେ ରହିବ।



ବହୁମୁଖୀ ପରିବହନ


ପୁରୀ ବେଳାଭୂମିରେ ଗୁରୁବାର ଲୋକଙ୍କ ଭିଡ଼।

## ବିଭିନ୍ନ ଦାବିରେ ଏସ୍‌ୟୁସିଆଇ (ସି)ର ବିକ୍ଷୋଭ

କଟକ ଅଫିସ, ୨୪।୯

ଚାଷୀ ବିରୋଧୀ ଆଇନ, ଶ୍ରମ ଆଇନ ସଂଶୋଧନ, ଦରବୃଦ୍ଧି, ବିଜୁଳି ଶୁଳ୍କ ବୃଦ୍ଧି, ସମସ୍ତ ରାଷ୍ଟ୍ରାୟତ୍ତ ସମ୍ପତ୍ତିକୁ ପୁଞ୍ଜିପତିଙ୍କ ହାତକୁ ଟେକିଦେବା, ଜାତୀୟ ଶିକ୍ଷା ନୀତି ୨୦୨୦ ଏବଂ ବିଶ୍ୱବିଦ୍ୟାଳୟ ସ୍ୱାୟତ୍ତତା ସଂଶୋଧନ ଅଧ୍ୟାଦେଶ ଆଦି ବିରୋଧରେ ଏସ୍‌ୟୁସିଆଇ(ସି) ଆନ୍ଦୋଳନ ଚଳାଇଛି। ଏ ନେଇ ଗୁରୁବାର ଦଳର କଟକ ଜିଲା ଶାଖା ପକ୍ଷରୁ ଜିଲାପାଳଙ୍କ ଅଫିସ ସମ୍ମୁଖରେ ଗଣବିକ୍ଷୋଭ କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୧ ଦଫା ସମ୍ବଳିତ ଏକ ସ୍ମାରକପତ୍ର ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କୁ ପ୍ରଦାନ କରାଯାଇଛି। କୃଷି ବିଲ୍ ବାତିଲ କରିବା, ଚାଷୀଙ୍କୁ ସମସ୍ତ ଋଣ ଛାଡ଼, ଦରଦାମ ବୃଦ୍ଧି ରୋକିବା, ବିଜୁଳି ଶୁଳ୍କ ବୃଦ୍ଧି ପ୍ରତ୍ୟାହାର ପାଇଁ ଦାବି କରାଯାଇଛି। ସଙ୍ଗଠନର ଜିଲା କମିଟି ସଭ୍ୟ ଖଗେଶ୍ୱର ସେଠୀ, ବସନ୍ତ ନାୟକ, ରାଜକିଶୋର ମଲ୍ଲିକ, ସିଦ୍ଧାର୍ଥ ରଥ, ଭାଗ୍ୟରବି ଦାସ, ଦୀପକ ଦାସ, ସସ୍ମିତା ମହାନ୍ତି, ତରୁଣସେନ ନାୟକ ବିକ୍ଷୋଭର ନେତୃତ୍ୱ ନେଇଥିଲେ।



କଟକ ତାଳଦଣ୍ଡା କେନାଲ ରୋଡ୍ ସମ୍ପ୍ରସାରଣ ଓ ସୌନ୍ଦର୍ଯ୍ୟକରଣରେ ସ୍ଥାନ ପାଇଥିବା ସ୍ୱାଗତ କଳାକୃତି।

## ‘ଉନ୍ନୟନ କାର୍ଯ୍ୟ ପାଇଁ ଅଲ୍ଲୀ ସ୍ମରଣୀୟ ରହିବେ’

କଟକ ଅଫିସ,୨୪।୯

କଂଗ୍ରେସ ନେତା ତଥା ପୂର୍ବତନ ମନ୍ତ୍ରୀ ସେକ୍ ମତଲୁବ ଅଲ୍ଲୀଙ୍କ ପରଲୋକରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି। କଟକ-ବାରବାଟୀ ବିଧାୟକ ଇଂ. ମହମ୍ମଦ ମୋକିମ କହିଛନ୍ତି, ଅଲ୍ଲୀ ଜଣେ ଦୃଢ଼ମନା ରାଜନେତା, ସାହିତ୍ୟ ସାଧକ ଥିଲେ। ମନ୍ତ୍ରୀ ଭାବେ ସେ ବହୁ ସଂସ୍କାର ଓ ଉନ୍ନତିମୂଳକ କାର୍ଯ୍ୟ କରିଥିଲେ। ନିଜ ଅଞ୍ଚଳ ମାହାଙ୍ଗାର ସର୍ବାଙ୍ଗୀନ ଉନ୍ନତି ପାଇଁ ସେ ବିଭିନ୍ନ ପଦକ୍ଷେପ ନେଇଥିଲେ। ତାଙ୍କ ବିୟୋଗରେ ଓଡ଼ିଶା ଜଣେ ପ୍ରବୀଣ ରାଜନୀତିଜ୍ଞଙ୍କୁ ହରାଇବା ସହିତ କଂଗ୍ରେସ ଦଳର ଅପୂରଣୀୟ କ୍ଷତି ଘଟିଲା। ସେହିପରି କଟକ ଜିଲା ଭାଜପା ସଭାପତି ପ୍ରକାଶ ଚନ୍ଦ୍ର ବେହେରା କହିଛନ୍ତି, ମାହାଙ୍ଗା ଅଞ୍ଚଳରେ କରିଯାଇଥିବା ଉନ୍ନତିମୂଳକ କାର୍ଯ୍ୟ ପାଇଁ ଅଲ୍ଲୀ ସ୍ମରଣୀୟ ହୋଇ ରହିବେ। କେନ୍ଦ୍ର ସାହିତ୍ୟ ଏକାଡେମୀର ଓଡ଼ିଆ ଆବାହକ ଡ. ବିଜୟାନନ୍ଦ ସିଂହ କହିଛନ୍ତି, ଅଲ୍ଲୀ ଓଡ଼ିଶାରେ ପ୍ରଥମ ଥର ପାଇଁ ପର୍ଯ୍ୟଟକ ମାନଚିତ୍ର ପ୍ରଚଳନ କରିଥିଲେ। ସେ ଅନେକ ପୁସ୍ତକ ଲେଖିଥିଲେ। ତାଙ୍କ ଦ୍ୱାରା ରଚିତ କବି ବୈଷ୍ଣବ ପାଣିଙ୍କ ଆତ୍ମଜୀବନୀ ‘ପାଣି କବିଙ୍କ ଆତ୍ମକାହାଣୀ’ ବେଶ୍ ଲୋକପ୍ରିୟ ହୋଇଥିଲା। ତାଙ୍କ ବିୟୋଗରେ ସାହିତ୍ୟ ଜଗତ ଜଣେ ନିଷ୍ଠାପର ସାଧକ ଓ ସଂସ୍କୃତି ସମ୍ପନ୍ନ ବ୍ୟକ୍ତିଙ୍କୁ ହରାଇଲା।

# ସାଇବର ଠକଙ୍କ ହାତରେ ବ୍ୟାଙ୍କ୍ ଜମାକାରୀଙ୍କ ତଥ୍ୟ

ଭୁବନେଶ୍ୱର,୨୪।୯ (ବ୍ୟୁରୋ)

କରୋନା ପାଇଁ ଅନ୍‌ଲାଇନ୍ କାରବାର ବୃଦ୍ଧି ପାଇଥିବାବେଳେ ଏହାର ସୁଯୋଗ ନେଇ ସାଇବର ଅପରାଧୀମାନେ ବେଶ୍ ସକ୍ରିୟ ହୋଇଉଠିଛନ୍ତି। ସବୁଠାରୁ ସମ୍ବେଦନଶୀଳ ପ୍ରସଙ୍ଗ ହେଲା, ଏମାନେ ବ୍ୟାଙ୍କ୍ ଜମାକାରୀଙ୍କ ତଥ୍ୟ ନେଇ ଠକେଇ କରୁଛନ୍ତି। ଏବେ ଆଉଜଣେ ଜମାକାରୀଙ୍କ ଆକାଉଣ୍ଟରୁ ୭୦ ହଜାର ଟଙ୍କା ଠକି ନେଇଛନ୍ତି। ଠକେଇର ଶିକାର ହୋଇଥିବା ଖଣ୍ଡଗିରି ଜାଗମରା ଦିଲୀପ କୁମାର ମହାପାତ୍ର ଖଣ୍ଡଗିରି ଥାନାରେ ଅଭିଯୋଗ କରିଛନ୍ତି।

ଦିଲୀପଙ୍କର ଏକ ଘରୋଇ ବ୍ୟାଙ୍କ୍‌ର କ୍ରେଡିଟ୍ କାର୍ଡ ରହିଛି। ଅକ୍ଟୋବର ୧ରେ ସେ ଉକ୍ତ କ୍ରେଡିଟ୍ କାର୍ଡରୁ କିଛି ପେମେଣ୍ଟ କରିବାର ଥିଲା। ଦୁଇଦିନ ତଳେ ତାଙ୍କୁ ଜଣେ ମହିଳା ଫୋନ୍ କରି ଉକ୍ତ

### ୭୦ ହଜାର ଠକିନେଲେ

ଘରୋଇ ବ୍ୟାଙ୍କ୍‌ର କର୍ମଚାରୀ ପରିଚୟ ଦେଇ ପେମେଣ୍ଟ କଥା ପଚାରିବା ସହ ତାଙ୍କ କ୍ରେଡିଟ୍ କାର୍ଡ ୨୮୬୮୦ କ୍ରେଡିଟ୍ ପଏଣ୍ଟ ବୋନ୍‌ସ ପାଇଥିବା କହିଥିଲେ। ତେବେ ବୋନସ ପଏଣ୍ଟ ନେଲେ ତାହା ପେମେଣ୍ଟରୁ କଟିଯିବ ବୋଲି ଜଣାଇ ଓଟିପି ସହ କିଛି ତଥ୍ୟ ମାଗିନେଇଥିଲେ। ଏହାପରେ ପ୍ରଥମେ ୨୮ ହଜାର ୬୮୦ ଟଙ୍କା ପରେ ୩ଟି କିସ୍ତିରେ ପ୍ରାୟ ୭୦ ହଜାର ଟଙ୍କା ତାଙ୍କ କ୍ରେଡିଟ ଆକାଉଣ୍ଟରୁ କଟିଯାଇଥିଲା। ଏ ସଂକ୍ରାନ୍ତରେ ଦିଲୀପ ବ୍ୟାଙ୍କ୍‌କୁ ଯାଇ ପଚରାଉଚରା କରିବା ପରେ ଠକେଇର ଶିକାର ହୋଇଥିବା ଜାଣବାକୁ ପାଇଥିଲେ। ତେବେ କଲ୍ କରିଥିବା ବ୍ୟକ୍ତିଜଣକ ତାଙ୍କର ପେମେଣ୍ଟ ବିଷୟରେ ଜାଣିଲେ କେମିତି ବୋଲି ଦିଲୀପ ପ୍ରଶ୍ନ କରିଛନ୍ତି।

## ‘ପରିବାର ପିଛା ୧୫ହଜାର ସହାୟତା ଦିଅ’


କଟକ ଅଫିସ,୨୪।୯

ରାଜ୍ୟ ସରକାର ଲକ୍‌ଡାଉନ ଓ ଶଟ୍‌ଡାଉନ ସମୟରେ ପରିବାର ପିଛା ୧୫ହଜାର ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ କରିବାକୁ ଓଡ଼ିଶା ସୁରକ୍ଷା ସେନା ପକ୍ଷରୁ ଦାବି କରାଯାଇଛି। ଏ ନେଇ ସଙ୍ଗଠନ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଦ୍ୱାରା ସୂଚନା ଦିଆଯାଇଛି। ସରକାର କେବଳ ବିପିଏଲ୍ ପରିବାରଙ୍କୁ ଚାଉଳ, ଡାଲି ଦେଇ ଚୁପ ରହିଯାଇଛନ୍ତି। କିନ୍ତୁ ଲକଡାଉନ ବା ଶଟ୍‌ଡାଉନ ହେବ ଯୋଗୁ ସେମାନଙ୍କ ରୋଜଗାର ଯିବା ସହ ପରିବାରରେ ଆର୍ଥିକ ବ୍ୟବସ୍ଥା ଦୁର୍ବଳ ହୋଇପଡ଼ିଛି; ଯାହାକି ପାରିବାରିକ କଳହର କାରଣ ସାଜିଛି ବୋଲି ସେନାର ସାଧାରଣ ସମ୍ପାଦକ ସବ୍ୟସାଚୀ ଶତପଥୀ କହିଛନ୍ତି। ତେଣୁ ବନ୍ଦ ପ୍ରକ୍ରିୟା ଥିବା ପର୍ଯ୍ୟନ୍ତ ସରକାର ସହରରେ ରହୁଥିବା ପରିବାରକୁ ୧୫ହଜାର ଓ ଗ୍ରାମରେ ବାସ କରୁଥିବା ପରିବାରକୁ ୧୦ହଜାର ଟଙ୍କା ଲେଖାଏଁ ପ୍ରୋତ୍ସାହନ ରାଶି ପ୍ରଦାନ କରନ୍ତୁ ବୋଲି ସେନା ପକ୍ଷରୁ ଦାବି କରାଯାଇଛି।

## କୃଷି ବିଲ୍ ବିରୋଧରେ ଏଏପିର ବିକ୍ଷୋଭ

କଟକ ଅଫିସ, ୨୪।୯

କୃଷି ବିଲ୍‌କୁ କଟକ ଜିଲା ଆମ୍ ଆଦ୍‌ମୀ ପାର୍ଟି (ଏଏପି) ବିରୋଧ କରି ଗୁରୁବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛି। ଏଥିସହ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ବିଲ୍‌କୁ ଅନୁମତି ନ ଦେବା ପାଇଁ ରାଷ୍ଟ୍ରପତିଙ୍କୁ ନିବେଦନ କରିବା ସହ ଏହା କୃଷକଙ୍କ ମେରୁଦଣ୍ଡ ଭାଙ୍ଗିଦେବ ଏବଂ ଚାଷୀ ଓ ଖାଉଟି ଦୁର୍ଦ୍ଦିନରେ ପଡ଼ିବେ ବୋଲି ଏଏପି କର୍ମକର୍ତ୍ତା କହିଛନ୍ତି। କୃଷି ବିଲ୍ ବିରୋଧରେ ଶୁକ୍ରବାର ଆହୂତ ଭାରତ ବନ୍ଦ ଡାକରାକୁ ଦଳ ସମର୍ଥନ କରିବ ବୋଲି କୁହାଯାଇଛି। ଏହି ଦାବିପତ୍ର ଉପସ୍ଥାପନ ବେଳେ ରାଜ୍ୟ ମହିଳା ଓ ସଂଖ୍ୟାଲଘୁ ନେତ୍ରୀ ରେଶମା ଖାନମ୍, କଟକ ନଗର ଉପସଭାପତି କ୍ଷୀରେନ୍ଦ୍ର କୁମାର ବେହେରା, କଟକ ସଂଖ୍ୟାଲଘୁ ସମ୍ପାଦକ ଅକିଲୁର ରହେମାନ, କଟକ-ଚୌଦ୍ୱାର ଆବାହକ ପ୍ରଦ୍ୟୁମ୍ନ ଚକ୍ରବର୍ତ୍ତୀ, ୱାର୍ଡ ସଭାପତି ହାକିକୁଦ୍ଦିନ୍ ଖାନ୍, ସମୀର ନାୟକ, ଜ୍ୟୋତି ସେଠୀ, ତୁଳସୀ ଦାସ, ଅବଦୁଲ କୟୁମ୍, ସବିର ଖାନ୍ ପ୍ରମୁଖ ଉପସ୍ଥିତ ଥିଲେ।



## ବାଲୁଗାଁରେ କରୋନା ସଚେତନତା

ଖୋର୍ଦ୍ଧା,୨୪।୯

ଖୋର୍ଦ୍ଧା ଉପଜିଲାପାଳ ଅଶୋକ ବେହୁରିଆ ଗୁରୁବାର ବାଲୁଗାଁ ଏନ୍‌ଏସିରେ କୋଭିଡ୍ ସେବକ ଓ ପ୍ରଶାସନିକ ଅଧିକାରୀ ସହ ଆଲୋଚନା କରିଥିଲେ। କରୋନା ନିୟନ୍ତ୍ରଣ ଦିଗରେ ସକ୍ରିୟ ଭାବେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଏହା ପରେ ସମସ୍ତ ଅଧିକାରୀ, ଉପଜିଲାପାଳ ସହରରେ ବୁଲି ସତର୍କ ରହିବାକୁ ପରାମର୍ଶ ଦେବା ସହ ମାସ୍କ ଓ ସାମାଜିକ ଦୂରତ୍ୱ ରଖି ବ୍ୟବସାୟ କରିବାକୁ କହିଥିଲେ। ଜରିମାନା ଆଦାୟ କରିବା ଆମର ଲକ୍ଷ୍ୟ ନୁହଁ। କରୋନା ମୁକାବିଲା ଦିଗରେ ସଚେତନତା ଏବଂ ସହଭାଗିତା ଲାଗି ଉପଜିଲାପାଳ ବେହୁରିଆ ଗୁରୁତ୍ୱ ଦେଇଥିଲେ।

## ନିଫା ପକ୍ଷରୁ ଚାରାରୋପଣ

ପୁରୀ ଅଫିସ,୨୪।୯

ନ୍ୟାଶନାଲ ଇଣ୍ଟିଗ୍ରେଟେଡ ଫୋରମ୍ ଅଫ୍ ଆର୍ଟିଷ୍ଟ ଆଣ୍ଡ ଆକ୍ଟିଭିଟିଜ (ନିଫା)ର ବିଂଶତମ ପ୍ରତିଷ୍ଠା ଦିବସ ଅବସରରେ ପୁରୀ ଜିଲା ଶାଖା ପକ୍ଷରୁ ଚାରାରୋପଣ କରାଯାଇଛି। ରବିବାର କୁମ୍ଭାରପଡ଼ାସ୍ଥିତ କୁମ୍ଭକାର ମହାସଂଘ କାର୍ଯ୍ୟାଳୟ ପରିସରରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ନିଫାର ପୁରୀ ଜିଲା ସଭାପତି ଶିବନାରାୟଣ ଭଞ୍ଜ, ସମ୍ପାଦକ ଅଜୟ କୁମାର ପଣ୍ଡା, ମହେନ୍ଦ୍ର ବିଶୋଇ, ମନୋରଞ୍ଜନ ତ୍ରିପାଠୀ, ଅଜୟ ସେଠୀ, ଜ୍ୟୋତି ପ୍ରକାଶ ମହାରଣା, ମନୋଜ ମହାନ୍ତି, ଦୀପ୍ତି ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ୨ ଆନ୍ତଃ ଜିଲା ଚୋର ଗିରଫ

କଟକ ଅଫିସ,୨୪।୯

ମଧୁପାଟଣା ଥାନା ପୋଲିସ ଦୁଇ ଆନ୍ତଃ ଜିଲା ଚୋରଙ୍କୁ ଗିରଫ କରିଛି। ଏମାନେ ହେଲେ ଚାଉଳିଆଗଞ୍ଜ ଥାନା ଅନ୍ତର୍ଗତ ଅପର୍ଣ୍ଣାନଗରର ପାଣିକୁଆ ଓରଫ ଦୀପକ ସାହୁ ଏବଂ ପୋତାପୋଖରୀର ମଣି ଓରଫ ସୂର୍ଯ୍ୟମଣି ଦାସ। ଦରଘାପାଟଣାର ସତ୍‌ସଙ୍ଗ ନୋଡାଲ ଉଚ୍ଚ ବିଦ୍ୟାଳୟରୁ ଚୋରି ଘଟଣାରେ ଏମାନଙ୍କୁ ଗିରଫ କରାଯାଇଛି। କେସ୍ ନଂ ୯୭/୨୦, ଆଇପିସିର ୪୫୭/୩୮୦ ଦଫାରେ ଉଭୟଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯାଇଛି। ପୋଲିସ ସୂଚନା ମୁତାବକ, ଗତ ଜୁନ ୧୨ତାରିଖରେ ସ୍କୁଲର ୮ମ ଶ୍ରେଣୀ କକ୍ଷ କବାଟ ଭାଙ୍ଗି ଦୁର୍ବୃତ୍ତ ୪ଟି ସିଲିଂ ଫ୍ୟାନ ଚୋରି କରି ନେଇଥିଲେ। ସ୍କୁଲ କର୍ମଚାରୀ ସୁବ୍ରତ କୁମାର ସାହୁ ଘଟଣା ସଂକ୍ରାନ୍ତରେ ଥାନାରେ ଏତଲା ଦେଇଥିଲେ। ଅଭିଯୁକ୍ତ ମଣିଙ୍କ ନାଁରେ ଖୋର୍ଦ୍ଧା, ଶହୀଦନଗର, ଚାଉଳିଆଗଞ୍ଜ, ବାଦାମବାଡ଼ି ଓ ମଧୁପାଟଣା ଥାନାରେ ପ୍ରାୟ ୧୧ଟି ମାମଲା ରହିଛି। ସେହିପରି ଅଭିଯୁକ୍ତ ପାଣିକୁଆଙ୍କ ନାଁରେ ଚାଉଳିଆଗଞ୍ଜ ଓ ମଧୁପାଟଣା ଥାନାରେ ୭ଟି ମାମଲା ରହିଛି।

# ଘର ଘର ବୁଲି ଦିଆଯାଉଛି କୃମି ଔଷଧ

ଭୁବନେଶ୍ୱର,୨୪।୯(ବ୍ୟୁରୋ)

ବିଦ୍ୟାଳୟ ଛାତ୍ରୀଛାତ୍ର ଏବଂ ୧ରୁ ୧୯ ବର୍ଷର ପ୍ରାକ୍ ବିଦ୍ୟାଳୟ ଶିଶୁଙ୍କୁ କୃମିଜନିତ ରୋଗ ସଂକ୍ରମଣରୁ ସୁରକ୍ଷା ପାଇଁ ରାଜ୍ୟରେ ଏବେ ଦ୍ୱିତୀୟ ପର୍ଯ୍ୟାୟ ଜାତୀୟ କୃମିନାଶ ଦିବସ ପାଳନ କରାଯାଉଛି। ଏହି କାର୍ଯ୍ୟକ୍ରମରେ ୩୦ଟି ଜିଲାରେ ଶିଶୁ ଏବଂ ପିଲାମାନଙ୍କୁ କୃମିନାଶନ ପାଇଁ ଆବଶ୍ୟକ ଔଷଧ ଦିଆଯାଉଛି। ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ ପକ୍ଷରୁ ଅଙ୍ଗନୱାଡ଼ି କର୍ମୀମାନେ ଘର ଘର ବୁଲି ଶିଶୁ ଓ କିଶୋରୀମାନଙ୍କୁ କୃମିନାଶନ(ଡି-ୱର୍ମିଙ୍ଗ) ପାଇଁ ଔଷଧ ଦେଉଛନ୍ତି। କୋଭିଡ୍-୧୯ ପାଇଁ ରାଜ୍ୟରେ ଅଙ୍ଗନୱାଡ଼ି କେନ୍ଦ୍ର ଏବଂ ବିଦ୍ୟାଳୟ ବନ୍ଦ ଥିବାରୁ ଏଭଳି ପଦକ୍ଷେପ ନିଆଯାଇଥିବା ବିଭାଗ କହିଛି।

ଛୋଟ ଶିଶୁ ଏବଂ କିଶୋରୀମାନଙ୍କ ମଧ୍ୟରେ ରକ୍ତହୀନତା ଦୂର କରିବା, ସ୍ୱାସ୍ଥ୍ୟରକ୍ଷା, ପୁଷ୍ଟିସାଧନ, ଶାରୀରିକ ଓ ମାନସିକ ବିକାଶ ଦିଗରେ କୃମିନାଶନ ଏକ ପ୍ରମୁଖ କାର୍ଯ୍ୟକ୍ରମ। ଏହା ମାଧ୍ୟମରେ ୧ରୁ ୩ ବର୍ଷ ବୟସର ଶିଶୁମାନଙ୍କୁ ଆଲ୍‌ବେନ୍‌ଡାଜୋଲ୍ ସସ୍‌ପେନ୍‌ସନ୍ ଏବଂ ୪ରୁ ୧୯ ବର୍ଷ ବୟସର ପିଲାଙ୍କୁ ଆଲ୍‌ବେନ୍‌ଡାଜୋଲ୍ ବଟିକା ଖାଇବାକୁ ଦିଆଯାଉଛି। ସମନ୍ୱିତ ପୁଷ୍ଟିସାଧନ କାର୍ଯ୍ୟକ୍ରମ ଅନ୍ତର୍ଗତ ସେପ୍ଟେମ୍ବରରେ ସାରା ରାଜ୍ୟରେ ଆଇସିଡିଏସ୍ ପ୍ରକଳ୍ପଗୁଡ଼ିକରେ ଜାତୀୟ ପୁଷ୍ଟି ମାସ ପାଳନ କରାଯାଉଛି। ଏହି ଅବସରରେ ମହିଳା ଓ ଶିଶୁମାନଙ୍କ ଉତ୍ତମ ସ୍ୱାସ୍ଥ୍ୟ ଏବଂ ପୁଷ୍ଟିସାଧନ ପାଇଁ ପୁଷ୍ଟିକର ଖାଦ୍ୟର ଆବଶ୍ୟକତା ଉପରେ ବ୍ୟାପକ ସଚେତନତା ସୃଷ୍ଟି କରାଯାଉଛି। ସନ୍ତୁଳିତ ଖାଦ୍ୟ ପାଇଁ ସବୁଜ ପନିପରିବା, ଶାଗ, ଅଣ୍ଡା, କ୍ଷୀର, ଡାଲିଜାତୀୟ ଶସ୍ୟ ଶରୀର ଆବଶ୍ୟକତା ଅନୁସାରେ ଉପଯୁକ୍ତ ପରିମାଣ ଖାଇବା ଉପରେ ଆଇସିଡିଏସ୍ କାର୍ଯ୍ୟକର୍ତ୍ତାମାନେ ସଚେତନତା ସୃଷ୍ଟି କରୁଛନ୍ତି।



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୩ Press Regd. No. R.N. 21326/74 Postal Regd. No. BN/42/18-20. ଶୁକ୍ରବାର, ସେପ୍ଟେମ୍ବର ୨୫/୨୦୨୦ Friday, September 25/2020

# ୟୋ ୟୋ ଟେଷ୍ଟ ସମ୍ପର୍କରେ ପଚାରି ବୁଝିଲେ ପ୍ରଧାନମନ୍ତ୍ରୀ


ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଟିମ୍ ଇଣ୍ଡିଆ ଅଧିନାୟକ ବିରାଟ କୋହଲି।

**ନୂଆଦିଲ୍ଲୀ, ୨୪।୯ (ପି.ଟି.)**

ଭାରତୀୟ କ୍ରିକେଟରମାନଙ୍କ ଫିଟ୍‌ନେସ୍ ବଜାୟ ରଖିବା କ୍ଷେତ୍ରରେ ୟୋ ୟୋ ଟେଷ୍ଟର ଭୂମିକା କ'ଣ ରହିଛି ସେ ସମ୍ପର୍କରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅଧିନାୟକ ବିରାଟ କୋହଲିଙ୍କୁ ପଚାରି ବୁଝିଛନ୍ତି। ବାଧ୍ୟତାମୂଳକ ଏରୋବିକ୍ ଫିଟ୍‌ନେସ୍ ରୁଟିନ ଉପରେ ମଧ୍ୟ ସେ ଜାଣିବାକୁ ଚାହିଁଥିଲେ। 'ଫିଟ୍ ଇଣ୍ଡିଆ ମୁଭମେଣ୍ଟ'ର ଏକବର୍ଷ ପୂରଣ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଫିଟ୍‌ନେସ୍ ଏକ୍ସପର୍ଟ ଏବଂ ଦେଶର କେତେଜଣ ପ୍ରଭାବଶାଳୀ ବ୍ୟକ୍ତିତ୍ୱଙ୍କ ସହ ବାର୍ତ୍ତାଳାପ କରିଥିଲେ। ମୋଦି ବିଶେଷ କରି ୟୋ ୟୋ ଟେଷ୍ଟ ଉପରେ କୋହଲିଙ୍କଠାରୁ ଜାଣିବାକୁ ଚାହିଁଥିଲେ। ଦଳର ଅଧିନାୟକଙ୍କୁ ଏହି ଟେଷ୍ଟ ଦେବାକୁ ହୋଇ ଥାଏ କି ନା ତାହା ପଚାରିଥିଲେ। ଭର୍ଚୁଆଲ ବାର୍ତ୍ତାଳାପ ସମୟରେ କୋହଲି କହିଥିଲେ, ଫିଟ୍‌ନେସ୍ ଦୃଷ୍ଟିକୋଣରୁ ଏହି ଟେଷ୍ଟ ଗୁରୁତ୍ୱ ବହନ କରୁଛି। ଆମେ ଯଦି ଗ୍ଲୋବାଲ ଫିଟ୍‌ନେସ୍ ସ୍ତର ଉପରେ ଆଲୋଚନା କରିବା ତେବେ ଆମ ଦଳର ଫିଟ୍‌ନେସ୍ ସ୍ତର ଅନ୍ୟ ଦଳଗୁଡ଼ିକଠାରୁ ଏବେ ସୁଦ୍ଧା କମ୍ ରହିଛି। ଆମକୁ ଏହି

## ଫିଟ୍ ଇଣ୍ଡିଆ ମୁଭ୍‌ମେଣ୍ଟର ବର୍ଷପୂର୍ତ୍ତି

ସ୍ତରରେ ବୃଦ୍ଧି ଆଣିବାକୁ ହେବ। ୟୋ ୟୋ ଟେଷ୍ଟ କଷ୍ଟସାଧ୍ୟ। ଏଥିରେ ଦୁଇ ସେଟ୍ କୋନ୍ ୨୦ମିଟର ଛାଡ଼ି ରଖା ଯାଇଥାଏ। ବିପ୍ ସାଉଣ୍ଡ ହେବାମାତ୍ରେ ଆଥଲେଟ୍‌ଙ୍କୁ ପରବର୍ତ୍ତୀ ବିପ୍ ସାଉଣ୍ଡ ଆସିବା ପୂର୍ବରୁ ଅନ୍ୟ ପାର୍ଶ୍ୱରେ ରହିଥିବା ମାର୍କରରେ ପହଞ୍ଚିବାକୁ ପଡ଼ିଥାଏ। ତୃତୀୟ ବିପ୍ ସାଉଣ୍ଡ୍ ପୂର୍ବରୁ ଆଥଲେଟ୍‌ଙ୍କୁ ସେ ରେସ୍ ଆରମ୍ଭ କରିଥିବା ସ୍ଥାନକୁ ଫେରିବାକୁ ହୋଇଥାଏ। ପରବର୍ତ୍ତୀ ଦୌଡ଼ ପାଇଁ କ୍ରମେ ବିପ୍ ସାଉଣ୍ଡର ବ୍ୟବଧାନ କମାଇ ଦିଆଯାଇଥାଏ। ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍)ର ୧୩ତମ ସଂସ୍କରଣ ଖେଳିବା ଲାଗି କୋହଲି ବର୍ତ୍ତମାନ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ରେ ଅଛନ୍ତି। କୋହଲି କହିଥିଲେ ସେ ନିଜେ ଯଦି ଏହି ଟେଷ୍ଟରେ ଉତ୍ତୀର୍ଣ୍ଣ ନ ହୁଅନ୍ତି ତେବେ ସିଲେକ୍ସନ ପାଇଁ ଉପଲବ୍ଧ ହୋଇ ପାରିବେ ନାହିଁ। ଉନ୍ନତ ଫିଟ୍‌ନେସ୍ ଦ୍ୱାରା ବିଶେଷ କରି ଫାଷ୍ଟ ବୋଲରମାନେ ଉପକୃତ ହୋଇଥାନ୍ତି। ଭର୍ଚୁଆଲ ବାର୍ତ୍ତାଳାପ ସେସନରେ ଅଂଶଗ୍ରହଣ କରିଥିବା ଅନ୍ୟ କ୍ରୀଡ଼ାବିତ୍‌ଙ୍କ ମଧ୍ୟରେ ରହିଥିଲେ ପାରା ଅଲିମ୍ପିକ ଜାଭେଲିନ୍ ସ୍ୱର୍ଣ୍ଣ ବିଜୟୀ ଦେବେନ୍ଦ୍ର ଝାଝାରିଆ ଏବଂ ଜମ୍ମୁ-କଶ୍ମୀର ମହିଳା ଫୁଟ୍‌ବଲର ଅଫସାନ ଆଶିକ୍। ଅଭିନେତା, ମଡେଲ ତଥା ଧାବକ ମିଲିନ୍ଦ ସୋମନ ଏବଂ ନ୍ୟୁଟ୍ରିଶନିଷ୍ଟ ରୁଜୁତା ଦିୱେକର ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଧାନମନ୍ତ୍ରୀ ମୋଦି ଆହୁରି ମଧ୍ୟ ଅଫସାନଙ୍କ ସହ କଥା ହୋଇଥିଲେ, ଯିଏକି ୨୦୧୭ରେ ଶ୍ରୀନଗରରେ ସୁରକ୍ଷାକର୍ମୀଙ୍କ ଉପରେ ଟେକା ପକାଇବା ଘଟଣାରେ ଚର୍ଚ୍ଚିତ ହୋଇଥିଲେ। ଏହି ୨୫ ବର୍ଷୀୟା ଜମ୍ମୁ-କଶ୍ମୀର ମହିଳା ଫୁଟ୍‌ବଲ ଟିମ୍‌ର ଗୋଲକିପର ଭାବେ ଖେଳିଛନ୍ତି। ପରେ ସେ ୨୦୧୯ରେ ଇଣ୍ଡିଆନ ଓମେନ୍ସ ଲିଗ୍‌ରେ ଏଫ୍‌ସି କୋହ୍ଲାପୁର ସିଟି ଦଳ ତରଫରୁ ଖେଳିଥିଲେ। ଶ୍ରୀନଗରରେ ସେ ୟଙ୍ଗଷ୍ଟରମାନଙ୍କୁ ଟ୍ରେନିଂ ଦେଉଛନ୍ତି। ମୋଦି ତାଙ୍କର ଉଚ୍ଚ ପ୍ରଶଂସା କରିଛନ୍ତି। ଅଫ୍‌ସାନ କହିଥିଲେ, 'କ୍ୟାପଟେନ କୁଲ୍' ଭାବେ ପରିଚିତ ପୂର୍ବତନ ଭାରତ ଅଧିନାୟକ ମହେନ୍ଦ୍ର ସିଂ ଧୋନୀଙ୍କଠାରୁ ସେ ପ୍ରେରଣା ଲାଭ କରିଛନ୍ତି।

# ରାହୁଲଙ୍କ ଶତକ: ପଞ୍ଜାବର ବୃହତ୍ ବିଜୟ

**ଦୁବାଇ, ୨୪।୯**

ଇଣ୍ଡିଆନ ପ୍ରିମିୟର ଲିଗ୍‌ର ଅନ୍ୟତମ ଟାଇଟଲ ଫେଭରାଇଟ ବିରାଟ କୋହଲିଙ୍କ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆର୍‌ସିବି) ଗୁରୁବାର ଅନୁଷ୍ଠିତ ମ୍ୟାଚରେ ଲଜ୍ଜାଜନକ ପରାଜୟ ବରଣ କରିଛି। ଚଳିତ ଆଇପିଏଲ୍‌ରେ ଅଧିନାୟକ ଲୋକେଶ ରାହୁଲ ପ୍ରଥମ ଖେଳାଳିଭାବେ ଶତକ ହାସଲ କରିଥିବାବେଳେ କିଙ୍ଗ୍ସ ଇଲେଭେନ ପଞ୍ଜାବ ୯୭ ରନରେ ଆରସିବିକୁ ପରାସ୍ତ କରିଛି। ପଞ୍ଜାବ ପକ୍ଷରୁ ଧାର୍ଯ୍ୟ ୨୦୭ ରନ ବିଜୟ ଲକ୍ଷ୍ୟର ପିଛା କରି ଆରସିବି ୧୭ ଓଭରରେ ୧୦୯ ରନକରି ଅଲଆଉଟ ହୋଇଯାଇଥିଲା।

ବଡ଼ ସ୍କୋରର ପିଛା କରି ଆରସିବି ମାତ୍ର ୪ ରନ ମଧ୍ୟରେ ଦେବଦତ୍ତ ପଡିକାଲ(୧), ଜୋଶ୍ ଫିଲିପ୍ (୦) ଓ ଅଧିନାୟକ ବିରାଟ କୋହଲି(୧)ଙ୍କ ଉଇକେଟ ହରାଇ ସାଂଘାତିକ ବ୍ୟାଟିଂ ବିପର୍ଯ୍ୟୟରେ ପଡ଼ିଥିଲା। କୋହଲି କ୍ରମାଗତ ଦ୍ୱିତୀୟ ମ୍ୟାଚରେ ବିଫଳ ହୋଇଥିଲେ। ଆରୋନ ଫିଞ୍ଚ୍ ଓ ଏବି ଡିଭିଲର୍ସ ଇନିଂସ ଗଢ଼ିବାକୁ ଉଦ୍ୟମ କରିଥିଲେ ହେଁ ସଫଳ ହୋଇ ନ ଥିଲେ। ଫିଞ୍ଚ୍ ୨୦ ଓ ଡିଭିଲର୍ସ ୨୮(୧୮ ବଲ, ୪ ଚୌକା, ୧ ଛକା) ରନ କରି ଆଉଟ ହେବା ସହିତ ଆରସିବିର ବୃହତ୍ ପରାଜୟ ନିଶ୍ଚିତ ହୋଇଯାଇଥିଲା। ୱାଶିଂଟନ ସୁନ୍ଦର ଦଳ ପକ୍ଷରୁ ସର୍ବାଧିକ ୩୦(୨୭ ବଲ, ୨ ଚୌକା, ୧ ଛକା) ରନ କରିଥିଲେ। ପଞ୍ଜାବ ବୋଲରଙ୍କ ମଧ୍ୟରେ ଦୁଇ ସ୍ପିନର ରବି ବିଷ୍ଣୋଇ ଓ ମୁରୁଗାନ ଅଶ୍ୱିନ ୩ଟି ଲେଖାଏ, ଶେଲଡନ କଟ୍ରେଲ ୨ଟି ଏବଂ ମହମ୍ମଦ ସାମି ଓ ଗ୍ଲେନ ମ୍ୟାକ୍ସୱେଲ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

ଟସ୍ ହାରି ପଞ୍ଜାବ ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବାବେଳେ ରାହୁଲ ଓ ମୟଙ୍କ ଅଗ୍ରୱାଲ ଓପନିଂ ଯୋଡ଼ିରେ ୪୨ ବଲ୍‌ରୁ ୫୭ ରନ ସଂଗ୍ରହ କରି ଦଳର ବଡ଼ ସ୍କୋର ପାଇଁ ପ୍ଲାଟଫର୍ମ ପ୍ରସ୍ତୁତ କରିଥିଲେ। ମୟଙ୍କ ୨୦ ବଲ୍‌ରୁ ୪ ଚୌକା ସହାୟତାରେ ୨୬ ରନ କରି ଆଉଟ ହୋଇଥିଲେ। ମଧ୍ୟଭାଗରେ ନିକୋଲାନ ପୁରନ(୧୭ ରନ, ୧୮ ବଲ, ୧ ଚୌକା) ଓ ଗ୍ଲେନ ମ୍ୟାକ୍ସୱେଲ (୫ ରନ, ୬ ବଲ୍) ଶୀଘ୍ର ଆଉଟ ହୋଇଥିଲେ ହେଁ ଦଳର ଭାର ଏକାକୀ କାନ୍ଧ ଉପରକୁ ନେଇ ରାହୁଲ ଖେଳିଥିଲେ ସ୍ମରଣୀୟ ଇନିଂସ। ସେ ଚଳିତ ସଂସ୍କରଣର ପ୍ରଥମ ଖେଳାଳିଭାବେ ଶତକ ହାସଲ କରିବା ସହ ଦଳୀୟ ସ୍କୋରକୁ ୨୦୦ ଅତିକ୍ରମ କରାଇଥିଲେ। ପଞ୍ଜାବ ଇନିଂସ ଏକଦା ୧୮୦ ମଧ୍ୟରେ ସୀମିତ ରହିବ ବୋଲି ଆକଳନ କରାଯାଉଥିଲା। ମାତ୍ର ଶେଷ ୪ ଓଭରରେ ବାଙ୍ଗାଲୋର ବୋଲରମାନେ ଅବିଶ୍ୱସନୀୟଭାବେ ୭୪ ରନ ବ୍ୟୟ କରିବାରୁ କିଙ୍ଗ୍ସ ଇଲେଭେନ ଟାର୍ଗେଟରେ ପହଞ୍ଚି ଯାଇଥିଲା। ୧୯ତମ ଓଭରରେ ଡେଲ୍ ଷ୍ଟେଇନ ୨୬ ଓ ୨୦ତମ ଓଭରରେ ଶିବମ୍ ଦୁବେ ୨୩ ରନ ବ୍ୟୟ କରିଥିଲେ। ୬୨ ବଲ୍‌ରୁ ଶତକ ପୂରଣ କରିଥିବା ରାହୁଲ ମୋଟ ୬୯ଟି ବଲ୍‌ର ସମ୍ମୁଖୀନ ହୋଇ ୧୪ ଚୌକା ଓ ୭ ଛକା ସହାୟତାରେ ୧୩୨ ରନରେ ଅପରାଜିତ ରହିଥିଲେ। ତାଙ୍କ ଷ୍ଟ୍ରାଇକ୍‌ରେଟ୍ ରହିଥିଲା ୧୯୧.୩୦। ଅନ୍ୟ କୌଣସି ସାଥୀ ଖେଳାଳି ବଡ଼ ସ୍କୋର କରି ନ ଥିଲେ ହେଁ ରାହୁଲ ଦ୍ୱିତୀୟ ଉଇକେଟରେ ପୁରନଙ୍କ ସହ ୫୭ ଏବଂ ଅସମାପ୍ତ ୪ର୍ଥ ଉଇକେଟରେ କରୁଣ ନାୟାରଙ୍କ ସହ ୭୮ ରନର ଭାଗୀଦାରି ଗଢ଼ି ପଞ୍ଜାବ ଇନିଂସର ମେରୁଦଣ୍ଡ ସାଜିଥିଲେ। ନାୟାର ୮ ବଲ୍‌ରୁ ୧୫(୨ ଚୌକା) ରନରେ ଅପରାଜିତ ରହିଥିଲେ। ବାଙ୍ଗାଲୋରର ପ୍ରାୟ ସମସ୍ତ ବୋଲର ମହଙ୍ଗା ରହିଥିବାବେଳେ ଦୁବେ ୨ଟି ଏବଂ ୟୁଜବେନ୍ଦ୍ର ଚହଲ ଗୋଟିଏ ଉଇକେଟ ପାଇଥିଲେ।


ଶତକ ହାସଲ ପରେ ଲୋକେଶ ରାହୁଲ।


## ରୟାଲ ଚ୍ୟାଲେଞ୍ଜର୍ସର ଲଜ୍ଜାଜନକ ପରାଜୟ

### ସଂକ୍ଷିପ୍ତ ସ୍କୋର

**କିଙ୍ଗ୍ସ ଇଲେଭେନ ପଞ୍ଜାବ ୨୦ ଓଭରରେ ୨୦୬/୩**(ରାହୁଲ-୧୩୨*, ଅଗ୍ରୱାଲ-୨୬, ଦୁବେ-୨/୩୩, ଚହଲ-୧/୨୫)।

**ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ୧୭ ଓଭରରେ ୧୦୯**/ଅଲଆଉଟ (ୱାଶିଂଟନ-୩୦, ଡିଭିଲର୍ସ-୨୮, ବିଷ୍ଣୋଇ-୩/୩୨, ମୁରୁଗାନ-୩/୨୧, କଟ୍ରେଲ-୨/୧୭, ସାମି-୧/୧୪, ମ୍ୟାକ୍ସୱେଲ-୧/୧୦)।

**ପ୍ଲେୟର ଅଫ୍ ଦି ମ୍ୟାଚ୍ ଲୋକେଶ ରାହୁଲ**




# ପୂର୍ବତନ ଅଷ୍ଟ୍ରେଲିଆ ବ୍ୟାଟ୍ସମ୍ୟାନ ଡିନ୍ ଜୋନ୍ସଙ୍କ ପରଲୋକ



**ମୁମ୍ବାଇ,୨୪।୯(ପି.ଟି.):** ଅଷ୍ଟ୍ରେଲିଆର ପୂର୍ବତନ କ୍ରିକେଟର ଡିନ୍ ଜୋନ୍ସ ହୃଦ୍‌ଘାତ୍‌ରେ ମୁମ୍ବାଇର ଏକ ହୋଟେଲରେ ପ୍ରାଣ ହରାଇଛନ୍ତି। ଏ ନେଇ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ବ୍ରୋଡ୍ କାଷ୍ଟର ଷ୍ଟାର ସ୍ପୋର୍ଟ୍ସ ସୂଚନା ଦେଇଛି। ୫୯ ବୟସରେ ପରଲୋକ ଗମନ କରିଥିବା ଏହି ପୂର୍ବତନ ତାରକା ବ୍ୟାଟ୍ସମ୍ୟାନ ଆଇପିଏଲ୍‌ର ଷ୍ଟାରସ୍ପୋର୍ଟ୍ସ କମେଣ୍ଟ୍ରି ଟିମ୍‌ରେ ସାମିଲ ଥିଲେ। ସେ ଅଷ୍ଟ୍ରେଲିଆ ତରଫରୁ ପ୍ରତିନିଧିତ୍ୱ କରି ୫୨ ଟେଷ୍ଟ ଓ ୧୬୪ଟି ଦିନିକିଆ ମ୍ୟାଚ୍ ଖେଳିଛନ୍ତି। ସେ ମଧ୍ୟ ୧୯୮୭ ବିଶ୍ୱକପ୍ ବିଜୟୀ ଅଷ୍ଟ୍ରେଲିଆ ଦଳର ସଦସ୍ୟ ଥିଲେ।

ତାଙ୍କ ଦେହାନ୍ତରେ ଷ୍ଟାର ସ୍ପୋର୍ଟ୍ସ ତରଫରୁ ଶୋକ ବ୍ୟକ୍ତ କରାଯାଇଛି ଓ ଏ ନେଇ ଏକ ପ୍ରେସ୍ ବିଜ୍ଞପ୍ତି ଜାରି କରାଯାଇଛି। ଏହି ଦୁଃଖଦ ସମୟରେ ତାଙ୍କ ପରିବାର ସଦସ୍ୟଙ୍କୁ ଆମେ ସମବେଦନା ଜଣାଉଛୁ। ଏ ନେଇ ଆମେ ଅଷ୍ଟ୍ରେଲିଆ ହାଇ କମିଶନ ସହିତ ଯୋଗାଯୋଗ ରକ୍ଷା କରିଛୁ ବୋଲି ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି। ଜୋନ୍ସ ତାଙ୍କ କ୍ୟାରିୟର ତଥା ଜୀବନରେ କ୍ରିକେଟର ପ୍ରଚାର ଓ ପ୍ରସାର ପାଇଁ ବହୁତ କାର୍ଯ୍ୟ କରିଛନ୍ତି। କ୍ରିକେଟର ସେ ଜଣେ ବଡ଼ ଆମ୍ବାସାଡର ଥିଲେ। ନୂଆ କ୍ରିକେଟ ପ୍ରତିଭା ଚିହ୍ନଟ କରିବା ଓ ସେମାନଙ୍କୁ ପ୍ରଶିକ୍ଷଣ ଦେବାରେ ସେ ସିଦ୍ଧହସ୍ତ ଥିଲେ। କମେଣ୍ଟେଟର ହିସାବରେ ମଧ୍ୟ ବେଶ୍ ସଫଳତା ହାସଲ କରିଥିଲେ। ଲକ୍ଷ ଲକ୍ଷ ପ୍ରଶଂସକଙ୍କୁ ଭାଷ୍ୟକାର ହିସାବରେ ସେ ଆମୋଦିତ କରୁଥିଲେ। ତାଙ୍କ ଦେହାନ୍ତରେ ବିଶ୍ୱ କ୍ରିକେଟ ଜଗତ ଓ ପ୍ରଶଂସକ ନିରାଶ ହୋଇଛନ୍ତି। ତାଙ୍କ ଦେହାନ୍ତରେ ପୂର୍ବତନ କ୍ରିକେଟ ରବି ଶାସ୍ତ୍ରୀ, ବୀରେନ୍ଦ୍ର ସେହ୍ୱାଗ, ଭାରତୀୟ ଅଧିନାୟକ ବିରଟ କୋହଲି ଟୁଇଟ୍ କରି ଶୋକ ଜାହିର କରିଛନ୍ତି।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ